


# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୪/୨୦୨୧ (୮+୮=୧୬ ପୃଷ୍ଠା) | Bhubaneswar, Thursday, October 14/2021 | ★★★★

୪୭ଶ ଭାଗ ୩୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଭାରତୀୟ ଦଳରେ ଶାର୍ଦ୍ଦୂଳ ଠାକୁର**

ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଭାରତୀୟ ଦଳରେ ସାମିଲ ହୋଇଛନ୍ତି ଫାଷ୍ଟ ବୋଲିଂ ଅଲରାଉଣ୍ଡର ଶାର୍ଦ୍ଦୂଳ ଠାକୁର। ୦୮

୦୭ **ତାପସୀଙ୍କ ଆଥ୍‌ଲେଟିକ୍ ଟିପ୍ସ**

ସ୍ଲିମ ଚେହେରା ତୁଳନାରେ ଆଥ୍‌ଲେଟିକ୍ ଶରୀର ପାଇବା କଷ୍ଟକର ବୋଲି କହିଛନ୍ତି 'ରଶ୍ମୀ ରକେଟ୍' ଅଭିନେତ୍ରୀ ତାପସୀ ପନ୍ନୁ।



### ପାର୍ବଣ ଶୁଭେଚ୍ଛା

ପବିତ୍ର ମହାନବମୀ ଓ ଦଶହରା ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଏବଂ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

### ଧରିତ୍ରୀର ଛୁଟି

ମହାନବମୀ ଓ ଦଶହରା ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ଅକ୍ଟୋବର ୧୪ ଓ ୧୫ ତାରିଖ (ଗୁରୁବାର, ଶୁକ୍ରବାର) ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ରବିବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

କେମିତି ଚାଲିଛି ଆଇଏମ୍‌ଏଫ୍






## ଏମ୍ସରେ ମନମୋହନ ସିଂ



ନୂଆଦିଲ୍ଲୀ, ୧୩।୧୦(ପି.ଟି.)

ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ଜ୍ୱର ହେବା ସହ ସେ ଦୁର୍ବଳ ଅନୁଭବ କରିବାରୁ ବୁଧବାର ସନ୍ଧ୍ୟାରେ ତାଙ୍କୁ ଦିଲ୍ଲୀର ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଏମ୍ସ)ରେ ଭର୍ତ୍ତି କରାଯାଇଛି। ୮୯ ବର୍ଷୀୟ ମନମୋହନଙ୍କୁ ସୋମବାର ଜ୍ୱର ହୋଇଥିଲା। ସେ ଭଲ ହୋଇଯାଇଥିଲେ ହେଁ ଦୁର୍ବଳ ହୋଇପଡ଼ିଥିଲେ। କରୋନାରେ ସଂକ୍ରମଣ ହୋଇ ଗତ ଏପ୍ରିଲରେ ସିଂ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ।



ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍ ଏନ୍‌ଇଇଟି ପ୍ରସଙ୍ଗରେ ପଠାଇଥିବା ପତ୍ରକୁ ଡିଏମ୍‌କେ ନେତ୍ରୀ କାନିମୋଝି ବୁଧବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରୁଛନ୍ତି।

# ଏନ୍‌ଇଇଟି: ସହଯୋଗ ଲୋଡ଼ିଲା ତାମିଲନାଡୁ

ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)

ଡିଏମ୍‌କେ ସଂସଦୀୟ ଦଳର ଉପନେତା କାନିମୋଝି ବୁଧବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ସେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ଲିଖିତ ଚିଠି ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଏହି ଚିଠିରେ ସର୍ବଭାରତୀୟ ସ୍ତରରେ ହେଉଥିବା ନ୍ୟାଶନାଲ ଏଲିଜିବିଲିଟି ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି)ରେ ଗରିବ ତଥା ଗ୍ରାମୀଣ ଛାତ୍ରୀଛାତ୍ର ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏହି ମର୍ମରେ ତାମିଲନାଡୁ ସରକାର ଓଡ଼ିଶା ସରକାରଙ୍କ ସହଯୋଗ ଲୋଡ଼ିଛନ୍ତି।

ସର୍ବଭାରତୀୟ ସ୍ତରରେ ହେଉଥିବା ଏନ୍‌ଇଇଟିକୁ ଗ୍ରାମୀଣ ଛାତ୍ରୀଛାତ୍ର ସାମ୍ନା କରିପାରୁନାହାନ୍ତି। ଏହି ପରୀକ୍ଷାରେ ବିଫଳ ହୋଇ ତାମିଲନାଡୁ ଓ ଅନ୍ୟ ରାଜ୍ୟଗୁଡ଼ିକରେ ଛାତ୍ରୀଛାତ୍ର ଆତ୍ମହତ୍ୟା କରୁଥିବା ଭଳି ଘଟଣା ନଜରକୁ ଆସୁଛି। ଏହି ପରୀକ୍ଷା ☞ପୃଷ୍ଠା-୪

# ଶିଳ୍ପ ପ୍ରଦୂଷଣ ଅନିୟନ୍ତ୍ରିତ

***ଜଳବାୟୁ ପରିବର୍ତ୍ତନର ପ୍ରଭାବ ଆମେ ଭୋଗିଲେଣି। ବାତ୍ୟା, ବନ୍ୟା, ମରୁଡ଼ି ଭଳି ସ୍ଥିତି ପ୍ରତିବର୍ଷ ସୃଷ୍ଟି ହେଉଛି। ଜୀବନ ଧାରଣ ପାଇଁ ନିହାତି ଆବଶ୍ୟକ ବାୟୁ ଓ ଜଳ ଗଭୀର ଭାବେ ପ୍ରଦୂଷିତ ହେଉଛି। ଏଭଳି ପ୍ରଦୂଷଣ ମୁଖ୍ୟତଃ ଶିଳ୍ପ କାରଖାନା ଯୋଗୁ ହେଉଥିଲେ ହେଁ ରୋକିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସକ୍ଷମ ହୋଇପାରୁନାହାନ୍ତି।***

ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)

ରାଜ୍ୟରେ ଶିଳ୍ପାୟନ ସହ ସମତାଳ ଦେଇ ପରିବେଶ ପ୍ରଦୂଷଣ ମଧ୍ୟ ବଢ଼ିଚାଲିଛି। ଶିଳ୍ପ ପ୍ରଦୂଷଣ ସାଙ୍ଗକୁ ସହରାଞ୍ଚଳ



ପ୍ରଦୂଷଣ ଅଣନିଃଶ୍ୱାସୀ କଲାଣି। ଜାତୀୟ ରାଜଧାନୀ ନୂଆଦିଲ୍ଲୀ ଭଳି ଅନେକ ବଡ଼ ସହର ବାୟୁ ପ୍ରଦୂଷଣରେ ଘାଣ୍ଟି ହେଉଛି। ଓଡ଼ିଶାର ଶିଳ୍ପାଞ୍ଚଳଗୁଡ଼ିକରେ ମଧ ଗତ କିଛିବର୍ଷ ହେବ ପ୍ରଦୂଷଣର ମାତ୍ରା ଭୟଙ୍କର ଭାବେ ବଢ଼ିଚାଲିଛି। ବାୟୁ ପ୍ରଦୂଷଣ ଯୋଗୁ ଶ୍ୱାସଜନିତ ରୋଗ, ଚର୍ମ କର୍କଟ, ଚକ୍ଷୁରୋଗ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି। ଶିଳ୍ପାନୁଷ୍ଠାନରୁ ବାହାରୁଥିବା ବର୍ଜ୍ୟବସ୍ତୁ, ଜଳ ଓ ଧୂଆଁ ପରିବେଶକୁ ବିଷମୟ କରିଦେଉଛି। ପ୍ରଦୂଷଣ ନିୟନ୍ତ୍ରଣ କରିବା ଲାଗି ଅତିପ୍ରଦୂଷଣକାରୀ ଶିଳ୍ପଗୁଡ଼ିକ ଗୁରୁତ୍ୱ ଦେଉନାହାନ୍ତି। ଏହାର ଜଗୁଆଳି ଥିବା କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ମଧ୍ୟ ଫେଲ୍ ମାରିଛି। କେବଳ କାଗଜକଲମରେ ପ୍ରଦୂଷଣ ନିୟନ୍ତ୍ରଣ ସୀମିତ ହୋଇଯାଉଛି। ସରକାରୀ କଳର ଏଭଳି ଖାମଖିଆଲ ମନୋଭାବ ପରିବେଶକୁ ବିପଦ ମୁହଁକୁ ଠେଲିଦେଉଛି।

ରାଜ୍ୟରେ ବିଭିନ୍ନ ଶ୍ରେଣୀର ପ୍ରାୟ ୪ ହଜାର ଶିଳ୍ପ ରହିଛି। ସେଥିରୁ ୬୦୯ଟି ଅତିପ୍ରଦୂଷିତ ଅର୍ଥାତ ରେଡ୍ ବା ଲାଲ ଶ୍ରେଣୀରେ ରଖାଯାଇଛି। ସେହିପରି ୧୬୫୨ଟି ☞ପୃଷ୍ଠା-୪

## ଓଡ଼ିଶା ହାଇକୋର୍ଟରେ ୩ ବିଚାରପତି ନିଯୁକ୍ତ

ନୂଆଦିଲ୍ଲୀ, ୧୩।୧୦(ପି.ଟି.)

ଓଡ଼ିଶା ହାଇକୋର୍ଟର ୩ ବିଚାରପତିଙ୍କ ସମେତ ବୁଧବାର ୩ ହାଇକୋର୍ଟରେ ମୋଟ ୧୪ ଜଣ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଛି। ଆଇନ ମନ୍ତ୍ରଣାଳୟର ନ୍ୟାୟ ବିଭାଗ ପକ୍ଷରୁ ନବନିଯୁକ୍ତ ବିଚାରପତିମାନଙ୍କ ତାଲିକା ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରୁ ୧୨ ଜଣ ନ୍ୟାୟିକ ଅଧିକାରୀ ହୋଇଥିବାବେଳେ ଜଣେ ଆଇନଜୀବୀ ଏବଂ ଜଣେ ଆୟକର ଆପିଲେଟ୍ ଟ୍ରିବ୍ୟୁନାଲ ସଦସ୍ୟ। ☞ପୃଷ୍ଠା-୪






# ଗତି ଶକ୍ତି ଯୋଜନା ଶୁଭାରମ୍ଭ

ନୂଆଦିଲ୍ଲୀ, ୧୩।୧୦

ଦେଶର ଦୁଇଟି ପ୍ରତିରକ୍ଷା କରିଡର ସମେତ ୧,୨୦୦ରୁ ଉର୍ଦ୍ଧ୍ୱ ଶିଳ୍ପାଞ୍ଚଳ କ୍ଲଷ୍ଟରକୁ ମଲ୍ଟିମୋଡାଲ ସଂଯୋଗ ଯୋଗାଇଦେବା ଲାଗି ୧୦୦ ଲକ୍ଷ କୋଟି ଟଙ୍କାର ବହୁପ୍ରତୀକ୍ଷିତ ଗତି ଶକ୍ତି ମାଷ୍ଟର ପ୍ଲାନ୍‌କୁ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭାରମ୍ଭ କରିଛନ୍ତି। ଆଗାମୀ ୨୫ ବର୍ଷ ଲାଗି ଏହକ ମୂଳଦୁଆ ପକାଗଲା। ଏହି ଜାତୀୟ ଯୋଜନା ଏକବିଂଶ ଶତାବ୍ଦୀର ବିକାଶ କାର୍ଯ୍ୟକ୍ରମକୁ ଗତିଶକ୍ତି ପ୍ରଦାନ କରିବା ସହ ନିର୍ଦ୍ଧାରିତ ସମୟରେ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ କହିଛନ୍ତି। ଚଳିତ ବର୍ଷ ସ୍ୱାଧୀନତା ଦିବସ ଭାଷଣରେ ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା କଥା କହିଥିଲେ। ଏହି ଜାତୀୟ ଯୋଜନା

**୧,୨୦୦ ଶିଳ୍ପାଞ୍ଚଳ କ୍ଲଷ୍ଟରକୁ ହେବ ମଲ୍ଟି-ମୋଡାଲ ସଂଯୋଗ**



ନରେନ୍ଦ୍ର ମୋଦି

ଆନ୍ତଃମନ୍ତ୍ରଣାଳୟ ସ୍ତରୀୟ ପ୍ରତିବନ୍ଧକ ଦୂର କରିବା ସହ ସାଧାରଣ ତଥା ସାମୂହିକ ଦୃଷ୍ଟିକୋଣ ଥିବା ପ୍ରକଳ୍ପଗୁଡ଼ିକର ଯୋଜନା ଓ ଡିଜାଇନ୍‌କୁ ସମନ୍ୱିତ କରିବ। ପରବର୍ତ୍ତୀ ପିଢ଼ି ଭିତ୍ତିଭୂମି ଏବଂ ଅବାଧ ମଲ୍ଟି-ମୋଡାଲ ସଂଯୋଗ ଜରିଆରେ ଭାରତର ଅନ୍ତର୍ଜାତୀୟ ପ୍ରତିଯୋଗିତା ବୃଦ୍ଧି ☞ପୃଷ୍ଠା-୪

## ଟୁଇଟର ସେବା ବାଧାପ୍ରାପ୍ତ

ନୂଆଦିଲ୍ଲୀ, ୧୩।୧୦

ମାଇକ୍ରୋବ୍ଲଗିଂ ପ୍ଲାଟ୍‌ଫର୍ମ ଟୁଇଟରର ସେବା ବୁଧବାର ବାଧାପ୍ରାପ୍ତ ହୋଇଛି। ଡାଉନ ଡିଟେକ୍ଟର ରିପୋର୍ଟ ମୁତାବକ, ଭାରତରେ ୪୫୦ରୁ ଉର୍ଦ୍ଧ୍ୱ ୟୁଜର୍ସ ଟୁଇଟର ଆକାଉଣ୍ଟରେ ସମସ୍ୟା ସମ୍ପର୍କରେ ଅଭିଯୋଗ କରିଛନ୍ତି। ଟୁଇଟର ୱେବ୍‌ସାଇଟରେ ୫୫% ଏବଂ ଟୁଇଟର ଆପ୍ଲିକେଶନରେ ସମସ୍ୟା ଉପୁଜିଥିବା ୩୫% ଲୋକ କହିଛନ୍ତି। ସେହିଭଳି ୧୧% ଲୋକ ସର୍ଭର ଅସୁବିଧା ରହିଥିବା କହିଥିଲେ। ଟୁଇଟର ସେବା ଡାଉନ ହେବା ପଛରେ କେଉଁ କାରଣ ରହିଛି ☞ପୃଷ୍ଠା-୪

# ଫେରିଲା ସାବରକର ବିବାଦ

***ହିନ୍ଦୁ ମହାସଭା ନେତା ବୀର ସାବରକର ଆଣ୍ଡାମାନର ସେଲ୍ୟୁଲାର ଜେଲରେ ଥିବାବେଳେ ମହାତ୍ମା ଗାନ୍ଧୀଙ୍କ ପରାମର୍ଶକ୍ରମେ ବ୍ରିଟିଶ ସରକାରଙ୍କ ନିକଟରେ ରାଜକ୍ଷମା ମାଗିଥିଲେ। କିନ୍ତୁ କେତେକ ନିର୍ଦ୍ଦିଷ୍ଟ ଚିନ୍ତାଧାରାର ଲୋକେ ସ୍ୱାଧୀନତା ସଂଗ୍ରାମ ପ୍ରତି ତାଙ୍କ ଅବଦାନକୁ କଳଙ୍କିତ କରୁଛନ୍ତି, ଯାହାକୁ ବରଦାସ୍ତ କରାଯିବ ନାହିଁ। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଏହି ମନ୍ତବ୍ୟ ଏବେ ଜାତୀୟ ରାଜନୀତିରେ ଉଷ୍ମତା ବୃଦ୍ଧିର କାରଣ ହୋଇଛି। ରାଜନାଥ ଇତିହାସର ପୁନର୍ଲିଖନ ପାଇଁ ଉଦ୍ୟମ କରୁଥିବା ଅଭିଯୋଗ ଆଣି ଭାଜପାକୁ ବିରୋଧୀ ଟାର୍ଗେଟ କରିଛନ୍ତି। ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଗୈରିକ ଦଳ ପୁଣିଥରେ ହିନ୍ଦୁତ୍ୱ କାର୍ଡ ଖେଳି ଧ୍ରୁବୀକରଣର ଫାଇଦା ନେବାକୁ ଉଦ୍ୟମ କରୁଥିବା କୁହାଯାଉଛି।***

ନୂଆଦିଲ୍ଲୀ/ମୁମ୍ବାଇ, ୧୩।୧୦

ବିବାଦ ଆରମ୍ଭ ହୋଇଥିଲା ମଙ୍ଗଳବାର। ଅବସର ଥିଲା ଐତିହାସିକ ଉଦୟ ମହୁରକାର ଓ ଚିରାୟୁ ପଣ୍ଡିତଙ୍କ ଦ୍ୱାରା ରଚିତ 'ବୀର ସାବରକର: ଦି ମ୍ୟାନ୍ ହୁ କୁଡ୍ ହାଭ୍ ପ୍ରିଭେଣ୍ଟେଡ୍ ପାର୍ଟିଶନ' ଶୀର୍ଷକ ସାବରକରଙ୍କ ଜୀବନୀ ପୁସ୍ତକର ଉନ୍ମୋଚନ ଉତ୍ସବ। ନୂଆଦିଲ୍ଲୀର ଆମ୍ବେଦକର ଇଣ୍ଟରନ୍ୟାଶନାଲ ସେଣ୍ଟରରେ ପ୍ରତିରକ୍ଷାମନ୍ତ୍ରୀଙ୍କ ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ଏହି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ରାଜନାଥ କହିଥିଲେ, ସାବରକରଙ୍କ ବିଷୟରେ ଅନେକ ଅପପ୍ରଚାର ଚାଲିଛି। କିନ୍ତୁ ସତ କଥା ହେଉଛି, ସେ ନିଜ ମୁକ୍ତି ପାଇଁ ନିଜେ ଆବେଦନ କରି ନ ଥିଲେ। ଗାନ୍ଧିଜୀ ହିଁ ତାଙ୍କୁ ଏଥିପାଇଁ ପ୍ରବର୍ତ୍ତାଇଥିଲେ। ସେତେବେଳେ ଗାନ୍ଧିଜୀ ତାଙ୍କୁ ମୁକ୍ତ କରିବା ପାଇଁ ବ୍ରିଟିଶ ସରକାରଙ୍କୁ ଅନୁରୋଧ କରିଥିଲେ। ଆମ ଭଳି ସାବରକର ମଧ ଶାନ୍ତିପୂର୍ଣ୍ଣ ଭାବେ ସ୍ୱାଧୀନତା ଆନ୍ଦୋଳନ ଚଳାଇବେ ବୋଲି ଗାନ୍ଧିଜୀ କହିଥିବା ରାଜନାଥ ପ୍ରକାଶ କରିଛନ୍ତି। ଏହି ଅବସରରେ ରାଜନାଥ ସାବରକରଙ୍କୁ



ବିନାୟକ ଦାମୋଦର ସାବରକର

ଜାତୀୟ ପ୍ରତୀକ ଭାବେ ଅଭିହିତ କରି ଆହୁରି କହିଛନ୍ତି, ସାବରକର ଜଣେ ଜାତୀୟତାବାଦୀ ଥିଲେ। କିନ୍ତୁ ମାର୍କ୍ସବାଦୀ ଓ ଲେନିନ୍‌ବାଦୀ ବିଚାରଧାରାକୁ ଅନୁସରଣ କରୁଥିବା ଲୋକେ ତାଙ୍କୁ ଫାସିବାଦୀ ବୋଲି କହୁଛନ୍ତି। ରାଜନାଥଙ୍କ ସହ ସ୍ୱର ମିଳାଇ ଭାଗବତ କହିଥିଲେ, ସାବରକରଙ୍କ ହିନ୍ଦୁତ୍ୱ ବିଚାରଧାରା ଲୋକଙ୍କ ମଧ୍ୟରେ ସେମାନଙ୍କ ସାଂସ୍କୃତିକ ସିଦ୍ଧାନ୍ତ ଓ ପୂଜା ପଦ୍ଧତିକୁ ନେଇ ବୈଷମ୍ୟ ସୃଷ୍ଟି ☞ପୃଷ୍ଠା-୪

## 'ହିନ୍ଦୁତ୍ୱ' ବିକଶିତ କରିଥିଲେ ସାବରକର

୧୮୮୩ ମେ' ୨୮ରେ ମହାରାଷ୍ଟ୍ରରେ ଜନ୍ମିତ ବିନାୟକ ଦାମୋଦର ସାବରକର ଜଣେ ହିନ୍ଦୁ ଜାତୀୟତାବାଦୀ ନେତା ଓ ଲେଖକ ଥିଲେ। ୧୯୨୨ରେ ରତ୍ନଗିରି ଜେଲରେ ଥିବାବେଳେ ସେ ହିନ୍ଦୁତ୍ୱ ବିଚାରଧାରା ବିକଶିତ କରିଥିଲେ। ସେ ହିନ୍ଦୁ ମହାସଭାର ଜଣେ ଆଗଧାଡ଼ିର ନେତା ଥିଲେ। ସାବରକର ପୁଣେର ଫର୍ଗୁଶନ କଲେଜରେ ପଢ଼ିବାବେଳେ ମଧ୍ୟ ରାଜନୈତିକ ଗତିବିଧି ଚଳାଇଥିଲେ। ସେ ଓ ତାଙ୍କ ଭାଇ ମିଶି ଅଭିନବ ଭାରତ ସୋସାଇଟି ନାମରେ ଏକ ଗୁପ୍ତ ସୋସାଇଟି ପ୍ରତିଷ୍ଠା କରିଥିଲେ। ସାବରକର ଆଇନ ପଢ଼ିବା ପାଇଁ ☞ପୃଷ୍ଠା-୪





PATRA
PATRA BIG FESTIVAL SALE
GET UPTO 50% OFF
CHANCE TO WIN PRIZES
DISH WASHER 25 NOS
WASHING MACHINE 25 NOS
1.5 TON SPLIT A C 25 NOS
65" LED 25 NOS
SIDE BY SIDE REF. 25 NOS
ASSURED GIFT
27 Stores Across Odisha
Now At
Balangir
Khadal Pada, Near IDBI Bank,
Balangir, 9178919222
Jaleswar
Naya Bazar, Jaleswar,
6370336880
Hanspal
Puri Canal Road, NH5
BBSR, 9778224244
Bargarh
BANDHUTIKIR CHHAK
PH : 9777220955
Angul
BUS STAND,
PH : 9178128333
Upto 20,000 Cashback
No Down Payment 24 Months EMI
1 EMI Absolutely Free
Gift Vouchers Worth 10,000/-
990/- Fixed EMI
5 Years Extended Warranty
Exchange Save upto 10,000/-
BUY 1
GET 1
100% cooper
In Built Wi-fi
Cools at 52°C
Automatic Humidity Control
10 years warranty on compressor
E.M.I STARTS : Rs.1666/-
BUY
GET
Worth 10,990/-
E.M.I STARTS : Rs.3110/-
BUY
GET
Worth 3,190/-
E.M.I STARTS : Rs.1221
BUY
55"
GET
Worth 8,990/-
E.M.I STARTS : Rs.990/-
T & C apply. Indicated Offers are Brand & Model Specific
0% FINANCE | UPTO 10% CASH BACK
UPTO 40% OFF
PATRA ELECTRONICS
Call us : 9040035044, 9937544443, 9439638493, 9040015044
BALANGIR: KHADALPADA,NEARIDBIBANK,PH:9178919222,JALESWAR: NAYABAZAR,PH:9163690709,HANSPAL: PURI CANAL ROAD, Nh5, PH : 9778224244, BARGARH: BANDHUTIKIR CHHAK, PH : 9777220955, SAMBALPUR : AAINTHAPALI CHHAK, PH : 9777362111, JHARSUGUDA: BEHERAMALL ROAD , PH : 9040075526, ROURKELA : UDIT NAGAR,G.M MALL,PH:8260524244,8260424244,ANGUL: BUSSTAND,PH:9178128333, DHENKANAL: SASANICHHAK, PH:9777272111,KEONJHAR:THANACHHAK,GADADHARCOMPLEX,PH:9861024244,JAJPURROAD:CHORDABYPASS, PH:9692474244,BARIPADA:MURGABADIGOLEI,PH: 8260024244, BALASORE:FAKIRMOHANGOLEI,PH:7853074244, 9861724244, BERHAMPUR : DALUA SAHI CHHAK, PH : 9040075527, KHORDHA : PALLAHAT CHHAK, PH : 9040014044, JAGATSINGHPUR: BUS STAND, PH : 9861120454, BHUBANEWSAR : BARAMUNDA, 9040026744, BAPUJI NAGAR ,Ph : 9040035444 ,SAHEEDNAGAR,Ph:8984074244, PATIA,Ph:9437020420,KHANDAGIRI,Ph:9438803734, CUTTACK:CDA, Ph:9437061055,CHAULIAGANJ,Ph:9777268111,BADAMBADI,Ph:9437579644

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୩,୯୭,୦୪,୭୬୮ | ୪୮,୮୫,୩୫୭ | ୨୧,୭୦,୩୪,୫୯୫ |
| ଭାରତ | ୩,୪୦,୧୯,୭୪୧ | ୪,୫୧,୪୬୮ | ୩,୩୩,୫୪,୫୫୫ |
| ଓଡ଼ିଶା | ୧୦,୩୩,୨୮୮ | ୮୨୬୮(+୫୩) | ୧୦,୨୦,୧୬୮ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# କଂଗ୍ରେସ ଭବନରେ ଭଙ୍ଗାରୁଜା

**ଯୁବ କଂଗ୍ରେସ ମୁଖପାତ୍ରଙ୍କୁ ହତ୍ୟା ଧମକ**

- ସକାଳେ ଯୁବ କଂଗ୍ରେସ କାର୍ଯ୍ୟାଳୟ, ସନ୍ଧ୍ୟାରେ ପିସିସି ସଭାପତିଙ୍କ ନାମ ଫଳକ ଭାଙ୍ଗିଲେ
- ରାତ୍ର ଜଗୁଆଳି ନିଲମ୍ବିତ, ସୁର କହିଲେ ପୁରୁଣା ଅଭ୍ୟାସ


ଯୁବ କଂଗ୍ରେସ ସଭାପତିଙ୍କ କାର୍ଯ୍ୟାଳୟରେ ଚେୟାର, ଟେବୁଲ ଭଙ୍ଗାରୁଜା ହୋଇ ପଡ଼ିଛି।

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

ଅନେକ ସମୟରେ ଭୁବନେଶ୍ୱରସ୍ଥିତ ରାଜ୍ୟ କଂଗ୍ରେସର ମୁଖ୍ୟ କାର୍ଯ୍ୟାଳୟ କଂଗ୍ରେସ ଭବନ ଅଶାନ୍ତ ହେଉଛି। ଏପରିସ୍ଥଳେ ବୁଧବାର ଏଠାରେ ଦୁଇଥର ଭଙ୍ଗାରୁଜା ହୋଇଛି। ସକାଳେ ଯୁବ କଂଗ୍ରେସ କାର୍ଯ୍ୟାଳୟ ଭିତରେ ଓ ସନ୍ଧ୍ୟାରେ ପିସିସି ସଭାପତିଙ୍କ କକ୍ଷ ସମ୍ମୁଖରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି ଦୁର୍ବୃତ୍ତ। ତେବେ କିଏ ଏପରି କାଣ୍ଡ ଘଟାଇଲେ ସେନେଇ କେହି କିଛି କହିପାରୁ ନାହାନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା, ସକାଳ ଘଟଣା ପରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରାତ୍ର ଜଗୁଆଳଙ୍କୁ ନିଲମ୍ବନ କରିଥିଲେ। ଏଭଳି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ହେଲେ ଏହାପରେ ତାଙ୍କ ନାମ ଫଳକକୁ ଭଙ୍ଗାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଅପରପକ୍ଷେ ଏହି ଘଟଣା ପରେ ଯୁବ କଂଗ୍ରେସ ମୁଖପାତ୍ର ନଳିନୀକାନ୍ତ ନାୟକଙ୍କୁ ହତ୍ୟା ଧମକ ଦିଆଯାଇଛି। ଏନେଇ ସେ ନିହାର ରଞ୍ଜନ ନାମକ ଜଣେ ଯୁବକଙ୍କ ନାଁରେ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନଳିନୀକାନ୍ତ କହିଛନ୍ତି, ଯୁବକ ଜଣକ ବନ୍ଧୁକ ଓ ଖଣ୍ଡା ଲଗାଇ ହତ୍ୟା କରିବାକୁ ଧମକ ଦେଇଛନ୍ତି। ସେ କଂଗ୍ରେସ କର୍ମକର୍ତ୍ତା ନ ହୋଇ ମଧ୍ୟ କଂଗ୍ରେସ ଭବନ ଭିତରେ ପଶି ମାରିବାକୁ ଧମକ ଦେଇଛନ୍ତି। ତାଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସକୁ ଅନୁରୋଧ କରିଥିବା ସେ କହିଛନ୍ତି।

ରାତ୍ରି ଜଗୁଆଳଙ୍କ କହିବାନୁସାରେ, ସକାଳ ପ୍ରାୟ ୬ଟାରେ ୪ଜଣ ଯୁବକ ମୁହଁରେ କଳା କପଡା ପିନ୍ଧି କଂଗ୍ରେସ ଭବନକୁ ଜବରଦସ୍ତ ପଶିଥିଲେ। ସେମାନେ ଯୁବ କଂଗ୍ରେସ କାର୍ଯ୍ୟାଳୟରେ ପଡ଼ିଥିବା ତାଲାର ଚାବି ମାଗିଥିଲେ। ନ ମିଳିବାରୁ ତାଲା ଭାଙ୍ଗି ଭିତରେ ଭଙ୍ଗାରୁଜା କରିଥିଲେ। ଯୁବ କଂଗ୍ରେସ ସଭାପତିଙ୍କ ଟେବୁଲ୍ ଓ ଚେୟାର ଭାଙ୍ଗିବା ପରେ ଫେରାର ହୋଇଯାଇଥିଲେ। ସନ୍ଧ୍ୟାରେ ଆଉ କେତେଜଣ ଦୁର୍ବୃତ୍ତ କଂଗ୍ରେସ ଭବନକୁ ପଶି ପୁଣି ଭଙ୍ଗାରୁଜା କରିଥିଲେ। ପିସିସି ସଭାପତିଙ୍କ କକ୍ଷ ସାମ୍ନାରେ ଥିବା କିଛି ଚୌକି ଭାଙ୍ଗିଦେବା ସହ ତାଙ୍କ ନାମଫଳକକୁ କାଢି ଫୋପାଡି ଦେଇଥିଲେ। ସେହିପରି ମହିଳା କଂଗ୍ରେସ ସଭାପତିଙ୍କ କକ୍ଷ ସମ୍ମୁଖରେ ଥିବା ନାମଫଳକକୁ ମଧ୍ୟ ଉପାଡି ଭାଙ୍ଗି ଦେଇଥିଲେ।

ଏହି ଘଟଣାକୁ ନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଏସବୁ କଂଗ୍ରେସର ପୁରୁଣ ଅଭ୍ୟାସ। କେହି କାହାକୁ ସହ୍ୟ କରିପାରୁ ନାହାନ୍ତି। ଏଭଳି ଘଟଣା ପାଇଁ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ ଏପରି ପରିସ୍ଥିତି ଉପୁଜି ନ ଥାନ୍ତା ବୋଲି ସେ କହିଛନ୍ତି। ଏପଟେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ଲେଙ୍କା କହିଛନ୍ତି, ଏଭଳି କାର୍ଯ୍ୟରେ କୌଣସି କଂଗ୍ରେସ କର୍ମୀ ଲିପ୍ତ ନାହାନ୍ତି।

# ନନ୍ଦନକାନନରେ ୨ ଦନ୍ତାଙ୍କ ଉତ୍ପାତ

ବାରଙ୍ଗ,୧୩।୧୦(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ୩ଦିନ ହେବ ୨ଟି ଜଙ୍ଗଲୀ ଦନ୍ତା ଦୌରାତ୍ମ୍ୟ ସୃଷ୍ଟି କରୁଛନ୍ତି। ଯାହା ଏବେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଚନ୍ଦକା ଜଙ୍ଗଲରୁ ଏହି ଦୁଇଟି ଦନ୍ତା ଆସି ହମିରା ଟାଙ୍ଗି ଜଙ୍ଗଲ ସହ ନନ୍ଦନକାନନ ପରିସରରେ ଥିବା ଜଙ୍ଗଲରେ ରହୁଛନ୍ତି। କେତେବେଳେ ହାତୀ ସଫାରିର ତ କେତେବେଳେ ଶିଶୁରେଳ ଗାଡି, ସଫାରି ବସ୍‌ଷ୍ଟାଣ୍ଡ ପାଖକୁ ଆସିବାକୁ ପଛାଉନାହିଁ। ମଙ୍ଗଳବାର ଅପରାହ୍ଣରେ ଏହି ଦନ୍ତା ଦ୍ୱୟ ଶିଶୁରେଳଗାଡି ପାଖକୁ ଚାଲିଆସିଥିଲେ। ଖବର ପାଇ ନନ୍ଦନକାନନ କର୍ତ୍ତୃପକ୍ଷ ଏହି ଜାଗାକୁ ଆସୁଥିବା ପର୍ଯ୍ୟଟକଙ୍କୁ ନ ଆସିବାକୁ ବାରଣ କରିବା ସହ ହାତୀକୁ ଘଉଡ଼ାଇ ହମିରା ଟାଙ୍ଗିକୁ ନେଇଥିଲେ। କିନ୍ତୁ ହାତୀ ଦୁଇଟି ଚନ୍ଦକା ଜଙ୍ଗଲକୁ ନ ଫେରି ହମିରା ଟାଙ୍ଗିରେ ରହିଯାଇଥିଲେ। ପୁଣି ବୁଧବାର ଅପରାହ୍ଣରେ ହାତୀ ଦୁଇଟି ହମିରା ଟାଙ୍ଗିରୁ ବାହାରି ସଫାରି ଆଡ଼କୁ ଆସୁଥିଲେ। ଖବରପାଇ ନନ୍ଦନକାନନର ଏକ ଟିମ ହାତୀକୁ ଜଗି ରହିଛନ୍ତି।

# ସୀମାନ୍ତରେ ଆନ୍ଧ୍ର ଅଧିକାରୀ-ପଟ୍ଟାଙ୍ଗୀ ବିଧାୟକ ମୁହାଁମୁହିଁ

ପଟ୍ଟାଙ୍ଗୀ,୧୩।୧୦(ଡି.ଏନ.ଏ.)


ଘଟଣା ସ୍ଥଳରେ ବିଧାୟକ ପ୍ରୀତମ ପାଢ଼ୀ ପାର୍ବତୀପୁରମ ପିଓ ଆଇଟିଡିଏ କୋର୍ମନାଥଙ୍କ କାର୍ଯ୍ୟର ପ୍ରତିବାଦ କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତ ଉପରୁ ନଜର ହଟାଉନି ଆନ୍ଧ୍ର। ବାରମ୍ବାର ଓଡ଼ିଶାର ଏହି ସୀମାନ୍ତ ଗ୍ରାମରେ ପ୍ରବେଶ କରି ବିଭିନ୍ନ କାର୍ଯ୍ୟକ୍ରମ କରୁଛି। ଏପରିକି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛି ଏହି ରାଜ୍ୟ। ବୁଧବାର ଆନ୍ଧ୍ରର ପାର୍ବତୀପୁରମ ପ୍ରଶାସନ କୋଟିଆର ଫଗୁଣସିନେରି ଗ୍ରାମରେ ପହଞ୍ଚି ଅଙ୍ଗନୱାଡି ଗୃହ ନିର୍ମାଣ ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଥିବା ବେଳେ ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢୀଙ୍କ ସହ ମୁହାଁମୁହିଁ ହୋଇଛି। ଆନ୍ଧ୍ରର ଏପରି କାର୍ଯ୍ୟକୁ କଡା ସମାଲୋଚନା କରିଛନ୍ତି ବିଧାୟକ।

ଖବରରୁ ଜଣାପଡିଛି, ଆନ୍ଧ୍ରର ପାର୍ବତୀପୁରମ ପିଓ ଆଇଟିଡିଏ କୋର୍ମନାଥ ଫଗୁଣସିନେରି ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ନେଇ ଏକ ବୈଠକ କରି ନୂତନ ଅଙ୍ଗନୱାଡ଼ି ଗୃହ ନିର୍ମାଣ ଲାଗି ଜାଗା ଚିହ୍ନଟ ସମ୍ପର୍କରେ ଆଲୋଚନା କରୁଥିଲେ। ଏହି ସମୟରେ ପଟ୍ଟାଙ୍ଗୀ ବିଧାୟକ ପାଢ଼ୀ ସେଠାରେ ପହଞ୍ଚିଥିଲେ। ସେ ପିଓ ଆଇଟିଡିଏ କୋର୍ମନାଥଙ୍କୁ ଏହି ବୈଠକର ଉଦ୍ଦେଶ୍ୟ ବିଷୟରେ ପଚାରିଥିଲେ। ତୁମେମାନେ କାହିଁକି ସୁପ୍ରିମକୋର୍ଟଙ୍କ ସ୍ଥିତାବସ୍ଥା ମାନୁନାହଁ ବୋଲି ପ୍ରଶ୍ନ କରିଥିଲେ। ଯଦି କୌଣସି ଉନ୍ନୟନମୂଳକ କାର୍ଯ୍ୟ କରିବାର ଅଛି ତୁମ ରାଜ୍ୟ ଭିତରେ କର। ଅଯଥା ଆମ ଓଡ଼ିଶା ସୀମା ଭିତରେ ଅନୁପ୍ରବେଶ କରି ବିବାଦ ସୃଷ୍ଟି କରନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ବିଧାୟକଙ୍କ ଏପରି ମତ ନେଇ ସେଠାରେ ଉପସ୍ଥିତ ଗ୍ରାମବାସୀ ପ୍ରତିବାଦ କରିଥିଲେ। ଆମେ ଆନ୍ଧ୍ର ସହ ଅଛୁ ଏବଂ ରହିବୁ ବୋଲି କହି ପାଟିତୁଣ୍ଡ କରିଥିଲେ। ବିଧାୟକ ପାଢୀ ଏହାକୁ ଖାତିର ନ କରି ଆନ୍ଧ୍ର ଗୋବ୍ୟାକ ସ୍ଲୋଗାନ ଦେଇ ଘଟଣା ସ୍ଥଳରୁ କୋର୍ମନାଥଙ୍କୁ ଚାଲିଯିବାକୁ କହିଥିଲେ। ସେଠାରେ ଉପସ୍ଥିତ ଥିବା ଆନ୍ଧ୍ରର କେତେଜଣ ଏଜେଣ୍ଟ ଗ୍ରାମବାସୀଙ୍କୁ ଓଡ଼ିଶାର ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ କହୁଥିବା ବେଳେ ଏହା ଶୁଣି ବିଧାୟକ ପାଢ଼ୀ ପ୍ରତିବାଦ କରିଥିଲେ। ତୁରନ୍ତ ଘଟଣା ସ୍ଥଳ ଛାଡ଼ି ଚାଲିଯିବାକୁ ସେମାନଙ୍କୁ କଡା ଚେତାବନୀ ଦେଇଥିଲେ। ବିଧାୟକଙ୍କ ଏପରି ପ୍ରତିବାଦକୁ କୋରାପୁଟ ଜିଲାର ବିଭିନ୍ନ ସଙ୍ଗଠନ ସ୍ୱାଗତ କରିଛନ୍ତି।

# ଆକାଶବାଣୀର ପୂର୍ବତନ ଘୋଷକ ବସନ୍ତ ପଟ୍ଟନାୟକଙ୍କ ପରଲୋକ



ଆଠଗଡ଼,୧୩।୧୦(ସ୍ୱ.ପ୍ର.)

ଆକାଶବାଣୀ ଖବର ପଢୁଛନ୍ତି ବସନ୍ତ ପଟ୍ଟନାୟକ। ସତୁରି ଦଶକର ଏହି ଗୁରୁଗମ୍ଭୀର କଣ୍ଠସ୍ୱର ଆଜି ନିରବୀ ଯାଇଛି। ବସନ୍ତ ଆକାଶବାଣୀ ନୂଆଦିଲ୍ଲୀ ସମ୍ବାଦ ବିଭାଗର ଏକ ସ୍ୱର୍ଦ୍ଧିତ ନାମ। ବୁଧବାର ତାଙ୍କର ୯୨ବର୍ଷ ବୟସରେ ଆଠଗଡ଼ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ଥିଲେ। ପରିଣତ ବୟସରେ ଶଯ୍ୟାଶାୟୀ ହୋଇ ମଧ୍ୟ ପ୍ରତ୍ୟେକ ଦିନ ବିଭିନ୍ନ ଖବରକାଗଜ ପଢ଼ିବା, ଟିଭି ଦେଖି ଖବରଗୁଡ଼ିକର ବିଶ୍ଳେଷଣ କରିବା ତାଙ୍କର ନିତିଦିନିଆ କାର୍ଯ୍ୟ ଥିଲା। ୧୯୫୮ରୁ ୧୯୭୩ ପର୍ଯ୍ୟନ୍ତ ସେ ଆକାଶବାଣୀ ନୂଆଦିଲ୍ଲୀରୁ ଖବର ପାଠ କରୁଥିଲେ। ୧୯୭୧ରେ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଦିଲ୍ଲୀ ରେଡ଼ିଓ ଷ୍ଟେଶନରେ ଡ୍ୟୁଟି ଅଫିସର ଭାବେ କାମ ତୁଲାଇଥିଲେ। ଖେଳକୁଦ, ଡ୍ରାମା, ଥିଏଟରରେ ରୁଚି ରଖୁଥିବା ବସନ୍ତ କେବେ ସାମ୍ବାଦିକ ହେବେ ବୋଲି ଭାବି ନ ଥିଲେ। ଉଚ୍ଚଶିକ୍ଷା ସମାପ୍ତ ପରେ କିଛିଦିନ ଟ୍ରାଫିକ ଇନ୍‌ସପେକ୍ଟର, ବାରବାଟୀ ଷ୍ଟାଡିୟମରେ ଥିବା ଓଡ଼ିଶା ଅଲିମ୍ପିକ ଆସୋସିଏଶନର ଆକାଉଣ୍ଟାଣ୍ଟ ଭାବେ କାର୍ଯ୍ୟ ତୁଲାଇଥିଲେ। ପରେ ଆକାଶବାଣୀରେ ସମ୍ବାଦପାଠକ ଭାବେ ଯୋଗ ଦେଇଥିଲେ। ଆଠଗଡ଼ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି।

# ସାହିତ୍ୟିକ ଡ. ହରିହର ଦାଶଙ୍କ ବିୟୋଗ



ଅନୁଗୋଳ ଅଫିସ,୧୩।୧୦

ଅନୁଗୋଳ ଜିଲାର ବିଶିଷ୍ଟ ସାହିତ୍ୟିକ ଡ. ହରିହର ଦାଶ (୭୭)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ବୁଧବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ୧୫ ବର୍ଷ ହେବ ପକ୍ଷାଘାତ ରୋଗରେ ପୀଡିତ ଥିଲେ। ସେ ଏକାଧାରରେ ଜଣେ ଇଞ୍ଜିନିୟର, ଆଡଭୋକେଟ, ଗୀତିକବି, ପାଲାଗାୟକ, ସୁସଙ୍ଗଠକ ଭାବେ ପରିଚିତ ଥିଲେ। ସେ ପ୍ରାୟ ୨୫ ଖଣ୍ଡ କାବ୍ୟ ରଚନା କରିଥିବାବେଳେ ୨୦ଟି ପ୍ରକାଶିତ ହୋଇସାରିଛି। ସେ ଓଡ଼ିଆ କୀର୍ତ୍ତନର ବିଭିନ୍ନ ଦିଗ ଉପରେ ସଂଦର୍ଭ ରଚନା କରି ଡକ୍ଟରେଟ ଲାଭ କରିଥିଲେ। ଓଡ଼ିଶୀ ସଂଗୀତରେ ସ୍ୱର ଓ ରସ ଉପରେ ଗବେଷଣା କରି ଡିଲିଟ ଉପାଧି ହାସଲ କରିଥିଲେ। ତାଙ୍କ ବିୟୋଗରେ ଅନୁଗୋଳ ଜିଲାରେ ଶୋକର ଛାୟା ଖେଳିଯାଇଛି। ଅନୁଗୋଳ ପୂଜ୍ୟପୂଜା ସଂସଦର ସେ ଅନ୍ୟତମ ଉପଦେଷ୍ଟା ଥିଲେ। ତାଙ୍କ ବିୟୋଗରେ ପୂଜ୍ୟପୂଜା ସଂସଦ ସଭାପତି ଆଡଭୋକେଟ ଦିଲୀପ ରଥ, ସାଧାରଣ ସମ୍ପାଦକ ଗୋପାଳ ନାଥ, ଉପସଭାପତି ପ୍ରଦୀପ ପଣ୍ଡା, ଦୁଷ୍ମନ୍ତ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଦୁର୍ଘଟଣାରେ ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ମୃତ୍ୟୁ

ବେଗୁନିଆ/ବୋଲଗଡ, ୧୩।୧୦ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ଼ ବେଗୁନିଆ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ପବିତ୍ର ବଳିୟାରସିଂହ (୭୨) ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିଲେ। ଭୁବନେଶ୍ୱରର ଏକ ହସ୍ପିଟାଲରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ପବିତ୍ର ସ୍କୁଟିରେ ବେଗୁନିଆ ବଜାରକୁ ଯାଉଥିବାବେଳେ ଏକ କାର ସହ ତାଙ୍କ ଗାଡି ଧକ୍କା ହେବାରୁ ସେ ଗୁରୁତର ହୋଇଥିଲେ। ଏକ ଘରୋଇ ଡାକ୍ତରଖାନାରେ ବୁଧବାର ସକାଳୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବେଗୁନିଆ ଓ ବୋଲଗଡ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପବିତ୍ର ଏହି ନିର୍ବାଚନମଣ୍ଡଳୀର ୨୭ନଂ ଜୋନର କଂଗ୍ରେସ ଦଳ ପାଇଁ ସର୍ବଦା କାର୍ଯ୍ୟ କରିଆସୁଥିଲେ। ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ ସେ କଂଗ୍ରେସ ଦଳ ପକ୍ଷରୁ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ଖୋର୍ଦ୍ଧା ଏଲ୍‌ଡିବି ବ୍ୟାଙ୍କର ସଭାପତି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କର ୩ ପୁଅ ଏବଂ ୧ ଝିଅ ଅଛନ୍ତି ବୋଲି ବଡପୁଅ ଚିନ୍ମୟ କହିଛନ୍ତି।




VISIT US AT: ODISA: BHUBHANESHWAR • RELIANCE MALL, MASTER CANTEEN • NANDAN KANAN ROAD, PATIA • ESPLANADE ONE MALL, RASULGARH • CUTTACK • COLLEGE SQUARE • CDA, CUTTACK • PURI, VIP ROAD • BALASORE, CINEMA COMPLEX • BEHRAMPUR, BHAPUR BAZAAR AVENUE • ROURKELA • PANPOSH ROAD • FORUM MALL CIVIL TOWN SHIP • SAMBALPUR, BUDHARAJA MAIN ROAD• ANGUL SANKAR CINEMA ROAD • BALANGIR, RADHARANI PARA • CHORDA BY-PASS, JAJPUR ROAD, 8984107745 | TO LOCATE NEAREST JIO STORE- SMS LOCATE<PINCODE> TO 561611

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୀପ ତେଜିଲେ**
**ହାତ ଚିକ୍କଣ।**

ସାଧାରଣତଃ ଅନ୍ୟର ସମ୍ପତ୍ତିବାଡି ରକ୍ଷଣାବେକ୍ଷଣ କରୁଥିବା ବ୍ୟକ୍ତି ସମୟ ସୁବିଧା ଦେଖି ନିଜର ହାତ ଚିକ୍କଣ କରୁଥିବାର ବା ଲାଭ ଉଠାଉଥିବାର ଲକ୍ଷ୍ୟ କରାଯାଇଥାଏ। ଦୀପର ସଳିତାକୁ ତେଜିଲେ ଯେପରି ହାତରେ ଘିଅ ବା ତେଲ ଲାଗିଯାଇଥାଏ, ସେହିପରି ଯିଏ ଅନ୍ୟର ଅର୍ଥ କାରବାର କରେ, ତହିଁରୁ ସିଏ କିଛି ନିଜର ଫାଇଦା ଉଠାଇ ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦାରିଦ୍ର୍ୟ ଘୋଟଇ ଯୁବା ବୟସ,**
**ଦୁଃଖୀ ଦେଖିଲେ ଯେ କରେ ନିରାଶ,**
**ଦୁର୍ବୁଦ୍ଧି ବୋଲିଣ ତାହାକୁ କହି,**
**କହେ ଦନାଇ ଏ ନିନ୍ଦା ଅଟଇ।**

ଯୁବ ଅବସ୍ଥାରେ ଦାରିଦ୍ର୍ୟତା ଭୋଗିବା କୌଣସି ଅଭିଶାପଠାରୁ କମ୍ ହୋଇ ନ ଥାଏ। ଦରିଦ୍ର ହେବା ବ୍ୟକ୍ତିର ଦୁର୍ଭାଗ୍ୟକୁ ସୂଚାଇଥାଏ। ସେହିପରି ଦୁଃଖୀ ରଙ୍କୀ ବ୍ୟକ୍ତିଙ୍କୁ ଦେଖିଲେ ସେମାନଙ୍କ ଭଲ ମନ୍ଦ ନ ବୁଝି ମୁହଁ ମୋଡ଼ିଦେବା ଅମାନବିକତାର ପରିଚୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ –
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ଆଜିର ମନ୍ତବ୍ୟ**

"୪ କୃଷକଙ୍କ ଜୀବନ ନେଇଥିବା ଲଖିମପୁର ଖେରି ହିଂସା ଅତ୍ୟନ୍ତ ନିନ୍ଦନୀୟ। ଏଭଳି ଘଟଣା ଦେଶର ଅନ୍ୟ ଭାଗରେ ମଧ୍ୟ ଘଟୁଛି। ସମ୍ପୃକ୍ତ ରାଜ୍ୟରେ ଭାଜପା ସରକାର ଥିଲେ ବିବାଦ ଉଠୁଛି।
–ନିର୍ମଳା ସୀତାରାମନ୍, ଅର୍ଥମନ୍ତ୍ରୀ

## ଏନ୍‌ଇଇଟି: ସହଯୋଗ ...

ପାଇଁ ବ୍ୟାପକ ପ୍ରସ୍ତୁତି ଆବଶ୍ୟକ ହେଉଥିବା ବେଳେ ଏଥିପାଇଁ ଶିକ୍ଷା କ୍ଷେତ୍ରରେ ଆବଶ୍ୟକ ସୁବିଧାସୁଯୋଗ ପାଇବାରୁ ଗ୍ରାମୀଣ ଛାତ୍ରୀଛାତ୍ର ବଞ୍ଚିତ ହେଉଛନ୍ତି। ତେଣୁ ଏହାକୁ ଅନ୍ୟ ପରୀକ୍ଷା ଭଳି ରାଜ୍ୟସ୍ତରୀୟ କରି ଏଥିପାଇଁ ଥିବା ନିୟମକୁ କୋହଳ କରିବାକୁ ତାମିଲନାଡୁ ସରକାର ଦାବି କରିଛନ୍ତି। ଏହାବ୍ୟତୀତ ମେଡିକାଲ କଲେଜରେ ନାମଲେଖା ପାଇଁ ହେଉଥିବା କାଉନ୍‌ସେଲିଂ ସମୟରେ କେନ୍ଦ୍ର ସରକାର ହସ୍ତକ୍ଷେପ ନ କରିବାକୁ ମଧ୍ୟ ଦାବି ହୋଇଛି। ଏ ବାବଦରେ କେନ୍ଦ୍ରକୁ ଜଣାଇଥିଲେ ବି କେନ୍ଦ୍ର ସରକାର ଏହାକୁ ଅଗ୍ରାହ୍ୟ କରି ଦେଇଥିଲେ। ନବୀନ ମଧ୍ୟ ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ନିକଟରେ ଏଭଳି ପ୍ରସ୍ତାବ ରଖିଥିଲେ। ଏବେ ଏହି ପ୍ରସ୍ତାବ ଉପରେ ସମର୍ଥନ ବଢ଼ାଇବାକୁ ତାମିଲନାଡୁ ସରକାର ଓଡ଼ିଶା ସରକାରଙ୍କ ସମେତ ଅଣ ଭାଜପା ରାଜ୍ୟ ସରକାରଙ୍କୁ ସମର୍ଥନ ପାଇଁ ଚିଠି ଲେଖିଛନ୍ତି ।

## ଟୁଇଟର ସେବା ...

ସେ ସମ୍ପର୍କରେ ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ। ଏ ନେଇ କମ୍ପାନୀ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ମଧ୍ୟ ଦିଆଯାଇନାହିଁ। ଉଲ୍ଲେଖଯୋଗ୍ୟ, ମଙ୍ଗଳବାର ଗୁଗଲର ଜିମେଲ୍ ସେବା ବାଧାପ୍ରାପ୍ତ ହୋଇଥିବା ଦେଖାଯାଇଥିଲା। ସେହିଭଳି ଗୋଟିଏ ସପ୍ତାହ ଆଗରୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକ ପ୍ରାୟ ୮ ଘଣ୍ଟା ଡାଉନ ରହିଥିଲା। ଫେସ୍‌ବୁକ ଅଧୀନରେ ରହିଥିବା ହ୍ୱାଟ୍ସଆପ୍ ଏବଂ ଇନ୍‌ଷ୍ଟାଗ୍ରାମ ୟୁଜର୍ସ ସମାନ ସମସ୍ୟା ସାମ୍ନା କରିଥିଲେ। ଏହାକୁ ନେଇ କମ୍ପାନୀ ଗ୍ରାହକଙ୍କୁ କ୍ଷମାପ୍ରାର୍ଥନା ମଧ୍ୟ କରିଛି।

## ପ୍ରଥମ ପୃଷ୍ଠାରୁ...

### ଶିଳ୍ପ ପ୍ରଦୂଷଣ ...

କମଳା ଓ ୧୧୪୭ଟି ସବୁଜ କାଟେଗୋରି ମଧ୍ୟରେ ରହିଛି। ରାଜ୍ୟରେ ଇସ୍ପାତ, ବିଦ୍ୟୁତ୍ ଶକ୍ତି, ସାର, ସିମେଣ୍ଟ, ଆଲୁମିନିୟମ, ସ୍ପଞ୍ଜ ଓ ଆଇରନ ଭଳି ୧୭ ପ୍ରକାର ଶିଳ୍ପାନୁଷ୍ଠାନକୁ ଅତିପ୍ରଦୂଷଣ ଶ୍ରେଣୀରେ ରଖାଯାଇଛି। ସେହି ଶିଳ୍ପଗୁଡ଼ିକ ବାୟୁମଣ୍ଡଳକୁ ଅଧିକ ପ୍ରଦୂଷିତ କରୁଛି। ୨୦୧୪ରୁ ଅନ୍‌ଲାଇନ ମନିଟରିଂ ବ୍ୟବସ୍ଥା ବାଧ୍ୟତାମୂଳକ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ମାତ୍ର ୫୪ ଶିଳ୍ପକୁ ଏଥିରେ ସଂଯୋଗ କରାଯାଇପାରିଛି। ବହୁମାତ୍ରାରେ ବାୟୁମଣ୍ଡଳ ପ୍ରଦୂଷଣ କରୁଥିବା ଶିଳ୍ପ ସଂସ୍ଥାଗୁଡ଼ିକୁ ନିୟନ୍ତ୍ରଣ କରିବା ଲାଗି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୨୦୧୨ରେ ଅନ୍‌ଲାଇନ ମନିଟରିଂ ବ୍ୟବସ୍ଥା ଆରମ୍ଭ କରିଥିଲା। ଏହାଦ୍ୱାରା ସମ୍ପୃକ୍ତ ଶିଳ୍ପର ନିକଟବର୍ତ୍ତୀ ଅଞ୍ଚଳରେ ବାୟୁ ପ୍ରଦୂଷଣ କ୍ଷେତ୍ରରେ କମ୍ପ୍ରିହେନସିଭ ଏନ୍‌ଭାଇରନମେଣ୍ଟାଲ ପଲ୍ୟୁଶନ ଇଣ୍ଡେକ୍ସ(ସିଇପିଆଇ) କେତେ ରହୁଛି, ତାହାର ନିୟମିତ ତଦାରଖ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଅତିପ୍ରଦୂଷିତ ଶିଳ୍ପଗୁଡ଼ିକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏକପ୍ରକାର ବିଫଳ ହୋଇଛି। ଆବଶ୍ୟକ ତାଲିମପ୍ରାପ୍ତ କର୍ମଚାରୀ ନ ଥିବାରୁ ଏହାକୁ ଠିକ୍‌ରେ ମନିଟରିଂ କରାଯାଇ ପାରୁନାହିଁ। ଏହି ବ୍ୟବସ୍ଥା ନାମକୁମାତ୍ର ଚାଲୁ ରହିଛି। ଅନ୍ୟପକ୍ଷରେ ରାଜ୍ୟରେ ପ୍ରଦୂଷଣର ମାତ୍ରାକୁ ହ୍ରାସ କରିବା ପାଇଁ ଅତିପ୍ରଦୂଷଣକାରୀ ଶିଳ୍ପଗୁଡ଼ିକ ବର୍ଜ୍ୟଜଳ ପରିଚାଳନା ପ୍ଲାଣ୍ଟ ବା ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ (ଇଟିପି) ସ୍ଥାପନ କରିବା ସକାଶେ ସୁପ୍ରିମ୍‌କୋର୍ଟ ରାଜ୍ୟ ସରକାରଙ୍କୁ ୨୦୧୭ ଫେବୃୟାରୀ ୨୨ରେ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶନାମାକୁ ଏସ୍‌ପିସିବି ସେତେଟା ଗୁରୁତ୍ୱ ଦେଇନାହିଁ। ଅଳ୍ପ କେତେକ ଶିଳ୍ପ ସଂସ୍ଥା ଇଟିପି ଲଗାଇଥିବାବେଳେ ଆଉ କେତେକେ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରିଚାଲିଛନ୍ତି । ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ଉପରେ ସିପିସିବି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ କଡ଼ା ନିର୍ଦ୍ଦେଶ ଦେଇଛି। ରାଜ୍ୟରେ ଥିବା ଅତିପ୍ରଦୂଷଣ ଶିଳ୍ପଗୁଡ଼ିକରେ ଇଟିପି ଲଗାଇବାକୁ ବାଧ୍ୟତାମୂଳକ କରିବା ସହ ସେଗୁଡ଼ିକ ସୁଚାରୁରୂପେ କାର୍ଯ୍ୟ କରୁଛି କି ନାହିଁ ନିୟମିତ ଭାବେ ରିପୋର୍ଟ ଦେବାକୁ ସିପିସିବି କହିଛି। ରାଜ୍ୟରେ ବାୟୁମଣ୍ଡଳ ଓ ଭୂପୃଷ୍ଠ ଜଳ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଅତିପ୍ରଦୂଷଣ ସୃଷ୍ଟି କରୁଥିବା ଶିଳ୍ପଗୁଡ଼ିକ ଇଟିପି ସ୍ଥାପନ କରିବା ବାଧ୍ୟତାମୂଳକ କରାଯାଇଛି। ଏପରି କି ଏହି ଶିଳ୍ପଗୁଡ଼ିକ ଦୈନିକ କେତେ ପରିମାଣର ବର୍ଜ୍ୟଜଳ ଓ ଅନ୍ୟାନ୍ୟ ଗ୍ୟାସ ବାୟୁମଣ୍ଡଳକୁ ଛାଡୁଛନ୍ତି ସେ ଉପରେ ମଧ୍ୟ ସିପିସିବି ପ୍ରତ୍ୟକ୍ଷ ନଜର ରଖିବ। ସେଥିପାଇଁ ଅନ୍‌ଲାଇନ ମନିଟରିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କେଉଁ ଶିଳ୍ପ କେତେ ପରିମାଣର ବିଷାକ୍ତ ବାଷ୍ପ ଓ ବର୍ଜ୍ୟଜଳ ବାହାରକୁ ଛାଡୁଛନ୍ତି ତାହା ଉପରେ ନଜର ରଖାଯିବ। ଏହା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ରାଜ୍ୟ ସରକାରଗୁଡ଼ିକୁ କୁହାଯାଇଛି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମେମ୍ବର ସେକ୍ରେଟାରି ଏମ୍. ମୁରୁଗେସେନ କହିଛନ୍ତି, ଯେଉଁ ଶିଳ୍ପ ସଂସ୍ଥା ଇଟିପି ଲଗାଇବାରେ ବିଳମ୍ବ କରୁଛନ୍ତି ସେମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କାରଣ ଦର୍ଶାଅ ନୋଟିସ ଜାରି କରାଯିବା ସହ ଜରିମାନା ମଧ୍ୟ କରାଯାଉଛି। ରାଜ୍ୟରେ ଅନ୍‌ଲାଇନ ମନିଟରିଂ ବ୍ୟବସ୍ଥାକୁ ଆହୁରି ବ୍ୟବସ୍ଥିତ କରାଯାଇଛି। ପୂର୍ବରୁ କମ୍ପ୍ୟୁଟରରେ ମନିଟରିଂ କରାଯାଉଥିଲା, ଏବେ ସେଥିପାଇଁ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ କରାଯାଇ ନିୟମିତ ମନିଟରିଂ କରାଯାଉଛି। ତେବେ ଓଡ଼ିଶାରେ ଶିଳ୍ପ ପ୍ରଦୂଷଣ ସେତେ ଚିନ୍ତାଜନକ ନୁହେଁ ବୋଲି ମୁରୁଗେସେନ କହିଛନ୍ତି।

### ଫେରିଲା ସାବରକର ...

କରୁ ନ ଥିଲା। ସେ ମୁସଲମାନମାନଙ୍କ ଶତ୍ରୁ ନ ଥିଲେ। ଏପରି କି ସେ ଉର୍ଦ୍ଦୁରେ ଅନେକ ଗଜଲ ଲେଖିଥିବା ଭାଗବତ କହିଛନ୍ତି। ସ୍ୱାଧୀନତା ପରେ ସାବରକରଙ୍କୁ ବଦନାମ କରିବା ପାଇଁ ଏକ ଅଭିଯାନ ଆରମ୍ଭ ହୋଇଥିଲା। ତା'ର ଅସଲ ଟାର୍ଗେଟରେ ଭାରତର ଜାତୀୟତାବାଦ ଥିଲା ବୋଲି ଭାଗବତ କହିଛନ୍ତି।

ଏହାର ଦିନକ ପରେ କଂଗ୍ରେସ ନେତା ଜୟରାମ ରମେଶ ଏବଂ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି ରାଜନାଥଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛନ୍ତି। ଜୟରାମ ଏବଂ ଓୱାଇସି ୧୯୨୦ ଜାନୁୟାରୀ ୨୫ରେ ମହାତ୍ମା ଗାନ୍ଧୀ ସାବରକରଙ୍କ ଭାଇଙ୍କ ପାଖକୁ ଲେଖିଥିବା ଏକ ଚିଠିକୁ ଟୁଇଟରରେ ଶେୟାର କରିଛନ୍ତି। ଗାନ୍ଧିଜୀଙ୍କ ଲେଖାକୁ ବଦଳାଇବା ପାଇଁ ରାଜନାଥ ଉଦ୍ୟମ କରିଥିବା ଉଭୟେ କହିଛନ୍ତି। ଓୱାଇସିଙ୍କ ମତରେ ୧୯୧୧ରେ ଜେଲ ଯିବାର କିଛି ମାସ ପରେ ସାବରକର ପ୍ରଥମ ଚିଠି ଲେଖିଥିଲେ। ସେତେବେଳେ ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାରେ ଥିଲେ। ସାବରକର ୧୯୧୩/୧୪ରେ ପୁଣି ଚିଠି ଲେଖିଥିଲେ ଏବଂ ୧୯୨୦ରେ ଗାନ୍ଧିଜୀ ତାଙ୍କୁ ପରାମର୍ଶ ଦେଇଥିଲେ। ମୋଦି ସରକାରଙ୍କ ମତକୁ ମର୍ଯ୍ୟାଦା ଦେଉଥିବା ନମ୍ର ବ୍ୟକ୍ତିଙ୍କ ମଧ୍ୟରୁ ରାଜନାଥ ଅନ୍ୟତମ। କିନ୍ତୁ ସେ ଇତିହାସର ପୁନର୍ଲିଖନ ଭଳି ଆର୍‌ଏସ୍‌ଏସ୍‌ର ଅଭ୍ୟାସରୁ ନିଜକୁ ମୁକ୍ତ କରିପାରି ନାହାନ୍ତି। ଭାଜପା ଖୁବ୍‌ଶୀଘ୍ର ଗାନ୍ଧିଜୀଙ୍କୁ ହଟାଇ ତାଙ୍କ ହତ୍ୟା ଅଭିଯୁକ୍ତ ସାବରକରଙ୍କୁ ଜାତିର ଜନକ ଘୋଷଣା କରିବାକୁ ଯାଉଛି ବୋଲି ଓୱାଇସି କହିଛନ୍ତି। ୧୯୨୦ ଜାନୁୟାରୀ ୨୫ରେ ଗାନ୍ଧିଜୀଙ୍କ ଦ୍ୱାରା ଲିଖିତ ପତ୍ରରେ ସେ ଟୁଇଷ୍ଟ ଆଣିଛନ୍ତି। ଏହା ସାବରକରଙ୍କ ଭାଇଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିବା ସେହି ଚିଠି ବୋଲି ଜୟରାମ ଟୁଇଟରରେ ଶେୟାର କରିଛନ୍ତି। ଅନ୍ୟପକ୍ଷେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ଆଉ ପାଦେ ଆଗକୁ ଯାଇ ଆର୍‌ଏସ୍‌ଏସ୍‌କୁ ମାଓବାଦୀଙ୍କ ସହ ତୁଳନା କରିଛନ୍ତି। ସେ ବୁଧବାର କହିଛନ୍ତି, ସେତେବେଳେ ସାବରକର ସେଲ୍ୟୁଲାର ଜେଲରେ ଥିବାବେଳେ ଗାନ୍ଧିଜୀ ୱାର୍ଦ୍ଧା ଜେଲରେ ଥିଲେ। ଉଭୟଙ୍କ ମଧ୍ୟରେ ଯୋଗାଯୋଗ କିପରି ହେଉଥିଲା। ସାବରକର ଜେଲରେ ଥାଇ ଅନେକ ଥର ରାଜକ୍ଷମା ମାଗିଥିଲେ ଏବଂ ବ୍ରିଟିଶମାନଙ୍କ ସମର୍ଥକ ପାଲଟିଯାଇଥିଲେ। ୧୯୨୫ରେ ଜେଲରୁ ମୁକୁଳିବା ପରେ 'ଦୁଇ ରାଷ୍ଟ୍ର ସିଦ୍ଧାନ୍ତ' ଉପରେ ମନ୍ତବ୍ୟ ଦେବାରେ ସାବରକର ହିଁ ପ୍ରଥମ ବ୍ୟକ୍ତି ଥିଲେ। ଭାଜପା ନାଗପୁରରେ ଥିବା ଆର୍‌ଏସ୍‌ଏସ୍ ନେତାମାନଙ୍କ କଠୋରପନ୍ଥୀ ଭାଷା କହୁଛି। ଏନେଇ ଭାଜପା ଏମ୍‌ପି ରାକେଶ ସିହ୍ନା କହିଛନ୍ତି, କଂଗ୍ରେସ ସାବରକରଙ୍କୁ ବିରୋଧ କରିଥାଏ। କାରଣ ସେ ବ୍ରିଟିଶ ସରକାରଙ୍କ ସହ କେବେ ସାଲିସ କରି ନ ଥିଲେ ଏବଂ ନିଜ ମାତୃଭୂମି ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିଲେ। ସେହିପରି ମହାରାଷ୍ଟ୍ରରେ କଂଗ୍ରେସ ସହ ମେଣ୍ଟ କରି କ୍ଷମତାସୀନ ହୋଇଥିବା ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ କହିଛନ୍ତି, ସାବରକର ଆମର ଆଦର୍ଶ ଥିଲେ ଓ ରହିବେ। ସେ ବ୍ରିଟିଶମାନଙ୍କୁ କେବେ କ୍ଷମା ମାଗି ନ ଥିଲେ। ସେମାନଙ୍କ ହୃଦୟରେ ଯଦି ସାବରକର ଅଛନ୍ତି ତେବେ ତାଙ୍କୁ ଭାରତ ରତ୍ନ କେବେ ଦେଉଛନ୍ତି ବୋଲି ଭାଜପା ଏବଂ ଆର୍‌ଏସ୍‌ଏସ୍‌କୁ ସଞ୍ଜୟ ପ୍ରଶ୍ନ କରିଛନ୍ତି। ଭାଜପା ଏବଂ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ବୀର ସାବରକରଙ୍କୁ ନେଇ କାଦୁଅଫିଙ୍ଗା ଜୋର ଧରିଥିବାବେଳେ ବିବାଦରେ ନୂଆ ଟୁଇଷ୍ଟ ଦେବାକୁ ଉଦ୍ୟମ କରିଛନ୍ତି ତାଙ୍କ ନାତି ରଞ୍ଜିତ ସାବରକର। ମହାତ୍ମା ଗାନ୍ଧୀଙ୍କୁ ସେ ଜାତିର ଜନକ ବିବେଚନା କରନ୍ତି ନାହିଁ। ଭାରତ ଭଳି ଦେଶର ଜାତିର ଜନକ ଜଣେ ବ୍ୟକ୍ତି ହୋଇପାରିବେ ନାହିଁ। ଏପରି ହଜାର ହଜାର ଅଛନ୍ତି, ଯାହାଙ୍କୁ ସମସ୍ତେ ଭୁଲିଗଲେଣି ବୋଲି ରଞ୍ଜିତ କହିଛନ୍ତି। ପ୍ରକାଶ ଯେ, ସାବରକରଙ୍କୁ କଂଗ୍ରେସ ଗାନ୍ଧୀ ହତ୍ୟାକାରୀ ଭାବେ ଅଭିହିତ କରିବାକୁ ପଛାଉ ନ ଥିବାବେଳେ ଭାଜପା ଏବଂ ଶିବସେନା ତାଙ୍କୁ ଦେଶଭକ୍ତ ବୋଲି କହିଥାଆନ୍ତି। ଏହାକୁ ନେଇ ଅତୀତରେ ଅନେକ ଥର ବିବାଦୀୟ ସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି।

### 'ହିନ୍ଦୁତ୍ୱ' ବିକଶିତ...

ବ୍ରିଟେନ ଯାଇଥିବାବେଳେ ଇଣ୍ଡିଆ ହାଉସ୍ ଏବଂ ଫ୍ରି ଇଣ୍ଡିଆ ସୋସାଇଟି ଭଳି ସଙ୍ଗଠନ ସହ ଜଡ଼ିତ ଥିଲେ। ବିପ୍ଳବ ବଳରେ ସମ୍ପୂର୍ଣ୍ଣ ଭାରତୀୟ ସ୍ୱାଧୀନତା ଉପରେ ମଧ୍ୟ ସେ ଏକାଧିକ ପୁସ୍ତକ ରଚନା କରିଥିଲେ। ଦି ଇଣ୍ଡିଆନ୍ ୱାର ଅଫ୍ ଇଣ୍ଡିପେଣ୍ଡେନ୍ସ ଏବାଉଟ ଦି ଇଣ୍ଡିଆନ୍ ରେବେଲିୟନ୍ ଅଫ୍ ୧୮୫୭ ଶୀର୍ଷକ ପୁସ୍ତକକୁ ବ୍ରିଟିଶ ଉପନିବେଶ ନିଷିଦ୍ଧ ଘୋଷଣା କରିଥିଲା। ୧୯୧୦ରେ ସାବରକରଙ୍କୁ ଗିରଫ କରି ଭାରତକୁ ପ୍ରତ୍ୟର୍ପଣ କରାଯାଇଥିଲା। ୧୯୪୮ରେ ମହାତ୍ମା ଗାନ୍ଧୀଙ୍କୁ ନାଥୁରାମ ଗଡସେ ହତ୍ୟା କରିଥିଲେ। ହତ୍ୟା ପାଇଁ ସାବରକରଙ୍କୁ ଷଡ଼ଯନ୍ତ୍ରକାରୀ ଭାବେ ଦର୍ଶାଯାଇଥିଲା। କିନ୍ତୁ ପ୍ରମାଣ ଅଭାବରୁ କୋର୍ଟ ତାଙ୍କୁ ଦୋଷମୁକ୍ତ କରିଥିଲେ। ୧୯୬୬ ଫେବୃୟାରୀ ୨୬ରେ ତାଙ୍କର ପରଲୋକ ହୋଇଥିଲା।

### ଗତି ଶକ୍ତି ଯୋଜନା...

ପାଇବ। ଅବାଧ ପରିବହନ ଓ ଯାତାୟତକୁ ସୁନିଶ୍ଚିତ କରିବା ସହ ଜୀବନ ଧାରଣ ଓ ବ୍ୟବସାୟକୁ ସୁଗମ କରିବ। ଭିତ୍ତିଭୂମି ବିକାଶଠାରୁ ଆରମ୍ଭ କରି ଲଜିଷ୍ଟିକ୍ ଖର୍ଚ୍ଚ କମାଇବା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ଜାତୀୟ ଯୋଜନା ଶୁଭାରମ୍ଭ ହୋଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

ଡିଜିଟାଲ ପ୍ଲାଟ୍‌ଫର୍ମ ଗତିଶକ୍ତି ଅଧୀନରେ ରେଲୱେ ଏବଂ ସଡ଼କ ସମେତ ୧୬ଟି ମନ୍ତ୍ରଣାଳୟ ରହିବ। ଫଳରେ ସମସ୍ତ ଯୋଜନା ତଥା ଭିତ୍ତିଭୂମି ସଂଯୋଗ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବାରେ ସମନ୍ୱୟ ରକ୍ଷା କରାଯାଇପାରିବ। ଉକ୍ତ ପ୍ଲାଟ୍‌ଫର୍ମ ହାଇ ରିଜୋଲ୍ୟୁଶନ ସାଟେଲାଇଟ୍ ଇମେଜ, ଭିତ୍ତିଭୂମି, ଉପଯୋଗିତା, ପ୍ରଶାସନିକ ପରିସର, ଜମି ଓ ଲଜିଷ୍ଟିକ୍ ଯୋଗାଇଦେବ। ପୂର୍ବରୁ ବିଭାଗୀୟ କାର୍ଯ୍ୟରେ ପ୍ରତିବନ୍ଧକ ଏବଂ ପ୍ରକଳ୍ପଗୁଡ଼ିକ ମଧ୍ୟରେ ସମନ୍ୱୟ ଅଭାବରୁ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା। ଟିକସଦାତାଙ୍କ ଅର୍ଥ ପ୍ରତି ଏହା ଅପମାନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଉତ୍ତମ ଭିତ୍ତିଭୂମି ବିନା ବିକାଶ ସମ୍ଭବ ନୁହେଁ। ସାମଗ୍ରିକ ବିକାଶ ପାଇଁ ବର୍ତ୍ତମାନର ସରକାର ସଂକଳ୍ପବଦ୍ଧ। ବିଭିନ୍ନ ବିଭାଗକୁ ଏକାଠି କରି ପ୍ରକଳ୍ପ ବିକାଶରେ ସମନ୍ୱୟ ଆଣିବାରେ ଗତିଶକ୍ତି କାର୍ଯ୍ୟ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଭାରତରେ ଲଜିଷ୍ଟିକ୍ ଖର୍ଚ୍ଚ ଜିଡିପିର ୧୩ ପ୍ରତିଶତ ରହୁଥିବାରୁ ରପ୍ତାନି କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ପ୍ରଭାବିତ ହେଉଛି। ଲଜିଷ୍ଟିକ୍ ଖର୍ଚ୍ଚ ଓ ସମୟ କମାଇବା ଲକ୍ଷ୍ୟରେ ଗତିଶକ୍ତି ଯୋଜନା ଅଣାଯାଇଛି। ଏହା ଭାରତକୁ ପୁଞ୍ଜିନିବେଶର ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟସ୍ଥଳରେ ପରିଣତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କର୍ମକ୍ଷେତ୍ରରେ ନୈରାଶ୍ୟ ଦୂରେଇଯିବ ଓ ପ୍ରତିଷ୍ଠା ଲାଭ କରିବେ । ଆପଣଙ୍କ ଉପସ୍ଥିତ ବୁଦ୍ଧି ଓ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟକୁ ଆପଣାର କରିବାରେ ସାହାଯ୍ୟ କରିପାରେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

**ବୃଷ** – କର୍ମକ୍ଷେତ୍ରରେ ବହୁବିଧ ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ର ଭଲରେ ଚାଲିବ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରୋକ୍ଷ ଶତ୍ରୁତା ଦୈନିକ ଜୀବନଚର୍ଯ୍ୟାକୁ କେତେକାଂଶରେ ପ୍ରଭାବିତ କରିପାରେ।

**ମିଥୁନ** – ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ଉଦ୍ୟମକୁ ସାକାର କରିବ। ଛୋଟ କଥାକୁ ନେଇ ପରିବାର ଭିତରେ ସମ୍ପର୍କ ହାନି ହୋଇପାରେ। କର୍ମକ୍ଷେତ୍ରରେ କମ୍ ପରିଶ୍ରମରେ ବେଶି ସଫଳତା ପାଇବେ। ବ୍ୟବସାୟୀମାନେ ଅଧିକ ପରିଶ୍ରମ କଲେ ମଧ୍ୟ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** – ହାତକୁ ନେଇଥିବା କାମଟି ସୁରୁଖୁରୁରେ ହୋଇଯିବ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ବନ୍ଧୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ହେତୁ ସାମୟିକ ଖୁସି ରହିପାରନ୍ତି ।

**ସିଂହ** – ଆଜି କର୍ମକ୍ଷେତ୍ର ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ କରିବ। ଆଲୋଚନା କାଳରେ ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ସାମାଜିକ ସ୍ତରରେ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** – ପୂର୍ବଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ କୌଣସି ଗୁଜବ ମନକୁ ଚହଲାଇ ଦେବ। ପାରିବାରିକ କ୍ଷେତ୍ରରେ ଅର୍ଥ କିମ୍ବା ଅଳଙ୍କାର ଦେବାନେବାକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା** – ଆଜିର ଯାତ୍ରା, କର୍ମାରମ୍ଭ, ସରକାରୀ କାମ, ଚୁକ୍ତିପତ୍ର ସକାଶେ ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ଛୋଟବଡ଼ ସମସ୍ୟାର ସରଳ ସମାଧାନ କରି ଆନନ୍ଦ ଅନୁଭବ କରିବେ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ପିଲାଙ୍କ ଆଚରଣରୁ ମନେ ମନେ ବିରକ୍ତ ହୋଇପାରନ୍ତି।

**ବିଛା** – କର୍ମକ୍ଷେତ୍ରରେ ଅବ୍ୟବସ୍ଥା ଲାଗି ରହିଥିବାରୁ ମାନସିକ ସ୍ଥିରତା ରହି ନ ପାରେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ ଚର୍ଚ୍ଚା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନରେ ଟେନସନ୍ ବଢ଼ିପାରେ।

**ଧନୁ** – ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ପଡ଼ୋଶୀଙ୍କ ଶ୍ଳେଷାତ୍ମକ କଥାକୁ ଠିକ୍ ଭାବେ ବୁଝିବା କଷ୍ଟକର ହୋଇପାରେ। ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** – କୌଣସି ଜିନିଷ ପାଇବାକୁ କେନ୍ଦ୍ରକରି ସମସ୍ୟା ଭିତରକୁ ଟାଣିହୋଇ ପାରନ୍ତି। ପରିବାରର ପରିସ୍ଥିତିକୁ ଆଖି ଆଗରେ ରଖି ଧାର କରଜ କରି କାମ ତୁଲାଇବେ। ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ,ଏହି କାରଣରୁ ପାଖ ମାଡ଼ିବେ ନାହିଁ। ପରିହାସଯୁକ୍ତ କଥା କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିପାରେ।

**କୁମ୍ଭ** – ଆଜି ଆପଣ ଅର୍ଥ ପାଇବା ସାଙ୍ଗକୁ ଅଧାପନ୍ତରିଆ କାର୍ଯ୍ୟଟିକୁ ପୂର୍ଣ୍ଣାଙ୍ଗ କରିପାରିବେ। ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳିବ ଓ ପାଇବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରିବସିଲେ ଅଶାନ୍ତି କମିବା ବଦଳରେ ବଢ଼ିଯିବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନଚେତ୍ ହରାଇପାରନ୍ତି।

**ମୀନ** – କର୍ମକ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ିଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ ଯୋଜନା ପ୍ରସ୍ତୁତ କରି ପାରନ୍ତି। ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବନ୍ଧୁଙ୍କ ମଧ୍ୟରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବା ହେତୁ ବିବାଦୀୟ ସ୍ଥିତି ଦୂର ହେବ।

## ଓଡ଼ିଶା ହାଇକୋର୍ଟରେ ...

ଓଡ଼ିଶା ହାଇକୋର୍ଟର ନବନିଯୁକ୍ତ ବିଚାରପତି ହେଲେ ମୃଗାଙ୍କ ଶେଖର ସାହୁ, ରାଧାକ୍ରିଷ୍ଣ ପଟ୍ଟନାୟକ ଏବଂ ଶଶିକାନ୍ତ ମିଶ୍ର। ଜଷ୍ଟିସ୍ ମୃଗାଙ୍କ ଆଇନଜୀବୀରୁ ବିଚାରପତି ହୋଇଥିବାବେଳେ ଜଷ୍ଟିସ୍ ରାଧାକ୍ରିଷ୍ଣ ଏବଂ ଶଶିକାନ୍ତ ନ୍ୟାୟିକ ଅଧିକାରୀରୁ ହାଇକୋର୍ଟ ବିଚାରପତି ହୋଇଛନ୍ତି। ଗତ ସେପ୍ଟେମ୍ବର ୨୯ରେ ସୁପ୍ରିମକୋର୍ଟ କଲେଜିୟମ ବୈଠକରେ ସେମାନଙ୍କ ନାମ ସୁପାରିସ କରାଯାଇଥିଲା। ତେଲଙ୍ଗାନା ହାଇକୋର୍ଟରେ ୭ ଜଣ ଓ କେରଳ ହାଇକୋର୍ଟରେ ୪ ଜଣ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଛି।

## classifieds

**Everyday**
**0674-2580101, 2549302**



**SALE**

**Plot sale near AIIMS Hospital Bhubaneswar and Infocity-2. 9439206202.** D-71720

New construction duplex sale at Goharia Chhak, GITA College, NH-5, BBSR. Cost @ 70 lacs. Only buyer contact 9938867397. D-21968

**ଭୁବନେଶ୍ୱର-ପୁରୀ ମଙ୍ଗଳପୁର NH Side ଘରବାରି Boundary, Electricity, Park, Temple, Security 30ft. ରାସ୍ତାଥାଇ Sqft- 650/- Plot ମିଳୁଛି - 8117084862.** D-717 23

3240 sqft. stithiban gharabari corner plot at Panchasakha Nagar near ITER. Only genuine buyers call 9958003695. No brokers please. D-71426

ମାସିକ ମାତ୍ର **7431/-** ଟଙ୍କା କିସ୍ତି ପୈଠ କରି ଭୁବନେଶ୍ୱର ଉପକଣ୍ଠରେ ବାସୋପଯୋଗୀ ଜାଗାର ମାଲିକ ହୁଅନ୍ତୁ। 9040744989 D-71711

Residential plots at Rangabazar, Sarkana, Nakhara, DPS, Anantapur, Dadhichi, Gudiapokhari, Madanpur, (ready for construction). 9040011987. D-71718

**2/3 BHK flat 1k.m. AIIMS, Bhubaneswar and plots available. 7008492511.** D-21900

ଆପଣ ଭୁବନେଶ୍ୱରରେ ଘରକରିବା, ପ୍ଲଟ୍ କିଣିବାକୁ ଚାହୁଁଛନ୍ତି କି ? ସୁନ୍ଦରପଦାରେ sqft. 1500/-, 1000/-, 400/-, କାଟେଣୀରେ - 650/- ଦିଆଯାଉଛି। 9938016295. D-71724

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9556056607. D-21938

**Plot for sale at Tankapani road near Bhubaneswar Grand. Contact: +919437028781, +917008229012.** D-21933

**Developed plot ନଖରା ଛକରୁ 1K.M. ଦୂରତାରେ 30" ରାସ୍ତା ଥାଇ ଜାଗା ବିକ୍ରିହେବ ଏବଂ ବାଲିଅନ୍ତା ଭିଙ୍ଗାରପୁର ଛକରେ ଘରବାରି ଜାଗା ପାଚେରି ସହିତ 30" ରାସ୍ତା ଥାଇ ବିକ୍ରିହେବ। Contact: 9438315332, 7008371750.** D-21963

**Bhubaneswar infocity-2 200' road side near NH-5 gharabari plot sqft. 1450/- Bank finance ଥାଇ ମିଳୁଛି। 7978230118, 9237480561, 8260722312.** D-71717

**ଭୁବନେଶ୍ୱର, ଭରତପୁର ଆଦର୍ଶ ବିଦ୍ୟାଳୟକୁ ଲାଗି ବାସୋପଯୋଗୀ ପ୍ଲଟ୍ 14,40,000/-ରେ ମିଳୁଛି। 9437033320.** D-71705

**Gated community township planning gharabari plot sale in Gudiapokhari near KEC College with 30'road, Electricity, boundarywall. 8763887357, 9238902929.** D-71722



Ashirvaad Saloon and SPA get good massage for your health tha best therapy. 7077181074. D-70496

Refreshing your mind and body with the best therapy. 7873794731. D-71180

Newly open full body massage ladies and gents. 8327740003. D-70498

Refreshing your mind, your body with tha best therapy at Lotus SPA. 8018891951. D-70495

Newly Open Saikrupa Panchakarma Spa positively health benefits with Expert. 8984068077. D-21923

**LOST**

I have lost my sale deed No.1813 dated 19.04.1996 somewhere in Nageswar Tangi of Old Town area of Bhubaneswar under Old Town Police Station on 30.09.2021 vide GD No.6. Anybody who finds the document may please contact Shri T.K. Mahapatra at Mob No.7854922292. D-21964

**AFFIDAVIT**

By affidavit sworn before Notary Public, Puri, I Ainul Kadam, S/o Abdul Rahim, At/P.O.: Bhagabanpur, P.S.: Brahmagiri, Dist.: puri declare that in my passport my name is mentioned as Ailun Kadam. Hence I declare that Ainul Kadam and Ailun Kadam is one and same person for all purpose. D-21971

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କୌଣସି ଦାୟୀ ରହିବ ନାହିଁ।

Your classified advertisement published in Dharitri will be listed free in Dharitri online edition :
**www.dharitri.com**

ଅନନ୍ୟ ପରମ୍ପରା

# ୩୨୦ ବର୍ଷର ବଳି ଖେଳ

**ବା**ଲେଶ୍ୱର ଜିଲା ନୀଳଗିରି ରାଜବାଟୀରେ ରାଜପରିବାରଙ୍କ ଦ୍ୱାରା ପ୍ରତିଷ୍ଠିତ ମା' କନକଦୁର୍ଗା ମନ୍ଦିରରେ ଦୁର୍ଗାପୂଜା ଉପଲକ୍ଷେ ପ୍ରାୟ ୩୨୦ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି ବଳି ଖେଳ। ସମୟାନୁକ୍ରମେ ରାଜାମାନେ ଏହି ଖେଳକୁ ପରିଚାଳନା କରିଆସୁଛନ୍ତି। ମା'ଙ୍କ ନିର୍ଦ୍ଦେଶରେ ଜଣେ ବ୍ୟକ୍ତି ବେଲବରଣ ଦିନଠାରୁ ନିଜ ଘରଦ୍ୱାର ଛାଡ଼ି ମା'ଙ୍କ ନିକଟରେ ବ୍ରତୀ ରହି ୫ଦିନ ଧରି ଏହି ଖେଳ ପ୍ରଦର୍ଶନ କରିଥାନ୍ତି। 'ବଳି' ନାମଧାରୀ ବ୍ୟକ୍ତି ଜଣକ ହାତରେ ମା'ଙ୍କ ଖଡ୍‌ଗ ଓ ଟାଙ୍ଗି ଧରି ଏହି ଖେଳ ପ୍ରଦର୍ଶନ କରିଥାନ୍ତି। କେତେଜଣ ଯୁବକ ବି ଏହି ଖେଳରେ ସାମିଲ ହୁଅନ୍ତି। 'ବଳି' ଜଣକୁ ଛୁଇଁବା ପରେ ଖେଳ ବନ୍ଦ ହୋଇଥାଏ। ପୂର୍ବରୁ ଅଷ୍ଟମୀ ତିଥିରେ ପଣ୍ଡା ବଳି ଦିଆଯାଉଥିବା ବେଳେ ମଧ୍ୟବର୍ତ୍ତୀ ସମୟରେ ବୋଦା ବଳି ଦିଆଯାଉଥିଲା। ସରକାରଙ୍କ ଦ୍ୱାରା ପଶୁ ବଳି ପ୍ରଥା ନିଷେଧ ହେବା ପରେ ଏବେ ପାଣିକଖାରୁ ବଳି ଭାବେ ମା'ଙ୍କ ଠାରେ ଅର୍ପଣ କରି ବ୍ୟକ୍ତିବିଶେଷ କ୍ଷମାମାର୍ଜନା କରିଥାନ୍ତି। ଏହି ଖେଳକୁ ଦେଖିବା ପାଇଁ କେବଳ ନୀଳଗିରି ନୁହେଁ ବାଲେଶ୍ୱର ସହର, ମୟୂରଭଞ୍ଜ ଓ ଭଦ୍ରକ ଅଞ୍ଚଳରୁ ଲୋକେ ଆସିଥାନ୍ତି।

ଏ ସମ୍ପର୍କରେ ବର୍ତ୍ତମାନର ନୀଳଗିରି ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନ କୁହନ୍ତି, ୧୮୦୦ ମସିହା ପୂର୍ବରୁ ଗୋବିନ୍ଦ ଚନ୍ଦ୍ର ମର୍ଦ୍ଦରାଜ ରାଜା ଏବଂ ପ୍ରଜାଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ଏହି ବଳି ଖେଳ ଆରମ୍ଭ ହୋଇଥିଲା। ରାଜବଂଶର ଅଧିଷ୍ଠାତ୍ରୀ ଦେବୀ କନକଦୁର୍ଗାଙ୍କ ଆଦେଶ ଅନୁସାରେ ଜଣେ ଲୋକ ଏହି ଖେଳ ଖେଳିବା ପାଇଁ ସିଦ୍ଧାନ୍ତ କରାଯାଇଥାଏ। ଲୋକଙ୍କ ସହିତ ଖେଳିବା ପରେ ଯାହାକୁ ଛୁଇଁବ ପରମ୍ପରା ଅନୁସାରେ ଅଷ୍ଟମୀ ଦିନରେ ମା'ଙ୍କଠାରେ ନିର୍ଦ୍ଧାରିତ ବଳି ଦେଇ ନିଜକୁ ମୁକ୍ତି କରିଥାନ୍ତି। ଶୁଣା କଥା ଅନୁସାରେ ଏହି ପ୍ରଥା ମା'ଙ୍କ ଆଦେଶ ଅନୁସାରେ ରାଜା ନିର୍ଦ୍ଦେଶ ଦେଇଥାନ୍ତି। ପୂର୍ବରୁ ଯେଉଁ ଲୋକ ଏହି ନିୟମକୁ ବ୍ୟତିକ୍ରମ କରିଥାନ୍ତି ତାଙ୍କୁ ରାଜଦଣ୍ଡରେ ଦଣ୍ଡିତ କରାଯାଏ। କିନ୍ତୁ ଏବେ ଏହା ନାହିଁ। ପଶୁ ବଳି ପ୍ରଥା ନିଷେଧ କରାଯାଇଛି। ପାଣିକଖାରୁ ବଳି ଭାବେ ଗ୍ରହଣ କରାଯାଉଛି। 'ବଳି' ଶ୍ରୀଧର ମଲ୍ଲିକଙ୍କ କହିବା ଅନୁସାରେ, ସେ ୩୦ବର୍ଷ ଧରି ଏହି ଖେଳ ପ୍ରଦର୍ଶନ କରିଆସୁଛନ୍ତି। ରାଜା କିଶୋର ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ସମୟରୁ ଆମ ପୂର୍ବ ପୁରୁଷ ଏହି ଖେଳ ପାଇଁ ନିୟୋଜିତ ହୋଇଥିଲେ। ସେହିଦିନଠାରୁ ଜେଜେବାପା, ବାପାଙ୍କ ପରେ ମୁଁ ଖେଳି ଆସୁଛି। ମା'ଙ୍କ ଦୟାରୁ ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ଖେଳ ଭଲ ପ୍ରଦର୍ଶନ ହେଉଛି। ବେଲବରଣଦିନଠାରୁ ଘରୁ ବାହାରିଆସି ୫ଦିନ ଯାଏ ମନ୍ଦିରରେ ରହିଥାଏ। ନିରାମିଷ ଭୋଜନ ସହ ନିଷ୍ଠା ଭାବେ ଏହି କାର୍ଯ୍ୟ ସମ୍ପାଦନ କରିବାରେ ଅପାର ଶାନ୍ତି ମିଳିଥାଏ ବୋଲି ସେ କୁହନ୍ତି।

**–ମାନସ ବିଶ୍ୱାଳ,** ବାଲେଶ୍ୱର



ମା'ଙ୍କଠାରୁ ଆଦେଶ ନେଇ 'ବଳି' ବାହାରକୁ ଆସୁଛି।



କଟକ ଗଙ୍ଗା ମନ୍ଦିର ମଣ୍ଡପରେ ପୂଜା ପାଉଛନ୍ତି ମା'। ଫଟୋ: ରାଜକିଶୋର ମହାନ୍ତି

ଜୟପୁର ଦଶହରାର ଆକର୍ଷଣ

# ଲାଠିପୂଜା



**ସ**ମଗ୍ର ଦକ୍ଷିଣ ଭାରତରେ ମହୀଶୂର ପରେ କୋରାପୁଟ ଜିଲାର ଜୟପୁର ଦଶହରା ବିଶେଷ ଗୁରୁତ୍ୱ ବହନ କରିଥିଲା । ଏବେବି ଏଠାରେ ୧୬ ଦିନ ବ୍ୟାପୀ ଏହି ଉତ୍ସବ ପାଳନ କରାଯାଏ । କନକଦୁର୍ଗାଙ୍କ ମୂର୍ତ୍ତି ଚୋରି ହୋଇଯିବା ପରେ ଧୀରେ ଧୀରେ କେତେକ ପରମ୍ପରା ଲୋପ ପାଇଯାଇଛି । ତେବେ ରାଜରାଜୁଡା ଅମଳରୁ ଚାଲିଆସିଥିବା ଅଧିଷ୍ଠାତ୍ରୀ ମା' ଭଗବତୀ ଓ ଦକ୍ଷିଣ କାଳିକା ମନ୍ଦିରରେ ୧୬ ଦିନ ବ୍ୟାପୀ ଷୋଡ଼ଶ ପୂଜା କରାଯାଏ । ଦଶହରା ଦିନ ଦଶହରାପଡ଼ିଆରେ ଅପରାଜିତା ପୂଜା ପରେ ଦଶହରା ସମାପ୍ତ ହୁଏ ।

ସୂଚନାଯୋଗ୍ୟ ଏଠାକାର ପ୍ରସିଦ୍ଧ ଦଶହରାର ଅନ୍ୟତମ ଆକର୍ଷଣ ଲାଠିପୂଜା। କୋରାପୁଟ ଜିଲାରେ ବାସ କରୁଥିବା ଭୂମିଆ, ଗାଦବା, ପରଜା, ସଉରା, ଭତ୍ରା, ଦୁରୁଆ, କନ୍ଧ ଭଳି ସମ୍ପ୍ରଦାୟର ଲୋକେ ପୂଜା କରୁଥିବା ଗ୍ରାମଦେବୀଙ୍କ ପ୍ରତୀକ ସ୍ୱରୂପ ଲାଠିକୁ ଶୋଭାଯାତ୍ରାରେ ସ୍ଥାନୀୟ ଦଶହରା ପଡ଼ିଆକୁ ନେଇ ଆସନ୍ତି । ସେହି ସମୟରେ ସେମାନେ କାମଧନ୍ଦା ବନ୍ଦ କରନ୍ତି। ପାଦରେ ପାଦ ଲଗାଇ ନାଚ ଗୀତରେ ନିଜକୁ ହଜାଇ ଦିଅନ୍ତି । ବିଭିନ୍ନ ବାଦ୍ୟ ଓ ଆଦିବାସୀ ନୃତ୍ୟରେ ଦଶହରା ପଡ଼ିଆ ପ୍ରକମ୍ପିତ ହୋଇଉଠେ। ଜୟପୁର ଦୁର୍ଗାପୂଜାରେ ଏହି ନିଆରା ପରମ୍ପରା ରାଜରାଜୁଡା ଅମଳରୁ ପ୍ରଚଳିତ ହୋଇଆସୁଛି । ଆଦିବାସୀ ସମ୍ପ୍ରଦାୟର ଲୋକେ ଉମରକୋଟ, ଜାମୁଣ୍ଡ, ଲକ୍ଷ୍ମୀପୁର, ପୋଡାଗଡ଼ ଭଳି ୧୦୦ରୁ ଅଧିକ ଗ୍ରାମଦେବୀଙ୍କ ଲାଠିଧରି ଜୟପୁର ଦଶହରାରେ ସାମିଲ ହୁଅନ୍ତି । ସମସ୍ତ ଲାଠିଧାରୀ ଜୟପୁର ଆସି ଅଧିଷ୍ଠାତ୍ରୀ ମା' ଭଗବତୀଙ୍କ ମନ୍ଦିରରେ ଜମା ହୁଅନ୍ତି। ସେଠାରୁ ଏକ ବିରାଟ ପଟୁଆରରେ ଦଶହରା ପଡ଼ିଆକୁ ଯାଇ ଦଶହରା ପାଳନ କରନ୍ତି । ଏହି ଲାଠି ନିକଟରେ ମାନସିକଧାରୀମାନେ କୁକୁଡ଼ା, ଛେଳି ଆଦି ବଳି ପକାଇଥାନ୍ତି । ଆଦିବାସୀମାନେ ଜାମୁଣ୍ଡାରୁ ଭୈରବଙ୍କୁ ଜୟପୁର ଭଗବତୀ ମନ୍ଦିରକୁ ଆଣୁଥିଲେ। ସେମାନଙ୍କ ବିଶ୍ୱାସ ଥିଲା ଯେ ଭୈରବ ଓ ଭଗବତୀ ଉଭୟେ ସ୍ୱାମୀ ଓ ସ୍ତ୍ରୀ । ସେମାନେ ଦଶହରା ରାତିରେ ନିଶାର୍ଦ୍ଧରେ ଭେଟିଥାନ୍ତି । ତେବେ ଏବର୍ଷ କୋଭିଡ କଟକଣା ଯୋଗୁ ୬ଟି ଦେବୀପୀଠର ଲାଠିଧାରୀମାନେ ଆସିଛନ୍ତି।

**– ପବନ ପାଣିଗ୍ରାହୀ,** ଜୟପୁର

## ଏଥର ପୂଜାରେ...

### ଚଳିତ ବର୍ଷ ଦୁର୍ଗାପୂଜା ଲାଗି ନିଜ ଯୋଜନା ସମ୍ପର୍କରେ ଯାହା କୁହନ୍ତି ଏମାନେ ...

### ବୁଲିବାକୁ ଯିବୁ



"ଏଥର ଦଶହରା ପାଇଁ ସେପରି କିଛି ଖାସ୍ ନାହିଁ। ପୂଜାରେ ଗୋଟିଏ ଚଳଚ୍ଚିତ୍ର ରିଲିଜ୍ ପାଇଁ ପ୍ଲାନିଂ ଥିଲା। ମାତ୍ର ସରକାରଙ୍କ ନୂଆ ଗାଇଡ୍‌ଲାଇନ୍ ଏବଂ ବର୍ତ୍ତମାନର ସ୍ଥିତିକୁ ଦେଖି ଚଳଚ୍ଚିତ୍ର ରିଲିଜ୍ କରାଗଲା ନାହିଁ। ତେଣୁ ଏଥର ପୂଜାରେ ପୁରା ପରିବାର ସହିତ ସମୟ ବିତାଇବି। ବିଭିନ୍ନ ଜାଗା ବୁଲିବାକୁ ଯୋଜନା କରିଛୁ। ଖାଇ, ପିଇ, ବୁଲାବୁଲିରେ ଏଥର ପୂଜା କଟିବ।

-ସବ୍ୟସାଚୀ ମିଶ୍ର, ଅଭିନେତା

### ଚଣ୍ଡୀ ମନ୍ଦିରରେ ମା'ଙ୍କୁ ଦର୍ଶନ କରିବି



"ଏ ବର୍ଷ ଦଶହରାରେ ସେପରି କିଛି ଯୋଜନା ନାହିଁ। ପୂଜା ପାଇଁ ଗୀତ ରେକର୍ଡିଂ ଓ ଶୁଟିଂ ଚାଲିଛି। ସେଥିରେ ବ୍ୟସ୍ତ ରହିବି। କଟକଣା ପାଇଁ ସବୁକିଛି ବନ୍ଦ ଅଛି। ମଣ୍ଡପରେ ମା'ଙ୍କୁ ଦେଖି ହବନାହିଁ। ତେଣୁ ଦଶହରା ଦିନ ପରିବାର ସହ ଚଣ୍ଡୀ ମନ୍ଦିର ଯାଇ ମା'ଙ୍କୁ ଦର୍ଶନ କରିବାକୁ ଭାବିଛି। ତା'ଛଡା ଛୁଟିଦିନରେ ସାଙ୍ଗମାନଙ୍କ ସହ ମଜା ମସ୍ତି କରିବି।

-ଜାଗୃତି ମିଶ୍ର, କଣ୍ଠଶିଳ୍ପୀ

### ପରିବାର ସହ ଦଶହରା ପାଳିବି



"ଦଶହରା ସମୟରେ ଭାଇ ଜିଉଁନ୍ତିଆ ପୂଜା କରାଯାଏ। ତେଣୁ ପ୍ରତିବର୍ଷ ଦଶହରାରେ ମୋ ଘର ବୌଦ୍ଧକୁ ଯାଏ। ମା, ବାପା, ଭଉଣୀ, ଭଣଜା, ଭାଣିଜୀ ପୁରା ପରିବାର ସହିତ ସେଲିବ୍ରେଟ୍ କରେ। ଏବେ ମୁଁ ନିର୍ଦ୍ଦେଶକ ଭାବେ ଏକ ଚଳଚ୍ଚିତ୍ର ନିର୍ମାଣରେ ବ୍ୟସ୍ତ ରହିଛି। ତେଣୁ ପ୍ରାୟ ଘରକୁ ଯିବାର ପ୍ଲାନିଂ ନ ଥିଲା। ମାତ୍ର ଚଳଚ୍ଚିତ୍ରର ଶୁଟିଂ ବୌଦ୍ଧରେ ହେବାକୁ ଯୋଜନା କରିବାକୁ ନିଷ୍ପତ୍ତି ନିଆଗଲା। ଭଗବାନ ଚାହୁଁଥିଲେ କି ଏଥର ବି ଦଶହରା ଓ ଭାଇ ଜିଉନ୍ତିଆ ମୋ ପରିବାର ସହ ପାଳନ କରେ। ଚଳିତ ବର୍ଷ ମା'ଙ୍କ ଦର୍ଶନ ପାଇଁ ବାରଣ ରହିଛି। ତେଣୁ ପରିବାର ଓ ସାଙ୍ଗସାଥୀଙ୍କ ସହ ଦଶହରା ପାଳନ କରିବି।

-ଚିନ୍ମୟ ମିଶ୍ର, ଅଭିନେତା

### ସମସ୍ତଙ୍କ ପାଇଁ ପ୍ରାର୍ଥନା କରିବି



"ପାର୍ବଣର ସେ ମାହୋଲ୍ ତ ଆଉ ନାହିଁ। ପରିବାର ଆଉ କାମ ଭିତରେ ଏଥର ଦଶହରା କଟିବ। ଦର୍ଶନ ମିଳିପାରୁ ନାହିଁ, ତେଣୁ କଟକଣା ଭିତରେ କେବଳ ମା'ଙ୍କୁ ଡାକିବା କଥା। ପରିବାର, ଆତ୍ମୀୟ ସ୍ୱଜନଙ୍କ ସହ ସମସ୍ତଙ୍କ ପାଇଁ ଦେବୀଙ୍କ ପାଖରେ ପ୍ରାର୍ଥନା କରିବି। ଏ ଖରାପ ସମୟ ଚାଲିଯାଉ, ସମସ୍ତେ ସୁସ୍ଥ ଓ ସୁଖୀ ରୁହନ୍ତୁ। ଆଉ ମୋ ଉପରେ ଆଶୀର୍ବାଦ ରଖିଥାନ୍ତୁ ଯେପରି ମୁଁ ଶ୍ରୋତାଙ୍କ ହୃଦୟରେ ଏହିଭଳି ରହିଥିବି।

-ବିଷ୍ଣୁମୋହନ କବି, କଣ୍ଠଶିଳ୍ପୀ

ରିପୋର୍ଟ– ବନ୍ଦନା ସେଠୀ

ବ୍ରହ୍ମପୁରର ପ୍ରଥମ

# ୮୮ ବର୍ଷରେ ବଙ୍ଗାଳିବାଡ଼ି ଦୁର୍ଗାପୂଜା

**ବ୍ର**ହ୍ମପୁର ସହରରେ ସର୍ବପ୍ରଥମେ ୧୯୩୪ରେ ଦୁର୍ଗାପୂଜା ବଙ୍ଗାଳି ସମ୍ପ୍ରଦାୟ ଲୋକଙ୍କ ଦ୍ୱାରା ଷ୍ଟେଶନ ନିକଟରେ ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଏହି ପୂଜାକୁ ୮୮ ବର୍ଷ ହୋଇଛି। ସହରବାସୀଙ୍କ ନିକଟରେ ଏହା ବଙ୍ଗାଳିବାଡ଼ି ଦଶହରା ଭାବେ ପରିଚିତ। ଅନେକ କାରଣରୁ ଏହି ପୂଜା ମଣ୍ଡପ ସ୍ଥାନାନ୍ତର ହୋଇଥିଲା। ଷ୍ଟେଶନରୁ ଖଲ୍ଲିକୋଟ କଲେଜ ପଡ଼ିଆ ଏବଂ ପରେ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ଚାଟାର୍ଜୀ କଲୋନୀକୁ ଯାଇଥିଲା। ୧୯୫୩ଠାରୁ ବର୍ତ୍ତମାନ ଯାଏ ସହରର ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ବଙ୍ଗାଳି ପରିବାର ଚାଟାର୍ଜୀ କଲୋନୀସ୍ଥିତ ସଭାଗୃହରେ ପ୍ରତିବର୍ଷ ଦଶହରା ଉତ୍ସାହର ସହ ପାଳନ କରିଆସୁଛନ୍ତି। କିନ୍ତୁ ଚଳିତ ବର୍ଷ ପାର୍ବଣ ଗାଇଡ୍ ଲାଇନ୍ ଓ କଟକଣା ଯୋଗୁ ବଙ୍ଗାଳିବାଡ଼ି ଦୁର୍ଗା ପୂଜାର ବହୁ ପୁରାତନ ପରମ୍ପରା ଓ ସଂସ୍କୃତି ପ୍ରଭାବିତ ହୋଇଛି।

ପ୍ରତିବର୍ଷ ପୂଜା ନିମନ୍ତେ ପ୍ରାୟ ସାଢ଼େ ୩ଲକ୍ଷର ବଜେଟ ହୋଇଥାଏ। ସବୁବର୍ଷ ପୂଜା ୧୫ ଦିନ ପୂର୍ବରୁ କୋଲକାତାରୁ କାରିଗର ଆସି ମୂର୍ତ୍ତି ପ୍ରସ୍ତୁତ କରୁଥିଲେ। ଆରମ୍ଭରୁ ୯ ଦିନ ଯାଏ ନିୟମିତ ପ୍ରସାଦ ସେବନ, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା। କିନ୍ତୁ ଏବର୍ଷ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବ୍ରହ୍ମପୁର ଗେଟ୍ ବଜାରରୁ କିଣାଯାଇଛି। ପୂଜା ନିମନ୍ତେ ମାତ୍ର ୭୦ ହଜାର ଟଙ୍କା ବଜେଟ ଧାର୍ଯ୍ୟ ହୋଇଛି। ସଭାଗୃହ ମଣ୍ଡପରେ ମା'ଙ୍କୁ ସ୍ଥାପନ କରାଯାଇଛି। କିନ୍ତୁ ସାଜସଜ୍ଜା କରାଯାଇନି। ଶ୍ରଦ୍ଧାଳୁଙ୍କ ପ୍ରବେଶକୁ ବାରଣ କରାଯାଇଛି। କଟକଣା ଯୋଗୁ ଦଶମୀ ଦିନ ହେଉଥିବା ସିନ୍ଦୂର ଖେଳ ଫିକା ପଡ଼ିବ। ମାତ୍ର ୪ ରୁ ୫ ଜଣ ସଦସ୍ୟଙ୍କ ମଧ୍ୟରେ ଏହି ଖେଳ ଅନୁଷ୍ଠିତ ବୋଲି ପୂଜା କମିଟି ସମ୍ପାଦକ ସରୋଜିତ ସରକାର କହିଛନ୍ତି।

**– ତନୁଶ୍ରୀ ନାହାକ,** ଫଟୋ–**ସମୀର ରଥ,** ବ୍ରହ୍ମପୁର



ବଙ୍ଗାଳିବାଡ଼ି ମା' ଦୁର୍ଗା

# କାଳିବାଡ଼ିର ଆକର୍ଷଣ 'ସିନ୍ଦୂରଖେଳା'



**ସ**ମ୍ବଲପୁର କାଳିବାଡ଼ିରେ ବଙ୍ଗୀୟ ପରମ୍ପରା ଅନୁସାରେ ପାଳିତ ଦୁର୍ଗାପୂଜା ୧୦୩ ବର୍ଷରେ ପଦାର୍ପଣ କରିଛି। ସହରରେ ଏହା ସର୍ବପୁରାତନ। ତେବେ ଏଠାକାର ପୂଜାରେ ଦଶମୀ ଦିନରେ 'ସିନ୍ଦୂରଖେଳା' (ସିନ୍ଦୂରଖେଳା)ର ବିଶେଷତ୍ୱ ରହିଛି। ସୂଚନା ଅନୁସାରେ ଷଷ୍ଠୀରେ ପୁଅଙ୍କ ମଙ୍ଗଳ ମନାସୀ ମା'ମାନେ ସ୍ୱତନ୍ତ୍ର ପୂଜା କରିଥାନ୍ତି। ସପ୍ତମୀ ତିଥିରେ ମହାନଦୀରୁ ପୂର୍ଣ୍ଣକଳସ ଶୋଭାଯାତ୍ରାରେ ଆସିଥାଏ। ପରେ କଳଦୀ ଗଛକୁ କଳାବୋହୂ ଭାବେ ସ୍ଥାପନ କରାଯାଏ। ମହାଷ୍ଟମୀରେ ମହିଳା ଓ ପୁରୁଷ ଉପବାସ ରହି ଦେବୀଙ୍କଠାରେ କଖାରୁ, କଞ୍ଚା କଦଳୀକୁ ବଳି ଦେଇଥାନ୍ତି। ନବମୀରେ ହୋମ ଯଜ୍ଞ ଓ ଦଶମୀରେ ଦେବୀଙ୍କ ଅପରାଜିତା ପୂଜା ହୁଏ। ଏଥିରେ ଅପରାଜିତା ଗଛ ଡାଳକୁ ପୂଜା କରାଯାଇ ଦେବୀଙ୍କୁ ଅର୍ପଣ କରାଯାଏ। ସଧବା ସ୍ତ୍ରୀମାନେ ଦୁର୍ଗାଙ୍କୁ ସିନ୍ଦୂର ଓ ମିଷ୍ଟାନ୍ନ ଅର୍ପଣ କରିଥାନ୍ତି। ସେହି ସିନ୍ଦୂରକୁ ସେମାନେ ପରସ୍ପର ମଧ୍ୟରେ ଲଗାଇଥାନ୍ତି। ଏହାକୁ ସିନ୍ଦୂରଖେଳା ବୋଲି କୁହାଯାଏ। ସେହିଦିନ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ମା'ଙ୍କୁ ବିସର୍ଜନ ଦେଇଥାନ୍ତି।

**– ଶୁଭାଶିଷ ପାଢ଼ୀ,** ଫଟୋ–**ଶଙ୍କର ବେହେରା,** ସମ୍ବଲପୁର

# ଦଶହରାରେ ବଳଦଯାତ୍ରା

**ଏ**ସିଆ ମହାଦେଶର ସର୍ବବୃହତ ଗ୍ରାମ ଭାବେ ପରିଚିତ ଢେଙ୍କାନାଳ ଜିଲାର ଭୁବନ। ଦଶହରାରେ ବଳଦ ଯାତ୍ରା ଏହି ଗ୍ରାମର ଅନନ୍ୟ ପରମ୍ପରା । ପୁଣି କୁହାଯାଏ ଏହା ମନୁଷ୍ୟ ଏବଂ ପ୍ରାଣୀଙ୍କ ସମ୍ପର୍କର ଯାତ୍ରା। ନିର୍ଦ୍ଦିଷ୍ଟ ଭାବେ ଜଣା ନଥିଲେ ବି ଏଠାକାର ଏହି ପରମ୍ପରା ବହୁ ପ୍ରାଚୀନ ଏବଂ ଏହା ବ୍ୟବସାୟର ପ୍ରତୀକ ବୋଲି ସ୍ଥାନୀୟ ବୟସ୍କ ଲୋକେ ମତ ଦିଅନ୍ତି । ଥୋରିଆ, ବଣିଆ ଭଳି ବ୍ୟବସାୟୀକ ଗୋଷ୍ଠୀ ପାଇଁ ଏ ଅଞ୍ଚଳର ରହିଛି ବିଶେଷ ପରିଚୟ। ପୂର୍ବରୁ ସମ୍ପୃକ୍ତ ସମ୍ପ୍ରଦାୟର ଲୋକେ ବଣିଜ କରିବାକୁ ବିଦେଶ ଯାତ୍ରା କରୁଥିଲେ। ଯାନବାହନର ସୁବିଧା ନ ଥିବାରୁ ବ୍ୟବସାୟୀକ ସାମଗ୍ରୀ ବଳଦ ପିଠିରେ ବୋଝେଇ କରି ନିଆଯାଉଥିଲା। ପରବର୍ତ୍ତୀ ସମୟରେ ବଳଦ ସହିତ ବାଣିଜ୍ୟିକ ସମ୍ପର୍କ ଏଠାରେ ସାର୍ବଜନୀନ ପରମ୍ପରାରେ ରୂପାନ୍ତରିତ ହୋଇଛି । ଏଥିରେ ବଳଦଙ୍କୁ ସୁସଜ୍ଜିତ କରି ନଗର ପରିକ୍ରମା କରାଯାଏ। ଏହି ଯାତ୍ରା ମହାଳୟାଠାରୁ ଆରମ୍ଭ ହୋଇ ଆଶ୍ୱିନ ଏକାଦଶୀରେ ଶେଷ ହୋଇଥାଏ। ତେବେ ଦଶମୀ (ଦଶହରା) ଏବଂ ଏକାଦଶୀ ଏହି ଯାତ୍ରାର ପ୍ରମୁଖ ପର୍ବ। ଅବଶ୍ୟ ଏହା ପୂର୍ବରୁ ପାଖାପାଖି ଏକ ମାସ ଅଭ୍ୟାସ କରାଯାଇଥାଏ । ଏଥିରେ ଭାଗନେଇଥିବା ବଳଦ ଏବଂ ବଳଦିଆ ଦଶହରା ଓ ଏକାଦଶୀତିଥିରେ ଅନୁଷ୍ଠିତ ମୁଖ୍ୟ ଯାତ୍ରାରେ ସାମିଲ ହୋଇଥାନ୍ତି । ବିଜୟା ଦଶମୀରେ ଅନୁକୂଳ ଏବଂ ପରଦିନ ଏକାଦଶୀ ତିଥିରେ ଭସାଣୀ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଯାତ୍ରା ପାଇଁ ପିଠାପଣା ହୁଏ। ଗ୍ରାମର ଆରାଧ୍ୟ ଦେବୀ ମା' ବଣିଜାରୀ, ମା ଦୁର୍ଗାଙ୍କୁ ଆବାହନ କରାଯାଇଥାଏ। ଅଞ୍ଚଳର ବିଭିନ୍ନ ପୂଜା ଅନୁଷ୍ଠାନ ଏଥିରେ ସାମିଲ ହୋଇଥାନ୍ତି। ଭସାଣୀ ପରେ ଯାତ୍ରା ଶେଷ ହୋଇଥାଏ। ତେବେ ଦୁଇ ବର୍ଷ ହେବ କରୋନା ମହାମାରୀ କାରଣରୁ ଏହି ପରମ୍ପରା ଫିକା ପଡ଼ିଯାଇଛି ।

**–ବିପିନ ବିହାରୀ ସେଠୀ, ଭୁବନ**



ଅମରତ୍ୱ ପ୍ରମାଣିତ କରୁଛି ଆପଣାକୁ ମୃତ୍ୟୁର ସହାୟତାରେ। କାଳର ପ୍ରବାହ ଭିତରେ ଦେଖାଯାଏ ଶାଶ୍ୱତର ମୁଖମଣ୍ଡଳ। ଜ୍ଞାନକୁ ପିନ୍ଧାଇଛନ୍ତି ସେ ଅଜ୍ଞାନର ଛଦ୍ମବେଶ। ଅସତ୍‌ର ବିକୃତ କ୍ଳେଦ ଭିତରେ ବପନ କରିଛନ୍ତି ସେ ସତ୍‌କୁ। ଭ୍ରାନ୍ତିକୁ କରିଛନ୍ତି ସେ ସତ୍ୟର ପ୍ରବେଶଦ୍ୱାର। – ଶ୍ରୀଅରବିନ୍ଦ



# କେମିତି ଚାଲିଛି ଆଇଏମ୍‌ଏଫ୍‌



ଜୟତି ଘୋଷ

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍‌) ଏବଂ ବିଶ୍ୱ ବ୍ୟାଙ୍କ୍ ବିରୋଧରେ ଆଲୋଚନା କରିବାର ଅନେକ କାରଣ ରହିଛି। କିନ୍ତୁ ଏବେ ଏହି ଦୁଇଟି ସଂସ୍ଥା ସାମ୍ନା କରୁଥିବା ବୈଧାନିକ ସଙ୍କଟ ଏହି ସବୁ ଆଲୋଚ୍ୟ ବିଷୟ ପରିସରଭୁକ୍ତ ନୁହେଁ। ଏହା କିଛି ଭିନ୍ନ ସମସ୍ୟା। ଏହା ଭୁଲ୍ ପଦକ୍ଷେପ ଯୋଗୁ ସୃଷ୍ଟି ହୋଇଛି ଏବଂ ବାସ୍ତବ ସମସ୍ୟାଗୁଡ଼ିକୁ ବଢ଼େଇଦେଇଛି। ଉକ୍ତ ସମସ୍ୟାଗୁଡ଼ିକ ଆଇଏମ୍‌ଏଫ୍ ଏବଂ ବିଶ୍ୱ ବ୍ୟାଙ୍କ୍ କାର୍ଯ୍ୟଧାରାରେ ଲଗାତର ଚିନ୍ତାର କାରଣ ହୋଇ ରହିଛି। ଚାଇନା ଓ ସାଉଦି ଆରବ ର୍‍ୟାଙ୍କିଂରେ ଉନ୍ନତି ଆଣିବା ଲାଗି ବିଶ୍ୱ ବ୍ୟାଙ୍କ୍‌ର ବାର୍ଷିକ ଡୁଇଂ ବିଜନେସ୍ ଇଣ୍ଡେକ୍ସରେ ହୋଇଥିବା ହେର୍‌ଫେର ଅଭିଯୋଗକୁ କେନ୍ଦ୍ର କରି ଏବେ ବିବାଦ ସୃଷ୍ଟି ହୋଇଛି। ଏହି ସମସ୍ୟା ଲାଗି ଆଇଏମ୍‌ଏଫ୍ ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜୋର୍ଜିଭା ବିପଦରେ ପଡ଼ିବେ ବୋଲି କୁହାଯାଉଛି। କାରଣ ଏଭଳି ଅନିୟମିତତା ଅଭିଯୋଗ ଆସିବା ବେଳେ ଜୋର୍ଜିଭା ବିଶ୍ୱ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଥିଲେ। ଉକ୍ତ ଘଟଣାର ତଦନ୍ତ ପାଇଁ ବିଶ୍ୱ ବ୍ୟାଙ୍କ୍ ୱିଲ୍‌ମର ହାଲେ ନାମକ ଏକ ଫାର୍ମକୁ ଦାୟିତ୍ୱ ଦେଇଥିଲା। କିନ୍ତୁ ପ୍ରମାଣ ଯୋଗାଡ଼ କରିବା ବଦଳରେ ଏହାର ରିପୋର୍ଟ ବାସ୍ତବ ତଥ୍ୟକୁ ଉପେକ୍ଷା କରି ପରୋକ୍ଷ ସୂଚନା ଦେଇଛି। ଫଳରେ ଏହି ତଦନ୍ତର କାର୍ଯ୍ୟଧାରା ଉପରେ ନୋବେଲ ବିଜେତା ତଥା ବିଶ୍ୱବ୍ୟାଙ୍କର ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ ଜୋଶେଫ୍ ଇ. ଷ୍ଟିଗ୍‌ଲାଇଜ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ ମଧ୍ୟ କହିଛନ୍ତି ଯେ, ଜୋର୍ଜିଭାଙ୍କ ବିରୋଧୀ ସ୍ୱରକୁ ଦବାଇଦେବାକୁ ଏହା ବାଟ ଖୋଲିଦେଲା। ଏହି ତଦନ୍ତ ମୁଖ୍ୟତଃ ଚାଇନା ଉପରେ ପ୍ରାଧାନ୍ୟ ଦେଇଥିବାରୁ ସାଉଦି ଆରବ ର୍‍ୟାଙ୍କିଂ ପାଇଁ ପ୍ରଭାବ ପକାଇଥିବା ବିଶ୍ୱ ବ୍ୟାଙ୍କ୍ ଅଧ୍ୟକ୍ଷ ଡାଭିଡ ମାଲପାସ୍‌ଙ୍କ ସମ୍ଭାବ୍ୟ ଭୂମିକାକୁ ଗୁରୁତ୍ୱ ଦେଇ ନ ଥିଲା। ସାଉଦି ଆରବକୁ ୨୦୨୦ ଡୁଇଂ ବିଜ୍‌ନେସ ରିପୋର୍ଟରେ ଶୀର୍ଷ ରିଫର୍ମର ଭାବେ ଘୋଷଣା କରାଯିବା ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟଜନକ ଥିଲା।

ୱିଲ୍‌ମର ହାଲେ ରିପୋର୍ଟ ଆମେରିକା କଂଗ୍ରେସରେ ରିପବ୍ଲିକାନଙ୍କ ପାଇଁ ସ୍ୱର୍ଗରୁ ପ୍ରାପ୍ତି ଏକ ଅଲୌକିକ ଖାଦ୍ୟ ଭଳି କାମ କରିଛି। ସେମାନେ ଏବେ ଜୋର୍ଜିଭାଙ୍କ ଇସ୍ତଫା ଦାବି କରୁଛନ୍ତି। ହେଲେ ଆରମ୍ଭରୁ ତ୍ରୁଟିପୂର୍ଣ୍ଣ ଏବଂ ରାଜନୈତିକ ପ୍ରଭାବରେ ରହିଥିବା ଡୁଇଂ ବିଜ୍‌ନେସ ଇଣ୍ଡେକ୍ସ ବିଷୟକୁ ଅଣଦେଖା କରାଯିବା ଲକ୍ଷ୍ୟ କରାଯାଉଛି। ଏବେ ଏହାକୁ ବନ୍ଦ କରିଦିଆଯାଇଛି। ୱାଶିଂଟନ ଡିସି ସ୍ଥିତ ଆଇଏମ୍‌ଏଫ୍, ବିଶ୍ୱ ବ୍ୟାଙ୍କ୍ ଏବଂ ୟୁନାଇଟେଡ ଷ୍ଟେଟ୍‌ସ ଡିପାର୍ଟମେଣ୍ଟ ଅଫ୍ ଟ୍ରେଜେରିରୁ ସିଧାସଳଖ ସୃଷ୍ଟ ଆର୍ଥିକ ନୀତିର ମାନକକୁ ଷ୍ଟାର୍ଟରମାନଙ୍କ ପାଇଁ ଏହା ବ୍ୟବହାର କଲା। ଏପରିକି ବିଭିନ୍ନ କ୍ଷେତ୍ରରେ ଉପଯୋଗିତା ଏବଂ ମୂଲ୍ୟବୋଧତାକୁ ବିଚାରକୁ ନ ନେଇ ଏହା କରାଗଲା। କଲମ୍ବିଆ ୟୁନିଭର୍ସିଟିର ଐତିହାସିକ ଆଦାମ ଟୋଜେ ମନ୍ତବ୍ୟ ଦେଇଛନ୍ତି, ବିକଳ୍ପ ଓ ଜଟିଳ ନିର୍ଣ୍ଣୟର ଧାରା ମଧ୍ୟରେ ଡୁଇଂ ବିଜ୍‌ନେସ ସବୁବେଳେ ଏକ ଅସ୍ଥିର ବା ଅସୁରକ୍ଷିତ ଏବଂ ଅପ୍ରତ୍ୟାଶିତ ଅର୍ଥକୁ ସୂଚିତ କରୁଥିଲା। ୨୦୧୮ରେ ବିଶ୍ୱ ବ୍ୟାଙ୍କ୍‌ର ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ ପଲ୍ ରୋମର୍ କହିଥିଲେ, ଦକ୍ଷିଣପନ୍ଥୀ ବିଚାରଧାରା ବ୍ୟାଙ୍କ୍‌ର ପଦ୍ଧତିଗତ ପରିବର୍ତ୍ତନଗୁଡ଼ିକରେ ଏକ ପ୍ରମୁଖ ଭୂମିକା ନେଲା ଯେଉଁଥିପାଇଁ ଦେଶଗୁଡ଼ିକର ର୍‍ୟାଙ୍କିଂ ବଦଳିଗଲା। ଏପରି କି ଚିଲିର ର୍‍ୟାଙ୍କିଂ କମାଇବା ଯୋଗୁ ସେଠାକାର ବାମପନ୍ଥୀ ସରକାରଙ୍କୁ କ୍ଷମା ମାଗିବାକୁ ପଡ଼ିଲା। ନିକଟରେ ବିଶେଷଜ୍ଞଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ କରାଯାଇଥିବା ଏକ ଅନୁଧ୍ୟାନ ଦର୍ଶାଇଛି ଯେ, ଇଣ୍ଡେକ୍ସ ଏବକାର ବାସ୍ତବ ସ୍ଥିତିକୁ ବିଚାରକୁ ନ ନେଇ ବ୍ୟାପକ ସାମାଜିକ ଲକ୍ଷ୍ୟକୁ ଅଣଦେଖା କରି ବ୍ୟବସାୟ ଲାଭ ଲାଗି ନୀତିଗୁଡ଼ିକୁ ଅଗ୍ରାଧିକାର ଦେଇଛି।

ଚଳିତ ମାସରେ ଅନୁଷ୍ଠିତ ହେବାକୁ ଥିବା ଆଇଏମ୍‌ଏଫ୍‌ର ବାର୍ଷିକ ବୈଠକରେ ଜୋର୍ଜିଆଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେରିକାର ଅତ୍ୟଧିକ କ୍ଷମତା ଥିବା ଆଇଏମ୍‌ଏଫ୍ ଓ ବିଶ୍ୱ ବ୍ୟାଙ୍କ ଭଳି ସଂସ୍ଥାର କାର୍ଯ୍ୟ ଧାରାରେ ଥିବା ବାସ୍ତବ ସମସ୍ୟାଗୁଡ଼ିକ ଯେମିତି ଏହି ଅଧ୍ୟାୟର ଅନ୍ଧାରରେ ହଜି ନ ଯାଆନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ହେବ। ଆଇଏମ୍‌ଏଫ୍ ବିଜ୍‌ନେସ ପ୍ରକ୍ରିୟାରେ ସବୁବେଳେ ଆମେରିକାର ସହଯୋଗ ଚାହୁଁଛି। ଏହା ସଂସ୍ଥାର ମୂଳ ଅଧିକାର ବିରୋଧୀ ନୀତି। ଏହି କାରଣରୁ ଜି୭ ଭଳି ବିକଶିତ ଅର୍ଥ ବ୍ୟବସ୍ଥାଗୁଡ଼ିକ ବୈଶ୍ୱିକ ସମସ୍ୟାଗୁଡ଼ିକର ସମାଧାନ କରିବା ଲାଗି ଆଇଏମ୍‌ଏଫ୍‌କୁ ଏକ ବହୁପକ୍ଷୀୟ ସଂସ୍ଥା ଭାବେ ଗଢି ତୋଳିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି।

୧୯୪୪ରେ ଆଇଏମ୍‌ଏଫ୍ ଗଠନ କରାଯାଇଥିଲା। ଏହି ସମୟରେ ଏହା ବିଶିଷ୍ଟ ଅର୍ଥନୀତିଜ୍ଞ ମେନାର୍ଡ କିନେସଙ୍କ ଦର୍ଶନ (ଯାହା ଏକ ଅନ୍ତର୍ରାଷ୍ଟ୍ରୀୟ ସଂଗଠନ ଭାବେ ସବୁ ଦେଶକୁ ସମାନ ଭାବେ ଦେଖିବା ବିଚାର)ରୁ ଏହା ଦୂରେଇ ଗଲା। ଏହାବଦଳରେ, ଆଶ୍ଚର୍ଯ୍ୟଜନକ ଭାବେ ଉକ୍ତ ସଂସ୍ଥା କେତେକ ଦେଶର କ୍ଷମତାକୁ ପ୍ରକଟ କଲା। ଆମେରିକା ଓ ପଶ୍ଚିମ ୟୁରୋପୀୟ ଦେଶଗୁଡ଼ିକ ଭୋଟିଂ ଅଧିକାର ଏବଂ କୋଟାର ନିର୍ଣ୍ଣାୟକ ଅଂଶ ହାସଲ କଲେ। ଏମାନେ ଆଇଏମ୍‌ଏଫ୍‌ର ନୀତି ନିର୍ଦ୍ଧାରଣ. କାର୍ଯ୍ୟକ୍ରମ ଏବଂ ପାଣ୍ଠି ଆବଣ୍ଟନ ସମ୍ପର୍କରେ ନିଷ୍ପତ୍ତି ନେବାକୁ ସକ୍ଷମ ହେଲେ। ସେବେଠାରୁ ବିଶ୍ୱ ଅର୍ଥନୀତିରେ ଆଖିଦୃଶିଆ ପରିବର୍ତ୍ତନ ଆସିଥିବା ସତ୍ତ୍ୱେ ଏହାର ଆଭ୍ୟନ୍ତରୀଣ କ୍ଷମତାର ଢାଞ୍ଚାରେ ଆବଶ୍ୟକ ପରିବର୍ତ୍ତନ ହୋଇପାରି ନାହିଁ। ଏପରି କି ନିକଟରେ ୨୦୧୬ରେ ପୁନଃ ଆବଣ୍ଟନ ପରେ ଆମେରିକା ୧୬.୭୩% ଭୋଟିଂ ଶେୟାର ପାଇଥିବାବେଳେ ଓଇସିଡି ଦେଶଗୁଡ଼ିକ ମିଳିତ ଭାବେ ୬୦%ରୁ ଅଧିକ ଶେୟାର ପାଇଛନ୍ତି। ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଥିବାବେଳେ ଆମେରିକା ଏକ ନୂଆ କୋଟା ଆବଣ୍ଟନକୁ ବନ୍ଦ କରିଦେଲା। ଆମେରିକା ଏବଂ ୟୁରୋପୀୟ ସଂଘ ଆଇଏମ୍‌ଏଫ୍‌ର ନିଷ୍ପତ୍ତି ଉପରେ ଭିଟୋ ପାୱାର ଲଗାଇବାର କ୍ଷମତା ଅଛି। ପୁରୁଣା 'ଜେଣ୍ଟିଲ୍‌ମ୍ୟାନ୍‌ସ ଏଗ୍ରିମେଣ୍ଟ' ଅନୁଯାୟୀ ବିଶ୍ୱବ୍ୟାଙ୍କ୍‌ର ମୁଖ୍ୟ ଆମେରିକା ଦ୍ୱାରା ଓ ଆଇଏମ୍‌ଏଫ୍‌ର ମୁଖ୍ୟ ୟୁରୋପିଆନ ଦେଶ ଦ୍ୱାରା ନିଯୁକ୍ତ ହୋଇଥାଆନ୍ତି। ଆଇଏମ୍‌ଏଫ୍‌ର କାର୍ଯ୍ୟକ୍ରମଗୁଡ଼ିକ କିପରି ଚାଲୁଛି ତାହା ମଧ୍ୟ ସମାଲୋଚନାର ବିଷୟ। ବାଲାନ୍ସ ଅଫ୍ ପେମେଣ୍ଟ ସମସ୍ୟାକୁ ସାମ୍ନା କରୁଥିବା ଦେଶଗୁଡ଼ିକ ପାଇଁ ପାଣ୍ଠିରୁ ଉପଲବ୍ଧ ଋଣଗୁଡ଼ିକ ପର୍ଯ୍ୟାପ୍ତ ନୁହେଁ ଓ ଏହା ପାଇଁ ଅନେକ ପ୍ରତିକୂଳ ସ୍ଥିତି ମଧ୍ୟ ଉପୁଜିଛି। ବଜେଟକୁ ଅତ୍ୟଧିକ ହ୍ରାସ କରାଯାଉଛି। ଏହାବ୍ୟତୀତ ପାଣ୍ଠିରୁ ଦୀର୍ଘସମୟ ଧରି ଅଧିକ ଋଣ ନେବାକୁ ବାଧ୍ୟ ହେଉଥିବା ଦେଶଗୁଡ଼ିକ ଉପରେ ଆଇଏମ୍‌ଏଫ୍ ଅତିରିକ୍ତ ସୁଧ ଲଗାଉଛି। ଏଥିପାଇଁ ଆର୍ଥିକ ପରିଣାମ ଆହୁରି ଖରାପ ହେବାରେ ଲାଗିଛି।

ଆଇଏମ୍‌ଏଫ୍ ମଧ୍ୟ କଠୋର ବିତ୍ତୀୟ ନିୟମାବଳୀ ପାଇଁ ନିଜ ଅର୍ଥନୀତିଜ୍ଞଙ୍କ ଦ୍ୱାରା ସମାଲୋଚିତ ହେଉଛି। କୋଭିଡ୍–୧୯ ସଙ୍କଟରେ ବି ତାହାକୁ ଦୃଢଭାବେ ଧରି ରଖିଛି। ଏହି ସଙ୍କଟରେ ଅର୍ଥବ୍ୟବସ୍ଥା ସମ୍ପୂର୍ଣ୍ଣ ଦୁର୍ବଳ ଥିବା ସମୟରେ ଅର୍ଥ ଯୋଗାଇ ଦେଇ ଆର୍ଥିକ ଅବସ୍ଥାରେ ସୁଧାର ଆଣିବାରେ ବିଫଳ ହୋଇଛି। ତେବେ ଶ୍ରେୟ ନେବାକୁ ଜୋର୍ଜିଭା ନୂତନ ଭାବେ ୬୫୦ ବିଲିୟନ ଡଲାର ଆବଣ୍ଟନ ମାଧ୍ୟମରେ ବିନା ଚୁକ୍ତିରେ ଆଇଏମ୍‌ଏଫ୍‌ର ଅର୍ଥ ଯୋଗାଣ ବଢ଼ାଇବାକୁ ଚାହିଁଛନ୍ତି। ଏଣୁ ସେ ରିକଭରି ପ୍ୟାକେଜରେ ନିୟମ କୋହଳ କରିବାକୁ ଏବଂ ଅନ୍ତର୍ରାଷ୍ଟ୍ରୀୟ ଋଣପ୍ରଦାନ ନୀତିରେ ସୁଧାର ଆଣିବା ଲାଗି ବୈଠକ ଡାକିଛନ୍ତି। ସମ୍ଭବତଃ ଏଥିପାଇଁ ଯେଉଁମାନେ ତାଙ୍କୁ ହଟାଇବାକୁ ଚାହୁଁଛନ୍ତି ସେମାନେ କୌଣସି ପ୍ରଗତିଶୀଳ ପରିବର୍ତ୍ତନକୁ ଆଇଏମ୍‌ଏଫ୍ ଓ ବିଶ୍ୱବ୍ୟାଙ୍କରେ ବିରୋଧ କରିଛନ୍ତି। ଏଭଳି ଉଦ୍ୟମ କେବଳ ଅନ୍ୟାୟ ନୁହେଁ, ବରଂ ଦୂରଦୃଷ୍ଟିହୀନତାକୁ ପ୍ରତିପାଦିତ କରୁଛି। ଯଦି ଆଇଏମ୍‌ଏଫ୍ ଭଳି ଏକ ଅନ୍ତର୍ଜାତୀୟ ସଂସ୍ଥା ବିଶ୍ୱ ସ୍ତରରେ ଲୋକଙ୍କ ଆବଶ୍ୟକତା ପୂରଣ କରି ପରିବ ନାହିଁ କିମ୍ବା ମହାମାରୀ ଏବଂ ଜଳବାୟୁ ସଙ୍କଟ ସମାଧାନ କରିବାରେ ଅଣ୍ଟା ଭିଡ଼ିବ ନାହିଁ, ତେବେ ଏହା ଯେଉଁ ଉଦ୍ଦେଶ୍ୟରେ ଗଠନ କରାଯାଇଥିଲା ତାହାର ମୂଲ୍ୟ କିଛି ରହିବ ନାହିଁ। ଜି୭ ନେତୃବର୍ଗ ଆମେ ସମ୍ମୁଖୀନ ହେଉଥିବା ଅନ୍ତର୍ରାଷ୍ଟ୍ରୀୟ ଆହ୍ୱାନଗୁଡ଼ିକର ସମାଧାନ କରିବା ଲାଗି ଉଦ୍ଦିଷ୍ଟ ବହୁପକ୍ଷୀୟ ସଂସ୍ଥାଗୁଡ଼ିକୁ ନଷ୍ଟ କରିଦେବାକୁ ଚେଷ୍ଟା କରୁଛନ୍ତି। କାହିଁକି ଧନୀ ରାଷ୍ଟ୍ରଗୁଡ଼ିକ ଏଭଳି ନିଜ ଗୋଡ଼ରେ ନିଜେ କୁରାଢି ମାରୁଛନ୍ତି ତାହାକୁ ନେଇ ଭବିଷ୍ୟତରେ ଐତିହାସିକ ମାନେ ଆଶ୍ଚର୍ଯ୍ୟ ପ୍ରକଟ କରିବେ।

**ଏକ୍‌ଜିକ୍ୟୁଟିଭ ସେକ୍ରେଟାରି, ଇଣ୍ଟରନ୍ୟାଶନାଲ ଡେଭଲପମେଣ୍ଟ ଇକୋନୋମିକ୍ସ ଆସୋସିଏଟସ୍**

# ମନ୍ଦିର ମୂଷା



ଡ. ଗଣେଶ ଚନ୍ଦ୍ର କୁଣ୍ଡ

ସମୟ ସହିତ ତାଳ ଦେଇ ଯେତେବେଳେ ଆମେ ଅତ୍ୟାଧୁନିକ ଜୀବନଶୈଳୀ ଆଡ଼କୁ ଗତି କରୁଛେ, ଆମ ଭିତରେ ମାନବିକତା କମି କମି ଯାଉଛି। ଲୋକମାନଙ୍କ ଭିତରେ ଛନ୍ଦ, କପଟ, ମିଥ୍ୟା ବଢ଼ି ବଢ଼ି ଚାଲିଛି। ଦିନକୁ ଦିନ ମଣିଷ ନିଷ୍ଠୁର ସାଜୁଥିବା ବେଳେ ମଣିଷ ପଣିଆ କମି କମି ଯାଉଛି। ସ୍ୱାର୍ଥ ଆଉ ଲୋଭରେ ମଣିଷ ଏତେ ତଳକୁ ଖସିଯାଉଛି ଯେ ମାନ ଯାଉ, ସମ୍ମାନ ଯାଉ, ବିବେକ ଯାଉ, ସବୁ ଯାଉ କିନ୍ତୁ କ୍ଷମତା ଓ ବଡ଼ଲୋକ ହେବା ପାଇଁ ମାତ୍ରାଧିକ ଇଚ୍ଛା ; ଯାହା କି ଅନେକଙ୍କୁ ପଥଭ୍ରଷ୍ଟ କରୁଛି। କରୋନା ଆମର ଜୀବନ ଓ ଜୀବିକାକୁ ବହୁମାତ୍ରାରେ ପ୍ରଭାବିତ କରିଛି। କିନ୍ତୁ ଆମର ମାନସିକତାକୁ ବଦଳାଇ ପାରିନାହିଁ। କିନ୍ତୁ ଏହି ବିପଦ ସମୟରେ ମଧ୍ୟ ହତ୍ୟା, ବଳାତ୍କାର, ଲୁଟ୍ ଓ ଦୁର୍ନୀତି କମି ନାହିଁ। ମଣିଷ ଯେତେ ସାମାଜିକ ହୋଇଯାଉଛି ତା' ମଧ୍ୟରେ ଈର୍ଷା, ଦ୍ୱେଷ, ବିଦ୍ୱେଷ ଆଦି ସ୍ୱଭାବ ସେତେ ବଢ଼ିବାରେ ଲାଗିଛି।

ଆମ ସମାଜରେ ଭଲ ମଣିଷ ଏବଂ ଖରାପ ମଣିଷ ଅଛନ୍ତି। କିଏ ଭଲ ଆଉ କିଏ ଖରାପ, ବାହ୍ୟରୁ ଚିହ୍ନଟ କରିବା ଏତେ ସହଜ ନୁହେଁ। ମଣିଷର ପ୍ରକୃତି ଓ ପ୍ରବୃତ୍ତି ସହଜରେ ବଦଳେ ନାହିଁ। ଏହି ପରିପ୍ରେକ୍ଷୀରେ ମୋର ଏକ ଘଟଣାବଳୀ ମନେପଡୁଛି। ଏକ ବ୍ୟକ୍ତିଗତ କାମ ପାଇଁ ଗୋଟେ ଗ୍ରାମକୁ ଯାଇଥିଲି। ସେହି ଗ୍ରାମରେ ପହଞ୍ଚିବା ପରେ ଦେଖିଲି କେତେକ ପିଲା ହାତରେ ବାଡ଼ି ଧରି କୋଳାହଳ କରି ଧାଉଁଛନ୍ତି। ମୁଁ ଜାଣିବାକୁ ପାଇଲି ଯେ ଗୋଟେ ମୂଷାକୁ ବାଡ଼େଇବା ପାଇଁ ପିଲାମାନେ ଧାଉଁଛନ୍ତି। କିନ୍ତୁ ପିଲାମାନେ ସେ ମୂଷାଟିକୁ ମାରିପାରିଲେ ନାହିଁ। କାରଣ ମୂଷାଟି ସେହି ଗ୍ରାମରେ ଥିବା ଏକ ମନ୍ଦିର ଭିତରକୁ ପଶିଯାଇଛି। ସେହିଦିନ ମୋର କର୍ମ ନ ସରିବାରୁ ମୁଁ ସେହି ମନ୍ଦିର ପରିସରରେ ଆଶ୍ରୟ ନେଲି। କାରଣ ଭଜନ ଓ ଭୋଜନ ସାତ୍ତ୍ୱିକ ଭାବରେ ମିଳିବ। ସନ୍ଧ୍ୟାରେ ଦେଖିଲି, ଭଜନରେ ଯେତେବେଳେ ଗିନି, ଢୋଲ ଓ ମୃଦଙ୍ଗ ବାଜିଲା, ଉକ୍ତ ମୂଷାଟି ସେହି ଶବ୍ଦରେ ମନ୍ଦିର ଭିତରୁ ବାହାରି ବାରଣ୍ଡାରେ ଧାଇଁଲା। ସେତେବେଳେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ପିଲା ମୂଷାଟିକୁ ମାରିବା ପାଇଁ ଗୋଡ଼ାଇଲା। କିନ୍ତୁ ଅନ୍ୟ ଉପସ୍ଥିତ ବ୍ୟକ୍ତିମାନେ ପିଲାଟିକୁ ସତର୍କ କରି କହିଲେ, ସେ ହେଉଛି ମନ୍ଦିର ମୂଷା। ମନ୍ଦିରରେ ଆଶ୍ରୟ ନେଇଛି, ତାକୁ ମାରିଲେ ପାପ ଲାଗିବ। କିନ୍ତୁ ତା'ପରେ ଜଣାପଡ଼ିଲା ଯେ ସେହି ରାତିରେ ଉକ୍ତ ମୂଷାଟି ଠାକୁରଙ୍କର ପିନ୍ଧା ବସ୍ତ୍ର ଓ ଅନ୍ୟାନ୍ୟ ଆସବାବପତ୍ରକୁ କାଟି ନଷ୍ଟ କରି ଦେଇଛି। ମୁଁ ଆଶ୍ଚର୍ଯ୍ୟ ହେଲି ଯେ, ସେ ମୂଷାଟି ସିନା ମନ୍ଦିରରେ ଆଶ୍ରୟ ନେଇଛି। କିନ୍ତୁ ତା'ର ଜୀବ ସ୍ୱଭାବ ଅନୁଯାୟୀ କାଟିକରି ନଷ୍ଟ କରିବା ଅଭ୍ୟାସ ଏବେ ବି ଅଛି। ସେ ପ୍ରକୃତରେ ମନ୍ଦିର ମୂଷା ନୁହେଁ, କେବଳ ନିଜର ଆଶ୍ରୟ ଓ ସୁରକ୍ଷା ପାଇଁ ମନ୍ଦିର ଭିତରେ ପଶିଯାଇଛି। ଲୋକଲୋଚନରେ ମୂଷାଟି ଥିଲା ମନ୍ଦିର ମୂଷା ଓ ସେହି ପରିଚୟରେ ସେ ରକ୍ଷା ପାଇଯାଉଥିଲା ଓ ତା'ର ଗୁଣ ସ୍ୱଭାବ ବଦଳି ନ ଥିବାରୁ ସେ ନଷ୍ଟ କରୁଥିଲା। ଏହି ଘଟଣାକୁ ନେଇ ମୋର ଚେତନା ପଶିଲା। ଏମିତି ଆମ ସମାଜରେ ଅନେକେ ଅଛନ୍ତି ବିଭିନ୍ନ ପରିଚୟରେ। ପରିଚୟ ଓ ପଦବୀର ମର୍ଯ୍ୟାଦାକୁ ବ୍ୟବହାର କରି ଅନୀତି ଓ ଦୁର୍ନୀତି କରିବା ବହୁତ ସହଜ ହେଉଛି। ଗୁଣ ସ୍ୱଭାବ ନ ଛାଡ଼ି ନିଜର ସୁରକ୍ଷା ସହିତ ପ୍ରତିଷ୍ଠା ବଢ଼ାଇବା ପାଇଁ ଅଧିକାଂଶ ଏହି ପଦ୍ଧତି ଅବଲମ୍ବନ କରୁଛନ୍ତି।

ପ୍ରତ୍ୟେକ ବ୍ୟକ୍ତିର ସ୍ୱଭାବ ଅନୁଯାୟୀ ପ୍ରତ୍ୟେକ ପାଇଁ ସ୍ୱଧର୍ମ ନିର୍ଦ୍ଧାରୀତ ହୋଇଥାଏ ; ଯାହା ଏକ ସାଧନାର ଭିତ୍ତିଭୂମି। ଆଜିକାଲିର ଶିକ୍ଷା ଯାହା ଆମେ ପଢୁଛେ ତାହା ଆମ ଜୀବିକା ନିର୍ବାହ ପାଇଁ ଦରକାର। ସେଇ ଶିକ୍ଷା ଆମ ଜୀବନର ଲକ୍ଷ୍ୟକୁ ପୂରାପୂରି ସଫଳ କରିପାରିବ ନାହିଁ। ତେଣୁ ଆମେ ଏପରି ଶିକ୍ଷା ଗ୍ରହଣ କରିବା ଦରକାର ; ଯାହା ନିଜ ଜୀବନ ଓ ସମାଜକୁ କଲ୍ୟାଣ ପ୍ରଦାନ କରିବ। ଏସବୁ କେବଳ ସାଧନା ଦ୍ୱାରା ହିଁ ସମ୍ଭବ ; ଯାହା କି ସ୍ୱଭାବ ଓ ସ୍ୱଧର୍ମ ଉପରେ ପର୍ଯ୍ୟବସିତ। ନିଜର ଭାବନାକୁ ନେଇ ସ୍ୱଭାବ ଗଠିତ ହୁଏ ଏବଂ ମଣିଷ ନିଜର ସ୍ୱଭାବ ଅନୁଯାୟୀ କର୍ମ କରେ। ଅର୍ଥାତ୍ ଯେପରି ମତି ସେପରି ଗତି ; ଯାହା ମନକୁ ନେଇ ହୁଏ। କର୍ତ୍ତବ୍ୟ ପାଳନ ବେଳେ ଆମକୁ ଇନ୍ଦ୍ରିୟ ସଂଯମତାର ଆବଶ୍ୟକ ଅଛି। ଯଦି ଆମେ ବିପରୀତ ମାର୍ଗରେ କର୍ମ କରିବା, ତେବେ ସେହି କର୍ମର ଶେଷରେ ଶାନ୍ତି ମିଳିବ ନାହିଁ ବରଂ ପଶ୍ଚାତ୍ତାପ କରି ଶେଷରେ ପତନ ସୁନିଶ୍ଚିତ ହେବ ; ଯାହା ହିତକର ନୁହେଁ, ସୁଖ ଦେବ କେମିତି ? ଆମେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ବହୁତ କିଛି ଭୁଲ୍ କର୍ମମାନ କରୁଛେ ; ଯାହାର ନୀତି ଆମକୁ ଜଣା ନାହିଁ। କିନ୍ତୁ ସର୍ବଦା ଶାସ୍ତ୍ରାନୁରକ୍ତ ହୋଇ ବିଭିନ୍ନ ନୀତିବାଣୀ ସାହାଯ୍ୟରେ କର୍ମମାନ କରୁଥିବା ବ୍ୟକ୍ତିକୁ ପଶ୍ଚାତ୍ତାପ କରିବାକୁ ପଡ଼େ ନାହିଁ।

ବହୁ ଦିଗରେ ମଣିଷ ସଫଳତା ପାଇଛି। ବିକାଶ ହୋଇଛି ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଓ ପ୍ରଯୁକ୍ତି ବିଜ୍ଞାନ। କିନ୍ତୁ ବିକଶିତ ହୋଇପାରିନି ବିବେକ ଓ ବିଚାର ; ଯାହା ଏକ ସୁସ୍ଥ ସମାଜ ପାଇଁ ଆବଶ୍ୟକ। ମଣିଷ ଭିତରେ ମଣିଷ ପଣିଆ ନ ଥିଲେ ଲୋକେ କହନ୍ତି ଏଇଟା ମଣିଷ ନା ପଶୁଟା। ସାଧାରଣତଃ ପଶୁଟି ନିଜର ଖାଦ୍ୟ ଓ ଆତ୍ମରକ୍ଷା ପାଇଁ ହିଂସ୍ର ହୋଇଥାଏ। କିନ୍ତୁ ଅଧିକାଂଶ ମଣିଷ ନିଜର କ୍ଷମତା, ଧନ ଓ ପ୍ରତିଷ୍ଠା ପାଇବା ଆଶାରେ ଚୋରି, ଠକାମି, ହତ୍ୟା ଓ ଦୁଷ୍କର୍ମ ଭଳି ଅମାନବୀୟ କାର୍ଯ୍ୟ କରିଥାନ୍ତି। ଏଠାରେ କାହାକୁ ଆକ୍ଷେପ କରିବାର ଅଧିକାର ଆମର ନାହିଁ। କିନ୍ତୁ ଆମେ ନିଜକୁ ତ ପ୍ରଶ୍ନ କରିପାରିବା, ମୁଁ ସେହି ମନ୍ଦିର ମୂଷା ନୁହେଁ ତ ? କାରଣ ଏହା ଏକ ଆତ୍ମଘୋଷିତ କଥା ନୁହେଁ ବରଂ ଆତ୍ମ ଚିନ୍ତନର କଥା।

**ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**
**ମୋ : ୯୯୩୮୦୬୦୮୮୬**

## ଏଇ ଭାରତରେ

ଶିଶୁ ଶ୍ରମିକର ବୋଝ ସମ୍ଭାଳିଥିବା ସୁରେଶ ଏବେ ଶହ ଶହ ଗୃହହୀନଙ୍କ ଭବିଷ୍ୟତ ଗଢ଼ିବାରେ ଲାଗିଛନ୍ତି । ୭ ବର୍ଷ ବୟସରେ ସେ ତାଙ୍କ ପିତାଙ୍କୁ ହରାଇବା ପରେ ପେପର ଓ ପ୍ଲାଷ୍ଟିକ ବିକି ଘର ଚଳାଇବା ଆରମ୍ଭ କରିଥିଲେ। ତାଙ୍କ ମା'ଙ୍କ ସହ ଏକ ଫାର୍ମକୁ କାମ କରିବାକୁ ବି ଯାଉଥିଲେ। ମା'୬ ଟଙ୍କା ମଜୁରି ପାଉଥିବା ବେଳେ ସୁରେଶ ପାଉଥିଲେ ୪ ଟଙ୍କା। ପରେ ସ୍ନେହା ନାମକ ଏନ୍‌ଜିଓ ଦ୍ୱାରା ତାଙ୍କ ଆଖି ଅପରେଶନ କରାଗଲା ଓ ପରେ ସେ ନିଜେ ଏକ ବ୍ୟାଗ ଦୋକାନ କରିପାରିଲେ। ଏଥିରୁ ଦିନକୁ ୧୫୦ ଟଙ୍କା ଯାଏ ରୋଜଗାର କରିବାକୁ ସକ୍ଷମ ହୋଇପାରିଲେ। ସେଠାରୁ ଜଣେ ପୂଜକ ତାଙ୍କୁ ଉଦ୍ଧାର କରି ପଢ଼ିବାର ବ୍ୟବସ୍ଥା କରିଥିଲେ। ପରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରି ଚାକିରି ବଦଳରେ ଅସହାୟ ଓ ଗୃହହୀନଙ୍କ ଜୀବନ ପରିବର୍ତ୍ତନ କରିବା ଲାଗି ନିଷ୍ପତ୍ତି ନେଇଥିଲେ। ଯେଉଁ ସ୍ନେହରୁ ସାହାଯ୍ୟ ପାଇଥିଲେ ତା' ମାଧ୍ୟରେ ଏବେ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ଲାଗିଛନ୍ତି। ସେ ସହରରେ ମହିଳାମାନଙ୍କ ପାଇଁ ସିଲାଇ ପ୍ରଶିକ୍ଷଣ କେନ୍ଦ୍ର ଖୋଲି ସେଠାରେ ଜିନିଷ ପ୍ରସ୍ତୁତ କରି ବିକ୍ରି କରିବା ଆରମ୍ଭ କରିଛନ୍ତି ଓ ମହିଳାମାନଙ୍କୁ ରୋଜଗାର କରିବାରେ ସହଯୋଗ କରୁଛନ୍ତି । ସହାୟକମାନଙ୍କ ରହିବା, ଖାଇବା ଓ ଅନ୍ୟାନ୍ୟ ସେବା ଯୋଗାଇ ଦେବା ଲାଗି ଏକ ଆଶ୍ରୟସ୍ଥଳୀ ଖୋଲିବାକୁ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୧୪ ଅକ୍ଟୋବର ୧୯୯୬**

- ମରିସସ୍‌ର ପାର୍ଲାମେଣ୍ଟକୁ ପ୍ରଥମ କରି ଲାଲ୍ଲା ଜିନା ମିଷ୍ଟ ସାଉଘାଓ ନାମ୍ନୀ ମହିଳା ସଦସ୍ୟା ନିର୍ବାଚିତ ହୋଇଛନ୍ତି।
- ୯୫୦ କୋଟି ଟଙ୍କାର ପଶୁପାଳନ ଦୁର୍ନୀତି ମାମଲାରେ ବିହାର ରାଜ୍ୟର ପ୍ରଥମ ବରିଷ୍ଠ ରାଜନୀତିଜ୍ଞ ଭାବେ କୃଷି ମନ୍ତ୍ରୀ ରାମ ଜୀବନ ସିଂଙ୍କୁ ସିବିଆଇର ଜେରା।
- ରାଜ୍ୟର ଦୁଇଟି ବିଧାନସଭା ଓ ଗୋଟିଏ ଲୋକସଭା ଆସନରେ ହୋଇଥିବା ଉପନିର୍ବାଚନରେ ବିଶ୍ୱଭୂଷଣ ହରିଚନ୍ଦନ, ଇନ୍ଦୁରାଣୀ ମହାପାତ୍ର ଏବଂ ଅନାଦି ସାହୁ ବିଜୟୀ ହୋଇଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 8 |
| | | | | 9 | | 5 | | 6 |
| | | | 2 | 5 | 7 | | | |
| | | 9 | | | | | | 4 |
| | | | | 7 | | 1 | | |
| | 3 | 1 | 9 | 4 | | 6 | 2 | |
| 5 | | 7 | | 1 | | | | |
| | | 4 | | | | 9 | | 1 |
| | 1 | 3 | 4 | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 9 | 1 | 8 | 3 | 6 | 7 | 4 |
| 3 | 7 | 4 | 2 | 6 | 9 | 1 | 5 | 8 |
| 8 | 1 | 6 | 4 | 7 | 5 | 2 | 3 | 9 |
| 1 | 8 | 5 | 9 | 2 | 7 | 4 | 6 | 3 |
| 4 | 6 | 7 | 5 | 3 | 1 | 9 | 8 | 2 |
| 9 | 2 | 3 | 8 | 4 | 6 | 7 | 1 | 5 |
| 5 | 3 | 1 | 7 | 9 | 4 | 8 | 2 | 6 |
| 7 | 9 | 2 | 6 | 5 | 8 | 3 | 4 | 1 |
| 6 | 4 | 8 | 3 | 1 | 2 | 5 | 9 | 7 |

ଗତକାଲିର ଉତ୍ତର

# ଦେବୀ ପୂଜା



ଇଂ. ସଚ୍ଚିଦାନନ୍ଦ ନନ୍ଦ

ଭାରତରେ ବିଭିନ୍ନ ଅବସରରେ ମାତୃପୂଜା କରାଯାଇଥାଏ। ଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, ଭୁବନେଶ୍ୱରୀ, କାଳୀ, ଜଗଦ୍ଧାତ୍ରୀ, ଅମ୍ବିକା, ଗାୟତ୍ରୀ, ପାର୍ବତୀ ପ୍ରଭୃତିଙ୍କ ନାମରେ ବହୁ ଆଡ଼ମ୍ବରରେ ପୂଜା ଆରାଧନା କରାଯାଉଛି। ସେଭଳି କେତେକ ଈଶ୍ୱରକୋଟୀ ମହିଳା, ଯଥା– ରାଧା, ସାବିତ୍ରୀ, ସତୀସୀତା, ଦ୍ରୌପଦୀ, କୁନ୍ତୀ, ଦମୟନ୍ତୀ, ମନ୍ଦୋଦରୀ ପ୍ରଭୃତିଙ୍କୁ ମଧ୍ୟ ପୂଜା ଓ ସମ୍ମାନ ଅର୍ପଣ କରାଯାଇଥାଏ। ଅନ୍ୟ କେତେକ ତପସ୍ୱିନୀ ଯଥା ଅନସୂୟା, ମଦାଳସା, ମୈତ୍ରେୟୀ, କାତ୍ୟାୟିନୀ, ଅରୁନ୍ଧତୀ ପ୍ରଭୃତି ବହୁ ଶ୍ରଦ୍ଧାଳୁଙ୍କ ହୃଦୟରେ ସ୍ଥାନ ପାତି ବସିଛନ୍ତି। କେତେକ ପୀଠରେ ଅଧିଶ୍ୱରୀ ଭାବେ ଭଗବତୀ, ବୈଷ୍ଣୋଦେବୀ, ବିମଳା, ତାରିଣୀ, ଚଣ୍ଡୀ, ଚର୍ଚ୍ଚିକା, ସମଲେଶ୍ୱରୀ, ମଙ୍ଗଳା, ବିରଜା, ଦକ୍ଷିଣକାଳୀ, ଶ୍ୟାମାକାଳୀ, ଭବତାରିଣୀ ମାଆ ପ୍ରଭୃତି ସ୍ୱମହିମାରେ ମହିମାନ୍ୱିତ ହୋଇ ପ୍ରତ୍ୟହ ପୂଜା ପାଇ ଆସୁଛନ୍ତି। ପ୍ରଚଳିତ ସମୟରେ ଶ୍ରୀମା, ଆନନ୍ଦମୟୀ ମା', ଅମୃତମୟୀ ଦେବୀ, ଆମ୍ମା ଭଗବାନ ପ୍ରଭୃତି କୋଟି କୋଟି ଶ୍ରଦ୍ଧାଳୁଙ୍କ ପୂଜ୍ୟା ହୋଇପାରିଛନ୍ତି। ତାଙ୍କ ପ୍ରଦର୍ଶିତ ମାର୍ଗରେ ପରିଚାଳିତ ହୋଇ କୋଟି କୋଟି ହୃଦୟ ପରିବର୍ତ୍ତନ ଘଟିଛି ଓ ଘଟୁଛି ମଧ୍ୟ। ଅତୀତର ଲୀଳାବତୀ ଓ ଖନା ଏବେ ମଧ୍ୟ ନମସ୍ୟ। ସମସ୍ତ ଆଧ୍ୟାତ୍ମିକ ପଥପ୍ରଦର୍ଶକମାନେ ସମାନ ସ୍ୱରରେ ସେହି ଏକ କଥା କହି ଆସିଛନ୍ତି ଯେ ଭଗବାନ ଭଗବତୀ କେବଳ ତାଙ୍କ ବିଗ୍ରହ ବା ମୂର୍ତ୍ତିରେ ନାହାନ୍ତି, ସେ ପ୍ରତ୍ୟେକଙ୍କ ହୃଦୟରେ ବିଦ୍ୟମାନ ଥାଆନ୍ତି। ପ୍ରତ୍ୟେକଟି ଶିଶୁ ଜନ୍ମ ହେଲାବେଳେ ସେହି ଦିବ୍ୟ ସତ୍ତାକୁ ନିଜ ଭିତରେ ଧରି ଜନ୍ମ ହୋଇଥାଏ। ଗୀତାରେ ମଧ୍ୟ କୁହାଯାଇଛି ଯେ ଭଗବାନ ତାଙ୍କ ଅଂଶ ଆତ୍ମା ରୂପେ ସମସ୍ତ ଜୀବଙ୍କଠାରେ ବିଦ୍ୟମାନ।

ଶାସ୍ତ୍ରଗୁଡ଼ିକ ମଧ୍ୟ ସମାନ ଭାବେ କହି ଆସୁଛନ୍ତି ଯେ ମାତୃଦେବୋ ଭବ । ଯଦିଓ ମାତାପିତା ଉଭୟ ଦେବତା ସମାନ ତାଙ୍କ ମଧ୍ୟରୁ ମାତାଙ୍କ ସ୍ଥାନ ପିତାଙ୍କ ପୂର୍ବରୁ। ଏଥିରେ ତିଳେ ହେଲେ ଭୁଲ୍ ନାହିଁ। ଐଶ୍ୱରୀୟ କ୍ଷେତ୍ରରେ ମଧ୍ୟ ସୀତାରାମ, ରାଧାକୃଷ୍ଣ, ଉମାଶଙ୍କର, ଲକ୍ଷ୍ମୀ ନାରାୟଣ, ଗିରିଜା ଶଙ୍କର, ଭବାନୀ ଶଙ୍କର ଇତ୍ୟାଦି ମାତାଙ୍କୁ ଭଗବାନଙ୍କ ପୂର୍ବରୁ ଆବାହନ କରାଯାଇଛି। ପୁରାଣ ଉପାଖ୍ୟାନରେ ମଧ୍ୟ ବର୍ଣ୍ଣିତ ଅଛି, ସୀତାଙ୍କୁ ହରାଇ ଶ୍ରୀରାମ କି ମର୍ମ ବେଦନା ନ ପାଇଲେ, ଲକ୍ଷ୍ମୀଙ୍କୁ ହରାଇ ଜଗନ୍ନାଥ ଓ ବଳଭଦ୍ର କି ଦୁରବସ୍ଥାରେ ନ ପଡ଼ିଲେ, ସତୀଙ୍କୁ ହରାଇ ଶିବ ପାଗଳ ପ୍ରାୟ ସଂସାର ସାରା ଘୂରି ବୁଲିଥିଲେ। ଆମ ସାମାଜିକ ଜୀବନରେ ମଧ୍ୟ ଅନୁରୂପ ଅବସ୍ଥା। ଘରଣୀ ବିନା ଗୃହସ୍ଥ ମୁହୂର୍ତ୍ତେ ଚଳି ପାରନ୍ତା ନାହିଁ, ପିଲାମାନଙ୍କ ଯତ୍ନ ନେଇପାରନ୍ତା ନାହିଁ, ଧନ ଉପାର୍ଜନ କରାଯାଇପାରେ କିନ୍ତୁ ତା'ର ଉପଯୁକ୍ତ ବ୍ୟବହାର ହୋଇପାରନ୍ତା ନାହିଁ। କୁହାଯାଇଛି 'ଗୃହିଣୀ ଗୃହମୃତ୍ୟତେ', ଘର କହିଲେ ଗୃହିଣୀ ହିଁ ପ୍ରଥମେ ଆସିବେ। ଦେଖାଯାଉଛି, ଘରକୁ ବୋହୂଟିଏ ଆସିଗଲାପରେ, ବହୁ ବର୍ଷ ପୂର୍ବରୁ ଯେଉଁମାନଙ୍କ ସହ ସମ୍ପର୍କ ତିକ୍ତ ହୋଇଯାଇଥିଲା, ସେଥିରେ ମଧୁରତା ଧୀରେ ଧୀରେ ଫେରୁଛି ଏବଂ ବନ୍ଧୁତା ଦୃଢ଼ତର ହେଉଛି। କେଉଁଠି କେଉଁଠି କାଁ ଭାଁ ଏହାର ବ୍ୟତିକ୍ରମ ଥାଇପାରେ କିନ୍ତୁ ତାହା ଏକ ନୀତି ଭାବେ ଗଣ୍ୟ ହୁଏନାହିଁ । ବର୍ତ୍ତମାନ ସମାଜରେ ଦେଖାଯାଉଛି ଲୋକମାନେ ମୂର୍ତ୍ତି ମାଆକୁ ପୂଜୁଛନ୍ତି କିନ୍ତୁ ନିଜ ମାଆକୁ ହେଳା କରୁଛନ୍ତି । ବର୍ତ୍ତମାନର ଆବଶ୍ୟକତା, ଏହାର ନିରାକରଣ। ସାମାଜିକ ଚରିତ୍ରର ଏ ଘୋର ଅଧଃପତନ ଆମ ସମାଜ ପ୍ରତି ମହା ବିପଦର ସୂଚନା। ସମାଜରେ ଥିବା ଜ୍ଞାନୀ ଗୁଣୀ, ସାତ୍ତ୍ୱିକ ଭାବସମ୍ପନ୍ନ ବ୍ୟକ୍ତି, ଆଧ୍ୟାତ୍ମିକ ଜୀବନଯାପନ କରୁଥିବା ବ୍ୟକ୍ତି ଧର୍ମଭାବାପନ୍ନ ବ୍ୟକ୍ତିମାନଙ୍କ ପ୍ରଭାବ କିଛି କାମ ନ ଦେଲା ପରି ଜଣାଯାଉଛି। କେହି କାହାକୁ କର୍ଣ୍ଣପାତ କରୁନାହାନ୍ତି। ଗୁରୁ ସଦ୍‌ଗୁରୁମାନଙ୍କ ପ୍ରବଚନ ପାଇଁ କେତେ କେତେ ଚ୍ୟାନେଲ ଟିଭିରେ ପ୍ରସାର କରୁଛନ୍ତି । ସେଠାରେ ଲୋକ ସମାଗମ ହେଉଛନ୍ତି । କିନ୍ତୁ କାହାରି ଉପରେ କିଛି ପ୍ରଭାବ ପଡୁନାହିଁ। ଯଦି ପଡୁଛି ତେବେ ଅସାମାଜିକ ପଦକ୍ଷେପ, ବିଶେଷକରି ମହିଳାମାନଙ୍କ ପ୍ରତି ଦିନକୁ ଦିନ ବଢ଼ିବାରେ ଲାଗୁଛି କିପରି ? ଅପକର୍ମର ଦଣ୍ଡ ବିଧାନ କରାଯାଇ ମଧ୍ୟ ତାହାକୁ ନିୟନ୍ତ୍ରଣ କରାଯାଇ ପାରୁନି। ଶେଷକୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି କହିଲେ, କେବଳ ଭଗବାନ ଏ ଦେଶକୁ ରକ୍ଷା କଲେ କରିବେ ସିନା। ଅନ୍ୟ ଜଣେ ବିଚାରପତି କହିଲେ, ଦେଶର ପିଲାମାନେ ବାଲ୍ୟକାଳରୁ ଭାଗବତ୍ ଓ ଗୀତା ପ୍ରଭୃତି ପାଠ କଲେ ସୁଫଳ ମିଳିବ। ଏ କଥା ବହୁ ପୂର୍ବରୁ ଭାରତର ଉଚ୍ଚଶିକ୍ଷିତ ଧାର୍ମିକ ପଣ୍ଡିତ ତଥା ସମାଜସଂସ୍କାରକ ଗଣ ଉପଦେଶ ଦେଇଥିଲେ। ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରି ନାହିଁ। ହୋଇଥିଲେ ନିଶ୍ଚିତ ଭାବେ ସୁଫଳ ମିଳିଥାନ୍ତା। ଏ କ୍ଷେତ୍ରରେ ମାତୃଜାତି ହାତରେ ହିଁ ସମାଧାନ। ମାତୃଜାତି ଯେତେବେଳେ ଜାଗ୍ରତ ହେବ ସେତେବେଳେ ଯାଇ ସୁଫଳ ମିଳିବ। ଦ୍ରୌପଦୀ ତାତି ନ ଥିଲେ ମହାଭାରତ ଯୁଦ୍ଧର ପରିଣାମ ଭିନ୍ନ ହୋଇଥାନ୍ତା। ଦମୟନ୍ତୀ ଅଗ୍ନିଶର୍ମା ନ ହୋଇଥିଲେ ଅରଣ୍ୟର ସେ ଆସୁରିକ ଲୋକଗୁଡ଼ିକ ଧ୍ୱଂସ ହୋଇ ନ ଥାନ୍ତେ । ଦେବୀ ସତ୍ୟଭାମା ସେଭଳି ତୀବ୍ରପ୍ରତିକ୍ରିୟା ଦେଖାଇ ନ ଥିଲେ ନରକାସୁର ନିପାତ ହୋଇ ନ ଥାନ୍ତା। ଖବରକାଗଜଗୁଡ଼ିକରେ ବାହାରୁଛି ମହିଳାମାନେ ଏକତ୍ର ହୋଇ ଗାଁରୁ ମଦଭାଟି ଉଠାଇ ଦେଇପାରୁଛନ୍ତି। ଥାନା ଘେରାଉ କରି ନ୍ୟାୟ ହାସଲ କରିପାରୁଛନ୍ତି ।

ଦୁର୍ଗା ଗୋଟିଏ ମିଳିତ ଶକ୍ତିର ପ୍ରତୀକ। ମାତୃଜାତିର ମିଳିତ ହେବାର ସମୟ ଆସି ପହଞ୍ଚି ଗଲାଣି। ତାଙ୍କ ପଶ୍ଚାତ୍ ଭାଗରେ ପୁରୁଷମାନଙ୍କର ସମର୍ଥନ ମଧ୍ୟ ଥିବା ଆବଶ୍ୟକ। ଯଦି ପୋଥି ପୁରାଣର ଉପଦେଶ ସତ୍ତ୍ୱେ ମହିଳାମାନଙ୍କୁ ସମ୍ମାନ ମିଳି ନ ପାରିଲା ତା'ହେଲେ ସେମାନେ କ'ଣ ଚିରଦିନ ପୀଡ଼ିତ ଦଳିତ ହୋଇ ରହିଥିବେ ? ଦିନେ ନା ଦିନେ ସେମାନଙ୍କୁ ଦୁର୍ଗା, କାଳୀ, ବଗଳାମୁଖୀ, ଉଗ୍ରତାରା ସାଜି ବାହାରେ ତଥା ଭିତରେ ଥିବା ଶୁମ୍ଭ, ନିଶୁମ୍ଭ, ରକ୍ତବୀର୍ଯ୍ୟ ଓ ମହିଷାସୁରମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବାକୁ ପଡ଼ିବ। ସର୍ବପ୍ରଥମେ ନିଜ ସନ୍ତାନମାନଙ୍କୁ ସତ୍ ଉପାୟରେ ଅର୍ଜିତ ଭାତ ଖୁଆଇବାକୁ ପଡ଼ିବ। ଅନ୍ୟପକ୍ଷରେ ମାତୃଜାତିକୁ ମର୍ଯ୍ୟାଦା ଦେଇ କିଏ କେଉଁଭଳି ଉପକୃତ ହୋଇଛି ସେଗୁଡ଼ିକର ଦୃଷ୍ଟାନ୍ତ ମଧ୍ୟ ସମାଜକୁ ସୁଉଚ୍ଚ ଆଦର୍ଶ ଶିକ୍ଷା ଦେଇପାରିବ । ସେଗୁଡ଼ିକର ପ୍ରକାଶନ ନିତାନ୍ତ ଆବଶ୍ୟକ। ମାତୃଜାତି ନିଜର ଦୈବୀ ଗୁଣର ପରାକାଷ୍ଠା ପ୍ରତିପାଦିତ କରି ନିଜର ଜନ୍ମଗତ ଅଧିକାର, ପାରିବାରିକ ସମ୍ମାନ, ସାମାଜିକ ସମ୍ମାନ ହାସଲ କରିବାରେ ଯତ୍ନବାନ ହେବା ଦରକାର। ସେମାନେ ତାଙ୍କ ପଦମର୍ଯ୍ୟାଦା କ୍ଷୁଣ୍ଣ ହେବାକୁ ଆଦୌ ସହ୍ୟ କରିବା ଉଚିତ ନୁହେଁ । ଆଜି ସମୟ ଆସିଛି ବରଂ ବିଳମ୍ବ ହୋଇଗଲାଣି – ମହିଳା, ପୁରୁଷ ଉଭୟେ ଦେବୀ ମାଆଙ୍କୁ ଗଭୀର ନିଷ୍ଠାର ସହ ପ୍ରାର୍ଥନା କରନ୍ତୁ ଯେପରି ଆମ ଦ୍ୱାରା କୌଣସି ମାଆଙ୍କୁ କୌଣସି ପ୍ରକାର ଆଘାତ ନ ଲାଗୁ । ଏହି ପରିପ୍ରେକ୍ଷୀରେ ଏହା ହିଁ ହୋଇପାରେ ସର୍ବଶ୍ରେଷ୍ଠ ଦେବୀ ପୂଜା। ଏହି ଅହିଂସାଠାରୁ ବଡ଼ ଧର୍ମ ଆଉ କ'ଣ ହୋଇପାରେ ? ଶାସ୍ତ୍ର ଉକ୍ତି – ''ନାରୀ ଯେଉଁଠାରେ ପୂଜା ପାଏ ସେଠାରେ ସମସ୍ତ ଦେବଦେବୀ ବିଦ୍ୟମାନ ଥାଆନ୍ତି ଏବଂ ତାରି ମାଧ୍ୟମରେ ସର୍ବ ଦେବଦେବୀ ପୂଜା ପାଇଥାଆନ୍ତି।''

**ଅଲିଶା ବଜାର, କଟକ,**
**ମୋ:୯୪୩୭୫୧୧୨୩୦**

## ପାଠକ ଶ୍ରେଷ୍ଠ ବିଚାରକ

### ଶୋଇବାକୁ ଭଲ ପାଉଥିବା ମଣିଷ

ମହାଶୟ,

କୁହାଯାଏ ଓଡ଼ିଶାର ଲୋକମାନେ ପଖାଳ ଖାଇବାକୁ ଭଲ ପାଆନ୍ତି । ପଖାଳ ଖାଇଲେ ଭଲ ନିଦ ହୁଏ । ଭଲ ନିଦ ହେଲେ ଆଉ କିଛି ଚିନ୍ତା ନ ଥାଏ । ଭାରତର ଲୋକମାନେ ଉଭୟେ ରୁଟି ଓ ଭାତ ପ୍ରିୟ । ଦେଖାଯାଏ ରୁଟି ଖାଉଥିବା ଲୋକ ପଖାଳ ଭାତ ଖାଉଥିବା ଲୋକଙ୍କ ଅପେକ୍ଷା ଅଧିକ ସକ୍ରିୟ ଓ କର୍ମଠ । ସେଇ ପରିପ୍ରେକ୍ଷୀରେ ଦେଖିଲେ ପଞ୍ଜାବର ରୁଟିଖିଆ ଲୋକ ଓଡ଼ିଶାର ପଖାଳଖିଆ ଲୋକଙ୍କ ଅପେକ୍ଷା ସବୁ କ୍ଷେତ୍ରରେ ତତ୍ପର । ବୁଦ୍ଧିଜୀବୀ ସାହିତ୍ୟିକ ଲେଖନ୍ତି ଭାରତ ଏକ କୃଷିପ୍ରଧାନ ଦେଶ । କୃଷକଙ୍କ ସମସ୍ୟା ବୁଝିଛି କିଏ ? ଏହା କ'ଣ କେବଳ ପଞ୍ଜାବ, ହରିୟାଣା ଓ ଉତ୍ତରପ୍ରଦେଶର କୃଷକଙ୍କ ସମସ୍ୟା । ପେଟ୍ରୋଲ ସମେତ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରଦାମ ବୃଦ୍ଧି ବାଧୁଥିଲେ ମଧ୍ୟ ଶୋଇଥିବା ବ୍ୟକ୍ତି କହେ ସେଥିରୁ କ'ଣ ମିଳିବ । ସଚେତନତାର ଅଭାବ ଯୋଗୁ ଲୋକଙ୍କର ଦେହସୁହା ହୋଇଗଲାଣି । ଢଗରେ ତ କୁହାଯାଇଛି– ଶୋଇ ରହିଥିବ ଯିଏ, ତାକୁ ଉଠାଇବ କିଏ ? ବର୍ତ୍ତମାନ ସେଇ ଅବସ୍ଥା– ସମସ୍ତଙ୍କ ମୁହଁରେ ତୁଣ୍ଡି ।

**–ଯୁଧିଷ୍ଠିର ଦାସ, ଗୋପାଳପୁର, କଟକ**

### ଚିରନ୍ତନୀ

ତଳେ ଉଭାହୋଇ କ୍ଳାନ୍ତ ପଥିକ ଏକ
ତ୍ରସ୍ତ ନୟନେ ନିରେଖୁଚି ତା'ର ଟେକ
ନିରେଖୁଚି ଏହି ପଥ ହେବ ବୋଲି ପାରି
ଅନ୍ତରମୟ ନିରାଶା ପୂରିଛି ଭାରି। –(ଏହି ଯେ ପାହାଡ଼)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ମେଟ୍ରୋରେ ଟମାଟୋ କିଲୋ ୭୨

ନୂଆଦିଲ୍ଲୀ,୧୩।୧୦: ଦେଶର ମେଟ୍ରୋ ସହରଗୁଡ଼ିକରେ ଟମାଟୋର ରିଟେଲ ଦର ୭୨ଟଙ୍କା ଛୁଇଁଛି। ଅଦିନିଆ ବର୍ଷା ଯୋଗୁ ମଧ୍ୟପ୍ରଦେଶ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟଗୁଡ଼ିକରେ ଫସଲ ଉତ୍ପାଦନ ପ୍ରଭାବିତ ହୋଇଛି। ଯୋଗାଣରେ ସମସ୍ୟା ଯୋଗୁ ଟମାଟୋ ଦର ବଢ଼ିଥିବା ଜଣାପଡ଼ିଛି। କୋଲକାତାରେ ଦର ଗତ ମାସ ୩୮ ଟଙ୍କା ଥିବା ବେଳେ ଏହା ଏବେ ୭୨ ଟଙ୍କା ଛୁଇଁଛି। ପୂର୍ବରୁ ଦିଲ୍ଲୀ ଏବଂ ଚେନ୍ନାଇରେ ଦର ଯଥାକ୍ରମେ ୩୦ ଟଙ୍କା ଏବଂ ୨୦ ଟଙ୍କା ଥିବା ବେଳେ ଏହା ବର୍ତ୍ତମାନ ୫୭ ଟଙ୍କାରୁ ଉର୍ଦ୍ଧ୍ୱ ଟପିଛି। ସେହିଭଳି ପୂର୍ବ ମାସରେ ମୁମ୍ବାଇରେ ଏହା ୧୫ ଟଙ୍କା ଥିବା ବେଳେ ଏବେ ଏହା ୫୩ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟରେ ବିକ୍ରି ହେଉଥିବା ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

## ଆଇଡିପି ଏଜୁକେଶନର ନୂଆ ଆପ୍ଲିକେଶନ

ନୂଆଦିଲ୍ଲୀ,୧୩।୧୦: ଆଇଡିପି ଏଜୁକେଶନ ପକ୍ଷରୁ ନୂଆ ଆପ୍ଲିକେଶନ ଏବଂ ସର୍ଭିସ ସମ୍ପର୍କରେ ଘୋଷଣା କରାଯାଇଛି। ଆଇଡିପିର ଲାଇଭ ଫାଷ୍ଟ ଟ୍ରାକ୍ ସର୍ଭିସ ଭାରତୀୟ ଛାତ୍ରଙ୍କୁ ସେମାନଙ୍କ ପସନ୍ଦର ପାଠ୍ୟକ୍ରମରେ ଶିକ୍ଷାଲାଭ କରିବା ଦିଗରେ ସହାୟତା କରୁଛି। ଛାତ୍ରୀଛାତ୍ର ସେମାନଙ୍କ ସ୍ମାର୍ଟଫୋନ ଏବଂ ଆଇଡିପି ଅଫିସରୁ କାଉନସିଲରଙ୍କ ଦ୍ୱାରା ବିଭିନ୍ନ ଇନପ୍ରିନ୍ସିପୁଲ ଅଫର ଲାଭ କରିବାକୁ ସକ୍ଷମ ହେବେ। ଛାତ୍ରୀଛାତ୍ର ଶିକ୍ଷାଲାଭ କରିବାକୁ ଥିବା ବିଷୟ ଏବଂ ଶିକ୍ଷାଗତ ଯୋଗ୍ୟତା ଦେଇ ଆବେଦନ କରିବାକୁ ପଡ଼ିଥାଏ। ପାଠ୍ୟକ୍ରମ ଲାଗି ନାମଲେଖା ଯୋଗ୍ୟତାକୁ ପୂରଣ କଲେ ସବମିଶନର ୩୦ ମିନିଟ ମଧ୍ୟରେ ଛାତ୍ରୀଛାତ୍ର ବାଛିଥିବା ଶିକ୍ଷାନୁଷ୍ଠାନର ଇନପ୍ରିନ୍ସିପୁଲ ଅଫର ମିଳିଥାଏ। ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ଛାତ୍ରୀଛାତ୍ରଙ୍କୁ ମୋବାଇଲ ଫୋନ କିମ୍ବା ଆଇଡିପି ଅଫିସ ଆସିଲେ ସହାୟତା ଦିଆଯାଉଥିବା ଆଇଡିପି ଏଜୁକେଶନର ଆଞ୍ଚଳିକ ନିର୍ଦ୍ଦେଶକ ପୀୟୂଷ କୁମାର କହିଛନ୍ତି।

# ରେକର୍ଡ ସ୍ତରରେ ପୁଞ୍ଜିବଜାର

ମୁମ୍ବାଇ,୧୩।୧୦

ଲଗାତାର ତୃତୀୟ ଦିନ ଲାଗି ଭାରତୀୟ ପୁଞ୍ଜି ବଜାରର କାରବାର ଉର୍ଦ୍ଧ୍ୱଗାମୀ ରହିଛି। ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ୪୫୨ ପଏଣ୍ଟ ଉର୍ଦ୍ଧ୍ୱରେ ରହି ୬୦,୭୩୭ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ(ନିଫ୍ଟି) ୧୭୦ ପଏଣ୍ଟ ଉର୍ଦ୍ଧ୍ୱରେ ରହି ୧୮,୧୬୨ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ ୨୭୧ ଲକ୍ଷ କୋଟି ଟଙ୍କା ଛୁଇଁଛି। ବୁଧବାର ସେନ୍‌ସେକ୍ସ ୬୦,୮୩୬ ପଏଣ୍ଟ ସ୍ତର ଛୁଇଁଥିବା ବେଳେ ନିଫ୍ଟି ୧୮,୨୩୭ ପଏଣ୍ଟ ସ୍ତର ଛୁଇଁବାକୁ ସକ୍ଷମ ହୋଇଥିଲା। ଲଗାତାର ୫ ଦିନ ହେବ ପୁଞ୍ଜି ବଜାର ଉଚ୍ଚରେ ରହୁଛି। ଏହା ପୂର୍ବରୁ ସେନ୍‌ସେକ୍ସ ୬୦,୬୧୯ ପଏଣ୍ଟ ଏବଂ ନିଫ୍ଟି ୧୮,୦୯୭ ପଏଣ୍ଟରେ ବନ୍ଦ ହୋଇଥିଲା।



୩୦ ଶେୟାର ସୂଚକାଙ୍କ ବିଶିଷ୍ଟ ସେନ୍‌ସେକ୍ସରେ ୨୨ଟି ଶେୟାର ଭଲ କାରବାର ହାସଲ କରିଥିବା ବେଳେ ୮ଟି ଶେୟାରର କାରବାର ପ୍ରଭାବିତ ହୋଇଛି। ରିୟଲ ଇଷ୍ଟେଟ ସୂଚକାଙ୍କ ଶେୟାର କାରବାର ପ୍ରଭାବିତ ସ୍ତରରେ ରହି ବନ୍ଦ ହୋଇଛି।

ଶେୟାର ବଜାର ଉର୍ଦ୍ଧ୍ୱଗାମୀ ହେବା ଲାଗି କେତେକ ବିଶେଷ କାରଣ ଦାୟୀ ରହିଛି। ଏହା ମଧ୍ୟରେ ଆଗାମୀ ଆର୍ଥିକ ବର୍ଷରେ ମଧ୍ୟ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ବଜାର ମାନ୍ୟତା ବଜାୟ ରଖିବା ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) କହିଛି। ଖୁଚୁରା ମୁଦ୍ରାସ୍ଫୀତି ୫ ମାସର ସର୍ବନିମ୍ନ ସ୍ତର, କମ୍ପାନୀଗୁଡ଼ିକର ତ୍ରୈମାସିକ ଫଳାଫଳରେ ଉନ୍ନତି ଆଶା, ଟିକାକରଣରେ ଉନ୍ନତି ଏବଂ ଶିଳ୍ପ ଜଗତକୁ ସହାୟତା ଦେବା ଲାଗି ସରକାରଙ୍କ ନିରନ୍ତର ଚେଷ୍ଟା ଭଳି କାରକ ବଜାରକୁ ଉର୍ଦ୍ଧ୍ୱଗାମୀ କରିବା ସହ ନିବେଶକଙ୍କ ମନୋବଳ ବଢ଼ାଉଛି।

### କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୨୭୧ ଲକ୍ଷ କୋଟି

# ୨୧ରୁ ଏମ୍‌ଜି ଆଷ୍ଟୋର ବୁକିଂ

ନୂଆଦିଲ୍ଲୀ,୧୩।୧୦

ଏମ୍‌ଜି ମୋଟର ଇଣ୍ଡିଆ ପକ୍ଷରୁ ଏହାର ନୂଆ ମଡେଲ ଆଷ୍ଟୋରର ଭାରତ ବଜାର ପ୍ରବେଶ ହୋଇଛି। ଏହି ଯାନଟିର ବୁକିଂ ନେଇ କମ୍ପାନୀ ଘୋଷଣା କରିଛି। ଗ୍ରାହକ କମ୍ପାନୀର ଡିଲରଶିପ ଏବଂ ଅନ୍‌ଲାଇନ ପ୍ଲାଟ୍‌ଫର୍ମରୁ ଏହାକୁ ବୁକିଂ କରିପାରିବେ। ଚଳିତ ମାସ ୨୧ରୁ ଏଥିଲାଗି ବୁକିଂ ଆରମ୍ଭ ହେବ। ନଭେମ୍ବରଠାରୁ ଏହି ଯାନଟିକୁ ଗ୍ରାହକଙ୍କୁ ଡେଲିଭରି ମିଳିବ। ଏହା ଦେଶର ପ୍ରଥମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସହାୟକ ଏବଂ ପ୍ରଥମ ସେଗ୍‌ମେଣ୍ଟ ଅଟୋନୋମସ ସ୍ତର ଟେକ୍ନୋଲୋଜି ସହ ଆସୁଛି। ମଧ୍ୟମ ଏସ୍‌ୟୁଭି ବର୍ଗରେ ଆସୁଥିବା ଏହି ଯାନଟିର ବଜାର ଦର ୯.୭୮ ଲକ୍ଷ ଟଙ୍କା ରହିଛି। ଗ୍ରାହକ ଏଥିରେ ଅତ୍ୟାଧୁନିକ ଜ୍ଞାନକୌଶଳ, ଡିଜାଇନ ଏକ୍ସିଲେନ୍ସ ସହ ଷ୍ଟାଇଲ, ସ୍ମାର୍ଟ ଟପ୍ ଅଫ୍‌ଲାଇନ ସାର୍ପ ପର୍ଯ୍ୟନ୍ତ ଭାରିଆଣ୍ଟଗୁଡିକ ମଧ୍ୟରେ ଚୟନ କରିପାରିବେ। ଏଥିରେ ଏକ ଷ୍ଟାଣ୍ଡାର୍ଡ ୩-୩-୩ ପ୍ୟାକେଜ ରହିଛି। ୩ ବର୍ଷ ଅନ୍‌ଲିମିଟେଡ୍ କି.ମି.ର ୱାରେଣ୍ଟି, ୩ ବର୍ଷର ରୋଡ୍ ସାଇଡ୍ ଆସିଷ୍ଟାନ୍ସ, ୩ଟି ଲେବର ଫ୍ରି ପରିଅଟିକ ସେବା ଗ୍ରାହକ ଲାଭ କରିପାରିବେ। ମାଇଁ ଏମ୍‌ଜି ସିଲ୍ଡ ପ୍ରୋଗ୍ରାମ ସହିତ ଗ୍ରାହକ ୱାରେଣ୍ଟି ଏକ୍ସଟେନଶନ, ପ୍ରୋଟେକ୍ଟ ପ୍ଲାନ ସହ ମାଲିକାନା ପ୍ୟାକେଜ ବାଛିବା ଏବଂ ବ୍ୟକ୍ତିଗତ ପାଇଁ ଫ୍ଲେକ୍ସିବିଲିଟି ରହିଛି।




ଏକ କିଲୋମିଟର ପିଛା ଗଣନା କରାଯାଇ ଆଷ୍ଟୋରର ମାଲିକାନା ମୂଲ୍ୟ କି.ମି. ପିଛା ୪୭ ପଇସା ରହିଛି। ଏହି ମଡେଲଟି ମଧ୍ୟ ସେଗ୍‌ମେଣ୍ଟ ପ୍ରଥମ ୩-୬୦ ପ୍ରୋଗ୍ରାମ ସହିତ ଆସିଥାଏ। ଏହା ଏକ ନିଶ୍ଚିତ ବାଏବ୍ୟାକ୍ ଯୋଜନା ହୋଇଥିବା ବେଳେ ଗ୍ରାହକ ୩ ବର୍ଷର କ୍ରୟ ସମାପ୍ତ କରିବା ପରେ ଆଷ୍ଟୋର ଏକ୍ସ ଶୋ'ରୁମ୍ ମୂଲ୍ୟ ୬୦% ଲାଭ କରିପାରିବେ। ଏମ୍‌ଜି ମୋଟର ଇଣ୍ଡିଆର ଏମ୍‌ଡି ରାଜୀବ ଛାବା କହିଛନ୍ତି, ପ୍ରତିଷ୍ଠିତ ବ୍ରାଣ୍ଡ ଐତିହ୍ୟ ଉପରେ ଆଧାରକରି ଭବିଷ୍ୟତର ଗତିଶୀଳତାର ଏକ ବାଧ୍ୟତାମୂଳକ ଅଭିବ୍ୟକ୍ତିରେ ଆଷ୍ଟୋର ବ୍ୟକ୍ତିତ୍ୱ, ବ୍ୟାବହାରିକତା ଏବଂ ଟେକ୍ନୋଲୋଜି ଆଣିଥାଏ। ଆଷ୍ଟୋରର ଆଇ-ସ୍ମାର୍ଟ ଟେକ୍ନୋଲୋଜି ସ୍ମାର୍ଟ ଏବଂ ସାର୍ପ ପ୍ରକାର ଲାଗି ୮୦ରୁ ଉର୍ଦ୍ଧ୍ୱ କନେକ୍ଟେଡ କାର ବୈଶିଷ୍ଟ୍ୟ ସହ ଆସୁଛି।

## ଟାଟା ହ୍ୟାରିୟର ପକ୍ଷରୁ ସୁଦର୍ଶନ ଭାରତ ପରିକ୍ରମା ର୍‍ୟାଲି



ନୂଆଦିଲ୍ଲୀ,୧୩।୧୦

ଆଜାଦି କା ଅମୃତ ମହୋତ୍ସବ ପାଳନ କରିବା ପାଇଁ ୪୭ ରାଷ୍ଟ୍ରୀୟ ସୁରକ୍ଷା ଗାର୍ଡ(ଏନ୍‌ଏସ୍‌ଜି) କମାଣ୍ଡୋଙ୍କ ଏକ ଅଭିଜିତ ଗୋଷ୍ଠୀ ଭାରତର ଦୈର୍ଘ୍ୟ ପ୍ରସ୍ଥ ଢାଙ୍କିବା ପାଇଁ 'ସୁଦର୍ଶନ ଭାରତ ପରିକ୍ରମା' ଆରମ୍ଭ କରିଛନ୍ତି । ଟାଟା ମୋଟର୍ସର ଏସ୍‌ୟୁଭି ଟାଟା ଡାର୍କ ହ୍ୟାରିୟର ବ୍ଲାକ୍ କେଟ୍ କମାଣ୍ଡୋଙ୍କ ଧାରୁଆ ବ୍ୟକ୍ତିତ୍ୱ ସହିତ ପ୍ରତିଧ୍ୱନିତ୍ୱ ହୋଇଛି। ଏହି ଅଭିଯାନରେ ଏନ୍‌ଏସ୍‌ଜିର ପସନ୍ଦ ଗାଡ଼ି ହୋଇଥିବାରୁ ଗର୍ବିତ। ୧୫ଟି ଟାଟା ଡାର୍କ ହ୍ୟାରିୟରରେ ଚାଳିତ ଏହି ଲ୍ୟାଣ୍ଡମାର୍କ ରାଲି ୧୮ଟି ପ୍ରମୁଖ ସହର ଦେଇ ୭୫୦୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ଏକ ମାସରୁ କମ୍ ସମୟ ନେବ । ସମ୍ପ୍ରତି ଏହି ରାଲି ଭୁବନେଶ୍ୱରରେ ପହଞ୍ଚିବା ପୂର୍ବରୁ ଦିଲ୍ଲୀ, ଆଗ୍ରା, ଲକ୍ଷ୍ନୌ, ବାରାଣସୀ, ଗୟା, ଜାମସେଦପୁର, କୋଲକାତା ଦେଇ ଯାତ୍ରା କରିଛି । ଏହା ବ୍ରହ୍ମପୁର ଯିବ ଏବଂ ରାସ୍ତାରେ ଟିଏମ୍‌ଏଲ୍ ଡିଲରଶିପରେ ପିଟ୍‌ଷ୍ଟପ ତିଆରି କରିବା ଜାରି ରଖିବ ।

## କୋଲ୍ ଇଣ୍ଡିଆକୁ ଇସ୍ପାତ ନିର୍ମାତାଙ୍କ ଚିଠି

ନୂଆଦିଲ୍ଲୀ,୧୩।୧୦

ଭାରତରେ ବର୍ତ୍ତମାନ କୋଇଲା ସଙ୍କଟ ଜାରି ରହିଛି। ଦେଶର ଆଲୁମିନିୟମ ନିର୍ମାତା କମ୍ପାନୀଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣର କୋଇଲା ଉପଲବ୍ଧ ହେଉନାହିଁ। ଫଳରେ କମ୍ପାନୀଗୁଡିକ ବର୍ତ୍ତମାନ ସମସ୍ୟାରେ ରହିଛନ୍ତି। ଏହାକୁ ନେଇ ଇସ୍ପାତ ନିର୍ମାତାଙ୍କ ସଂଘ ଆଲୁମିନିୟମ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ କୋଲ୍ ଇଣ୍ଡିଆକୁ ଚିଠି ଲେଖାଯାଇଛି। ତୁରନ୍ତ ଭିତ୍ତିରେ କୋଇଲା ଯୋଗାଣକୁ ତ୍ୱରାନ୍ୱିତ କରିବା ସହ ସ୍ଥାନୀୟ ଶିଳ୍ପଗୁଡିକର ଅସ୍ତିତ୍ୱ ବଜାୟ ରଖିବା ଦିଗରେ କାର୍ଯ୍ୟ କରିବାକୁ ସଂଘ ଚିଠିରେ ନିବେଦନ କରିଛି। କୋଇଲା ଯୋଗାଣ ତ୍ୱରାନ୍ୱିତ କରି ଶିଳ୍ପଗୁଡିକୁ ନିରନ୍ତର ଚଳାଇବା, ପ୍ରାଥମିକତା ଭିତ୍ତିରେ ରେକ୍ ଯୋଗାଣ, ନିଲାମ ଦ୍ୱାରା କୋଲ୍ ଲିଙ୍କେଜକୁ ତ୍ୱରାନ୍ୱିତ କରିବା ଏବଂ ସ୍ୱତନ୍ତ୍ର ଇ-ନିଲାମ ଭଳି ବିଭିନ୍ନ ପଦକ୍ଷେପ ନେବାକୁ ଆଲୁମିନିୟମ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି।

## ୱାକାରୋର ନୂଆ ଟିଭି କ୍ୟାମ୍ପେନ

ନୂଆଦିଲ୍ଲୀ,୧୩।୧୦



ପ୍ରମୁଖ ଫ୍ୟାଶନ ଫୁଟ୍‌ୱେର ବ୍ରାଣ୍ଡ ୱାକାରୋ ପକ୍ଷରୁ ନୂଆ ଟେଲିଭିଜନ କ୍ୟାମ୍ପେନ ଶୁଭାରମ୍ଭ ହୋଇଛି। ଗ୍ରାହକଙ୍କ ସହ ଯୋଡ଼ିହେବା ଲାଗି କମ୍ପାନୀ 'ୱାକମୋର୍ ରେଷ୍ଟ ଲେସ୍' ଅଭିଯାନ ଆଣିଛି। କମ୍ପାନୀ ପକ୍ଷରୁ ୬ ଫିଲ୍ମ ଆରମ୍ଭ କରାଯାଇଥିବା ବେଳେ ଏଥିରେ ବଲିଉଡ୍ ଅଭିନେତା ଅମିର ଖାନ ଅଭିନୟ କରିଛନ୍ତି। ଏହି କ୍ୟାମ୍ପେନ ସିରିଜରେ ଅମିର ୬ ଭିନ୍ନ ଅବତାରରେ ନଜର ଆସିଛନ୍ତି। ଗ୍ରାହକଙ୍କ ମଧ୍ୟରେ ବ୍ରାଣ୍ଡ ସମ୍ପର୍କିତ ସଚେତନତା, ଆରାମ, ଷ୍ଟାଇଲ ଏବଂ ସୁଲଭ ମୂଲ୍ୟ ଭଳି ପ୍ରସଙ୍ଗକୁ ଏହା ଦେଖାଉଛି। ହାଭାସ କ୍ରିଏଟିଭ ଗ୍ରୁପ୍ ଇଣ୍ଡିଆ ପକ୍ଷରୁ ଏହାକୁ ଡିଜାଇନ କରାଯାଇଛି। ନୂଆ କ୍ୟାମ୍ପେନକୁ ଆରମ୍ଭକରି ଅତ୍ୟନ୍ତ ଖୁସି ବୋଲି ୱାକାରୋ ଇଣ୍ଟରନ୍ୟାଶନାଲ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭିକେସି ନୌସାଦ କହିଛନ୍ତି। ଗ୍ରାହକଙ୍କୁ ୧୦୦୦ରୁ ଉର୍ଦ୍ଧ୍ୱ ଡିଜାଇନ ପ୍ରଦାନ କରାଯାଉଛି। ମହିଳା, ପୁରୁଷ ଏବଂ ଶିଶୁଙ୍କ ବର୍ଗରେ କମ୍ପାନୀର ପ୍ରଡକ୍ଟଗୁଡିକ ବଜାରକୁ ଆସିଛି। ୨୦୧୨ରେ ୱାକାରୋ ଫ୍ୟାଶନ ଫୁଟ୍‌ୱେର ବ୍ରାଣ୍ଡ ବର୍ଗରେ ପ୍ରବେଶ କରିଥିଲା। ୪୯୯ ଟଙ୍କାରେ ସ୍ପୋର୍ଟସ ସାଣ୍ଡାଲ ଆରମ୍ଭ କରି ଏହା ନୂଆ ଟ୍ରେଣ୍ଡ ସୃଷ୍ଟି କରିଥିଲା। ବ୍ରାଣ୍ଡର କଲେକ୍ସନ ମଧ୍ୟରେ ଫ୍ଲିପ୍‌ଫ୍ଲପ୍, ଆଥଲେଟିକ ସୁ, ମହିଳା ଏବଂ ପୁରୁଷଙ୍କ ଲାଗି ହାଫ୍ ସୁ ଭଳି ଅନ୍ୟ ବର୍ଗର ପ୍ରଡକ୍ଟ କମ୍ପାନୀ ଆଣୁଛି। ୨୦୨୦-୨୧ରେ ଏହା ୧୨୦୦ କୋଟି ଟଙ୍କାର କାରବାର କରିଛି।

**ଫୁର୍‌ସତ୍**

# ଅର୍ଥନୀତିରେ ମାନକକରଣ ଗୁରୁତ୍ୱପୂର୍ଣ୍ଣ

### ବିଶ୍ୱ ମାନକ ଦିବସ



ଅର୍ଥନୀତିର ବିକାଶରେ ଗୁଣବତ୍ତାଯୁକ୍ତ ମାନକ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା ଘରୋଇ ଉତ୍ପାଦର ଚାହିଦା ଅନ୍ତର୍ଜାତୀୟସ୍ତରରେ ବୃଦ୍ଧି ପାଇପାରିଥାଏ। ଦେଶଦେଶ ମଧ୍ୟରେ ବାଣିଜ୍ୟ ସମୟରେ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ପନିପରିବା ସହିତ ଅନ୍ୟ ସମସ୍ତ ଉତ୍ପାଦ କ୍ଷେତ୍ରରେ ଗୁଣବତ୍ତା ଯାଞ୍ଚର ଭୂମିକା ଅପରିହାର୍ଯ୍ୟ ହୋଇପଡ଼ିଥାଏ। ସେହିପରି ସାଧାରଣ ଉପଭୋକ୍ତାଙ୍କ କ୍ଷେତ୍ରରେ ପ୍ରତିଟି ସାମଗ୍ରୀ କିଣିବା ସମୟରେ ଏହାର ଗୁଣବତ୍ତା ସମ୍ପର୍କିତ ତଥ୍ୟ ଭଲଭାବେ ଜାଣିନେବାର ଆବଶ୍ୟକତା ମଧ୍ୟ ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଅକ୍ଟୋବର ୧୪ରେ ବିଶ୍ୱ ମାନକ ଦିବସ ପାଳନ କରାଯାଇଥାଏ। ଦିବସର ଉଦ୍ଦେଶ୍ୟ ହେଉଛି ନିୟାମକ, ଶିଳ୍ପ ଏବଂ ଗ୍ରାହକଙ୍କ ମଧ୍ୟରେ ବିଶ୍ୱ ଅର୍ଥନୀତି ସମ୍ପର୍କରେ ମାନକକରଣର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା। ଆମେରିକୀୟ ସୋସାଇଟି ଅଫ୍ ମେକାନିକାଲ ଇଞ୍ଜିନିୟର୍ସ (ଏଏସ୍‌ଏମ୍‌ଇ), ଅନ୍ତର୍ଜାତୀୟ ନୈତିକ ମାନକ ଆକାଉଣ୍ଟାଣ୍ଟ୍ସ ବୋର୍ଡ (ଆଇଇଏସ୍‌ବିଏ) ଅନ୍ତର୍ଜାତୀୟ ମାନକକରଣ ସଂଗଠନ (ଆଇଏସ୍‌ଓ) ପରି ମାନକ ବିକାଶ ସଂଗଠନ ମଧ୍ୟରେ ସ୍ୱେଚ୍ଛାକୃତ ମାନକ ବିକାଶ କରୁଥିବା ବିଶେଷଜ୍ଞଙ୍କ ଉଦ୍ୟମକୁ ଏହି ଦିନ ସମ୍ମାନିତ କରାଯାଇଥାଏ।

୧୯୪୬ ଅକ୍ଟୋବର ୧୪ରେ ୨୫ଟି ଦେଶର ପ୍ରତିନିଧିମାନେ ପ୍ରଥମେ ଲଣ୍ଡନରେ ଏକତ୍ରିତ ହୋଇଥିଲେ ଏବଂ ମାନକକରଣକୁ ସୁଗମ କରିବା ଉପରେ ଏକ ଅନ୍ତର୍ଜାତୀୟ ସଂଗଠନ ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହାର ଗୋଟିଏ ବର୍ଷ ପରେ ଅନ୍ତର୍ଜାତୀୟ ମାନକକରଣ ସଂଗଠନ (ଆଇଏସ୍‌ଓ) ଗଠନ କରାଯାଇଥିଲା। ମାତ୍ର ୧୯୭୦ରେ ପ୍ରଥମ ବିଶ୍ୱ ମାନକ ଦିବସ ପାଳନ କରାଯାଇ ଥିଲା।

## ତାପସୀଙ୍କ ନୂଆ ଟିପ୍ସ




ମୁମ୍ବାଇ : ବଲିଉଡ୍ ଅଭିନେତ୍ରୀ ତାପସୀ ପନ୍ନୁ ନୂଆ ଫିଲ୍ମ 'ରଶ୍ମୀ ରକେଟ'ରେ ତାଙ୍କ ଲୁକ୍‌କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏଥିରେ ସେ ଜଣେ ଆଥଲେଟ୍ ଭୂମିକାରେ ନଜର ଆସିବେ। ଫିଲ୍ମର ଚରିତ୍ର ପାଇଁ ସେ ବହୁତ ପରିଶ୍ରମ କରିଛନ୍ତି। ଏକ ସାକ୍ଷାତକାରରେ ସେ କିଛି ଟିପ୍ସ ଦେଇଛନ୍ତି। ତାପସୀ କହିଛନ୍ତି, ବିକିନି ଚେହେରା ଓ ଆଥଲେଟ୍ ଚେହେରା ଭିତରେ ପାର୍ଥକ୍ୟ ରହିଛି। ବିକିନି ଶରୀର ପାଇଁ ଓଜନ କମ କରିବାକୁ ପଡେ। ଚର୍ମ, ହାଡରେ ଯେପରି କୌଣସି ପ୍ରଭାବ ନ ପଡେ ସେଥିପତି ଧ୍ୟାନ ଦେବାକୁ ହୋଇଥାଏ। ଆଥଲେଟିକ୍ ବଡି ପାଇଁ ବହୁ ପରିଶ୍ରମ କରିବାକୁ ପଡ଼େ। ରଶ୍ମୀ ରକେଟ୍‌ରେ ଆଥଲେଟ ଭୂମିକା ଥିବାରୁ ଲୋକେ ତାଙ୍କୁ ସେହିଭଳି ଚେହେରାରେ ଦେଖିବାକୁ ପାଇବେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**VISWAJANANI FINANCE**
ମାର୍କସିଟ୍, ପ୍ରପର୍ଟି, ପର୍ସନାଲ, ହୋମ୍, କୃଷି ଓ ପଶୁପାଳନ ନିମନ୍ତେ ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ। ସମସ୍ତଙ୍କୁ ONLINE ମାଧ୍ୟମରେ ଯୋଗାଇ ଦିଆଯାଉଛି।
୧ରୁ ୨୦ଲକ୍ଷ ପର୍ଯ୍ୟନ୍ତ ୨% ସୁଧ
M.: 8280401694 (W)
M.: 8895872573

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ସୁଲତାନ ମିର୍ଜା
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
9891589903

**DHANLAXMI FINANCE**
ଦୀପାବଳୀ ଧମାକା
୧୯୨୭ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
8004740343

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**

୰ ପ୍ରଶାନ୍ତ କୁମାର ପଟ୍ଟନାୟକ
ବାଙ୍କୀ
ଆବିର୍ଭାବ- ୦୭।୦୪।୧୯୬୬
ତିରୋଧାନ- ୨୪।୦୯।୨୦୨୦
ବାବା, ମୋତେ ଯେତେବେଳେ ୯ ବର୍ଷ ବୟସ, ମାମା ଚାଲିଗଲା। ଆଜିକୁ ଠିକ୍ ବର୍ଷେ ହେବ, ମୋତେ ୧୪ ବର୍ଷ ବୟସରେ ତୁମେ ଚାଲିଗଲ। ମୁଁ ସମ୍ପୂର୍ଣ୍ଣ ଏକା ହୋଇଗଲି, କେମିତି ମୋ ଦିନ କଟୁଛି ଈଶ୍ୱରଙ୍କୁ ଜଣା । ଜଗନ୍ନାଥଙ୍କୁ ଡାକୁଛି ତୁମ ଅମର ଆତ୍ମାର ସଦ୍‌ଗତି ହେଉ।
ହତଭାଗ୍ୟ ପୁତ୍ର-ଜଗନ୍
- ଶ୍ରଦ୍ଧାଞ୍ଜଳି ସହ -
ପରିବାର ଓ ଆତ୍ମୀୟସ୍ୱଜନ
D-21970

**ଶ୍ରଦ୍ଧାଞ୍ଜଳି**

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ
୰ପ୍ରେମାନନ୍ଦ ମଙ୍ଗରାଜ
ମଳିପଡ଼ା, ଭୁବନେଶ୍ୱର
ତା. ୧୫.୧୦.୨୦୨୧
ଆବିର୍ଭାବ:- ୨୭.୧୦.୧୯୮୧
ତିରୋଧାନ:- ୨୬.୦୯.୨୦୨୦
ଚାହୁଁ ଚାହୁଁ ଗୋଟିଏ ବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ସ୍ତ୍ରୀ, ଭାଇ, ବନ୍ଧୁ ଓ ପରିବାର ବର୍ଗ
D-21966

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତ ସଦାନନ୍ଦ ବେହେରା
କୁଞ୍ଜକାନ୍ତ-ମଧୁବନ, ଢେଙ୍କାନାଳ
ଏକବର୍ଷ ହେଲା ସ୍ୱର୍ଗକୁ ଗଲେଣି ମନେପଡୁଛ ବହୁତ, ଅଭୁଲା ରହିବ ତୁମ ଉପଦେଶ ସ୍ମୃତି ରହିବ ସତତ। ଜଣାଣ କରୁଛୁ ଜଗତନାଥଙ୍କୁ ରଖନ୍ତୁ ଆତ୍ମା ଶାନ୍ତିରେ, ତୁମରି ଆଶିଷ ହେଉଥାଉ ବର୍ଷା ସଦା ଆମ ସଂସାରେ।
ଆପଣଙ୍କର ଶୋକସନ୍ତପ୍ତ - ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ।
ଧ-୭୦୩୬୧

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ**

ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ॥
୰ ମୀନାକ୍ଷୀ ବେହେରା
ପରକରଣ ସାହି
ଓଲ୍ଡ ଟାଉନ, ଭୁବନେଶ୍ୱର
ପ୍ରଥମ ବାର୍ଷିକ ଶ୍ରାଦ୍ଧଦିବସରେ ଆମ୍ଭର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ- ପୁତ୍ର- ମନୋଜ କୁମାର ବେହେରା, ପୁତ୍ରବଧୂ, ନାତି, ବନ୍ଧୁ ଓ ପରିବାରବର୍ଗ ।
ଧ-୭୦୫୦୦

**ଦ୍ୱାଦଶାହ ଉପଲକ୍ଷେ ବିନମ୍ର ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ହରେକୃଷ୍ଣ ମିଶ୍ର
ଆବିର୍ଭାବ- ୧୪।୦୩।୧୯୩୫
ତିରୋଧାନ- ୦୩।୧୦।୨୦୨୧
ଆପଣଙ୍କ ଶୋକସନ୍ତପ୍ତ ପରିବାର ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛି।
-:ଶ୍ରଦ୍ଧାଞ୍ଜଳି ସହ:-
ପତ୍ନୀ- ହେମଲତା ମିଶ୍ର
ପୁତ୍ର- ଗୋଦାବରୀଶ ମିଶ୍ର
ଧ-୨୧୯୭୫

**ଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ନିଶାମଣୀ ମିଶ୍ର
କଣ୍ଟାବାଡ଼, ବେଗୁନିଆ, ଖୋର୍ଦ୍ଧା
ଆବିର୍ଭାବ - ୧୫.୦୯.୧୯୩୮
ତିରୋଧାନ - ୦୫.୧୦.୨୦୨୧
ଆପଣଙ୍କ ସ୍ନେହଭରା କଥା, ଆଦରର ଡ଼ାକ ଆଉ ଶୁଭିବନି, ଆପଣଙ୍କର ନୀତି, ଆଦର୍ଶ କର୍ତ୍ତବ୍ୟନିଷ୍ଠା, ନିଷ୍ପାପରତାକୁ ପାଥେୟ କରି ଜୀବନ ବିତାଇବାକୁ ଚେଷ୍ଟା କରିବୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁଅ, ବୋହୂ, ନାତୀ, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
D-71185

ଧରିତ୍ରୀ
DHARITRI


# ଚେନ୍ନାଇ-କୋଲକାତା ଫାଇନାଲ

**ଶାରଜା, ୧୩।୧୦**

ଆଇପିଏଲରେ ଗତ ବର୍ଷର ରନର୍ସଅପ୍ ଦିଲ୍ଲୀ କ୍ୟାପିଟାଲ୍ସର ଅଭିଯାନ ଏଥର କ୍ୱାଲିଫାୟର-୨ରୁ ଶେଷ ହୋଇଛି। ପ୍ଲେ-ଅଫ୍‌ରେ ୨ ଥର ସୁଯୋଗ ପାଇଥିଲେ ହେଁ ଦଳ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଛି। ସିଜନ ସାରା ଚମତ୍କାର ଖେଳି ଆସିଥିଲେ ହେଁ ବୁଧବାର ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଦଳ କୋଲକାତା ନାଇଟ ରାଇଡର୍ସଠାରୁ ୩ ଉଇକେଟରେ ପରାସ୍ତ ହୋଇଛି। ବୋଲରମାନଙ୍କ ଚମତ୍କାରିତା ବଳରେ ଦିଲ୍ଲୀ ଶେଷ ଭାଗରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ବିଜୟ ପାଇଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଅନ୍ୟପକ୍ଷରେ ବିଜୟ ସହ କୋଲକାତା ଫାଇନାଲରେ ପ୍ରବେଶ କରିଛି। କୋଲକାତା ଓ ଚେନ୍ନାଇ ସୁପରକିଙ୍ଗ୍ସ ମଧ୍ୟରେ ଫାଇନାଲ ୧୫ ତାରିଖରେ ଅନୁଷ୍ଠିତ ହେବ। କ୍ୱାଲିଫାୟର-୧ରେ ଚେନ୍ନାଇ ୪ ଉଇକେଟରେ ଦିଲ୍ଲୀକୁ ପରାସ୍ତ କରିଥିଲା। କୋଲକାତା ଏହା ପୂର୍ବରୁ ୨୦୧୨ ଓ ୨୦୧୪ରେ ଫାଇନାଲରେ ପ୍ରବେଶ କରି ଚାମ୍ପିୟନ ହୋଇଥିଲା। ୨୦୧୨ ଟାଇଟଲ ମୁକାବିଲାରେ ଦଳ ଚେନ୍ନାଇ ସୁପରକିଙ୍ଗ୍ସକୁ ହିଁ ହରାଇଥିଲା। ତେଣୁ ଏଥର ମ୍ୟାଚ ରୋମାଞ୍ଚକ ହେବା ଆଶା ରହିଛି। ଚେନ୍ନାଇ ୨୦୧୦, ୨୦୧୧, ୨୦୧୮ରେ ଚାମ୍ପିୟନ ହୋଇଥିବାବେଳେ ୨୦୦୮, ୨୦୧୨, ୨୦୧୩, ୨୦୧୫ ଓ ୨୦୧୯ରେ ରନର୍ସଅପ୍ ରହିଛି। ଅନ୍ୟପକ୍ଷରେ ଲିଗ୍ ପର୍ଯ୍ୟାୟରେ ଟେବୁଲ ଟପ୍ପର ରହିଥିବା ଦିଲ୍ଲୀ ୨୦୦୯, ୨୦୧୨, ୨୦୧୯ ପରି ଏଥର ମଧ୍ୟ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛି।

**ଆଇପିଏଲ୍-୧୪**

କ୍ୱାଲିଫାୟର-୧ରେ ହାଇ ସ୍କୋର ସତ୍ତ୍ୱେ ଚେନ୍ନାଇଠାରୁ ହାରିଥିବା ଦିଲ୍ଲୀ କ୍ୱାଲିଫାୟର-୨ରେ ୨୦ ଓଭରରେ ୫ ଉଇକେଟ ହରାଇ ମାତ୍ର ୧୩୫ ରନ କରିବାକୁ ସକ୍ଷମ ହୋଇଥିଲା। ୧୩୬ ରନର ବିଜୟ ଲକ୍ଷ୍ୟକୁ କୋଲକାତା ୧୯.୫ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା। ଦୁଇ ଓପନର ଶୁବମନ ଗିଲ ଓ ଭେଙ୍କଟେଶ ଆୟାର ଓପନିଂ ଯୋଡ଼ିରେ ୭୪ ବଲ୍‌ରୁ ୯୬ ରନ ସଂଗ୍ରହ କରି ଦଳର ବିଜୟ ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୪୧ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ୫୫ ରନ କରି ଭେଙ୍କଟେଶ ଆଉଟ ହୋଇଥିଲେ। ବିଜୟ ଲକ୍ଷ୍ୟଠାରୁ ଦଳ ୨୦ ବଲ୍‌ରୁ ୧୧ ରନ ଦୂରରେ ଥିବାବେଳେ ଗିଲ୍ ଆଉଟ ହୋଇଥିଲେ। ସେ ୪୬ ବଲ୍‌ରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହ ୪୬ ରନ କରିଥିଲେ। ମାତ୍ର ନାଟକୀୟ ଘଟଣାକ୍ରମରେ ଅପ୍ରତ୍ୟାଶିତଭାବେ ୭ ରନ ବ୍ୟବଧାନରେ ୬ଟି ଉଇକେଟ ହରାଇ କୋଲକାତା ପରାଜୟ ଦ୍ୱାରକୁ ଚାଲି ଆସିଥିଲା। ୨ ବଲ୍‌ରୁ ୬ ରନ ଆବଶ୍ୟକ ହେଉଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନଙ୍କ ୫ମ ବଲ୍‌କୁ ଛକାରେ ପରିଣତ କରି ରାହୁଲ ତ୍ରିପାଠୀ ମ୍ୟାଚର ରୋମାଞ୍ଚକ ପରିସମାପ୍ତି ଘଟାଇଥିଲେ।

କୋଲକାତା ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ବିସ୍ଫୋରକ ଓପନର ପୃଥ୍ୱୀ ଶ' ଓ ଭେଟେରାନ ଶିଖର ଧାୱନ ଓପନିଂ ଯୋଡ଼ିରେ ୩୨ ରନ ଯୋଗ କରିବାକୁ ସକ୍ଷମ ହୋଇଥିଲେ। ପୃଥ୍ୱୀ ୧୨ ବଲ୍‌ରୁ ୨ ଚୌକା ଓ ୧ ଛକା ସହାୟତାରେ ୧୮ ରନ କରିଥିବାବେଳେ ୫ମ ଓଭରର ପ୍ରଥମ ବଲ୍‌ରେ ଇନ୍‌ଫର୍ମ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ଶିକାର ହୋଇଥିଲେ। ମାର୍କୁସ ଷ୍ଟୋଇନିସ ମଧ୍ୟ ବିଶେଷ କିଛି କରିପାରି ନ ଥିଲେ। ସେ ୨୩ ବଲ୍‌ରୁ ୧୮ ରନ କରି ଶିବମ୍ ମାଭିଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ଧାୱନ ୩୯ ବଲ୍‌ରୁ ୧ ଚୌକା ଓ ୨ ଛକା ସହ ୩୬ ରନ କରି ବରୁଣ ଚକ୍ରବର୍ତ୍ତୀଙ୍କ ବଲ୍‌ରେ ଆଉଟ ହୋଇଥିଲେ। ପରେ ଅଧିନାୟକ ରିଷଭ ପନ୍ତ ୬ ଓ ଶିମରନ ହେଟମେର ୧୭(୧୦ ବଲ, ୨ ଛକା) ରନରେ ଆଉଟ ହେବାରୁ ଦିଲ୍ଲୀ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଶିବମ୍ ମାଭିଙ୍କ ଇନିଂସର ଶେଷ ବଲ୍‌କୁ ଛକା ମାରିଥିବା ଶ୍ରେୟାସ ଆୟାର ୨୭ ବଲ୍‌ରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହାୟତାରେ ୩୦ ରନରେ ଅପରାଜିତ ରହିବାରୁ ଦିଲ୍ଲୀ ସ୍କୋର ୧୩୫ରେ ପହଞ୍ଚି ପାରିଥିଲା।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୩୫/୫ (ଶିଖର ଧାୱନ-୩୬, ଶ୍ରେୟାସ ଆୟାର-୩୦*, ବରୁଣ ଚକ୍ରବର୍ତ୍ତୀ-୨/୨୬, ଲୋକି ଫର୍ଗୁସନ-୧/୨୬, ଶିବମ୍ ମାଭି-୧/୨୭)। କୋଲକାତା ନାଇଟ ରାଇଡର୍ସ ୧୯.୫ ଓଭରରେ ୧୩୬/୭ (ଭେଙ୍କଟେଶ ଆୟାର-୫୫, ଶୁବମନ ଗିଲ-୪୬, କାଗିଶୋ ରାବାଡ଼ା-୨/୨୩, ଏନରିଚ ନର୍ଜେ-୨/୩୧, ରବିଚନ୍ଦ୍ରନ ଅଶ୍ୱିନ-୨/୨୭, ଆଭେଶ ଖାଁ-୧/୨୨)।


ଉଇକେଟ ନେବାପରେ ବରୁଣ ଚକ୍ରବର୍ତ୍ତୀଙ୍କ ପ୍ରତିକ୍ରିୟା।




# ଭାରତୀୟ ଦଳରେ ଶାର୍ଦ୍ଦୂଳ ସାମିଲ

**ନୂଆଦିଲ୍ଲୀ, ୧୩।୧୦(ପି.ଟି.)**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓ ଓମାନରେ ଚଳିତ ମାସ ୧୭ରୁ ଆରମ୍ଭ ହେବାକୁ ଯାଉଥିବା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ଫାଷ୍ଟ ବୋଲିଂ ଅଲରାଉଣ୍ଡର ଶାର୍ଦ୍ଦୂଳ ଠାକୁରଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ତାରକା ସ୍ପିନର ଅକ୍ଷର ପଟେଲଙ୍କ ବଦଳ ଖେଳାଳିଭାବେ ୨୯ ବର୍ଷୀୟ ଶାର୍ଦ୍ଦୂଳଙ୍କୁ ସ୍ଥାନ ମିଳିଛି। ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ପ୍ରତିନିଧିତ୍ୱ କରି ସେ ୧୮ଟି ଉଇକେଟ ନେଇ ଚୟନ କର୍ତ୍ତାଙ୍କୁ ପ୍ରଭାବିତ କରିଛନ୍ତି। ଟି୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ଖେଳାଳି ପରିବର୍ତ୍ତନ ପାଇଁ ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ତା' ପୂର୍ବରୁ ଭାରତ ବୁଧବାର ଦଳ ଘୋଷଣା କାର୍ଯ୍ୟ ଶେଷ କରିଛି।

"ଜାତୀୟ ସିନିୟର ଚୟନ କମିଟିର ସଦସ୍ୟମାନେ ଟିମ୍ ମ୍ୟାନେଜମେଣ୍ଟ ସହିତ ଆଲୋଚନା ପରେ ଶାର୍ଦ୍ଦୂଳଙ୍କୁ ମୁଖ୍ୟ ଦଳରେ ସାମିଲ କରିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ଘୋଷିତ ୧୫ ଜଣିଆ ଦଳର ସଦସ୍ୟଥିବା ଅଲରାଉଣ୍ଡର ଅକ୍ଷର ପଟେଲଙ୍କୁ ଷ୍ଟାଣ୍ଡବାଇ ଖେଳାଳି ତାଲିକାରେ ରଖା ଯାଇଛି" ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ଫିଟ୍‌ନେସ୍ ସମସ୍ୟାକୁ ନେଇ ପେସ୍ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଚଳିତ ଆଇପିଏଲ୍‌ରେ ବୋଲିଂ କରିପାରୁ ନାହାନ୍ତି। ଏହା ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାର କାରଣ ହୋଇଥିବାରୁ ଚୟନକର୍ତ୍ତାମାନେ ଏପରି ନିଷ୍ପତ୍ତି ନେଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ବୋଲିଂ କରୁ ନ ଥିବାରୁ ଚୟନକର୍ତ୍ତାମାନେ ଦଳରେ ଜଣେ ପେସ୍ ବୋଲର କମ୍ ଥିବା ହୃଦୟଙ୍ଗମ କରିଛନ୍ତି। ମୁଖ୍ୟ ଦଳରେ ଜଣେ ଅଲରାଉଣ୍ଡରଙ୍କୁ ଚୟନ କମିଟି ଚାହୁଁଥିଲା। ଅକ୍ଷର ଷ୍ଟାଣ୍ଡବାଇ ଖେଳାଳିଭାବେ ଦଳ ସହ ରହିବେ। ଯଦି ରବୀନ୍ଦ୍ର ଜାଡେଜା ଆହତ ହେବେ ତେବେ ଅକ୍ଷରଙ୍କୁ ମୁଖ୍ୟ ଦଳରେ ସାମିଲ କରାଯିବ। ଜାଡେଜା ଖେଳିଲେ ଅକ୍ଷରଙ୍କ ଆବଶ୍ୟକ ପଡ଼ିବ ନାହିଁ ବୋଲି ଜଣେ ଚୟନ କମିଟି ସଦସ୍ୟ ପ୍ରକାଶ କରିଛନ୍ତି।

ରିପୋର୍ଟ ଅନୁସାରେ ଚୟନକର୍ତ୍ତାମାନେ ହର୍ଶଲ ପଟେଲଙ୍କୁ ମଧ୍ୟ ନେଟ୍ ବୋଲର ତାଲିକାରେ ସାମିଲ କରିଛନ୍ତି। ଆଭେଶ ଖାଁ, ଉମ୍ରାନ ମଲିକ, ହର୍ଶଲ ପଟେଲ, ଲୁକମାନ ମାରିୱାଲା, ଭେଙ୍କଟେଶ୍ ଆୟାର, କର୍ନ ଶର୍ମା, ଶାହାବାଜ ଅହମଦ ଓ କେ. ଗୋଥାମଙ୍କୁ ଦୁବାଇରେ ବାୟୋ-ବବ୍‌ଲ ମଧ୍ୟରେ ରହି ଟିମ୍ ଇଣ୍ଡିଆ ସଦସ୍ୟଙ୍କୁ ଅଭ୍ୟାସରେ ସହଯୋଗ କରିବାକୁ କୁହାଯାଇଛି। ସମ୍ପ୍ରତି ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ଖେଳୁଥିବା ରେଲୱେ ଲେଗ୍ ସ୍ପିନର କର୍ନ ଶର୍ମାଙ୍କୁ ଷ୍ଟାଣ୍ଡବାଇ ତାଲିକାରେ ରଖାଯିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଶ୍ୱକପ୍ ଅବସରରେ ଭାରତୀୟ ଦଳର ମେଣ୍ଟର ଦାୟିତ୍ୱ ତୁଲାଇବାକୁ ଯାଉଥିବା ମହେନ୍ଦ୍ର ସିଂ ଧୋନୀଙ୍କର କର୍ନ ଶର୍ମାଙ୍କ ଉପରେ ଆସ୍ଥା ରହିଛି। ତେଣୁ ତାଙ୍କୁ ଚେନ୍ନାଇ ଫ୍ରାଞ୍ଚାଇଜ କ୍ରମାଗତଭାବେ ଦଳରେ ସାମିଲ କରି ଆସୁଛି। ଯଦିଓ କର୍ନ ଅଧିକ ଆଇପିଏଲ ମ୍ୟାଚ ଖେଳିବା ସୁଯୋଗ ପାଇନାହାନ୍ତି ତେବେ ତାଙ୍କ ଫ୍ରାଞ୍ଚାଇଜ୍‌ର 'ଲକି ମାସ୍କଟ' ଭାବେ ବିବେଚନା କରାଯାଉଛି। ଚଳିତ ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପକ୍ଷରୁ ପ୍ରଭାବୀ ପ୍ରଦର୍ଶନ କରି ୧୫ ମ୍ୟାଚରୁ ୧୮ଟି ଉଇକେଟ ନେଇଥିଲେ ହେଁ ଲେଗ୍ ସ୍ପିନର ୟୁଜବେନ୍ଦ୍ର ଚହଲ ଦଳରେ ସ୍ଥାନ ପାଇନାହାନ୍ତି। ଭାରତ ଏହାର ପ୍ରଥମ ମ୍ୟାଚ ଅକ୍ଟୋବର ୨୪ରେ ପାକିସ୍ତାନ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

**ଟି୨୦ କ୍ରିକେଟ ବିଶ୍ୱକପ୍**


ଶାର୍ଦ୍ଦୂଳ ଠାକୁର

ଭାରତୀୟ ଦଳ: ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପ ଅଧିନାୟକ), ଲୋକେଶ ରାହୁଲ, ସୂର୍ଯ୍ୟକୁମାର ଯାଦବ, ରିଷଭ ପନ୍ତ (ଉଇକେଟ କିପର), ଇଶାନ କିଶନ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ରାହୁଲ ଚହର, ରବିଚନ୍ଦ୍ରନ ଅଶ୍ୱିନ, ଶାର୍ଦ୍ଦୂଳ ଠାକୁର, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ୍ ବୁମ୍‌ରା, ଭୁବନେଶ୍ୱର କୁମାର, ମହମ୍ମଦ ସାମି। **ଷ୍ଟାଣ୍ଡବାଇ ଖେଳାଳି:** ଶ୍ରେୟାସ ଆୟାର, ଦୀପକ ଚହର, ଅକ୍ଷର ପଟେଲ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI



ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୪/୨୦୨୧ (୮+୮=୧୬ ପୃଷ୍ଠା) Bhubaneswar, Thursday, October 14/2021 



ମହାଷ୍ଟମୀ ଅବସରରେ ବୁଧବାର କଟକ ଚୌଧୁରୀବଜାର ମଣ୍ଡପରେ ସୁନା ରୁପା ଆଭୂଷଣରେ ଝଲସୁଛନ୍ତି ମା'।

# ରାଜଧାନୀ ଭିଡ଼ ବଢ଼ାଇଲା ସଂକ୍ରମଣ

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

ରାଜ୍ୟରେ କରୋନା ଭୂତାଣୁ ଏବେ ପୁଣି ସକ୍ରିୟ ହୋଇଉଠିଛି। ଲୋକେ ନିୟମ ମାନୁ ନ ଥିବାରୁ ସଂକ୍ରମଣ ଉପରମୁହାଁ ହେଉଛି। ବିଶେଷକରି ରାଜଧାନୀ ଭୁବନେଶ୍ୱରର ହାଟବଜାର, ରାସ୍ତାଘାଟରେ ହେଉଥିବା ଭିଡ଼ ପାଇଁ ସହରରେ ସଂକ୍ରମଣ ବଢ଼ିବା ସହ ଜିଲା ଓ ରାଜ୍ୟର ସ୍ଥିତିକୁ ମଧ୍ୟ ବିଗାଡ଼ିବାରେ ଲାଗିଛି। ଗତ କିଛିଦିନ ହେବ ରାଜ୍ୟରେ ଦୈନିକ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ରାଜଧାନୀରୁ ୪୦ ପ୍ରତିଶତ ରହୁଛନ୍ତି। ଆଗକୁ ଏଠାରେ ପଜିଟିଭ୍ ସଂଖ୍ୟା ବଢ଼ିଲେ, ଏହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି।

ଦୈନିକ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ରହୁଛନ୍ତି। ପୁଣି ଜିଲାର ମୋଟ ସଂକ୍ରମିତଙ୍କ ମଧ୍ୟରୁ ପ୍ରାୟ ୬୦ପ୍ରତିଶତ ହେଉଛନ୍ତି ଭୁବନେଶ୍ୱରର। ଗତ ୧୦ ତାରିଖରେ ଖୋର୍ଦ୍ଧାରୁ ୩୩୧ ଚିହ୍ନଟ ହୋଇଥିବାବେଳେ ଭୁବନେଶ୍ୱରରୁ ୧୫୯ଜଣ ଥିଲେ। ସେହିଭଳି ୧୧ ତାରିଖରେ ଖୋର୍ଦ୍ଧାରେ ୨୦୮ ଥିବାବେଳେ ଭୁବନେଶ୍ୱରରୁ ୧୫୯, ୧୨ରେ ୨୭୪ଜଣଙ୍କ ମଧ୍ୟରୁ ଭୁବନେଶ୍ୱରରୁ ୨୩୪, ୧୩ ତାରିଖରେ ଖୋର୍ଦ୍ଧାରେ ଚିହ୍ନଟ ହୋଇଥିବା ମୋଟ ୩୨୩ ସଂକ୍ରମିତଙ୍କ ମଧ୍ୟରୁ ଭୁବନେଶ୍ୱରରୁ ୧୮୪ଜଣ ରହିଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୬୨,୬୭୫ ନମୁନା ପରୀକ୍ଷା କରାଯାଇଥିବାବେଳେ ୬୧୫ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ସଂକ୍ରମଣ ହାର ୦.୯୮%କୁ ବୃଦ୍ଧି ପାଇଥିଲା। ଏହି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୩୨୩ଜଣ ଥିଲେ। ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଯିବାରୁ ବୁଧବାର ଏହି ଜିଲା ରେଡ୍ ଜୋନ୍‌କୁ ଆସିଥିଲା। ତେବେ ସନ୍ଧ୍ୟାରେ ୧୬୪ଜଣ ସୁସ୍ଥ ହେବାପରେ ପୁଣି ୟେଲୋ ଜୋନ୍‌କୁ ଖସି ଆସିଥିଲା ଖୋର୍ଦ୍ଧା। ତେବେ ଗତ ଦୁଇଦିନ ହେବ ଏହି ଜିଲାରେ ସଂକ୍ରମଣ ହାର ୩% ଉପରେ ରହୁଥିବାରୁ ଓ ଭୁବନେଶ୍ୱରର ସ୍ଥିତି ଜଟିଳ ହେଉଥିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଚିନ୍ତା ବଢ଼ିଛି। ☞ପୃଷ୍ଠା-୫



## 'ପିଲାଙ୍କୁ ଟିକା ପାଇଁ ଭିତ୍ତିଭୂମିରେ ଅସୁବିଧା ନାହିଁ'

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

ରାଜ୍ୟରେ ପିଲାଙ୍କୁ ଟିକା ଦେବା ପାଇଁ ଭିତ୍ତିଭୂମିର ଅଭାବ ନାହିଁ। କେନ୍ଦ୍ର ସରକାର ଗାଇଡ୍‌ଲାଇନ ଜାରି କଲେ ଆମେ ଟିକାକରଣ ଆରମ୍ଭ କରିବୁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି। ଭାରତ ବାୟୋଟେକ୍ ଦ୍ୱାରା ପ୍ରସ୍ତୁତ କୋଭାକ୍ସିନ ଟିକାକୁ ୨ରୁ ୧୮ ବର୍ଷ ବୟସ ବର୍ଗର ପିଲାଙ୍କୁ ଦିଆଯିବା ନେଇ ମଙ୍ଗଳବାର ବିଶେଷଜ୍ଞ କମିଟି ମଞ୍ଜୁରୀ ଦେଇଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଗଠିତ ଟିକା ବିଶେଷଜ୍ଞ କମିଟି ପିଲାଙ୍କ ପାଇଁ କୋଭାକ୍ସିନକୁ ନିରାପଦ ଦର୍ଶାଇବା ସହ ଏହାକୁ ମଞ୍ଜୁରୀ ଦେଇଥିବାରୁ ଏଣିକି ପିଲାଙ୍କୁ ଟିକା ଦେବା ପାଇଁ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହୋଇଯିବ ବୋଲି ଆଶା କରାଯାଉଛି। ଏହା ଉପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମହାପାତ୍ର ପ୍ରତିକ୍ରିୟା ରଖି କହିଛନ୍ତି, ଆମେ ଶିଶୁଙ୍କୁ ଡିପିଟି ଓ ପୋଲିଓ ସବୁବେଳେ ଦେଉଛୁ। ତେଣୁ ଆମ ପାଖରେ ଟିକା ଦେବାକୁ ଲୋକଙ୍କର ଅଭାବ ନାହିଁ। ଭିତ୍ତିଭୂମିରେ ମଧ୍ୟ କୌଣସି ଅସୁବିଧା ନାହିଁ। ତେଣୁ ଟିକା ଆସିଲେ ସଙ୍ଗେ ସଙ୍ଗେ ଟିକାକରଣ ଆରମ୍ଭ ହେବ। କେନ୍ଦ୍ର ସରକାର ଏନେଇ ଏଯାଏ କୌଣସି ଗାଇଡ୍‌ଲାଇନ ଜାରି କରିନାହାନ୍ତି। ଗାଇଡ୍‌ଲାଇନ ଆସିବା ପରେ ଆମେ ସେହି ଅନୁସାରେ କାମ କରିବୁ ବୋଲି ମହାପାତ୍ର କହିଛନ୍ତି।

# ଖାଇବାତେଲ ଆମଦାନୀ ଟିକସ ମୁକ୍ତ

**ନୂଆଦିଲ୍ଲୀ,୧୩।୧୦**

■ ମାର୍ଚ୍ଚ ୩୧ ଯାଏ ଲାଗିବନି ଶୁଳ୍କ

■ ଅଶୋଧିତ ପାମ୍ ଅଏଲ, ସୋୟାବିନ୍, ସନ୍‌ଫ୍ଲାୱାର ପାଇଁ ଲାଗୁ



ବର୍ତ୍ତମାନ ଖାଇବାତେଲ ଦର ଆକାଶଛୁଆଁ ହୋଇଥିବାରୁ ଖାଉଟିଙ୍କ ଚିନ୍ତା ବଢ଼ିଛି। ଖାଉଟିଙ୍କୁ ଆଶ୍ୱସ୍ତ କରିବା ଲାଗି କେନ୍ଦ୍ର ସରକାର ଖାଇବା ତେଲ ଆମଦାନୀ ଉପରେ ଆସନ୍ତା ମାର୍ଚ୍ଚ ୩୧ ଯାଏ ଆମଦାନୀ ଟିକସ ହଟାଇଛନ୍ତି। ଅଶୋଧିତ ପାମ୍‌ଅଏଲ, ସୋୟାବିନ ଏବଂ ସନ୍‌ଫ୍ଲାୱାର ଭଳି ତେଲ କ୍ଷେତ୍ରରେ ଆମଦାନୀ ଟିକସ ଲାଗିବନାହିଁ ବୋଲି ଜଣାପଡ଼ିଛି। ଫଳରେ ଖାଇବା ତେଲ ଦର କିଛି ମାତ୍ରାରେ କମିପାରେ ବୋଲି ଆଶା କରାଯାଉଛି।

ଅଶୋଧିତ ପାମ୍ ଅଏଲ ଉପରେ କୃଷି ସେସ୍‌କୁ ୨୦%ରୁ ହ୍ରାସ କରାଯାଇ ୭.୫% ରଖାଯାଇଛି। ସେହିଭଳି ସୋୟା ଏବଂ ସନ୍‌ଫ୍ଲାୱାର କ୍ଷେତ୍ରରେ ସେସ୍ ୫% ରହିଛି। କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ପକ୍ଷରୁ କୁହାଯାଇଛି, ଆସନ୍ତା ବର୍ଷ ମାର୍ଚ୍ଚ ଶେଷ ଯାଏ ସୀମା ଶୁଳ୍କ ଛାଡ଼ କରାଯାଇଛି। ମାତ୍ର ରିଫାଇନ୍‌ଡ ସୋୟା ଅଏଲ ଏବଂ ସନ୍‌ଫ୍ଲାୱାର ଅଏଲ୍ ଉପରେ ପୂର୍ବଭଳି ଟିକସ ଲାଗି ରହିବ।

ଅକ୍ଟୋବର ୧୪ରୁ ନୂଆ ନିୟମ କାର୍ଯ୍ୟକାରୀ ହେବ। ପୂର୍ବରୁ ସନ୍‌ଫ୍ଲାୱାର, ସୋୟାବିନ, ପାମୋଲିନ ଏବଂ ପାମ୍ ଅଏଲ ଉପରେ ୩୨.୫% ଆମଦାନୀ ଟିକସ ଲାଗୁଥିଲା। ଏହାକୁ ବର୍ତ୍ତମାନ ୧୭.୫% ସ୍ତରକୁ ଖସାଯାଇଛି। ଘରୋଇ ବଜାରରେ ଖାଇବା ତେଲ ଦର ଉଚ୍ଚରେ ରହିବା ଯୋଗୁ ଏହାକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଜାରି ରହିଛି। ଏଭଳି ବିଭିନ୍ନ ପ୍ରସଙ୍ଗକୁ ବିଚାରକରି କେନ୍ଦ୍ର ସରକାର ଖାଇବା ତେଲର କିଛି ବର୍ଗ ଉପରେ ଆମଦାନୀ ଟିକସ ଛାଡ଼ କରିଥିବା ସଲଭେଣ୍ଟ ଏକ୍ସଟ୍ରାକ୍ଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବି.ଭି.ମେହେଟ୍ଟା କହିଛନ୍ତି।

## ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା

**ଭୁବନେଶ୍ୱର,୧୩।୧୦(ବ୍ୟୁରୋ)**

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟକୁ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ମାନ୍ୟତା ଦେବା ସହ ବିଶ୍ୱବିଦ୍ୟାଳୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଏନେଇ ଟୁଇଟ୍‌କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ସୂଚନା ଦେଇଛନ୍ତି। ଧର୍ମେନ୍ଦ୍ର ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ୟୁଜିସି ଅଧିନିୟମ ୧୯୫୬, ଧାରା ୧୨(ବି) ଅନୁସାରେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଖୁବ୍‌ଶୀଘ୍ର କେନ୍ଦ୍ରୀୟ ଅନୁଦାନ ପାଇବ। ଏହା ନିଶ୍ଚିତ ଭାବେ ଓଡ଼ିଶାର ଆଇନ ବିଦ୍ୟାର୍ଥୀଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ଜାତୀୟ ☞ପୃଷ୍ଠା-୫

# ଆତ୍ମସମର୍ପଣ କଲେ କନ୍ଧମାଳର ୨ଯୁବକ

**ଭୁବନେଶ୍ୱର(ବ୍ୟୁରୋ)/ ଫୁଲବାଣୀ ଅଫିସ, ୧୩।୧୦**

### ସାମ୍ବାଦିକ ନବୀନ ଦାସଙ୍କ ପୁଅ ହତ୍ୟା ଘଟଣା



ମୃତ୍ୟୁଞ୍ଜୟ ମିଶ୍ର



ଦୀନେଶ ମହାପାତ୍ର

■ ଉଭୟଙ୍କୁ ଭୁବନେଶ୍ୱର ଆଣିଲା ପୋଲିସ

■ ପୂର୍ବରୁ ଅଟକ ଥିବା ୨ଜଣଙ୍କୁ ପଚରାଉଚରା କରୁଛି ପୋଲିସ

ଭୁବନେଶ୍ୱର ଉପକଣ୍ଠ ପାତ୍ରପଡ଼ା ନିକଟସ୍ଥ ପୋଖରୀରୁ ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କ ପୁଅ ମନୀଷ ଅନୁରାଗ ଦାସଙ୍କ ମୃତଦେହ ମିଳିବା ଘଟଣା ଦିନକୁ ଦିନ ନୂଆ ମୋଡ଼ ନେଉଛି। ମଙ୍ଗଳବାର କମିଶନରେଟ ପୋଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବାବେଳେ ବୁଧବାର ସକାଳେ ଆଉ ୨ଜଣ ଯୁବକ କନ୍ଧମାଳ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଫୁଲବାଣୀ ପିଅନପଡ଼ାର ମୃତ୍ୟୁଞ୍ଜୟ ମିଶ୍ର ଏବଂ ଅମଲାପଡ଼ାର ଦୀନେଶ ମହାପାତ୍ର। ଏହି ୨ଜଣଙ୍କ ମଧ୍ୟରୁ ମୃତ୍ୟୁଞ୍ଜୟ ଠିକାଦାର ଏବଂ ଦୀନେଶ କ୍ୟାମେରାମ୍ୟାନ ଅଟନ୍ତି। ଉଭୟଙ୍କୁ ଅପରାହ୍ନରେ କମିଶନରେଟର ଇନ୍‌ଫୋସିଟି ଥାନା ପୋଲିସ ଭୁବନେଶ୍ୱର ଆଣି ପଚରାଉଚରା ଜାରି ରଖିଛି। ମୃତ୍ୟୁଞ୍ଜୟ ଓ ଦୀନେଶ ଶନିବାର ରାତିରେ ସାଉଥ୍‌ସିଟି ହୋଟେଲରେ ଉପସ୍ଥିତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

କମିଶନରେଟ ପୋଲିସ ପୂର୍ବରୁ ଅଟକ ରଖିଥିବା ୨ଜଣଙ୍କ ମଧ୍ୟରୁ ଜଣଙ୍କୁ ମଙ୍ଗଳବାର ଫୁଲବାଣୀରୁ ଉଠାଇ ନେଇଥିଲା। ସେହି ଯୁବକ ଜଣକ ଏକ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ଭାବେ କାର୍ଯ୍ୟ କରନ୍ତି। ପୂର୍ବରୁ ଅଟକ ଥିବା ୨ ଯୁବକ ଓ ଆତ୍ମସମର୍ପଣ କରିଥିବା ଯୁବକଙ୍କ ମଧ୍ୟରେ ମନୀଷଙ୍କ କି ସମ୍ପର୍କ, ସେମାନେ ଶନିବାର ରାତିରେ ସାଉଥ୍ ସିଟି ହୋଟେଲର ବାରରେ କ'ଣ କରୁଥିଲେ, ମନୀଷଙ୍କୁ ସାଥିରେ ନ ନେଇ ପ୍ରଥମେ କ'ଣ ପାଇଁ ସେମାନେ ଚାଲିଯାଇଥିଲେ ଏଭଳି ଦିଗକୁ ନେଇ ପୋଲିସ ଜେରା କରୁଥିବା ଜଣାପଡିଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦର ପ୍ରାଥମିକ ରିପୋର୍ଟରୁ ମନୀଷଙ୍କ ଶ୍ୱାସରୁଦ୍ଧରୁ ମୃତ୍ୟୁ ହୋଇଥାଇପାରେ ବୋଲି ସୂଚନା ମିଳିଛି। ତେଣୁ ବ୍ୟବଚ୍ଛେଦର ଚୂଡ଼ାନ୍ତ ରିପୋର୍ଟ, ଭିସେରା ଓ ଡାଏଟମ୍ ରିପୋର୍ଟ ଆସିଲେ ହିଁ ମୃତ୍ୟୁର କାରଣ ଜଣାପଡିବ। ଏହି ଘଟଣା ଉପରୁ ପରଦା ଉଠାଇବା ପାଇଁ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସହ ତମାଣ୍ଡୋ ଓ ଇନ୍‌ଫୋସିଟି ଥାନା ପୋଲିସ ମିଳିତ ଭାବେ ତଦନ୍ତ ଚଳାଇଛନ୍ତି। ପ୍ରକାଶ ଯେ, ମନୀଷ ଶନିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଭୋର ୪ଟା ୧୨ରୁ ତାଙ୍କ ମୋବାଇଲ ସୁଇଚ୍ ଅଫ୍ ହୋଇଯାଇଥିଲା। ରବିବାର ସକାଳେ ପରିବାର ଲୋକେ ବହୁ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ। ଅପରାହ୍ନ ୨ଟାରେ ପାତ୍ରପଡ଼ା ଗାଁ ପୋଖରୀରୁ ମନୀଷଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଜବତ କରାଯାଇଥିଲା। ଏନେଇ ଇନ୍‌ଫୋସିଟି ପୋଲିସ ଏକ ମାମଲା(ନଂ.୨୨୨/୨୧) ରୁଜୁ କରି ତଦନ୍ତ ଜାରି ରହିଛି।




## ବୁଡ଼ିଯାଉଥିବା ଶିଶୁକୁ ବଞ୍ଚାଇଲେ ନାବାଳିକା

**ବାରଙ୍ଗ,୧୩।୧୦(ଡି.ଏନ୍.ଏ.)**

କଥାରେ ଅଛି ରଖେ ହରି ମାରେ କିଏ। ଏହି କଥାକୁ ଯଥାର୍ଥ କରି ଦେଖାଇଛନ୍ତି ଜଣେ ୮ବର୍ଷର ବାଳିକା। ଜଣେ ଶିଶୁ ପୋଖରୀରେ ବୁଡ଼ିଯାଉଥିବା ବେଳେ ଏହି ନାବାଳିକା ଜଣକ କାହାରିକୁ ଅପେକ୍ଷା ନ କରି ନିଜ ଜୀବନକୁ ବାଜି ଲଗାଇ ତାଙ୍କୁ ଉଦ୍ଧାର କରିଛନ୍ତି। ନାବାଳିକାଙ୍କ ଏହି ସତ୍‌ସାହସକୁ ଗ୍ରାମବାସୀ ଶୁଣି ତାଜୁବ ହେବା ସହ ଢେର ପ୍ରଶଂସା ମଧ୍ୟ କରିଛନ୍ତି। ଏଭଳି ଆଚମ୍ୱିତ ଘଟଣା ରାଜଧାନୀ ଉପକଣ୍ଠ ବାରଙ୍ଗସ୍ଥିତ ରଘୁନାଥପୁର ଗ୍ରାମରେ ବୁଧବାର ସକାଳେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ରଘୁନାଥପୁର ଗ୍ରାମର ଗ୍ରାମଦେବତୀ ମନ୍ଦିର ନିକଟ ଶିଖରଚଣ୍ଡୀ ସାହିର ଖୁସି ରାଉତ(୫) ସକାଳେ ଘର ବାହାରେ ଖେଳୁଥିବା ବେଳେ ନିକଟସ୍ଥ ପୋଖରୀକୁ ଚାଲିଯାଇଥିଲେ। ତେବେ ପୋଖରୀରେ ହଠାତ୍ ତାଙ୍କ ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲେ। ଫଳରେ ଚିତ୍କାର କରୁଥିବାବେଳେ ସେହି ବାଟ ଦେଇ ଯାଉଥିବା ସ୍ଥାନୀୟ ସାହିର ଶୁଭଶ୍ରୀ ରାଉତ ପୋଖରୀକୁ ଯାଇଥିଲେ। ଝିଅଟି ବୁଡୁଥିବା ଦେଖି ତତ୍‌କ୍ଷଣାତ ନିଜେ ପାଣିରେ ପଶି ବେକରେ ପକାଇଥିବା ଓଢ଼ଣିକୁ ତା' ପାଖକୁ ପକାଇବା ସହ ଚିତ୍କାର କରିଥିଲେ। ପାଟିଶୁଣି ସ୍ଥାନୀୟ ଲୋକେ ଆସିବା ମଧ୍ୟରେ ଶୁଭଶ୍ରୀ ନିଜ ଓଢ଼ଣିରେ ଟାଣି ଟାଣି ଝିଅଟିକୁ କୂଳକୁ ଆଣିଥିଲେ। ନିଜେ ପହଁରା ଶିଖି ନ ଥିଲେ ମଧ୍ୟ ଦୂରଦୃଷ୍ଟି ଯୋଗୁ ବୁଡିଯାଉଥିବା ଝିଅକୁ ଉଦ୍ଧାର କରିପାରିଥିଲେ। ଶୁଭଶ୍ରୀର ଏହି କାମକୁ ନେଇ ଗ୍ରାମରେ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି।



ଖୁସି



ଶୁଭଶ୍ରୀ





ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିବା ପରେ କଂଗ୍ରେସ ନେତାମାନେ ରାଷ୍ଟ୍ରପତି ଭବନରୁ ଫେରୁଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କୁ ବହିଷ୍କାର କର

## ଲଖିମପୁର ହିଂସା: ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ

ନୂଆଦିଲ୍ଲୀ,୧୩।୧୦

କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ବହିଷ୍କାର ଦାବିରେ କଂଗ୍ରେସର ଏକ ପ୍ରତିନିଧି ଦଳ ବୁଧବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିଛି। ଅଜୟଙ୍କୁ ମୋଦି କ୍ୟାବିନେଟରୁ ହଟାଇବା ସହ ସୁପ୍ରିମକୋର୍ଟର ଦୁଇଜଣ ବିଚାରପତିଙ୍କ ଦ୍ୱାରା ଏହି ସମ୍ବେଦନଶୀଳ ମାମଲାର ତଦନ୍ତ କରାଯାଉ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି। ଅକ୍ଟୋବର ୩ରେ ଲଖିମପୁର ଖେରିର ତିକୁନିଆରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟଙ୍କ ପୁଅ ଆଶିଷ ମିଶ୍ରାଙ୍କ ଗାଡ଼ି ମାଡ଼ିଯିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ହିଂସା ଘଟି ଜଣେ ଖବରଦାତାଙ୍କ ସମେତ ୪ ଜଣଙ୍କ ଜୀବନ ଯାଇଥିଲା। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଓ ଚାରିଆଡୁ ଚାପ ପଡ଼ିବା ପରେ ୟୁପି ପୋଲିସ ଶନିବାର ରାତିରେ ଆଶିଷଙ୍କୁ ଗିରଫ କରିଛି। ଅନ୍ୟପକ୍ଷେ ଅଜୟ କେନ୍ଦ୍ର କ୍ୟାବିନେଟରେ ଥିବାରୁ ମାମଲାର ନିରପେକ୍ଷ ତଦନ୍ତ ହୋଇପାରିବ ନାହିଁ ବୋଲି କଂଗ୍ରେସ ଆଶଙ୍କା କରୁଛି। ତେଣୁ ଏହାର ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କୁ ଭେଟି ଏଥିରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛି। ଲଖିମପୁର ହିଂସା ସମ୍ପର୍କିତ ତଥ୍ୟ ସମ୍ବଳିତ ସ୍ମାରକପତ୍ର ପ୍ରଦାନ ପରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଯେଉଁମାନଙ୍କୁ ହତ୍ୟା କରାଯାଇଛି କେବଳ ସେମାନଙ୍କ ସ୍ୱର ନୁହେଁ, ବରଂ ସମସ୍ତ ଚାଷୀଙ୍କ ମୁହଁକୁ ବନ୍ଦ କରିବାକୁ ଉଦ୍ୟମ ଚାଲିଛି। ଦଳର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି, ଅପରାଧ ପରେ ସରକାର ଓ ପ୍ରଶାସନ ନ୍ୟାୟ କରି ନ ଥିବାରୁ ଲୋକଙ୍କ ସ୍ୱର ଉତ୍ତୋଳନ କରିବା ଜରୁରୀ। ଆମର ଦୁଇଟି ଦାବି ରହିଛି। ଏହାର ବିଚାରବିଭାଗୀୟ ତଦନ୍ତ ଏବଂ କେନ୍ଦ୍ରମନ୍ତ୍ରୀଙ୍କୁ ବହିଷ୍କାର କରାଯାଉ। ପ୍ରତିନିଧି ଦଳରେ ବରିଷ୍ଠ ନେତା ଏ.କେ. ଆଣ୍ଟୋନି, ଗୁଲାମନବୀ ଆଜାଦ, ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ସାମିଲ ଥିଲେ। ତେବେ ରାଷ୍ଟ୍ରପତି ସ୍ମାରକପତ୍ର ଗ୍ରହଣ କରିବା ସହ ସରକାରଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ପ୍ରିୟଙ୍କା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଲଖିମପୁର ହିଂସା ନିନ୍ଦନୀୟ: ସୀତାରାମନ

ବୋଷ୍ଟନ,୧୩।୧୦

ୟୁପିର ଲଖିମପୁର ଖେରି ହିଂସା ଅତ୍ୟନ୍ତ ନିନ୍ଦନୀୟ ବୋଲି ଆମେରିକା ଗସ୍ତରେ ଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ହାଭାର୍ଡ କେନେଡି ସ୍କୁଲରେ ଏକ କଥୋପକଥନ କାର୍ଯ୍ୟକ୍ରମ ବେଳେ ମଙ୍ଗଳବାର ସୀତାରାମନଙ୍କୁ ଲଖିମପୁର ହିଂସା ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ସେ କହିଥିଲେ, ଏଭଳି ଘଟଣା ଭାରତର ଅନ୍ୟ ଭାଗରେ ମଧ୍ୟ ଘଟୁଛି। ତେବେ ୟୁପିରେ ଭାଜପା ସରକାର ଥିବାରୁ ଏହି ପ୍ରସଙ୍ଗ ଉଠାଇବା ପାଇଁ ଅନ୍ୟମାନଙ୍କୁ ସୁବିଧା ହେଉଛି। ଏହାକୁ ନେଇ ସେ ଆତ୍ମରକ୍ଷା ପାଇଁ ମନ୍ତବ୍ୟ ଦେବେ ନାହିଁ।



ଲଖିମପୁର ଖେରି ହିଂସାର ମୃତକଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଯୁବ କଂଗ୍ରେସ ପକ୍ଷରୁ ବୁଧବାର ନୂଆଦିଲ୍ଲୀର ଯନ୍ତର ମନ୍ତରରେ ମଶାଲ ଆକ୍ରୋଶ ଶୋଭାଯାତ୍ରା ବେଳେ ଜଣେ କର୍ମୀଙ୍କ ଦେହରେ ନିଆଁ ଲାଗିଯାଇଛି।

## ମୋତେ ହତ୍ୟାକଲେ ବି କଶ୍ମୀର ଭାରତର:ଫାରୁକ୍

ଶ୍ରୀନଗର,୧୩।୧୦–କଶ୍ମୀର କେବେ ପାକିସ୍ତାନ ହେବ ନାହିଁ। ଏହା ଭାରତର ଅଙ୍ଗ। ମୋତେ ହତ୍ୟା କରାଗଲେ ବି ଏହା ଭାରତର ହୋଇ ରହିବ ବୋଲି ବୁଧବାର ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଅଧ୍ୟକ୍ଷ ଫାରୁକ୍ ଅବ୍ଦୁଲ୍ଲା କହିଛନ୍ତି। ଗତ ୭ରେ ଶ୍ରୀନଗରର ଏକ ଗୁରୁଦ୍ୱାରରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ନିହତ ହୋଇଥିବା ପ୍ରିନ୍ସିପାଲ ସୁପିନ୍ଦର କୌରଙ୍କ ଉଦ୍ଦେଶ୍ୟରେ



ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଫାରୁକ୍ କହିଥିଲେ, କଶ୍ମୀରବାସୀଙ୍କୁ ସାହସୀ ହୋଇ ହତ୍ୟାକାରୀଙ୍କ ସହ ଲଢ଼ିବାକୁ ପଡ଼ିବ। ସେମାନେ ମୋତେ ଗୁଳି କରିଦେଲେ ବି କଶ୍ମୀରକୁ ବଦଳାଇପାରିବେ ନାହିଁ ବୋଲି ଶ୍ରୀନଗର ଏମ୍‌ପି କହିଥିଲେ।

# ଆଇନଗତ ଅପରାଧ କରୁଛନ୍ତି ସରକାର: ଭାଜପା

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

ଓଡ଼ିଶା ସରକାର ଠିକା କର୍ମଚାରୀ ଓ ଶ୍ରମିକ ନିଯୁକ୍ତି କ୍ଷେତ୍ରରେ ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ଉଲ୍ଲଂଘନ କରିଛନ୍ତି। ସଂଘୀୟ ବିଧି ବ୍ୟବସ୍ଥାରେ ରହି ରାଜ୍ୟ ସରକାର ସାମ୍ବିଧାନିକ ବ୍ୟବସ୍ଥାକୁ ଉଲ୍ଲଂଘନକରି ଆଇନଗତ ଅପରାଧ କରୁଛନ୍ତି ବୋଲି ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁପ୍ରସାଦ ତରାଇ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଭୁ କହିଛନ୍ତି, ସମ୍ବିଧାନରେ ଏସ୍‌ଟି, ଏସ୍‌ସି ଓ ପଛୁଆବର୍ଗଙ୍କ ବିକାଶ ପାଇଁ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ରହିଛି। ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣକୁ ଗୁରୁତ୍ୱ ଦେବା ପ୍ରସଙ୍ଗରେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ବାରମ୍ବାର କହି ଆସୁଛନ୍ତି। ୨୦୧୮ରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଥାଓ୍ୱର ଚାନ୍ଦ୍ ଗେହେଲଟ ସଂରକ୍ଷଣ ବ୍ୟବସ୍ଥାକୁ କଡ଼ାକଡ଼ି ଲାଗୁକରିବା ପାଇଁ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ବର୍ତ୍ତମାନ କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରୀ ବୀରେନ୍ଦ୍ର କୁମାର ମଧ୍ୟ ସଂରକ୍ଷଣକୁ କାର୍ଯ୍ୟକାରୀ କରିବା ପାଇଁ ଚିଠି ଲେଖିଛନ୍ତି। ମାତ୍ର ଓଡ଼ିଶା ସରକାର ସମସ୍ତ ନିର୍ଦ୍ଦେଶକୁ ଅବମାନନା କରିବା ସହ ବିଭିନ୍ନ ଆଳ ଦେଖାଇ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି। ଏହାଦ୍ୱାରା ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟର ୨୨.୫୦ ପ୍ରତିଶତ ଅନୁସୂଚିତ ଜନଜାତି, ୧୬.୨୫ ପ୍ରତିଶତ ଅନୁସୂଚିତ ଜାତି ଏବଂ ୫୧ ପ୍ରତିଶତ ପଛୁଆବର୍ଗଙ୍କୁ ତାଙ୍କର ନ୍ୟାଯ୍ୟ ଅଧିକାରରୁ ଜାଣିଶୁଣି ବଞ୍ଚିତ ରଖୁଛନ୍ତି। ଏହା ରାଜ୍ୟ ସରକାରଙ୍କ ଏସ୍‌ଟି, ଏସ୍‌ସି ଓ ଓବିସି ବିରୋଧୀ ମନୋଭାବକୁ ପ୍ରକାଶ କରୁଛି ବୋଲି ବିଭୁ କହିଛନ୍ତି । ଅକ୍ଟୋବର ୩୦ ସୁଦ୍ଧା ଠିକା ନିଯୁକ୍ତି ନୀତି ପ୍ରସଙ୍ଗରେ ରାଜ୍ୟ ସରକାର ସ୍ପଷ୍ଟ ନ କଲେ ରାଜ୍ୟ ଭାଜପା ରାଜ୍ୟବ୍ୟାପୀ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାଇ ଦେଇଛନ୍ତି।

# ଚିହ୍ନଟ ହୋଇଛନ୍ତି ୨ ଅଭିଯୁକ୍ତ: ଡିଆଇଜି



ଡିଆଇଜି ଜୟନାରାୟଣ ପଙ୍କଜ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ବିଧାୟକଙ୍କ ଗାଡ଼ିକୁ ବୋମାମାଡ଼ ଘଟଣା

କେନ୍ଦୁଝର, ୧୩।୧୦(ସ୍ୱ.ପ୍ର.)

କେନ୍ଦୁଝର ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝିଙ୍କ ଗାଡ଼ି ଉପରକୁ ବୋମାମାଡ଼ ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ତଦନ୍ତ ଅଗ୍ରଗତିର ସମୀକ୍ଷା ପାଇଁ କେନ୍ଦୁଝର ଗସ୍ତରେ ଆସିଥିବା ପଶ୍ଚିମାଞ୍ଚଳ(ରାଉରକେଲା) ଡିଆଇଜି ଜୟନାରାୟଣ ପଙ୍କଜ ଏହି ସୂଚନା ଦେଇଛନ୍ତି। ବୋମାମାଡ଼ ସମ୍ପର୍କରେ ଅଧିକ ପ୍ରମାଣ ମିଳିସାରିଛି। ତଦନ୍ତର ଦିଗ ଠିକ୍ ରହିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଡିଆଇଜି କହିଛନ୍ତି। ବୁଧବାର ସେ କେନ୍ଦୁଝର ଆସି ଏସ୍‌ପି ମିତ୍ରଭାନୁ ମହାପାତ୍ର, ଏସ୍‌ଡିପିଓ ପି. ଜେ. ଟପୋ ଓ ଅନ୍ୟ ପୋଲିସ ଅଧିକାରୀଙ୍କ ସହ ଘଟଣା ଘଟିଥିବା ଅଞ୍ଚଳ ପରିଦର୍ଶନ କରିଥିଲେ। ସିସିଟିଭି ଫୁଟେଜ ଦେଖିବା ପରେ ତଦନ୍ତର ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ। ଗତ ମଙ୍ଗଳବାର ଫୁଟେଜରୁ ମିଳିଥିବା ଅଭିଯୁକ୍ତଙ୍କ ଫଟୋକୁ ପୋଲିସ ଜାରି କରି ସେମାନଙ୍କ ଉପରେ ପୁରସ୍କାର ରାଶି ଘୋଷଣା କରିଥିଲା।

# କେନ୍ଦ୍ରମନ୍ତ୍ରୀଙ୍କ ବୈଠକରେ ଜିଲା ପ୍ରଶାସନର ସହଯୋଗ ଆବଶ୍ୟକ: ଭାଜପା

ଭୁବନେଶ୍ୱର,୧୩।୧୦(ବ୍ୟୁରୋ)

ଓଡ଼ିଶା ଆଦିବାସୀ ବହୁଳ ରାଜ୍ୟ । ଏହାର ଆଦିବାସୀଙ୍କ ସାମୂହିକ ବିକାଶ ପାଇଁ କେନ୍ଦ୍ର ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଯୋଗାଇଦେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦିବାସୀ ସମୁଦାୟଙ୍କ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ମୟୂରଭଞ୍ଜ ଲୋକ ସଭା ସଦସ୍ୟ ବିଶ୍ୱେଶ୍ୱର ଟୁଡୁଙ୍କୁ ଗୁରୁତ୍ୱପୂର୍ଣ୍ଣ ଆଦିବାସୀ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଟୁଡୁ ସମୀକ୍ଷା ବୈଠକ କରିବାବେଳେ ରାଜ୍ୟ ପ୍ରଶାସନର ସମସ୍ତ ସହଯୋଗ ଆବଶ୍ୟକ। କିନ୍ତୁ ଟୁଡୁଙ୍କ ଗସ୍ତ ସମୟରେ ପ୍ରୋଟୋକଲ ଅନୁସାରେ ସହଯୋଗ ଓ ସମ୍ମାନ ଦେବାରେ ଜିଲା ପ୍ରଶାସନ ଅବହେଳା ପ୍ରଦର୍ଶନ କରୁଥିବା ଭାଜପା ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଅଭିଯୋଗ କରିଛନ୍ତି। ନିତ୍ୟାନନ୍ଦ କହିଛନ୍ତି, ଜିଲାର ସମୀକ୍ଷା ବୈଠକରେ ଜିଲାପାଳ ଉପସ୍ଥିତ ନ ରହି କନିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଜିଲାପାଳ ଓ ଜିଲା ପ୍ରଶାସକଙ୍କ ଏତାଦୃଶ ଅବହେଳା ପ୍ରଦର୍ଶନ କରିବା ପ୍ରଶାସନର ସାହସ ନୁହେଁ ବରଂ ଏଥିରେ ରାଜ୍ୟ ସରକାର ଓ ଶାସକ ଦଳର ପ୍ରଚ୍ଛନ୍ନ ହାତ ରହିଛି ବୋଲି ସେ ଅଭିଯୋଗ କରିଛନ୍ତି।

# ଗଞ୍ଜାମରେ ପଞ୍ଚାୟତ ନିର୍ବାଚନ ୩ ଦଳକୁ ଚ୍ୟାଲେଞ୍ଜ

ବ୍ରହ୍ମପୁର ଅଫିସ,୧୩।୧୦



- ନିର୍ବାଚିତ ହେବେ ୭୧୦୧ ୱାର୍ଡ ମେମ୍ବର
- ପ୍ରାର୍ଥୀ ଚୟନ ପାଇଁ ରାଜନୈତିକ ତତ୍ପରତା
- ବ୍ଲକ ସଂଗଠନ କ୍ଷେତ୍ରରେ ପଛୁଆ ବିଜେଡି

ଗଞ୍ଜାମ ଜିଲାର ୫୦୩ ପଞ୍ଚାୟତରେ ଅଛି ୭୧୦୧ ୱାର୍ଡ। ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୫୦% ସଂରକ୍ଷଣ ନିୟମ ପ୍ରକାରେ ଅର୍ଦ୍ଧେକ ତଥା ୩୫୫୦ରୁ ଅଧିକ ମହିଳା ୱାର୍ଡମେମ୍ବର ଭାବେ ନିର୍ବାଚିତ ହେବେ। ଅପରପକ୍ଷରେ ନିର୍ବାଚନ ପାଇଁ ବ୍ଲକ ଓ ପଞ୍ଚାୟତସ୍ତରରେ ଆରମ୍ଭ ହୋଇଯାଇଛି ରାଜନୈତିକ ତତ୍ପରତା। ୱାର୍ଡ ସଭ୍ୟ ନିମନ୍ତେ ସବୁ ଦଳ ପକ୍ଷରୁ ୭୧୦୧ ଲେଖାଏ ପ୍ରାର୍ଥୀ ମନୋନୀତ କରିବାକୁ ପଡ଼ିବ। ଏହା ମୁଖ୍ୟତଃ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରେ ମୁଣ୍ଡ ବ୍ୟଥା ବଢ଼ାଇ ଦେଇଛି। ସଂଶୋଧିତ ପଞ୍ଚାୟତ ଆଇନରେ ସଂରକ୍ଷଣ ବ୍ୟବସ୍ଥାରେ କେତେକ କଟକଣା ଥିବାରୁ ବିଭିନ୍ନ ଦଳର ଆଞ୍ଚଳିକ ନେତା ଓ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଆଗାମୀ ନିର୍ବାଚନରେ ପଞ୍ଚାୟତସ୍ତରରେ ୱାର୍ଡ ପୁନର୍ଗଠନ ହେବ ନାହିଁ ବୋଲି ସୂତ୍ରରୁ ଜଣାପଡ଼ିଛି। ଜିଲା ପ୍ରଶାସନ ପକ୍ଷରୁ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ନିମନ୍ତେ ସମୟ ସୀମା ଧାର୍ଯ୍ୟ ହୋଇଛି। ଏହାର ଶୁଣାଣି ଓ ବିଚାର ପରେ ୨୬ ତାରିଖରେ ପୂର୍ଣ୍ଣାଙ୍ଗ ଚିଠା ତାଲିକା ନିର୍ବାଚନ କମିଶନଙ୍କୁ ପଠାଯିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୩୦ ତାରିଖରେ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଅନ୍ତ ଘଟିବ। ଏହି ଜିଲାରୁ ୬୯ ଜିଲା ପରିଷଦ ସଭ୍ୟ, ୨୨ ବ୍ଲକ ଅଧ୍ୟକ୍ଷ, ୫୦୩ ଲେଖାଏ ସରପଞ୍ଚ, ନାଏବ ସରପଞ୍ଚ ଓ ସମିତିସଭ୍ୟା ସଭ୍ୟ ନିର୍ବାଚିତ ହେବେ। ଅପରପକ୍ଷରେ ଜିଲାର ମୁଖ୍ୟ ବିରୋଧୀ ଦଳ ଭାଜପା ଓ କଂଗ୍ରେସର ବ୍ଲକସ୍ତରୀୟ ସାଙ୍ଗଠନିକ କମିଟି ଗଠନ ହୋଇସାରି ଥିବା ବେଳେ ଶାସକ ବିଜେଡି ପଛରେ ପଡ଼ିଯାଇଛି। ତେବେ ଖୁବଶୀଘ୍ର ବ୍ଲକ କମିଟି ଓ ନୂଆ କର୍ମକର୍ତ୍ତା ଘୋଷଣା ହେବ ବୋଲି ଜିଲା ବିଜେଡି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି।

ପଞ୍ଚାୟତ ନିର୍ବାଚନ ପାଇଁ ସଂଗଠନ କାର୍ଯ୍ୟକ୍ରମ ଓ ପ୍ରାର୍ଥୀ ଚୟନ ଦାୟିତ୍ୱ ବିଜେଡି ବିଧାୟିକା ଓ ବିଧାୟକମାନଙ୍କୁ ନ୍ୟସ୍ତ କରାଯାଇଛି। ମାସକ ତଳୁ ଭାଜପା ନେତାମାନେ ବିଭିନ୍ନ ଅଞ୍ଚଳ ଗସ୍ତକରି ନିର୍ବାଚନୀ ପ୍ରକ୍ରିୟା ଆରମ୍ଭ କରି ଦେଇଛନ୍ତି। କଂଗ୍ରେସର ସାଙ୍ଗଠନିକ ସ୍ଥିତି ଦୀର୍ଘବର୍ଷରୁ ଦୁର୍ବଳ ରହିଛି। ସାନଖେମୁଣ୍ଡି କଂଗ୍ରେସ ବିଧାୟକ ଜିଲା ସଂଗଠନ ସଭାପତି ହୋଇଥିବାରୁ ସେ ପଞ୍ଚାୟତ ନିର୍ବାଚନରେ ବିଜେଡି ଓ ଭାଜପାକୁ ଟକ୍କର ଦେବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପର୍ଯ୍ୟାୟକ୍ରମେ ବିଭିନ୍ନ ନିର୍ବାଚନ ମଣ୍ଡଳୀକୁ ଯାଇ କର୍ମୀଙ୍କୁ ସଂଗଠିତ କରାଇବା ସହ ସେମାନଙ୍କ ମନୋବଳ ବଢ଼ାଇବାରେ ଲାଗିଛନ୍ତି।

ନିର୍ବାଚନ ପାଇଁ ୩ ଦଳର ରଣନୀତି ମଧ୍ୟ ପ୍ରସ୍ତୁତ କରାଯାଇଛି। କେନ୍ଦ୍ରୀୟ ଅବହେଳା, ତୈଳ ଦର ଦିନକୁ ଦିନ ବୃଦ୍ଧି, ରନ୍ଧନ ଗ୍ୟାସର ଅହେତୁକ ମୂଲ୍ୟ ବୃଦ୍ଧି ଏବଂ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦର ନିୟନ୍ତ୍ରଣରେ ଭାଜପା ନେତୃତ୍ୱାଧୀନ ମୋଦି ସରକାରଙ୍କ ବିଫଳତାକୁ ବିଜେଡି ପ୍ରସଙ୍ଗ କରିବାର କୁହାଯାଇଛି। ଆଇନ ଶୃଙ୍ଖଳାର ଅବନତି, କେନ୍ଦ୍ରୀୟ ଯୋଜନାର ଅପବ୍ୟବହାର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଆଦି ପାଇଁ ବିଜେଡି ସରକାରକୁ ଦାୟୀ କରି ଭାଜପା ମଇଦାନକୁ ଓହ୍ଲାଇବ। ସେହିପରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗ ଶାସନ ଓ ଜନ ବିରୋଧୀ ନୀତିକୁ ପ୍ରସଙ୍ଗ କରିବ କଂଗ୍ରେସ। ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନ ୩ ପ୍ରମୁଖ ଦଳ ପାଇଁ ଚ୍ୟାଲେଞ୍ଜ ହେବ ବୋଲି ରାଜନୀତି ବିଶ୍ଳେଷକ ଆଗୁଆ ଅନୁମାନ କରିଛନ୍ତି।

NATIONAL HEALTH MISSION
DSPL-194

# ବିଶ୍ୱ ଦୃଷ୍ଟି ଦିବସ

୧୪ ଅକ୍ଟୋବର ୨୦୨୧

ପ୍ରତିବର୍ଷ ଅକ୍ଟୋବର ମାସରେ ବିଶ୍ୱ ଦୃଷ୍ଟି ଦିବସ ପାଳନ କରାଯାଇଥାଏ । ଚକ୍ଷୁରୋଗ ଓ ଦୃଷ୍ଟିଶକ୍ତି ଜନିତ ସମସ୍ୟାର ପ୍ରତିରୋଧ ତଥା ପ୍ରତିକାର ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ଉଦ୍ଦେଶ୍ୟ ।

ଧ୍ୟାନ ଦିଅନ୍ତୁ :

- ଛାତ୍ରଛାତ୍ରୀ, ବୟସ୍କ ଓ ମଧୁମେହରେ ଆକ୍ରାନ୍ତ ବ୍ୟକ୍ତିମାନେ ଦୃଷ୍ଟିଶକ୍ତି ଜନିତ ସମସ୍ୟାରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ ।
- ନିୟମିତ ଚକ୍ଷୁ ପରୀକ୍ଷା ଓ ଉପଯୁକ୍ତ ଯତ୍ନ ଦୃଷ୍ଟିଶକ୍ତି ଜନିତ ଜଟିଳ ସମସ୍ୟାକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ ।
- ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଚିକିତ୍ସାଳୟମାନଙ୍କରେ ବିନା ଦେୟରେ ଚକ୍ଷୁ ଚିକିତ୍ସା ଯୋଗାଇ ଦିଆଯାଉଛି ।
- ସ୍କୁଲ ଛାତ୍ରଛାତ୍ରୀ ମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇ ବିନା ଦେୟରେ ଚଷମା ଯୋଗାଇ ଦିଆଯାଉଛି ।
- ଗ୍ଲୁକୋମା ରୋଗୀଙ୍କ ପାଇଁ ଆଜୀବନ ବିନା ଦେୟରେ ଚିକିତ୍ସାର ବ୍ୟବସ୍ଥା କରାଯାଇଛି ।

ଆସନ୍ତୁ, ଚକ୍ଷୁରୋଗ ଓ ଦୃଷ୍ଟିଶକ୍ତିଜନିତ ସମସ୍ୟାର ପ୍ରତିରୋଧ ତଥା ନିୟନ୍ତ୍ରଣ ସମ୍ପର୍କରେ ସଚେତନ ହେବା ସହିତ କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ମାନି ଚଳିବା

ସଠିକ୍ ଭାବେ ମାସ୍କ ପିନ୍ଧନ୍ତୁ | ବାରମ୍ବାର ହାତ ଧୁଅନ୍ତୁ | ୬ ଫୁଟ ଦୂରତା ବଜାୟ ରଖନ୍ତୁ | ସମସ୍ତ ଯୋଗ୍ୟ ବ୍ୟକ୍ତି କୋଭିଡ୍ ଟୀକା ନିଅନ୍ତୁ

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା, ସ୍ୱାସ୍ଥ୍ୟକର୍ମୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବା ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ

OIPR-10003/13/0081/2122

ପ୍ରସ୍ତୁତି : ସେଣ୍ଟର ଅଫ୍ ଏକ୍ସେଲେନ୍ସ ଫର୍ କମ୍ୟୁନିକେଶନ୍ (ସି.ଓ.ଇ) ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ, ଓଡ଼ିଶା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
http://www.health.odisha.gov.in/
@HFWOdisha

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା, ବ୍ୟାଙ୍କ କର୍ମଚାରୀଙ୍କ ନାମରେ ମାମଲା

**ଧର୍ମଶାଳା,୧୩।୧୦(ଡି.ଏନ.ଏ.):** ଧର୍ମଶାଳା ଥାନା ଜାରକାସ୍ଥିତ ଏକ ଘରୋଇ ବ୍ୟାଙ୍କର ଜଣେ କର୍ମଚାରୀ ତାଙ୍କ ସ୍ତ୍ରୀଙ୍କୁ ନିର୍ଯାତନା ଦେଉଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ନଂ.୫୧୧/୨୧ ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ଭଦ୍ରକ ଜିଲା ସାବରଙ୍ଗ ଥାନା ଅଞ୍ଚଳର ଜଣେ ଯୁବତୀ ୨୦୧୯ରେ ଭୁବନେଶ୍ୱରସ୍ଥିତ ଉକ୍ତ ଘରୋଇ ବ୍ୟାଙ୍କରେ ଚାକିରି କରୁଥିଲେ। ଏହି ସମୟରେ ସେହି ବ୍ୟାଙ୍କର କର୍ମଚାରୀ ଢେଙ୍କାନାଳ ଜିଲା ଭୁବନ ଥାନା ବରିକାଘର ଛକ ଅଞ୍ଚଳର ସନ୍ତୋଷ କୁମାର ସାହୁଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଫଳରେ ୨୦୨୧ ଅଗଷ୍ଟ ୯ରେ ଉଭୟ କୋର୍ଟ ମ୍ୟାରେଜ ଓ ପରେ ୧୦ ତାରିଖରେ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ବିବାହ କରି ଜାରକାସ୍ଥିତ ଭଡ଼ାଘରେ ରହୁଥିଲେ। ତେବେ ବିବାହ ସମୟରେ ସନ୍ତୋଷ ଓ ତାଙ୍କ ପରିବାର ୧୦ଲକ୍ଷ ଟଙ୍କା ଯୌତୁକ ଦାବି କରିଥିବା ବେଳେ କନ୍ୟାଘର ପକ୍ଷରୁ ତାଙ୍କୁ ୨ ଲକ୍ଷ ଟଙ୍କା ଦିଆଯାଇଥିଲା। ଆଉ ୮ ଲକ୍ଷ ଟଙ୍କା ଦେବାକୁ ନେଇ ମହିଳାଙ୍କୁ ତାଙ୍କ ସ୍ୱାମୀ ମାରଧର କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ଜଣେ ପଡ଼ୋଶୀ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେ ସେଠାରେ ଚିକିତ୍ସାଧୀନ ଥିଲେ। ସୁସ୍ଥ ହେବାପରେ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି।

### ଚାହାଣି ପୁରସ୍କାର ଘୋଷଣା

**ପାଣିକୋଇଲି,୧୩।୧୦(ଡି.ଏନ.ଏ.):** ଯାଜପୁର ଜିଲାରୁ ପ୍ରକାଶିତ ହେଉଥିବା ସାହିତ୍ୟ ପତ୍ରିକା ଚାହାଣି ପୂଜା ସଂଖ୍ୟା ୨୦୨୧ ଉନ୍ମୋଚନ ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଧ୍ୟାପକ ଶିବ ଚରଣ ମାଝିଙ୍କୁ ଚାହାଣି ପୁରସ୍କାର ୨୦୨୦ ଓ ଡକ୍ଟର ଅଜୟ କୁମାର ଲେଙ୍କାଙ୍କୁ ୨୦୨୧ ଏବଂ ଅଧ୍ୟାପକ ରମାକାନ୍ତ ବରାଳଙ୍କୁ ଚାହାଣି ସମ୍ମାନ ପ୍ରଦାନ କରାଯିବାକୁ ସ୍ଥିର ହୋଇଛି। ସ୍ଥାନୀୟ ଲିଙ୍ଗେଶ୍ୱର ମନ୍ଦିର ମୂଳାପାଳଠାରେ ଆସନ୍ତା ୧୮ ତାରିଖ ସୋମବାର ସକାଳ ସାଢ଼େ ୧୦ଟାରେ ବାର୍ଷିକ ଉତ୍ସବ, ପୁରସ୍କାର ପ୍ରଦାନ ଓ କବିତା ପାଠ ଉତ୍ସବ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ରାସ୍ତା ମରାମତି କାର୍ଯ୍ୟକୁ ନେଇ ବିବାଦ

- କାମ ବନ୍ଦ କଲେ ଗ୍ରାମବାସୀ
- ବିନା ସୂଚନା ଫଳକ, ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଚାଲିଥିଲା କାର୍ଯ୍ୟ

**ରସୁଲପୁର,୧୩।୧୦(ଡି.ଏନ.ଏ.)**

ରସୁଲପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତର ରସୁଣା ଗ୍ରାମଠାରୁ ସିକିଲିବାଗ ମଠ ପର୍ଯ୍ୟନ୍ତ ରାସ୍ତା ଉନ୍ନତୀକରଣ କାର୍ଯ୍ୟକୁ ନେଇ ବିବାଦ ଦେଖାଦେଇଛି। କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତ ଓ ବିନା ସୂଚନା ଫଳକରେ ରାସ୍ତା କାର୍ଯ୍ୟ କରାଯାଉଥିବାରୁ ସ୍ଥାନୀୟ ଲୋକେ ଏହାକୁ ବନ୍ଦ କରିଛନ୍ତି। ତେବେ କାମ ବନ୍ଦ ସମୟରେ ଗାଁ ଲୋକେ ଓ ଠିକାଦାରଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ହୋଇଥିଲା। ଫଳରେ ଲୋକେ କନିଷ୍ଠ ଯନ୍ତ୍ରୀ ପବିତ୍ର କୁମାର ମହାନ୍ତିଙ୍କୁ ଅଭିଯୋଗ କରିଥିଲେ। କନିଷ୍ଠ ଯନ୍ତ୍ରୀ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବାପରେ ଗ୍ରାମବାସୀ ଶାନ୍ତ ପଡ଼ିଛନ୍ତି।

ସୂଚନା ଅନୁସାରେ, ଉକ୍ତ ରାସ୍ତା ଉନ୍ନତୀକରଣ ପାଇଁ ରାଜ୍ୟ ପଞ୍ଚଦଶ ଅର୍ଥ କମିଶନ ଅନୁଦାନର ସମିତି ଅଂଶରୁ ୩ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହା ସମିତି ଅଂଶ ହୋଇଥିବାରୁ କାର୍ଯ୍ୟାଦେଶ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ରହିଛି। ଏଥିସହ ବ୍ଲକରୁ ରାସ୍ତାର ଆକଳନ ଓ ମାପଚୁପ୍ କରି ବିଲ୍ ପୈଠ କରିବା ଦାୟିତ୍ୱ ସମ୍ପୃକ୍ତ ଯନ୍ତ୍ରୀଙ୍କ ଉପରେ ନ୍ୟସ୍ତ କରାଯାଇଛି। ସେ ନିଜେ ମରାମତି କାର୍ଯ୍ୟ କରିବେ ଓ ତା'ର ବିଲ କରିବେ। ଏଥିଯୋଗୁ କାମରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ମଞ୍ଜୁର ଅର୍ଥରେ ରାସ୍ତାର ଉଭୟ ପାର୍ଶ୍ୱକୁ ପ୍ରଶସ୍ତୀକରଣ ଓ ରାସ୍ତାର କ୍ଷୟକ୍ଷତି ଅଂଶକୁ ମରାମତି କରାଯିବା ନେଇ ଆକଳନରେ ସ୍ଥାନ ଦିଆଯାଇଛି। ହେଲେ କନିଷ୍ଠ ଯନ୍ତ୍ରୀ ରାସ୍ତା ମରାମତି ତଦାରଖ ଦାୟିତ୍ୱ ଗାଁ ଠିକାଦାରଙ୍କ ଉପରେ ନ୍ୟସ୍ତ କରିଛନ୍ତି। ଉକ୍ତ ଠିକାଦାର କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ରାସ୍ତା ଭଲ ଥିବା ଅଂଶର ଉଭୟ ପାର୍ଶ୍ୱ ଘାସ ସଫା କରୁଥିଲେ। ଏହାଦେଖି ଗାଁ ଲୋକେ ପ୍ରତିକ୍ରିୟାଶୀଳ ହୋଇଉଠିଥିଲେ। ସଫେଇ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କୁ କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ। ବିଧି ମୁତାବକ ରାସ୍ତା ମରାମତି ହେଉନାହିଁ ବୋଲି ଗାଁ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ। ଏନେଇ କନିଷ୍ଠ ଯନ୍ତ୍ରୀ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ଦେହ ଅସୁସ୍ଥ ଥିବାରୁ ଘରେ ଅଛନ୍ତି। ରାସ୍ତାର ଉନ୍ନତୀକରଣ ପାଇଁ ବ୍ଲକରେ ଫାଇଲ ଖୋଲାଯାଇଛି। ଉକ୍ତ ରାସ୍ତା ମରାମତି କାର୍ଯ୍ୟ କରାଯାଉଥିବା ନେଇ ଗାଁ ଲୋକଙ୍କଠାରୁ ଅବଗତ ହୋଇଥିଲେ। ଏହାଜାଣି ସେ ରାସ୍ତା କାମକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଛୁଟି ପରେ ସେ ଘଟଣାସ୍ଥଳସ୍ଥଳ ପରିଦର୍ଶନରେ ଯିବେ ଏବଂ ଆକଳନ ଅନୁଯାୟୀ ମରାମତି କାର୍ଯ୍ୟ କରାଯିବ ବୋଲି ସେ ମତ ରଖିଛନ୍ତି।


ରାସ୍ତା ପାର୍ଶ୍ୱରୁ ଘାସ ସଫା କରାଯାଉଛି।

# ସରିଲା ମା' ବିରଜାଙ୍କ ରଥଯାତ୍ରା

**ଯାଜପୁର ଟାଉନ,୧୩।୧୦(ଡି.ଏନ.ଏ.)**

ମା'ବିରଜାଙ୍କ ରଥଯାତ୍ରା ବୁଧବାର ଶେଷ ହୋଇଛି। ସେହିପରି ଅଷ୍ଟମୀଗତେ ମହାନବମୀ ପୀଠେ ପାଳିତ ହୋଇଛି। ନବମୀ ବିହିତ ପୂଜା ସହ ରଥରେ ଥିବା ବିଜେ ପ୍ରତିମାଙ୍କ ପୂଜା କରାଯାଇଥିଲା। ମା'ଙ୍କୁ ନୀତି ଅର୍ପଣ ପରେ ପହୁଡ ହୋଇଥିଲା। ପହୁଡ ଖୋଲିବା ପରେ ରଥ ଟଣା ହୋଇ ସିଂହଦ୍ୱାର ନିକଟରେ ରହିଥିଲା। ରାତ୍ର ୧୦ ଘଟିକା ପରେ ମା'ଙ୍କ ସିଂହାସନ ସମ୍ମୁଖରେ ମନ୍ଦିର ଟ୍ରଷ୍ଟି ତଥା ଉପଜିଲାପାଳ, ଧର୍ମାଧିକାରୀ, ପୂଜକ, ପାଳିହା, ଲାଖ, ସମିଧ, ଆର୍ଶୀ, ତରାସ, ଛତା, ଚାମର ଓ ମା'ଙ୍କ ପୂଜାରେ ନିୟୋଜିତ ବିଭିନ୍ନ ସେବାୟତଙ୍କୁ ଶିରିପା ବନ୍ଧା ହେବାପରେ ସମସ୍ତେ ରଥ ଦାଣ୍ଡରେ ଥିବା ମା'ଙ୍କ ସିଂହଧ୍ୱଜ ରଥକୁ ଆସିଥିଲେ। ରଥରେ ପୁରୋଧା ବିଜେ ପ୍ରତିମାଙ୍କ ପୂଜା ସମ୍ପନ୍ନ କରିଥିଲେ। ଏହାପରେ ଏକ ସୁସଜ୍ଜିତ ବିମାନରେ ମା'ଙ୍କ ବିଜେ ପ୍ରତିମାଙ୍କୁ ଲାଖବିନ୍ଧା ପଡ଼ିଆକୁ ନିଆଯାଇଥିଲା। ସେଠାରେ ମା'ଙ୍କ ମଣ୍ଡପରେ ପୂଜାର୍ଚ୍ଚନା ସରିବା ପରେ ମହିଷି ରୂପୀ ଅସୁରର ନିଧନ ସ୍ୱରୂପ ଚତୁର୍ଦ୍ଦିଗକୁ ଲାଖଧାରି ପୂଜକ ଶର ନିକ୍ଷେପ କରିଥିଲେ। ଲାଖି ନିକ୍ଷେପ ପରେ ମା'ଙ୍କ ବିମାନକୁ ନଗର ପରିକ୍ରମା କରାଯିବା ସହ ବିଜେ ପ୍ରତିମାକୁ ନେଇ ମନ୍ଦିର ଗର୍ଭଗୃହ ରତ୍ନ ସିଂହାସନରେ ରଖାଯାଇଥିଲ। ପରେ ମା'ଙ୍କ ଗୁପ୍ତ ପୂଜା ଅନୁଷ୍ଠିତ ହୋଇ ଅଧରପଣା ଅର୍ପଣ କରାଯାଇ ପହୁଡ ହୋଇଥିଲା। ମନ୍ଦିର ଟ୍ରଷ୍ଟି ତଥା ଉପଜିଲାପାଳ ଶରତ ଚନ୍ଦ୍ର ମହାପାତ୍ର, ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ, ଜିଲା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ସରୋଜ ଉପାଧ୍ୟାୟ, ଯାଜପୁର ଟାଉନ ଥାନା ଭାରପ୍ରାପ୍ତ ଅଧିକାର ମାନସ ରଞ୍ଜନ ଚକ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା ସମାପନ ହୋଇଥିଲା।


ମା' ବିରଜା।

## ୧୪ ଗ୍ରାମ୍ ବ୍ରାଉନ ସୁଗାର ଜବତ, ୩ ଗିରଫ

**ଜଗତ୍‌ସିଂହପୁର ଅଫିସ, ୧୩।୧୦**

ବୁଧବାର ଏରସମା ନୂଆ ମାର୍କେଟ କମ୍ପ୍ଲେକ୍ସ ପାଖ କୃଷି କାର୍ଯ୍ୟାଳୟ ନିକଟରୁ ୧୪.୬୩୦ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏସ୍‌ଆଇ ଧନେଶ୍ୱର ବେହେରା ଓ କର୍ମଚାରୀଙ୍କ ଅଭିଯୋଗ ଆଧାରରେ ନଂ. ୨୪୨/୨୧ରେ ମାମଲା ରୁଜୁ ସହ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଏରସମା ଥାନା ଶିବପୁର ଗାଁର ବିନୟ କୁମାର ଦାସ ଓରଫ ବାବୁନା (୩୦), ଶ୍ରୀରାମପୁରର ପ୍ରକାଶ ଚନ୍ଦ୍ର ଦାସ ଓରଫ ପାପୁନି (୩୦) ଓ ପଞ୍ଚପଲ୍ଲୀ ଗୋବିନ୍ଦପୁରର ତପନ ତରୁଣ ମହାପାତ୍ର ଓରଫ ପପୁ(୪୫)। ସେମାନଙ୍କ ନିକଟରୁ ୧୨୦୦ ଟଙ୍କା ମଧ ଜବତ କରାଯାଇଥିବା ସୂଚନା ଦିଆଯାଇଛି।

# ତଫସିଲଭୁକ୍ତ ଜାତିଙ୍କୁ ଅଣଦେଖା ଅଭିଯୋଗ

**ଶ୍ରୀବନ୍ତପରୁ ପଞ୍ଚାୟତର ଚିଠା ସଂରକ୍ଷଣ ତାଲିକା**

**ରସୁଲପୁର,୧୩।୧୦(ଡି.ଏନ.ଏ.)**

ରସୁଲପୁର ବ୍ଲକରେ ପଞ୍ଚାୟତ ନିର୍ବାଚନ ୨୦୨୨ ପାଇଁ ଚିଠା ସଂରକ୍ଷଣ ତାଲିକା ୮ ତାରିଖରେ ପ୍ରକାଶ ପାଇଛି। ଚଳିତଥର ଏହି ବ୍ଲକ ଶ୍ରୀବନ୍ତପୁର ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପଦବୀ ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ତେଣୁ ବ୍ଲକରୁ ପ୍ରକାଶ ପାଇଥିବା ତାଲିକାରେ ତଫସିଲଭୁକ୍ତ ଜାତିକୁ ଅଣଦେଖା କରାଯାଇଛି ବୋଲି ଏହି ବର୍ଗର ଲୋକେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୧୯୯୨ରୁ ୨୦୨୨ ମସିହା ମଧ୍ୟରେ ୬ଷ୍ଠ ତମ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏହାରି ମଧ୍ୟରେ ତଫସିଲଭୁକ୍ତ ଜାତି ବର୍ଗର ଭୋଟରଙ୍କୁ ନିର୍ବାଚନରେ ପ୍ରତିନିଧିତ୍ୱ ପାଇଁ ଆଦୌ ସୁଯୋଗ ଦିଆଯାଇ ନାହିଁ। ଏ ଦିଗରେ ବିବେଚନା କରାଯାଇ ତଫସିଲଭୁକ୍ତଜାତି ବର୍ଗର ଲୋକଙ୍କୁ ଚଳତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ସୁଯୋଗ ଦେବାକୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଅଭିଯୋଗ ଅନୁସାରେ, ଶ୍ରୀବନ୍ତପୁର ପଞ୍ଚାୟତରେ ୧୯ ୱାର୍ଡ ରହିଛି। ଏହି ପଞ୍ଚାୟତର ମୋଟ୍ ଭୋଟର ସଂଖ୍ୟା ୫୩୪୪। ସେଥିମଧ୍ୟରୁ ତଫସିଲଭୁକ୍ତ ଜାତି ଭୋଟର ସଂଖ୍ୟା ୧୨୨୩। ତଫସିଲଭୁକ୍ତ ଜାତି ଜନସଂଖ୍ୟା ମୋଟ୍ ଜନସଂଖ୍ୟାର ୨୨.୮୮ଶତକଡ଼ା ରହିଛି। ଏହି ଆଧାରରେ ୨୦୧୭ ନିର୍ବାଚନରେ ପଞ୍ଚାୟତରେ ୪ଟି ୱାର୍ଡ ସଭ୍ୟ ତଫସିଲଭୁକ୍ତ ବର୍ଗରୁ ପ୍ରତିନିଧିତ୍ୱ କରୁଛନ୍ତି। ହେଲେ ଏଯାଏ କୌଣସି ଗୋଟିଏ ହେଲେ ସରପଞ୍ଚ ପଦବୀରେ ଉକ୍ତ ବର୍ଗର ଲୋକଙ୍କୁ ନିର୍ବାଚନ ଲଢିବାର ସୁଯୋଗ ଦିଆଯାଇ ନାହିଁ। ଏହିକ୍ରମରେ ଦେଖିଲେ ୧୯୯୨, ୧୯୯୭, ୨୦୦୨ ମସିହାରେ ଆସନ ସାଧାରଣବର୍ଗ ପାଇଁ ସଂରକ୍ଷିତ ଥିଲା। ୨୦୦୭ ଓ ୨୦୧୨ ପଛୁଆବର୍ଗ, ୨୦୧୭ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ଥିବା ବେଳେ ୨୦୨୨ ନିର୍ବାଚନ ପାଇଁ ସରପଞ୍ଚ ପଦବୀ ଅସଂରକ୍ଷିତ ରଖାଯାଇଛି। ପୂରା ନିର୍ବାଚନ ପ୍ରକ୍ରିୟାରେ ତଫସିଲଭୁକ୍ତ ବର୍ଗର ଲୋକଙ୍କୁ ଅଣଦେଖା କରାଯାଇଛି ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି।

# ଚିଠା ସଂରକ୍ଷଣକୁ ନେଇ ଉଠିଲା ପ୍ରଶ୍ନ

**ପାଣିକୋଇଲି,୧୩।୧୦(ଡି.ଏନ.ଏ.)**

ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଏହା ଉପରେ ଆପତ୍ତି ଅଭିଯୋଗ କରିବାର ଶେଷ ତାରିଖ ଅକ୍ଟୋବର ୧୬କୁ ରଖାଯାଇଛି। ୨୬ ତାରିଖ ସମ୍ପୂର୍ଣ୍ଣ ତାଲିକା ପ୍ରକାଶ ପାଇବ। ମାତ୍ର ଯାଜପୁର ଜିଲା ପ୍ରଶାସନ ଯେଉଁ ତାଲିକା ପ୍ରକାଶନ କରିଛି ତାହା ବେଆଇନ ଓ ରାଜନୈତିକ ଅଭିସନ୍ଧି ମୂଳକ ବୋଲି ଅଭିଯୋଗ କରିଛନ୍ତି ତଣ୍ଡରା ପଞ୍ଚାୟତର ଯୁବ ସାମାଜିକ କର୍ମୀ ଅକ୍ଷୟ କୁମାର କର। ତାଙ୍କ ଅଭିଯୋଗ ମୁତାବକ ଗୋଟିଏ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଦୁଇଟି ଯାକ ମହିଳା ବା ପଛୁଆ ବର୍ଗ ଅବା ସମାନ ହେବାର କୌଣସି ନିୟମ ନାହିଁ। କିନ୍ତୁ ଜିଲା ପ୍ରଶାସନ ପକ୍ଷରୁ ସରପଞ୍ଚ ଓ ସମିତି ସଭ୍ୟ ପଦବୀ ସଂରକ୍ଷଣକୁ ସମାନ ଭାବେ ବଣ୍ଟନ କରାଯାଇଛି। ଯଦି ବ୍ଲକ ଅଧ୍ୟକ୍ଷ ପଦବୀ ମହିଳା ବା ସରପଞ୍ଚ ମହିଳା ହୁଅନ୍ତି ତା'ହେଲେ ବ୍ଲକ ଉପାଧ୍ୟକ୍ଷ ଓ ନାଏବ ସରପଞ୍ଚ ପଦବୀ ପୁରୁଷ କରାଯାଉଛି। ଜିଲା ପ୍ରଶାସନ ପଞ୍ଚାୟତରାଜ ଆଇନକୁ ଅନୁଧ୍ୟାନ କରି ଠିକ୍ ସଂରକ୍ଷଣ ତାଲିକା ପ୍ରସ୍ତୁତ କରିବାକୁ ସେ ଦାବି କରିଛନ୍ତି।




# ସେଞ୍ଚୁରିକୁ ଅପେକ୍ଷା

ଓଡ଼ିଆ ସିନେମା ଜଗତର ଅନ୍ୟତମ ଆଗଧାଡ଼ିର ସଂଳାପକାର ଭାବରେ ସେ ବେଶ୍ ପରିଚିତ। ଏକଦା ଗୋଟିଏ ପଟେ ଅଧ୍ୟାପନା ଏବଂ ଅନ୍ୟପଟରେ ସଂଳାପ ରଚନାକୁ ବେଶ୍ ସମାନ୍ତରାଳ ଭାବରେ ଆଗେଇ ନେଉଥିଲେ। ଆଉ ଚାକିରିରୁ ଅବସର ଗ୍ରହଣ କରିବା ପରେ ଏବେ କେବଳ ସଂଳାପ ଏବଂ ଗୀତ ରଚନା ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି। ସେ ହେଲେ ଡ. ରଜନୀ ରଞ୍ଜନ। କଥା କ'ଣ କି କିଛି ବର୍ଷ ପୂର୍ବରୁ ୬୦ଟି ଚଳଚ୍ଚିତ୍ର ପାଇଁ ସଂଳାପ ରଚନା କରି ସେ ଚର୍ଚ୍ଚାକୁ ଆସିଥିଲେ। ଆଉ ଏବେ ରିଲିଜ ଅପେକ୍ଷାରେ ଥିବା 'ମାଇଁ ଡାର୍ଲିଂ', 'ତୁ ମୋ ଡ୍ରିମ୍ ଗାର୍ଲ', 'ତୁ ଲୈଲା ମୁଁ ମଜନୁ', 'ତୁ ମୋର ନିହାତି ଦରକାର', 'ପଲ୍ ପଲ୍ ତତେ ଚାହେଁ', ''ହେ ବନ୍ଧୁ ବିଦାୟ', 'ମିତାଲି ଅପା', 'ରାଉଡି ରାଜା' ଆଦି ୧୪ଟି ସିନେମାର ଡାଏଲଗ ସହ ଚିତ୍ରନାଟ୍ୟ ରଚନା କରିଛନ୍ତି ସେ। ରଜନୀଙ୍କ ସଂଳାପ ରଚନା ଆରମ୍ଭ ହୋଇଥିଲା 'ମୋ ଭାଇ ଜଗା' (୧୯୯୨) ଚଳଚ୍ଚିତ୍ରରୁ। ଏ ନେଇ ରଜନୀ କହନ୍ତି, 'ଦର୍ଶକ ମୋତେ ଯେଉଁ ଭଲପାଇବା ଦେଇଛନ୍ତି ତାହାକୁ ପାଥେୟକରି ଆଗେଇ ଚାଲିଛି। ପ୍ରତିଟି ସିନେମାର ସଂଳାପ କିପରି ଆହୁରି ଆକର୍ଷଣୀୟ ହୋଇପାରିବ ସେ ନେଇ ସବୁବେଳେ ଚେଷ୍ଟା କରିଥାଏ। ମୋ ମତରେ ଓଡ଼ିଆ ସିନେମାର ଭବିଷ୍ୟତ ଉଜ୍ଜ୍ୱଳ। କରୋନା ସମ୍ପୂର୍ଣ୍ଣ ଭାବରେ ଦୂର ହୋଇଯିବା ପରେ ଦର୍ଶକ ନିଶ୍ଚୟ ପ୍ରେକ୍ଷାଳୟ ମୁହାଁ ହେବେ ବୋଲି ମୋର ଦୃଢ଼ ବିଶ୍ୱାସ।'' ଅନ୍ୟପକ୍ଷରେ 'ନଈ ଏପାରିରେ ମୁଁ ନଈ ସେପାରିରେ ତୁ' (ମୋ ଭାଇ ଜଗା) 'ମଲ୍ଲୀ ଫୁଲ ତିନି ତିନିଟା' (ବାହୁଡିବେ ମୋ ଜଗା ବଳିଆ), 'ଟିନିନି ପଡଳି ମୁଁ' (ସପନର ନାୟିକା), ଜିଇଁବାର ମାନେ ଯଦି ଜୀବନ ହୁଏ (ହସିବ ପୁଣି ମୋ ସୁନା ସଂସାର), ସବୁ ପାପର ପ୍ରାୟଶ୍ଚିତ ଥାଏ ସବୁ ଭୂଲର କ୍ଷମା' (ଲଭ୍ ଡଟ୍ କମ୍) ଆଦି ହିଟ୍ ଗୀତ ରଚନା କରି ନିଜକୁ ଜଣେ ସଫଳ ଗୀତିକାର ଭାବରେ ପ୍ରତିପାଦିତ କରିପାରିଛନ୍ତି। ତେବେ ସଂଳାପ ରଚନାରେ ରଜନୀ କେବେ ସେଞ୍ଚୁରି ମାରୁଛନ୍ତି ତାହା ଦେଖିବାକୁ ବାକି ରହିଲା।


ରଜନୀ ରଞ୍ଜନ



ଦେବରାଜ–ଚିନ୍ମୟୀ

# ଚାଲ୍ ଟିକେ ପ୍ରେମ କରିବା

ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଚାଲ୍ ଟିକେ ପ୍ରେମ କରିବା'। ଏହାର ପ୍ରଯୋଜନା କରିବା ସହ ଫିମେଲ୍ ଲିଡ୍‌ରେ ଅଭିନୟ କରିଛନ୍ତି ଚିନ୍ମୟୀ ପ୍ରିୟଦର୍ଶିନୀ। ଦେବକୀ ଫିଲ୍ମ ବ୍ୟାନରରେ ନିର୍ମିତ ଏହି ଫିଲ୍ମର ସମସ୍ତ କାମ ଶେଷ ହେବା ସହ ରିଲିଜ ଅପେକ୍ଷାରେ ରହିଛି। ଦେବକୀ ସାହୁଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଆଶୁତୋଷ ବାରିକ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିଭୂତି ଭୂଷଣ। ଏହି ଫିଲ୍ମର ନାୟକ ସାଜିଛନ୍ତି ଦେବରାଜ। 'ତୋ ପ୍ରେମରେ ପଡ଼ିଗଲା ପରେ' ସିନେମାରେ ଦେବରାଜ–ଚିନ୍ମୟୀ ଯୋଡ଼ିକୁ ପ୍ରଥମଥର ପାଇଁ ଦେଖିବାକୁ ମିଳିଥିଲା। ତେବେ ଏଥର ମଧ୍ୟ ଚିନ୍ମୟୀ ପୁଣି ଥରେ ଏକ ପ୍ରେମକାହାଣୀକୁ ଆଧାରକରି ଚିତ୍ରଟିଏ ପ୍ରସ୍ତୁତ କରିଛନ୍ତି। ଏଥିରେ ଦୁହେଁ ନିଜ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶକ ସରୋଜ କାନ୍ତଙ୍କର ଏହା ହେଉଛି ପଞ୍ଚମ ଚଳଚ୍ଚିତ୍ର। ଦେବରାଜ–ଚିନ୍ମୟୀଙ୍କ ବ୍ୟତୀତ ଏହି ଫିଲ୍ମରେ ଲିପ୍‌ସା ମିଶ୍ର, ପ୍ରଜ୍ଞା, ଗୁଣ୍ଡୁ, ବୀରେନ୍ ମିଶ୍ର ଏବଂ ପରଲୋକଗତ ସଲିଲ ମିତ୍ର ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟି ଚଳିତ ମାସ ଶେଷ ସପ୍ତାହରେ ପରଦା ଉପରକୁ ଆସିବ ବୋଲ ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ପେଶାଲ ସଜବାଜ

ତେଲୁଗୁ ସିନେମାର ଅନ୍ୟତମ ପରିଚିତ ଅଭିନେତା ପ୍ରଭାସ। ଏବେ ତାଙ୍କୁ ନେଇ ଚର୍ଚ୍ଚା। କାରଣ ଖୁବ୍ ଶୀଘ୍ର ସେ ବଡ଼ ପରଦାରେ ଖାକି ପୋଷାକ ଗେଟ୍‌ଅପ୍‌ରେ ଦେଖିବାକୁ ମିଳିବେ। କଥା କ'ଣ କି ଏପରି ଏକ ଅଫର ପାଇବା ପରେ ସେ ନିଜକୁ ଏଥିପାଇଁ ପ୍ରସ୍ତୁତ କରିବା ଆରମ୍ଭ କରିଦେଲେଣି। ଏପରି ସ୍ପେଶାଲ ସଜବାଜ ସମ୍ପର୍କରେ ପ୍ରଭାସ କହନ୍ତି, 'ସନ୍ଦୀପ ରେଡ୍ଡୀଙ୍କର ଏହି ଫିଲ୍ମର ଟାଇଟଲ ପ୍ରଥମେ ଥିଲା 'ଭାଙ୍ଗା'। ଏବେ ତାହା ଚେଞ୍ଜ ହୋଇଛି ଏବଂ ନୂଆ ଶୀର୍ଷକ ରହିଛି 'ସ୍ପିରିଟ୍'। ଏଥିରେ ମୁଁ ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରୁଛି। ଯଦିଓ ପୂର୍ବରୁ କେତୋଟି ସିନେମାରେ ମୁଁ ଏପରି ରୋଲ୍‌ରେ ଆସିସାରିଛି। ହେଲେ ଏହି ନୂଆ ସିନେମାରେ ମୋତେ ମିଳିଥିବା ଭୂମିକାଟି ମୋ ପାଇଁ ଚ୍ୟାଲେଞ୍ଜ ପରି। ତେଣୁ ସେଥିପାଇଁ ପ୍ରିପାରେଶନ ଆରମ୍ଭ କରିଦେଇଛି।' ଖାସ୍, କଥା ହେଲା, ଏହି ଫିଲ୍ମଟି କେବଳ ତାମିଲ, ତେଲୁଗୁ, ମାଲାୟାଲମ, ହିନ୍ଦୀ ନୁହେଁ ଇଂଲିଶ ଭାଷାରେ ମଧ୍ୟ ନିର୍ମିତ ହେବ। ପ୍ରଭାସଙ୍କ ସମ୍ପୂର୍ଣ୍ଣ ନାମ କ'ଣ ଜାଣନ୍ତି ? ଭେଙ୍କଟ ସତ୍ୟନାରାୟଣ ପ୍ରଭାସ ରାଜୁ ଉପଲାପ୍ପଟି। ପାଠ ପଢ଼ିବା ସମୟରେ ହୋଟେଲିୟର ହେବାକୁ ଆଶା ରଖିଥିଲେ। ନିର୍ଦ୍ଦେଶକ ରାଜ କୁମାର ହିରାନୀଙ୍କର ସେ ହେଉଛନ୍ତି ଜଣେ ବଡ ପ୍ରଶଂସକ। ତାଙ୍କ ନିର୍ଦ୍ଦେଶିତ 'ମୁନ୍ନା ଭାଇ ଏମ୍‌ବିବିଏସ୍' ଏବଂ 'ଥ୍ରୀ ଇଡିୟଟ୍‌ସ'କୁ ପ୍ରଭାସ ଅନେକ ଥର ଦେଖିଛନ୍ତି। ଏହି ତେଲୁଗୁ ଅଭିନେତାଙ୍କର ମନ ପସନ୍ଦର ଖାଦ୍ୟ ହେଲା ଚିକେନ୍ ବିରିୟାନୀ।


ପ୍ରଭାସ

## ନୂଆ ସିନେମା

# ବୁଲନ୍ ଦାଶଙ୍କ ପ୍ରେମ କାହାଣୀ

ପ୍ରେମରେ ଅନେକ ନୂଆ ନୂଆ ଜିନିଷ ଦେଖିବାକୁ ମିଳିଥାଏ। ଠିକ୍ ସେମିତି ନିଜ ପ୍ରେମର ଆଶାକୁ ସଫଳ କରିବାକୁ ବୁଲନ୍ ଦାଶ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଛି। ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ତାହାକୁ ସାମ୍ନା କରିବାକୁ ସେ ତୟାର। ନିଜକୁ ଜଣେ ସଫଳ ପ୍ରେମିକ ଭାବରେ ପରିଚିତ କରାଇବାକୁ ସେ ପଣ କରିଛି। ଅନ୍ୟମାନଙ୍କ ମୁହଁରେ ଖୁସି ଦେଖିବାକୁ ବୁଲନ୍ ସବୁବେଳେ ଚେଷ୍ଟା କରିଥାଏ। ଏପରି ବିଷୟବସ୍ତୁକୁ ନେଇ ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ବୁଲନ୍ ଦାଶଙ୍କ ପ୍ରେମ କାହାଣୀ'। ଏହାର ପ୍ରଯୋଜନା କରିବା ସହ ଚିତ୍ରନାଟ୍ୟ ରଚନା ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ପରମେଶ୍ୱର ଦାଶ (ବୁଲନ୍ ଭାଇ)। ଉକ୍ତ ସିନେମାର ଅନ୍ୟତମ ପ୍ରଯୋଜକ ଅଛନ୍ତି 'ମନ ମୋର କାଗଜଗୁଡି'ର ପ୍ରଯୋଜନା କରିଥିବା ବିବେକାନନ୍ଦ ବାରିକ। ମା' ବିରଜା ପ୍ରଡକ୍ସନ ବ୍ୟାନରରେ ଏହାର କଳାକାର ଚୟନ ପ୍ରକ୍ରିୟା ଚାଲୁ ରହିଛି ଏବଂ ଖୁବ୍ ଶୀଘ୍ର ଶୁଟିଂ ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ନିର୍ଦ୍ଦେଶକ।


ପରମେଶ୍ୱର

# ଯୋଗ ପ୍ରଶିକ୍ଷିକାରୁ ଅଭିନେତ୍ରୀ

'ବାହୁବଲୀ' ଫେମ୍ ଅନୁଷ୍କା ସେଟ୍ଟି'। ଅଭିନୟ ଜଗତରେ ଏଣ୍ଟ୍ରି କରିବା ପୂର୍ବରୁ ସେ କ'ଣ କରୁଥିଲେ ଜାଣନ୍ତି ? ଆକ୍ଟିଂକୁ କ୍ୟାରିୟର କରିବା ପୂର୍ବରୁ ସେ ଜଣେ ଯୋଗ ପ୍ରଶିକ୍ଷିକା ଥିଲେ। ୨୦୦୫ରେ ଆରମ୍ଭ ହୋଇଥିଲା ତାଙ୍କର ଅଭିନୟ ଜୀବନ। ତାଙ୍କ ଅଭିନୀତ ପ୍ରଥମ ତେଲୁଗୁ ସିନେମା ଥିଲା 'ସୁପର'। ଏହି ଫିଲ୍ମର ସଫଳତା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ନିଜର ଆକ୍ଟିଂ କ୍ୟାରିୟର ମଧ୍ୟରେ ସେ ଏପର୍ଯ୍ୟନ୍ତ ୬୫ଟି ସିନେମାରେ ଅଭିନୟ କରିସାରିଲେଣି। ତେଲୁଗୁ ଚିତ୍ର 'ଅରୁନ୍ଧତୀ' ତାଙ୍କୁ ରାତାରାତି ନାୟିକା ଦୌଡ଼ରେ ସାମିଲ କରିଥିଲା। ନିଜ କ୍ୟାରିୟର ସମ୍ପର୍କରେ ଅନୁଷ୍କା କହନ୍ତି, '୨୦୦୫ରୁ ଏପର୍ଯ୍ୟନ୍ତ ଦୀର୍ଘ ୧୬ବର୍ଷର ଯାତ୍ରା ମୋର ଆଗେଇ ଚାଲିଛି। ମୋର ଅଭିନୟକୁ ଦର୍ଶକ ଗ୍ରହଣ କରିଛନ୍ତି ତାହା ମୋ ପାଇଁ ବଡ଼ କଥା। ମୋ ଅଭିନୟରେ କେଉଁଠି ଦୋଷତ୍ରୁଟି ରହିଲେ ତାହାକୁ ପରବର୍ତ୍ତୀ ସମୟରେ ସୁଧାରିବାକୁ ଚେଷ୍ଟା କରେ। ମୁଁ ସବୁବେଳେ ପ୍ରତିଟି ସିନେମାରୁ ନୂଆ କଥା ଶିଖିଥାଏ।'


ଅନୁଷ୍କା

# ପ୍ରଥମ ଅଫର ଅନ୍ତରାଳେ..

ଯେ କୌଣସି ଭୂମିକା ହେଉ ତାହାକୁ ତୁଲାଇବାରେ କଙ୍ଗନା ରାଣାଓ୍ୱତ୍ କେତେ ସକ୍ଷମ ତାହା ତାଙ୍କ ଅଭିନୀତ ସିନେମାଗୁଡ଼ିକରୁ ଜଣାପଡ଼ିଥାଏ। ତାଙ୍କୁ ବଡ଼ ପରଦା ପାଇଁ ପ୍ରଥମ ଅଫର ମିଳିବା ସମୟରେ ତାଙ୍କର ବୟସ କେତେ ହୋଇଥିଲା ଜାଣନ୍ତି ? ମାତ୍ର ୧୯ ବର୍ଷ। ବମ୍ବେରୁ ଦିଲ୍ଲୀ ଆସିବା ପରେ ସେ ପ୍ରଥମେ ମଡେଲିଂରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ତା'ପରେ ଏକ ଥିଏଟର ଗ୍ରୁପ୍‌ରେ ଯୋଗଦେଇ ଅଭିନୟରେ ମନୋନିବେଶ କଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଗ୍ୟାଙ୍ଗଷ୍ଟର'। ଯେତେବେଳେ ମହେଶ ଭଟ୍ଟ ଏହି ଫିଲ୍ମର ନାୟିକା ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ କଲେ ସେତେବେଳେ ପ୍ରଥମେ ଚିତ୍ରାଙ୍ଗଦା ସିଂଙ୍କୁ ଅଫର ଦିଆଯାଇଥିଲା। କିନ୍ତୁ କେତେକ କାରଣରୁ ସେ ଏଥିରେ ଅଭିନୟ କରିବାକୁ ମନା କରିଦେଇଥିଲେ। ତା'ପରେ କଙ୍ଗନାଙ୍କ ସହ ଯୋଗାଯୋଗ କରାଯାଇଥିଲା ଏବଂ ସେ ଏଥିପାଇଁ ରାଜି ହୋଇଥିଲେ। କଙ୍ଗନା ଏପର୍ଯ୍ୟନ୍ତ ତିନି ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିସାରିଛନ୍ତି। ଏହି ତାଲିକାର ଶୀର୍ଷ ସ୍ଥାନରେ ଅଛନ୍ତି ଶବାନା ଆଜମୀ, ଯିଏକି ପାଞ୍ଚ ଥର ଏହି ପୁରସ୍କାର ପାଇଛନ୍ତି। କଙ୍ଗନା ଅଭିନୟ କରିଥିବା ହିଟ୍ ସିନେମା 'କୁଇନ୍'ର କେତେକ ସଂଳାପ ସେ ନିଜେ ରଚନା କରିଛନ୍ତି। ଅଭିନୟ କ୍ଷେତ୍ରରେ ନିଜକୁ ଆହୁରି ପରିପକ୍ୱ କରିବାକୁ ସେ ନ୍ୟୁୟର୍କ ଫିଲ୍ମ ସ୍କୁଲ୍‌ରୁ ଆକ୍ଟିଂରେ ଡିଗ୍ରୀ ହାସଲ କରିଛନ୍ତି।


କଙ୍ଗନା

## ସଂକ୍ଷେପରେ

### ଦେଶରେ ପର୍ଯ୍ୟାପ୍ତ କୋଇଲା ରହିଛି: ସୀତାରାମନ

**ନୂଆଦିଲ୍ଲୀ, ୧୩।୧୦:** ଦେଶର ପାୱାର ପ୍ଲାଣ୍ଟଗୁଡ଼ିକ କୋଇଲା ଅଭାବ ଯୋଗୁ ବିଭିନ୍ନ ସମସ୍ୟା ସାମ୍ନା କରୁଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶିତ ହେଉଛି। ଫଳରେ ଦିଲ୍ଲୀ ସମେତ ଅନ୍ୟ କିଛି ପ୍ରାନ୍ତରେ ବିଜୁଳି ସଙ୍କଟ ଭଳି ଘଟଣା ସାମ୍ନାକୁ ଆସିଛି। ଏହି ଘଟଣା ଉପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସ୍ପଷ୍ଟୀକରଣ ରଖିଛନ୍ତି। ସେ କହିଛନ୍ତି, ଦେଶ ମଧ୍ୟରେ କୋଇଲାର ଅଭାବ ନାହିଁ। କୋଇଲା ଅଭାବ ଖବରକୁ ସେ ଖଣ୍ଡନ କରିଛନ୍ତି। ହାର୍ଭାର୍ଡ କେନେଡି ସ୍କୁଲର ପ୍ରଫେସର ଭାରତରେ କୋଇଲା ସଙ୍କଟ ନେଇ ଅର୍ଥମନ୍ତ୍ରୀଙ୍କ ଉତ୍ତର ଲୋଡ଼ିଥିଲେ। ତାଙ୍କୁ ଉତ୍ତର ରଖି ସୀତାରାମନ କହିଛନ୍ତି, ଦେଶରେ କୋଇଲାର କୌଣସି ଅଭାବ ନାହିଁ। ଏ ସମ୍ପର୍କରେ ଆସିଥିବା ରିପୋର୍ଟ ଭୁଲ। ଭାରତ ଶକ୍ତି କ୍ଷେତ୍ରରେ ଏକ ବଳକା ଉତ୍ପାଦନ କରୁଥିବା ଦେଶ। ଶକ୍ତିମନ୍ତ୍ରୀ ଆର୍.କେ.ସିଂ ମଧ୍ୟ କୋଇଲା ଅଭାବ ଜନିତ ଖବରକୁ ଖଣ୍ଡନ କରିଥିଲେ। ବିଜୁଳି ଉତ୍ପାଦନ କରୁଥିବା ପ୍ଲାଣ୍ଟଗୁଡ଼ିକ ନିକଟରେ ଆଗାମୀ ୪ଦିନ ଲାଗି କୋଇଲା ସଞ୍ଚିତ ହୋଇ ରହିଛି। ଏହି ପ୍ଲାଣ୍ଟଗୁଡ଼ିକୁ ନିରନ୍ତର ଭିତ୍ତିରେ କୋଇଲା ଯୋଗାଣ ହେଉଛି। ଆଗାମୀ ଦିନରେ ମଧ ପ୍ଲାଣ୍ଟଗୁଡ଼ିକ ନିରନ୍ତର ବିଦ୍ୟୁତ୍ ଯୋଗାଣ ଧାରା ଜାରି ରଖିବେ ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ କୋଲ୍ ଇଣ୍ଡିଆ ନିକଟରେ ପ୍ରାୟ ୨୨ ଦିନର ଷ୍ଟକ୍ ରହିଛି।

### ତୃତୀୟ ଲହର ବିପଦ ଟଳିନାହିଁ: ଗୀତା ଗୋପୀନାଥ

**ନୂଆଦିଲ୍ଲୀ, ୧୩।୧୦:** ଚଳିତ ବର୍ଷ ଶେଷ ସୁଦ୍ଧା ୪୦ ପ୍ରତିଶତ ଲୋକଙ୍କୁ ଟିକାକରଣରେ ସାମିଲ କରିବା ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଅନେକ ଦେଶ ଉକ୍ତ ଧାର୍ଯ୍ୟଲକ୍ଷ୍ୟ ପୂରଣ କରିବାରେ ବିଫଳ ହୋଇଥିବାବେଳେ ଭାରତ ୫୦ ପ୍ରତିଶତ ଲୋକଙ୍କୁ ଟିକା ଦେଇ ଅଧିକ ଆତ୍ମବିଶ୍ୱାସ ହାସଲ କରିଛି। ମହାମାରୀ ଯୋଗୁ ଆର୍ଥିକ ବଜାର ପ୍ରଭାବିତ ହୋଇଛି। ଭାରତରେ ତୈଳ ଦର ଆକାଶଛୁଆଁ ହୋଇଥିବାବେଳେ ଦରଦାମ୍ ବଢ଼ିଚାଲିଛି। ସରକାର ମୁଦ୍ରାସ୍ଫୀତି ପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍)ର ମୁଖ୍ୟ ଅର୍ଥନୀତିଜ୍ଞ ଗୀତା ଗୋପୀନାଥ କହିଛନ୍ତି। ଅଧିକ ଟିକାକରଣ ସତ୍ତ୍ୱେ ଭାରତରେ ତୃତୀୟ ଲହର ଚିନ୍ତା ଦୂର ହୋଇ ନ ଥିବା ସେ କହିଛନ୍ତି। ଅନ୍ୟ ଦେଶଗୁଡ଼ିକ କୋଭିଡ୍ ଟିକାକରଣର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ କାର୍ଯ୍ୟକରିବା ଆବଶ୍ୟକ। ଭାରତ ବର୍ତ୍ତମାନ ସୁଦ୍ଧା ୯୬.୬ କୋଟି କୋଭିଡ୍ ଟିକା ଡୋଜ୍ ଦେଇଛି ଏବଂ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ୧୦୦ କୋଟି ଡୋଜ୍ ଅତିକ୍ରମ କରିବାକୁ ଯାଉଛି। ୭୩ ପ୍ରତିଶତ ବୟସ୍କ ଅନ୍ୟୂନ ଗୋଟିଏ ଡୋଜ୍ ନେଇଥିବାବେଳେ ୩୦ ପ୍ରତିଶତ ଡବଲ ଡୋଜ୍ ନେଇଛନ୍ତି। ଟିକାକରଣ ହାର ଭଲ ରହିଲେ ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ପୂର୍ବରୁ ଗୋପୀନାଥ କହିଥିଲେ।

# ମୋଷ୍ଟ ୱାଣ୍ଟେଡ୍ ଥିଲେ ୩ ମାଓବାଦୀ: ଡିଜିପି

**ମାଲକାନଗିରି,୧୩।୧୦(ଡି.ଏନ.ଏ.)**

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ତୁଲସୀ ପାହାଡ଼ରେ ମଙ୍ଗଳବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟରେ ମୃତ୍ୟୁବରଣ କରିଥିବା ୩ଜଣ ମାଓବାଦୀ ମୋଷ୍ଟ ୱାଣ୍ଟେଡ୍ ଥିଲେ ବୋଲି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ବୁଧବାର ମାଲକାନଗିରି ଜିଲ୍ଲା ଗସ୍ତ ଅବସରରେ ପ୍ରକାଶ କରିଛନ୍ତି। ଏହି ଅବସରରେ ସେ ଉଚ୍ଚ ପଦାଧିକାରୀମାନଙ୍କ ସହିତ ମାଓବାଦୀ ଦମନ ନେଇ ରଣନୀତି ସମୀକ୍ଷା କରିଛନ୍ତି। ଏସ୍ଓଜି ଓ ଡିଭିଏଫ୍ ଯବାନଙ୍କ ମନୋବଳ ବୃଦ୍ଧି କରିବା ଲାଗି ଡିଜିପି ଗସ୍ତକରି ସେମାନଙ୍କୁ ପ୍ରଶଂସା କରିଛନ୍ତି। ପରେ ସେ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମାଓବାଦୀ ଦମନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସେ ମାଓବାଦୀଙ୍କୁ ହିଂସା ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲହେବାକୁ ଆହ୍ୱାନ ଦେଇଥିଲେ। ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯାଇ ମାଓବାଦୀଙ୍କୁ ଦମନ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି। ଏଥିରେ ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ଲଳିତ ଦାସ, ଆଇଜି ଅପରେଶନ ଅମିତାଭ ଠାକୁର, ଏସ୍ଆଇଡବ୍ଲ୍ୟୁ ଡିଆଇଜି ଅନିରୁଦ୍ଧ ସିଂ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ, ମାଲକାନଗିରି ଏସ୍ପି ପ୍ରହ୍ଲାଦ ସାହାଇ ମୀନାଙ୍କ ସମେତ ବିଏସ୍ଏଫ୍ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମଙ୍ଗଳବାର ଗୁଳି ବିନିମୟ ପରେ ଘଟଣାସ୍ଥଳରୁ ପୋଲିସ ଗୋଟିଏ ଏସ୍ଏଲ୍ଆର୍ ରାଇଫଲ, ଗୋଟିଏ ଇନ୍ସାସ ରାଇଫଲ, ୪ଟି ମାଗାଜିନ, ଗୋଟିଏ ଏକେ-୪୭ ମାଗାଜିନ , ୫୯ଟି ଏସ୍ଏଲ୍ଆର୍ ଗୁଳି, ୨୧ ଟି ଇନ୍ସାସ ଗୁଳି, ମାଓବାଦୀ କିଟ୍ ବ୍ୟାଗ୍, ପୁସ୍ତିକା, ଜୋତା, ତାର, ବ୍ୟାଟେରି, ପାଣି ବୋତଲ, ୱାକିଟକି, ଡେଟୋନେଟର, ଆଇଇଡି, ରିମୋଟ କଣ୍ଟ୍ରୋଲ, ଔଷଧ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି।


ଜବତ ମାଓବାଦୀ ସାମଗ୍ରୀ।

- ■ ମାଲକାନଗିରି ଗସ୍ତ ଅବସରରେ ରଣନୀତି ସମୀକ୍ଷା
- ■ ଏସ୍ଓଜି, ଡିଭିଏଫ୍ ଯବାନଙ୍କୁ ପ୍ରଶଂସା କଲେ
- ■ ସମାଜର ମୁଖ୍ୟସ୍ରୋତରେ ସାମିଲହେବାକୁ ଦେଲେ ଆହ୍ୱାନ

### ମୃତ ମାଓବାଦୀଙ୍କ ପରିଚୟ ମିଳିଲା

ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ତୁଲସୀ ପାହାଡ଼ରେ ମଙ୍ଗଳବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ମୃତ୍ୟୁବରଣ କରିଥିବା ୩ଜଣ ମାଓବାଦୀଙ୍କ ପରିଚୟ ବୁଧବାର ମିଳିଛି। ସେମାନେ ହେଲେ ମାଲକାନଗିରି ଜିଲ୍ଲାର ମୁକା ସୋଡ଼ି, ଛତିଶଗଡ଼ର ସୋନି ଓ ଚିନ୍ନା ରାଓ। ମୁକା ମାଓବାଦୀ ସଙ୍ଗଠନରେ ଏରିଆ କମିଟି ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ସରକାର ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ। ସୋନି ଏରିଆ କମିଟି ମେମ୍ବର ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ନାମରେ ୪ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିଲା। ସେହିପରି ଚିନ୍ନା ପାର୍ଟି ମେମ୍ବର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା ହୋଇଥିଲା।

# ୬ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ସ୍ୱତନ୍ତ୍ର ଡାକ ଲଫାପା



ଡାକ ଟିକଟ ଉନ୍ମୋଚନ କାର୍ଯ୍ୟକ୍ରମରେ ଦୁଇ କେନ୍ଦ୍ରମନ୍ତ୍ରୀ।

**ଭୁବନେଶ୍ୱର/ଭୁବନ,୧୩।୧୦(ବ୍ୟୁରୋ):** ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ନ ଥିବା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ଗବେଷଣା କରିବା ପାଇଁ ଭାରତୀୟ ଇତିହାସ ଅନୁସନ୍ଧାନ ପରିଷଦ ପକ୍ଷରୁ ଉଦ୍ୟମ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର କହିଛନ୍ତି। 'ଡାକ ଟିକଟ ସଂଗ୍ରହ ଦିବସ' ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଧର୍ମେନ୍ଦ୍ର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦେଇ ଇତିହାସ ପୃଷ୍ଠାରେ ଅନାଲୋଚିତ ଓଡ଼ିଶାର ୬ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ପ୍ରସ୍ତୁତ ସ୍ୱତନ୍ତ୍ର ଡାକ ଲଫାପାକୁ ଉନ୍ମୋଚନ କରିଥିଲେ। ଏହି ମହାନ ସଂଗ୍ରାମୀମାନେ ହେଲେ ଶହୀଦ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ଚକରା ବିଷୋୟୀ, ଚାଖି ଖୁଣ୍ଟିଆ, ଶହୀଦ ବାଜି ରାଉତ ଏବଂ ପାର୍ବତୀ ଗିରି। କେନ୍ଦ୍ରମନ୍ତ୍ରୀ କହିଥିଲେ, ଦେଶବ୍ୟାପୀ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଥିବା ବେଳେ ଅସଂଖ୍ୟ ବୀର ସ୍ୱତନ୍ତ୍ରତା ସଂଗ୍ରାମୀ ଏବଂ ଦେଶଭକ୍ତିର ଅକୁହା କାହାଣୀକୁ ଉଜ୍ଜିବୀତ କରିବା ପାଇଁ ଏହି ସ୍ୱତନ୍ତ୍ର ଲଫାପା ଉନ୍ମୋଚନ କରାଯାଇଛି। ବ୍ରିଟିଶ ବିରୋଧରେ ଏହି ମହାନ ସଂଗ୍ରାମୀମାନଙ୍କ ସଂଗ୍ରାମ ସର୍ବଦା ପ୍ରେରଣା ହୋଇ ରହିବ। ମାତ୍ର ସମସ୍ତ ଦେଶଭକ୍ତିପୂର୍ଣ୍ଣ କାର୍ଯ୍ୟ କିମ୍ବା ନିଃସ୍ୱାର୍ଥ ବଳିଦାନ ଇତିହାସରେ ଲିପିବଦ୍ଧ ହୋଇନାହିଁ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ଢେଙ୍କାନାଳ ଜିଲ୍ଲା ଭୁବନସ୍ଥିତ ବାଜି ରାଉତଙ୍କ ଗ୍ରାମ ଏକତାଳି ପଞ୍ଚାୟତ ନୟାନୀଳକଣ୍ଠପୁରରେ ଭାରତୀୟ ଡାକ ବିଭାଗ ତରଫରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରୁ ଭର୍ଚୁଆଲରେ ୨ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବାଜି ରାଉତଙ୍କ ପରିବାର ସଦସ୍ୟ ଓ ଢେଙ୍କାନାଳ ଡାକ ବିଭାଗର ମୁଖ୍ୟ ଜଗଦୀଶ ଦାସ, ଭୁବନ ଉପଡାକଘର ମୁଖ୍ୟ ପିନା ମଲିକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ କାର୍ଯ୍ୟ ଦେଖିଲେ ୫-ଟି ସଚିବ


୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଷ୍ଟାଡିୟମ ନକ୍ସା ଦେଖୁଛନ୍ତି।

**ପୁରୀ ଅଫିସ,୧୩।୧୦**

ପୁରୀ ପେଣ୍ଠକଟାସ୍ଥିତ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍। ବୁଧବାର ୫-ଟି ସଚିବ ପାଣ୍ଡିଆନ୍ ପୁରୀ ଆସି ନିର୍ମାଣାଧୀନ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍ ଅଞ୍ଚଳ ବୁଲି କାର୍ଯ୍ୟ ଓ ନକ୍ସା ଦେଖିଥିଲେ। ସମ୍ପ୍ରତି ୧୩ ଏକର ପରିମିତ ସ୍ଥାନରେ ଷ୍ଟାଡିୟମ୍ ନିର୍ମାଣ କାର୍ଯ୍ୟ ଚାଲିଛି। ଏଠାରେ କ୍ରିକେଟ୍ ଗ୍ରାଉଣ୍ଡ ସହ ସୁଇମିଂ ପୁଲ୍, ଏକଶହ ଶଯ୍ୟା ବିଶିଷ୍ଟ କ୍ରୀଡ଼ା ଛାତ୍ରାବାସ ଓ ଇନ୍‌ଡୋର ହଲ୍ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହି ଅବସରରେ ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ଏବଂ ଅନ୍ୟ ଅଧିକାରୀମାନେ ୫-ଟି ସଚିବଙ୍କ ସହ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିବାବେଳେ ସମ୍ପୃକ୍ତ ଯନ୍ତ୍ରୀ ନକ୍ସା ଦେଖାଇ ବିସ୍ତୃତ ଭାବେ ବୁଝାଇଥିଲେ। କ୍ରୀଡ଼ା ସଚିବ ମଧ୍ୟ ଉପସ୍ଥିତ ଥିଲେ। ଫନୀ ବାତ୍ୟା ପୂର୍ବରୁ ଇନ୍‌ଡୋର ହଲ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତେବେ ଫନୀରେ ଏହା ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା। ଏହାପରେ ପୁଣି ଥରେ ନବୀକରଣ କାର୍ଯ୍ୟ ଚାଲିଛି। ଇନ୍‌ଡୋର ହଲ୍‌ର ନିର୍ମାଣ କାର୍ଯ୍ୟ ଉପରେ ୫-ଟି ସଚିବ ଗୁରୁତ୍ୱ ଦେବା ସହ ଏହା କିପରି ଧାର୍ଯ୍ୟ ସମୟରେ ଶେଷ ହେବ ସେନେଇ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ଫେବୃଆରୀ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବାବେଳେ ନିର୍ଦ୍ଧାରିତ ସମୟରେ ଷ୍ଟାଡିୟମ ଏବଂ ଇନ୍‌ଡୋର ହଲ୍ ପ୍ରସ୍ତୁତ ହୋଇଯିବ ବୋଲି ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ କହିଛନ୍ତି।

**ଧାର୍ଯ୍ୟ ସମୟରେ କାମ ସାରିବାକୁ ନିର୍ଦ୍ଦେଶ**

### କିଟ୍, କିସ୍‌ରେ ଜାପାନୀ ଭାଷା ଓ ଉତ୍କର୍ଷ କେନ୍ଦ୍ର

**ଭୁବନେଶ୍ୱର, ୧୩।୧୦(ବ୍ୟୁରୋ)**

କିଟ୍ ଓ କିସ୍‌ରେ ଜାପାନୀ ଭାଷା କେନ୍ଦ୍ର ଏବଂ ଉତ୍କର୍ଷ କେନ୍ଦ୍ର ଖୋଲିବା ସହ ଇଣ୍ଟର୍ନସିପ୍ ଓ ମିସ୍‌ବିସ୍ କ୍ରୀଡ଼ା ସିଏସ୍ଆର୍ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏହାକୁ ଭାରତରେ ଅବସ୍ଥାପିତ ଜାପାନ ରାଷ୍ଟ୍ରଦୂତ ସାତୋସି ସୁଜୁକି ଗୁରୁବାର ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମ ପାଇଁ ଭାରତ ସରକାରଙ୍କ ବୈଦେଶିକ ସଚିବ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲା, ମିସ୍‌ବିସ୍ ଭାରତର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ୟୋଜି ତାଗୁଚି, ମିସ୍‌ବିସ୍ ଭାରିଶିଳ୍ପ ଭାରତର ପରିଚାଳନା ନିର୍ଦ୍ଦେଶକ ସୁଶେକେ ସୁତୋ ପ୍ରମୁଖ କିଟ୍ ଓ କିସ୍ ପରିଦର୍ଶନରେ ଆସିଛନ୍ତି। ଏଥିସହ ରାଷ୍ଟ୍ରଦୂତ ସାତୋସିଙ୍କ ନେତୃତ୍ୱରେ ଜାପାନର ଏକ ପ୍ରତିନିଧିମଣ୍ଡଳୀ ମଧ୍ୟ ଏଠାରେ ଆସି ପହଞ୍ଚିଛନ୍ତି। ପ୍ରଥମଥର ଲାଗି ଓଡ଼ିଶାର କିଟ୍ ଓ କିସ୍‌ରେ ଏଭଳି ଦୁଇଟି କେନ୍ଦ୍ର ଓ କାର୍ଯ୍ୟକ୍ରମ ହେଉଛି। ଜାପାନୀ ଭାଷା କେନ୍ଦ୍ର ବିଶେଷକରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜାପାନୀ ଭାଷା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ସହ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ନିବିଡ଼ କରିବାରେ ସହାୟକ ହେବ। ସେହିପରି ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମରେ ୧୫୦ବର୍ଷ ପୁରାତନ ମିସ୍‌ବିସ୍ ଗ୍ରୁପ୍ କିଟ୍‌ର ମେଧାବୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାନବିସ (ଇଣ୍ଟର୍ନ) ରୂପେ ଗ୍ରହଣ କରିବ। ଏହା ବ୍ୟତୀତ ମିସ୍‌ବିସ୍ ତା'ର ସିଏସ୍ଆର୍ କାର୍ଯ୍ୟକ୍ରମ ଜରିଆରେ କିସ୍‌ର ଛାତ୍ରୀଛାତ୍ରଙ୍କୁ ସହଯୋଗ ଯୋଗାଇଦେବ। ଏ ସମ୍ପର୍କରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଭାରତ ଓ ଜାପାନ ମଧ୍ୟରେ ଥିବା କୂଟନୈତିକ ସମ୍ପର୍କର ୭୦ବର୍ଷ ପୂର୍ତ୍ତି ଉଭୟ ଦେଶ ପାଳନ କରିବାକୁ ଯାଉଛି।

# ସାପ କାମୁଡ଼ାରେ ଚାଷୀ ମୃତ

**ବେଗୁନିଆ,୧୩।୧୦(ଡି.ଏନ.ଏ):** ସାପ କାମୁଡ଼ାରେ ବୁଧବାର ବେଗୁନିଆ ଥାନା ଅଧୀନ ବଡ଼ବେରଣା ଗ୍ରାମର ଚାଷୀ ରାମଚନ୍ଦ୍ର ସ୍ୱାଇଁ(୬୫)ଙ୍କ ମୃତ୍ୟୁ ଘଟିଛି।। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ. ୧୪/୨୧ ରୁଜୁ ହୋଇଛି। ପୋଲିସ ସୂଚନା ଅନୁସାରେ, ସକାଳେ ରାମଚନ୍ଦ୍ର ନିଜ ଧାନ ଫସଲ ବାଡ଼ିକୁ କୌଣସି କାର୍ଯ୍ୟରେ ଯାଇଥିଲେ। ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଘରକୁ ଆସି ନିଜ ପରିବାର ଲୋକଙ୍କୁ ସେ ଜଣାଇଥିଲେ। ରାମଚନ୍ଦ୍ରଙ୍କୁ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**MCL** ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ କ୍ରୟ ସମ୍ପାଦନ କରାଯାଏ।"
R-5077

# ୨୫ ଲକ୍ଷର ବ୍ରାଉନ୍‌ସୁଗାର ଜବତ, ୫ ଗିରଫ

- ■ ୧୧ ମୋବାଇଲ ଫୋନ, ଟଙ୍କା, ଏଟିଏମ୍ କାର୍ଡ, ଗାଡ଼ି ଜବତ
- ■ ଭୁବନେଶ୍ୱରରୁ ଆସୁଛି ଧଳାଜହର, କାରବାରରେ ଯୁବକ ସାମିଲ

**ପୁରୀ ଅଫିସ, ୧୩।୧୦:** ପୁରୀ ସହରରେ ବ୍ରାଉନସୁଗାର କାରବାର ବଢିଚାଲିଛି। ବିଶେଷକରି ଯୁବପିଢ଼ି ଏହି କାରବାରରେ ସମ୍ପୃକ୍ତ ହେଉଥିବାବେଳେ ଖୋର୍ଦ୍ଧା ଓ ଭୁବନେଶ୍ୱରରୁ ଏଠାକୁ ଧଳାଜହର ଆସୁଛି। ମଙ୍ଗଳବାର ରାତିରେ ପୁରୀ ପୋଲିସର ସ୍ପେଶାଲ ଟାସ୍କ ଫୋର୍ସ ଟିମ୍ ବ୍ରାଉନ ସୁଗାର ବିକ୍ରି କରୁଥିବା ଏକ ର୍‍ୟାକେଟ୍‌ର ୫ଜଣଙ୍କୁ ଗିରଫ କରିଛି। ସେମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ଖଣ୍ଡଗିରି ଥାନା ଅଧୀନ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର ଧୀରେନ୍ଦ୍ର ସାହୁ ଓରଫ ଟୁଟୁ (୪୦), ଖଣ୍ଡଗିରି ଅଞ୍ଚଳର ସୁବ୍ରତ ଖୁଣ୍ଟିଆ (୨୩), ଡୁମୁଡୁମା ଅଞ୍ଚଳର ମାଧବ ମଣ୍ଡଳ ଓରଫ ସନା (୨୮), ସୁରଜ ପରିଡ଼ା ଓରଫ ଗୁଡୁ (୨୧) ଏବଂ ବାଣପୁର ଥାନା ଅନ୍ତର୍ଗତ ଖୁଣ୍ଟପାଲିର ଆଦିତ୍ୟ ନାରାୟଣ ସ୍ୱାଇଁ (୩୦)। ଏମାନଙ୍କଠାରୁ ୨୫୦ଗ୍ରାମର ବ୍ରାଉନସୁଗାର ସମେତ ୧୧ଟି ମୋବାଇଲ ଫୋନ, ୫ହଜାର ଟଙ୍କା, ଏଟିଏମ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଏକ ବାଇକ (ନଂ. ଓଡି ୩୩ ପି ୬୫୬୮) ଏବଂ ଏକ କାର୍ (ନଂ. ଓଆର୍ ୦୨-ଏଏମ୍ ୯୪୯୬) ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଏ ନେଇ କେସ୍ ନଂ. ୧୫୯/୨୧ ରୁଜୁ କରାଯାଇଛି।

ପୋଲିସ ସୂଚନା ମୁତାବକ, ପୁରୀରେ ବ୍ରାଉନସୁଗାର କାରବାର ରୋକିବା ପାଇଁ ଏସ୍‌ପି କନୱର ବିଶାଲ ସିଂ ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଗଠନ କରିଛନ୍ତି। ଏଥିରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା, ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ, ସଦର ଏସ୍‌ଡିପିଓ ଏବଂ ବଳିଆପଣ୍ଡା ଥାନା ଅଧିକାରୀ ସାମିଲ ଅଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ପୁରୀ ବାଇପାସ୍ ନିକଟରେ ବ୍ରାଉନସୁଗାର ବିକ୍ରି ଲାଗି ଯୋଜନା ଚାଲିଥିବାବେଳେ ପୋଲିସ ଖବର ପାଇଥିଲା। ବଳିଆପଣ୍ଡା ଥାନା ଅଧିକାରୀ ସେଠୀଙ୍କ ନେତୃତ୍ୱରେ ଏସ୍‌ଟିଏଫ୍ ଟିମ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା।

### ଆଇଏସ୍ଆଇ ମୁଖ୍ୟ ନିଯୁକ୍ତି ନେଇ ଇମ୍ରାନ, ସେନାମୁଖ୍ୟ ମତଭେଦ

**ଇସ୍‌ଲାମାବାଦ, ୧୩।୧୦**

ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇର ନୂଆ ମୁଖ୍ୟ ନିଯୁକ୍ତିକୁ ନେଇ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଏବଂ ଦେଶର ପ୍ରଭାବଶାଳୀ ସେନାମୁଖ୍ୟଙ୍କ ମଧ୍ୟରେ ମତଭେଦ ଦେଖାଦେଇଛି। ଗତ ସପ୍ତାହରେ ପାକ୍ ସୈନ୍ୟବାହିନୀ ଲ୍ୟୁଟ୍‌ନାଣ୍ଟ ଜେନେରାଲ ହମିଦଙ୍କ ସ୍ଥାନରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନଦୀମ ଅଞ୍ଜୁମ୍‌ଙ୍କୁ ଆଇଏସ୍ଆଇର ନୂଆ ମହାନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେବା ଲାଗି ମଞ୍ଜୁରୀ ପ୍ରଦାନ କରିଥିଲା। ତେବେ ଆଫଗାନିସ୍ତାନରେ ଅସ୍ଥିରତା ଲାଗିରହିଥିବାରୁ ହମିଦ ଆଇଏସ୍ଆଇ ମୁଖ୍ୟ ପଦରେ ରହିବା ଲାଗି ଇମ୍ରାନ ଚାପ ପକାଇଛନ୍ତି। ସୋମବାର ସେନାମୁଖ୍ୟ ଜେନେରାଲ କାମାର ବାଜୱାଙ୍କ ସହ ଆଲୋଚନା ବେଳେ ଇମ୍ରାନ ଏହା କହିଥିବା ଜଣାପଡ଼ିଛି।

**DIRECTORATE OF TECHNICAL EDUCATION & TRAINING, ODISHA, CUTTACK**
**COUNSELLING CUM ADMISSION NOTICE UNDER PWD SCHEME OF MHRD, GOI FOR THE SESSION 2021-22. (Vacancy Round)**

No. KK-126: ORTHOPAEDICALLY HANDICAPPED (OH) candidates having 40% disability and above (BOTH MALE AND FEMALE CANDIDATES HAVING PERMANENT RESIDENT CERTIFICATE OF ODISHA) are hereby informed to attend the central admission process into 03 years regular Diploma Engineering course under Persons with Disabilities (PWD) scheme of MHRD, Government of India, New Delhi against 72 numbers of vacant seats out of 75 numbers of supernumerary seats (25 Nos. per each institute) as per the details mentioned below for the academic session 2021-22 at 11 A.M. onwards on 18-10-2021 fulfilling the other criteria available in the website.

**Name of the Institution & Course:**
**Bhubanananda Orissa School of Engineering (BOSE), Cuttack: Engineering:** Civil / Electrical / Mechanical / Applied ETC & Instrumentation /Automobile / Electronics & Telecommunication / Information Technology / Computer Science Engineering.
**Government Polytechnic, Bhubaneswar: Engineering:** Arch. Assistantship / Civil / Electrical / Mechanical / Electronics & Telecommunication / Information Technology: **Non-Engineering:** Modern Office Management (MOM) / Beauty Culture.
**Government Polytechnic, Berhampur: Engineering:** Civil / Electrical / Mechanical / Computer Science / Food Technology :
Non-Engineering : Hotel Management & Catering Technology.
Entry Qualification & Age Limit:
Engineering Course: Pass in HSC Examination/10th standard examination conducted/declared equivalent by BSE and obtained at least 35% marks in aggregate, securing 30% marks in each subject at the qualifying examination with Math, Science & English subject.
Non Engineering Course: Modern Office Management pass in 10+2 Examination from CHSE, Odisha or its equivalent in Science /Arts/Commerce recognized by CHSE , Odisha, securing 30% marks in each subjects at the qualifying examination. Beauty – Educational qualification is same as 1st Sem, of Engineering / Technology course.
Hotel Management & Catering Technology: Passed in +2 examination from CHSE, Odisha equal and Science/Arts/Commerce recognized by CHSE, Odisha and obtained at least 35% marks in aggregate , securing 30% marks in each subjects at the qualifying examination.
Age: The lower age is 14 years and 16 years as on 01.07.2021 for all Engg.Course including Beauty Culture and Non-Engg. Course respectively. No upper age limit.
**FOR OTHER INFORMATION AND APPLICATION FORM, PLEASE VISIT OUR WEBSITE: www.bosecuttack.in**
**ALSO CAN CONTACT ON MOBILE NOS.: 9853274417 / 9437170286 / 9438014573**
**N.B: The PH candidates already applied for Diploma admission 2021-2022 are also allowed to participate.**
OIPR-14032/11/0007/2122 — Sd./- Principal, BOSE, Cuttack

**ପୌର ପରିଷଦ, ସୁନ୍ଦରଗଡ଼**

ଶାରଦୀୟ ଦୁର୍ଗାପୂଜା – ୨୦୨୧ ଉପଲକ୍ଷେ ପୌର ପରିଷଦ, ସୁନ୍ଦରଗଡ଼ ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସଙ୍ଗେ ସଙ୍ଗେ ଆସନ୍ତୁ ସମସ୍ତେ ମିଳିମିଶି ସହରକୁ ସଫାସୁତୁରା ରଖିବା ସହିତ ସୁନ୍ଦରଗଡ଼ ସହରକୁ ସବୁଜ ସୁନ୍ଦର କରିବା ପାଇଁ ଶପଥ ନେବା।

୧. ଠିକ୍ ସମୟରେ ପୌର ପରିଷଦ ଟିକସ ପଇଠ କରନ୍ତୁ।
୨. ନକ୍ସା ଅନୁମୋଦନ କରାଇ ଗୃହ ନିର୍ମାଣ କରନ୍ତୁ।
୩. ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ।
୪. ବୃକ୍ଷରୋପଣ କରି ପରିବେଶକୁ ନିର୍ମଳ ରଖନ୍ତୁ।
୫. ଗୃହପାଳିତ ପଶୁମାନଙ୍କୁ ରାସ୍ତା ଉପରେ ତେଣେ ବୁଲିବା ପାଇଁ ଛାଡ଼ନ୍ତୁ ନାହିଁ।
୬. ଶିଶୁ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରନ୍ତୁ ନାହିଁ।
୭. ଠିକ୍ ସମୟରେ ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ କରାଇ ନିଅନ୍ତୁ।
୮. COVID-19ର ସମସ୍ତ ନିୟମ ପାଳନକରି ସୁରକ୍ଷିତ ରହିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ।

ଡା. ପ୍ରଦୀପ କୁମାର ସାହା (ଓ.ପ୍ର.ସେ.)
ନିର୍ବାହୀ ଅଧିକାରୀ
ସୁନ୍ଦରଗଡ଼ ପୌରପାଳିକା

**OFFICE OF THE DISTRICT MANAGER**
**Odisha State Civil Supplies Corporation Ltd., (OSCSC)**
**ANGUL District**
PHONE NO.- 9438200031, 06764-230282
District Website:- www.angul.nic.in
Tender No. 3306 & Dt. 11.10.2021

District Manager, Odisha State Civil Supplies Corporation Ltd., Angul invites tender through ONLINE MODE ONLY for the works below.

| | | |
|---|---|---|
| 1 | Name of the Work | **Selection and appointment of transport contractors for transportation of paddy from paddy purchase centers (PPC) to rice mills within district or outside the Angul district with the state of Odisha** |
| 2 | Availability of Bid documents in the portal | **Dt.12.10.2021** |
| 3 | Last date/ Time for receipt of Bids in the portal | **Dt.27.10.2021 upt 5.30 PM** |
| 4 | Date / Time of opening of Technical Bid | **Dt.28.10.2021 at 11 AM** |

Tender Documents & other details can be seen from the e-procurement portal www.tendersodisha.gov.in along with the district website **www.angul.nic.in**. Amendment / Corrigendum / Cancellation / retenders etc. if any shall be published only in above websites.

**Sd./- District Manager, O.S.C.S.C. Ltd., Angul**

## ପ୍ରଥମ ପୃଷ୍ଠାରୁ

### ରାଜଧାନୀ ଭିଡ଼...

ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ମହାପାତ୍ର କହିଛନ୍ତି, ପର୍ବପର୍ବାଣି ପାଇଁ ଖୋର୍ଦ୍ଧା ଓ କଟକ ଜିଲ୍ଲାକୁ ଏବେ ଅଧିକ ଲୋକ ଆସୁଛନ୍ତି। କରୋନା କଟକଣା ନ ମାନି ଭିଡ଼ ଜମାଇବା ଯୋଗୁ ସଂକ୍ରମଣ ବଢୁଛି। ଆଗକୁ ଅଧିକ ସଂକ୍ରମଣ ହେଲେ ସେହି ଅନୁସାରେ ନିଷ୍ପତ୍ତି ନିଆଯିବ। ଲୋକେ ସତର୍କ ରହିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ ମାନିବା ଜରୁରୀ। ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି, ରାଜ୍ୟରେ ସଂକ୍ରମଣ ବଢ଼ିବାଟା ନିଶ୍ଚିତ ଭାବେ ଉଦ୍‌ବେଗଜନକ। ରାଜ୍ୟର ସଂକ୍ରମଣ କିଛିଦିନ ବ୍ୟବଧାନରେ ଉପର ତଳ ହେଉଥିବା ଦେଖାଯାଉଛି। ଏବେ ୪୦୦ରୁ ୬୦୦ ଭିତରେ ସଂକ୍ରମଣ ରହୁଥିବାବେଳେ ଆଗକୁ ଯଦି ଏହା ବଢ଼େ ତେବେ ଏହା ନିହାତି ଭାବେ ଚିନ୍ତାଜନକ। ଏହି ସ୍ଥିତିରେ ସୁଧାର ଆଣିବା ପାଇଁ ଲୋକଙ୍କୁ ସବୁବେଳେ ସଚେତନ ରହିବାକୁ ହେବ। ସଚେତନ ରହିଲେ ହିଁ ଆମେ ସଂକ୍ରମଣକୁ ରୋକିପାରିବା ବୋଲି ଡିଏମ୍‌ଇଟି କହିଛନ୍ତି।

### ମଧୁସୂଦନ..

ଶିକ୍ଷାନୀତିଅନୁସାରେ ଛାତ୍ରୀଛାତ୍ରଙ୍କୁ ନୂଆ ପରିଚୟ ଦେବ। ରାଜ୍ୟରେ ଆଇନ ଶିକ୍ଷାର ମାନ ବଢ଼ାଇବ ବୋଲି ଆଶା କରୁଥିବା ସେ କହିଛନ୍ତି। ଜାତୀୟ ଶିକ୍ଷାନୀତି ଅନୁସାରେ କେନ୍ଦ୍ର ସରକାର ଉଚ୍ଚ ଶିକ୍ଷା ଦୃଶ୍ୟପଟରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଧର୍ମେନ୍ଦ୍ର କହିଛନ୍ତି।

**GOVERNMENT OF ODISHA** — No. O-816
**OFFICE OF THE SUPERINTENDING ENGINEER, R.W.S&S DIVISION, SAMBALPUR**
**"e" PROCUREMENT NOTICE**
**Bid Identification No. RWSS (SBP) - 04/2021-22**

Name of the Work:

| Sl. No. | Name of the Work | Approxly. Value of Work in Rs. | E.M.D. in Rs. | Eligibility & Class of Contractor | Cost of Bid Document in Rs. | Bidding System | Period of Completion |
|---|---|---|---|---|---|---|---|
| 1 | Retrofitting of 4 (Four) Nos. of left out habitation of RPWS Scheme to 23 villages of Dhankauda and Rengali Block under Sambalur district | 3,75,96,612.00 | Bid Security Declaration | A & Special | Rs.10000.00 | Two Bid | 11 (Eleven) Months |

OIPR-25015/11/0001/2122 — Sd./- Executive Engineer, RWSS Division, Sambalpur

## ସଂକ୍ଷେପରେ

### ଟ୍ରେନ ଧକ୍କାରେ ବୃଦ୍ଧ ମୃତ

**ମାର୍ଶାଘାଇ,୧୩।୧୦(ଡି.ଏନ.ଏ.):** ବୁଧବାର ଅପରାହ୍ଣରେ ମାର୍ଶାଘାଇ ନିକଟସ୍ଥ କେନାଲ ବ୍ରିଜ ରେଳଧରଣା ଉପରେ ଟ୍ରେନ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ସଦର ଥାନା ଅଧୀନ ବଗଡ଼ା ଗ୍ରାମର ନନ୍ଦ କିଶୋର ଜେନା (୮୦)। ପରିବାର ଲୋକେ କହିଛନ୍ତି, ନନ୍ଦ କିଶୋରଙ୍କ ସାମାନ୍ୟ ମାନସିକ ବିକୃତି ଥିଲା । ସେ ପ୍ରାୟ ଘରେ ରହୁ ନ ଥିଲେ । ବିଭିନ୍ନ ସ୍ଥାନ ସେ ବୁଲୁ ଥିଲେ । ଖବର ପାଇ ମାର୍ଶାଘାଇ ଥାନା ପୋଲିସ ଏ ସଂକ୍ରାନ୍ତରେ ପାରାଦୀପ ଜିଆରପିକୁ ସୂଚନା ଦେବା ପରେ ତଦନ୍ତ ଆରମ୍ଭ ହୋଇଛି ।

### ଗଡରେଜରୁ ୨.୫ ଲକ୍ଷ ଟଙ୍କାର ସୁନାଗହଣା ଲୁଟ୍

**ରଘୁନାଥପୁର,୧୩।୧୦(ଡି.ଏନ.ଏ.):** ରଘୁନାଥପୁର ଥାନା ଚିକିଣିଆ ଗାଁର ତପନ କୁମାର ନାୟକଙ୍କ ଘରୁ ବୁଧବାର ୨.୫ ଲକ୍ଷ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏସ୍ଆଇ ଗୟସ ଅହମ୍ମଦ ଚୋରି ହୋଇଥିବା ସ୍ଥାନରେ ପହଞ୍ଚି ତଦନ୍ତ କରିଛନ୍ତି। ଭୋରରୁ ତପନଙ୍କ ମା' ଘର ଗ୍ରୀଲ ଖୋଲି ବାହାରକୁ ଫୁଲ ତୋଳିବାକୁ ଯାଇଥିଲେ। ପରିବାରର ଅନ୍ୟ ସଦସ୍ୟମାନେ ଶୋଇଥିବାର ସୁଯୋଗ ଉଣ୍ଡି କେହି ଦୁର୍ବୃତ୍ତ ଘର ଭିତରେ ପଶି ଗଡ଼ରେଜ ଖୋଲି ସେଥିରେ ଥିବା ଦୁଇଟି ସୁନା ହାର, ୩ଟି ମୁଦି ନେଇ ଚମ୍ପଟ ମାରିଥିଲେ। ଦୁର୍ବୃତ୍ତ ଜଣକ ଯିବା ସମୟରେ ପରିବାରର ଜଣେ ମହିଳା ଦେଖି ପାଟି କରିବାରୁ, ତପନ ଉଠିପଡ଼ି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ହେଲେ ଚୋରର ସନ୍ଧାନ ପାଇ ନ ଥିଲେ। ତେବେ ବାରଣ୍ଡାରେ ମଙ୍ଗଳସୂତ୍ର ଓ ଶଙ୍ଖା ପଡିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଭୋରରୁ ଚୋରି ହେବା ଘଟଣାକୁ ନେଇ ଗାଁରେ ଆତଙ୍କ ସୃଷ୍ଟି ହୋଇଛି। ଏହାକୁ ନେଇ ବିଭିନ୍ନ କଥା ଚର୍ଚ୍ଚା ହେଉଛି। ପୋଲିସ ନଂ. ୧୪୧/୨୦ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇସି ଦେବେନ୍ଦ୍ର ମହାପାତ୍ର କହିଛନ୍ତି।

### ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲିକୁଦା,୧୩।୧୦(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ତଣ୍ଡିକୂଳ ଗାଁର ଅବସରପ୍ରାପ୍ତ ସେନା କର୍ମଚାରୀ କ୍ଷୀରେନ୍ଦ୍ର ନାଥ ଦାସଙ୍କ ଏକାଦସାହ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ଆୟୋଜିତ ସଭାରେ ସଭାପତି କୈଳାସ ଚନ୍ଦ୍ର ବିଶ୍ୱାଳ ଅଧକ୍ଷତା କରିଥିଲେ। ସଭା ଆରମ୍ଭରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ଦାସ ୧୯୬୨ରେ ଚାଇନା ଓ ୧୯୭୨ରେ ପାକିସ୍ତାନ ସହ ଭାରତର ଯୁଦ୍ଧ ସମୟରେ ନିଜର ଦାୟିତ୍ୱ ତୁଲାଇଥିଲେ। ଏଥିପାଇଁ ସେ ଆହାତ ହୋଇଥିଲେ। ସେନାରୁ ଅବସର ନେଇ ସେ ରାଜ୍ୟ ସରକାରଙ୍କ ଉଠାଜଳସେଚନ ବିଭାଗରେ କିଛିବର୍ଷ କାମ କରି ଅବସର ନେଇଥିଲେ। ଏଥିରେ ନାଉଗାଁ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ନରେଶ ଚନ୍ଦ୍ର ସାହୁ, ଶିକ୍ଷକ ବାବାଜୀ ସ୍ୱାଇଁ, ଗନ୍ଧର୍ବ ଚରଣ ସାହୁ, ଅନିଲ କୁମାର ଦାସ, ସନ୍ତୋଷ ପଟ୍ଟନାୟକ, ସୁଶିଲ କୁମାର ଦାସ, ଶରତ ସାମନ୍ତସିଂ, ଦିବ୍ୟଜ୍ୟୋତ ମହାନ୍ତିଙ୍କ ସହ ବହୁ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ନିୟନ୍ତ୍ରଣବିହୀନ ବଜାର ଦର

**କେନ୍ଦ୍ରାପଡ଼ା ଅଫିସ, ୧୩।୧୦**

- ପରିବା ଦର ୨୫ ପ୍ରତିଶତରୁ ଅଧିକ ବଢ଼ିଛି
- ପରିବହନ ଖର୍ଚ୍ଚକୁ ଦୋଷ ଦେଉଛନ୍ତି ବ୍ୟବସାୟୀ
- ଜିଲା ପ୍ରଶାସନ ପକ୍ଷରୁ ଦର ନିୟନ୍ତ୍ରଣ ପାଇଁ ଦାବି



ବଜାର ଦର ରୋଷେଇ ଘରେ ଝଡ ସୃଷ୍ଟି କରିଛି। ସବୁ ଜିନିଷର ଦର ହୁ ହୁ ହୋଇ ବଢ଼ିଚାଲିଛି। ମାସକ ମଧ୍ୟରେ ପରିବା ଦର ୨୫ ପ୍ରତିଶତରୁ ଅଧିକ ହୋଇଛି। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଖାଇବା ତେଲ, ଡାଲି, ପିଆଜ ଦର ନିୟନ୍ତ୍ରଣ ହରାଇଛି। ଦର ନିୟନ୍ତ୍ରଣ ପାଇଁ ଶାସକ, ପ୍ରଶାସକ ଓ ବିରୋଧୀଙ୍କ ମଧ୍ୟରେ କୌଣସି ଯୋଜନା ନାହିଁ। କରୋନା କାରଣରୁ ସବୁବର୍ଗ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଥିବା ବେଳେ ମହଙ୍ଗା ମାଡ ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରୁଛି। କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ବଜାର ଦର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି। ସେହିପରି ବ୍ୟବସାୟୀ ପରିବହନ ଖର୍ଚ୍ଚ ଅଧିକ ହେଉଥିବା ମତ ଦେଉଛନ୍ତି।

ଏ ସମ୍ପର୍କରେ ଶ୍ୟାମସୁନ୍ଦରପୁରର ମମତା ପାଢ଼ୀ କୁହନ୍ତି, ଗ୍ୟାସ୍ ସିଲିଣ୍ଡର ଦର ଏବେ ୯୨୬ ଟଙ୍କା ହୋଇଛି। ପ୍ରତିମାସ ପ୍ରାୟ ୧୫ ଟଙ୍କା ବଢୁଥିବାରୁ ଖୁବ୍‌ଶୀଘ୍ର ତାହା ୧ ହଜାର ଟଙ୍କାକୁ ଟପିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟାନ୍ୟ ସାମଗ୍ରୀର ଦର ବଢ଼ି ଚାଲିଛି। ସୋରିଷ ତେଲ, ପାମୋଲିନ, ସୂର୍ଯ୍ୟମୁଖୀ ତେଲ ଦର ଲିଟର ପ୍ରତି ୨୦୦ ଟଙ୍କା ପାଖରେ ଅଛି। ହରଡ଼, ମୁଗ ଆଦି ଡାଲି ୧୦୦ ଟଙ୍କା ପାର୍ କରିଥିବା ବେଳେ ଜିରା, ସୋରିଷ, ସୁଜି, ବେସନ ଆଦିର ଦର ଅହେତୁକ ଭାବେ ବଢ଼ି ଚାଲିଛି। ମହରଗରେ ବ୍ୟସ୍ତ ଖାଉଟିଙ୍କୁ ଭେଜାଲ ପଦାର୍ଥ ପ୍ୟାକେଟରେ ମିଳୁଛି। ଖାଉଟି ବଜାର ଏବେ ନିୟନ୍ତ୍ରଣ ବାହାରକୁ ଚାଲି ଯାଇଛି ବୋଲି ସେ ମତ ଦେଇଛନ୍ତି। ଗୋପ ହାଟର ପରିବା ବ୍ୟବସାୟୀ ସାଧୁ ଚରଣ ଦାସ କହିଛନ୍ତି, ବର୍ଷା ଋତୁ ପରେ ପରିବା ଦର ସାଧାରଣରେ ବଢ଼ିଥାଏ। ତେବେ ଚଳିତବର୍ଷ ବଜାର ଦର ଅତ୍ୟଧିକ ହୋଇଛି। ଗତ ମାସକ ପୂର୍ବେ ବିଲାତି କେଜି ପ୍ରତି ମାତ୍ର ୮ରୁ ୧୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ୬୦ ଟଙ୍କାରୁ କମରେ ବିକ୍ରି କରି ହେବ ନାହିଁ। ସେହିପରି ଭେଣ୍ଡି, ଜହ୍ନି କେଜି ପ୍ରତି ୬୦ ଟଙ୍କା ରହିଛି। ଆଳୁ, ପିଆଜ, ବିନ୍ସ, ଝୁଡଙ୍ଗ ଆଦିର ମୂଲ୍ୟ ଅଧିକ ରହିଛି। ଏହାର କାରଣ ପରିବହନ ଖର୍ଚ୍ଚ ଅଧିକ ହେଉଛି। କେନ୍ଦ୍ରାପଡ଼ା ଜିଲାରେ ପ୍ରତି ସିଜିନ ପାଇଁ ପନିପରିବା ଉତ୍ପାଦନ ଆଶାନୁରୂପକ ହେଉନାହିଁ। ଫସଲ ଅମଳ ସମୟରେ ଅଭାବୀ ବିକ୍ରି ହେଉଛି। ଜିଲାରେ ଶୀତଳ ଭଣ୍ଡାର ଅଭାବରୁ ବିଭିନ୍ନ ଋତୁର ଉତ୍ପାଦକୁ ସଂରକ୍ଷିତ କରାଯାଇ ପାରୁନାହିଁ। ଜିଲା ବାହାରୁ ପନିପରିବା ଆସୁଥିବାରୁ ପରିବହନ ଖର୍ଚ୍ଚ ଅଧିକ ହେଉଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟତମ ବ୍ୟବସାୟୀ କୃଷ୍ଣ ଚନ୍ଦ୍ର ସାହୁ କୁହନ୍ତି, ପେଟ୍ରୋଲ, ଡିଜେଲ ଦର ଅହେତୁକ ବୃଦ୍ଧି ପାଇଛି। ପନିପରିବା ପାଇଁ ବରଗଡ, ନୟାଗଡ଼, ପଶ୍ଚିମବଙ୍ଗ ଉପରେ ନିର୍ଭର କରାଯାଉଛି। ଯାନବାହନରେ ପରିବାଠାରୁ ରାଶନ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ସ୍ଥାନାନ୍ତିକରଣ, ବାଣିଜ୍ୟିକ କାରବାର ଓ ତୈଳ ଦର ବୃଦ୍ଧି ଆଦିର ପ୍ରଭାବ ସିଧାସଳଖ ବଜାର ଓ ଖାଉଟିଙ୍କ ଉପରେ ପଡ଼ିଛି। ମେଡିକାଲ ଛକର ସୁରେନ୍ଦ୍ର ବେହେରା କହିଛନ୍ତି, ଖାଉଟି ସାମଗ୍ରୀ ଦର ବୃଦ୍ଧି ସହିତ ଏବେ ବିଜୁଳି ବିଭାଗ ଉପରେ ସରକାର ନିୟନ୍ତ୍ରଣ ହରାଇଛନ୍ତି। ବିଜୁଳି ଦର ଅହେତୁକ ବୃଦ୍ଧି ହୋଇଥିଲେ ମଧ୍ୟ ଦୈନିକ କାଟ ଅଧିକ ହେଉଛି। ଫଳରେ ପାନୀୟ ଜଳ, ରୋଷେଇ ଆଦି କ୍ଷେତ୍ରରେ ଜିଲାବାସୀ ହନ୍ତସନ୍ତ ହେଉଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ବଜାର ଦର ନିୟନ୍ତ୍ରଣ କରିବାକୁ ମତଦାତାମାନେ ଦାବି କରିଛନ୍ତି।

# ଗୁଳିମାଡ଼ ଘଟଣାରେ ୩ ଅଟକ

**ଚଣ୍ଡିଖୋଲ,୧୩।୧୦(ଡି.ଏନ.ଏ.)**

ବାଲିଚନ୍ଦ୍ରପୁର ଥାନା ଅଧୀନ ଓଳାଶୁଣୀ ପାହାଡ଼ରେ ଗତ ୩ ତାରିଖରେ ଘଟିଥିବା ଗୁଳିମାଡ଼ି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଆରମ୍ଭ କରିଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଚଢ଼ାଉ ଜାରି ରଖିଥିବାରୁ ଘଟଣାର ସମ୍ପର୍କରେ ସବିଶେଷ ସୂଚନା ଦେବାକୁ ଏସ୍‌ଡିପିଓ ଚିନ୍ମୟ ନାୟକ ମନା କରିଛନ୍ତି। ଅଟକ ୩ ଜଣଙ୍କ ମଧ୍ୟରୁ ବୁବୁନଙ୍କୁ ଗୁଳିମାଡ଼ କରିଥିବା ମୁଖ୍ୟ ଅଭିଯୁକ୍ତ ରହିଛନ୍ତି। ତାଙ୍କ ଘର କେନ୍ଦ୍ରାପଡା ଜିଲା ଡେରାବିଶ ଥାନା ଅଞ୍ଚଳରେ ବୋଲି ସୂଚନା ମିଳିଛି। ସେହିପରି ମୁଖ୍ୟ ଅଭିଯୁକ୍ତଙ୍କ ଜଣେ ସମ୍ପର୍କୀୟ ଓ ତାଙ୍କ ସହଯୋଗୀଙ୍କୁ ପୋଲିସ ଉଠାଇ ଆଣିଛି। ପୋଲିସ ଚଢାଉ କରି ଉଠାଇ ଆଣିଥିବା ମୁଖ୍ୟ ଅଭିଯୁକ୍ତଙ୍କ ସହିତ ଗୁଳିମାଡର ଶିକାର ବୁବୁନଙ୍କ ମଧ୍ୟରେ କୌଣସି ପୂର୍ବ ଶତ୍ରୁତା ନ ଥିଲା । ତେବେ ସେ କାହା ଇଙ୍ଗିତରେ ବୁବୁନଙ୍କ ଉପରେ ଆକ୍ରମଣ କରିଥିଲେ ସେନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଏହାସହ ଅଭିଯୁକ୍ତମାନେ ବ୍ୟବହାର କରିଥିବା କାର୍ ଓ ବାଇକ ସମ୍ପର୍କରେ ପୋଲିସ ଖୋଳତାଡ଼ ଜାରି ରଖିଛି। ଅଟକ ଯୁବକଙ୍କ ବୟାନ ଆଧାରରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି। ଖୁବ୍‌ଶୀଘ୍ର ଏହି ଘଟଣାରେ ସାମିଲ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ନେଇ ପୋଲିସ ଆଶାବାଦୀ ଅଛି।

ସୂଚନାଯୋଗ୍ୟ, ୩ ତାରିଖ ରାତିରେ ଓଳାଶୁଣୀ ପାହାଡ଼ ମଧ୍ୟଭାଗରେ ଥିବା ପୂର୍ବପଟ ବଙ୍ଗଳା ନିକଟରେ କେତେଜଣ ଅଜଣା ଯୁବକ ଏହି ଥାନା ବନ୍ଦରେଶ୍ୱର ଗ୍ରାମର ସିଦ୍ଧାନ୍ତ ସାମଲ ଓରଫ ବୁବୁନଙ୍କୁ ଚାରି ରାଉଣ୍ଡ ଗୁଳି କରି ଫେରାର ହୋଇ ଯାଇଥିଲେ। ବୁବୁନଙ୍କ ଜଙ୍ଘ ଓ ହାତରେ ଦୁଇଟି ଗୁଳି ବାଜିଥିଲା । ଏନେଇ ଥାନାରେ ଅଭିଯୋଗ ହେବାପରେ ଯାଜପୁର ରୋଡ୍ ଏସଡିପିଓଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ସାହିତ୍ୟ ପତ୍ରିକା ବାଟୋଇ ଉନ୍ମୋଚିତ



ଅତିଥିମାନେ ବାଟୋଇ ଶାରଦୀୟ ବିଶେଷାଙ୍କକୁ ଉନ୍ମୋଚନ କରୁଛନ୍ତି ।

**ରାଜନଗର,୧୩।୧୦(ଡି.ଏନ.ଏ.)**

ରାଜନଗରରୁ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା ବାଟୋଇର ଶାରଦୀୟ ଦୁର୍ଗା ପୂଜା ବିଶେଷାଙ୍କ ବୁଧବାର ଉନ୍ମୋଚିତ ହୋଇଛି। ପବିତ୍ର ମହାଷ୍ଟମୀ ଅବସରରେ ରାଜନଗର ଦେବୀ ଘର ପ୍ରାଙ୍ଗଣରେ ଶିକ୍ଷାବିତ୍ ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପତ୍ରିକା ଉନ୍ମୋଚନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାଟୋଇର ସମ୍ପାଦକ କବି ଶତ୍ରୁଘନ ତରାଇ, କବି ଭବାନୀ ପ୍ରସାଦ ମହାପାତ୍ର, କବି ପ୍ରମୋଦ କୁମାର ସେଠୀ, ହେମନ୍ତ କୁମାର ବାରିକ, ବସନ୍ତ କୁମାର ହାତୀ, ଜଗନ୍ନାଥ ଦାସ, ଅଭିରାମ ଦାସ, ତାପସ କୁମାର ମହାକୁଳ, ଶାରଦା ମିଶ୍ର, ଶିକ୍ଷାବିତ୍ ବୀର କିଶୋର ଜେନା ପ୍ରମୁଖ ଯୋଗ ଦେଇଥିଲେ।

# ୨ୟ ଆର୍‌ଏଚ୍‌ସି ପାଇଁ ଜମି ଅଭାବ

**ଯାଜପୁର ଅଫିସ,୧୩।୧୦**

- ପ୍ରସ୍ତାବକୁ ୫ ବର୍ଷ ବିତିଲା
- ଜମି ଚିହ୍ନଟ କରିବାକୁ ଓୟୁଏଚ୍‌ଏମ୍ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ

ଶିଳ୍ପ ସମୃଦ୍ଧ ଯାଜପୁର ଜିଲାରେ ବସବାସ କରୁଥିବା ପ୍ରବାସୀ ଶ୍ରମିକଙ୍କ ପାଇଁ ସହରାଞ୍ଚଳରେ ଦ୍ୱିତୀୟ ରେଣ୍ଟାଲ ହାଉସିଂ କମ୍ପ୍ଲେକ୍ସ (ଆର୍‌ଏଚ୍‌ସି) ନିର୍ମାଣ କରିବାକୁ ଜମି ମିଳୁନାହିଁ। ଏହାବାଦ୍ ଜମି ମିଳୁ ନ ଥିବାରୁ ବୀମାଭୁକ୍ତ ଶ୍ରମିକ,କର୍ମଚାରୀଙ୍କ ପାଇଁ ଡୁବୁରୀଠାରେ ୭ ବର୍ଷ ହେଲା ୧୦୦ ଶର୍ଯ୍ୟା ବିଶିଷ୍ଟ ଇଏସ୍ଆଇସି ହସ୍ପିଟାଲ ନିର୍ମାଣ ପ୍ରସ୍ତାବରେ ଅଟକିଛି। ତେବେ ବାସ୍ତବରେ ସରକାରୀ ଜମି ନାହିଁ, ନା ସମ୍ପୃକ୍ତ ଅଧିକାରୀଙ୍କ ଆନ୍ତରିକତାର ଅଭାବ ଏଥିପାଇଁ ଦାୟୀ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିକ୍ରମରେ ଶ୍ରମିକ କର୍ମଚାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ପ୍ରତିହତ ହୋଇଥିବା ମତପ୍ରକାଶ ପାଇଛି।

ନବେ ଦଶକରୁ ଜିଲାର କଳିଙ୍ଗନଗରଠାରେ ଅନେକ ଶିଳ୍ପ କାରଖାନା ଗଢି ଉଠିଛି। ଏହି କାରଖାନାଗୁଡ଼ିକରେ ବିଭିନ୍ନ ପ୍ରାନ୍ତରରୁ ଶ୍ରମିକ ଓ କର୍ମଚାରୀମାନେ କାମ କରୁଛନ୍ତି। ଏହାସହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇଛନ୍ତି। ସେମାନଙ୍କୁ ସମ୍ମାନର ସହ ବଞ୍ଚିବା ଏବଂ ଉନ୍ନତ ସେବା ଯୋଗାଇ ଦେବା ଲକ୍ଷ୍ୟରେ ଗତ ୪।୧୧।୨୦୧୬ରେ ଯାଜପୁର ଜିଲା ସହରାଞ୍ଚଳରେ ୨ଟି ଆର୍‌ଏଚ୍‌ସି ନିର୍ମାଣ କରିବାକୁ ପ୍ରସ୍ତାବ ରହିଥିଲା। ସଂପୃକ୍ତ ତହସିଲଦାର, ନିର୍ବାହୀ ଅଧିକାରୀ ଏବଂ ଜିଲା ଶ୍ରମ ବିଭାଗ ଅଧିକାରୀ ଜମି ଚିହ୍ନଟ ଏବଂ ଏହାର ଯୁଗ୍ମ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହାପରେ ବ୍ୟାସନଗର ସହରର ଚାନ୍ଦମାଠାରେ ୫୦ ଶର୍ଯ୍ୟା ବିଶିଷ୍ଟ ଆର୍‌ଏଚ୍‌ସି ନିର୍ମାଣ କରିବାକୁ ଜମି ଚିହ୍ନଟ ହୋଇଥିଲା। ଏଥିପାଇଁ ଗତ ଏପ୍ରିଲ ୨୦୧୭ରେ ୧ କୋଟି ୬୬ ଲକ୍ଷ ୭୯ ହଜାର ୪୦୦ ଟଙ୍କା ପ୍ରଶାସନିକ ମଞ୍ଜୁରୀ ମିଳିଥିଲା। ଏହି କ୍ରମରେ ଆର୍‌ଏଚ୍‌ସି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଶେଷ ସୋପାନରେ ପହଞ୍ଚିଥିଲେ ହେଁ ତାହା ଏଯାଏ ଶ୍ରମିକଙ୍କୁ ପ୍ରଦାନ କରାଯାଇନାହିଁ । ତେବେ ଦ୍ୱିତୀୟ ଆର୍‌ଏଚ୍‌ସି ନିର୍ମାଣ କରିବାକୁ ଏଯାଏ ଜମି ଚିହ୍ନଟ ହୋଇ ପାରିନାହିଁ। ତେଣୁ ଗୃହ ଓ ସହରାଞ୍ଚଳ ଉନ୍ନୟନ ବିଭାଗର ଅଧୀସ୍ଥ ଓଡ଼ିଶା ଅର୍ବାନ ହାଉସିଂ ମିଶନ(ଓୟୁଏଚ୍‌ଏମ୍) ଏନେଇ ଉଦ୍‌ବେଗ ପ୍ରକାଶ କରିଛି। ଗତ ୨୧।୯।୨୦୨୧ରେ ଓୟୁଏଚ୍‌ଏମ୍‌ର ମିଶନ ଡାଇରେକ୍ଟର ସୁଶାନ୍ତ କୁମାର ମିଶ୍ର ଯାଜପୁର ଜିଲାପାଳଙ୍କୁ ଦ୍ୱିତୀୟ ଆରଏଚ୍‌ସି ନିର୍ମାଣ କରିବାକୁ ତୁରନ୍ତ ଜମି ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ପତ୍ରରେ ସେ ଆହୁରି ଦର୍ଶାଇଛନ୍ତି ଯେ, ଚାନ୍ଦମାଠାରେ ୫୦ ଶର୍ଯ୍ୟା ବିଶିଷ୍ଟ ଆର୍‌ଏଚ୍‌ସି ନିର୍ମାଣ ଶେଷ ହୋଇ ସାରିଛି। କିନ୍ତୁ ଦ୍ୱିତୀୟ ଆର୍‌ଏଚ୍‌ସି ନିର୍ମାଣ କରିବାକୁ ଏଯାଏ ଜମି ଚିହ୍ନଟ ସମ୍ପର୍କରେ କୌଣସି ସୂଚନା ମିଳି ନାହିଁ। ଅନ୍ୟପକ୍ଷେ ରାଜ୍ୟର ଅନ୍ୟ ଜିଲାମାନଙ୍କରେ ୧୦୦ ଶର୍ଯ୍ୟା ବିଶିଷ୍ଟ ୭ଟି ଓ ୫୦ ଶର୍ଯ୍ୟା ବିଶିଷ୍ଟ ୫ଟି ଆରଏଚସି ନିର୍ମାଣ କାର୍ଯ୍ୟ ଶେଷ ହୋଇ ସାରିଛି । ଏହାର କାର୍ଯ୍ୟକାରିତା ଉପରେ ପଦକ୍ଷେପ ନିଆଯାଉଛି। ତେଣୁ ପ୍ରବାସୀ ଶ୍ରମିକଙ୍କ ପାଇଁ ଉପଯୁକ୍ତ ସ୍ଥାନରେ ଜମି ଚିହ୍ନଟ କରି ରିପୋର୍ଟ ପ୍ରଦାନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ଇଏସ୍ଆଇସି ହସ୍ପିଟାଲ ୭ ବର୍ଷ ହେଲା ପ୍ରସ୍ତାବରେ ସୀମିତ ରହିଛି। ଏହା ଶ୍ରମିକମାନଙ୍କ ପାଇଁ ଏକ କଲ୍ୟାଣକାରୀ ଯୋଜନା କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇ ବୀମାଭୁକ୍ତ ଶ୍ରମିକ କର୍ମଚାରୀଙ୍କୁ ମେଡିକାଲ, ପୀଡିତ ଅବସ୍ଥା ସୁବିଧା, ମାତୃତ୍ୱକାଳୀନ ସୁବିଧା, ଅକର୍ମଣ୍ୟତା ସୁବିଧା, ଆଶ୍ରିତ ବ୍ୟକ୍ତି ସୁବିଧା, ବୃଦ୍ଧାବସ୍ଥା, ମେଡିକାଲ ସୁବିଧା ଯୋଜନା, ଧନ୍ଦାମୂଳକ ଥଇଥାନ ଯୋଜନା, ରାଜୀବ ଗାନ୍ଧୀ ଶ୍ରମିକ କଲ୍ୟାଣ ଯୋଜନା, ଅନ୍ତ୍ୟେଷ୍ଟିକ୍ରିୟା ଖର୍ଚ୍ଚ ଆଦି ଯୋଗାଇ ଦିଆଯାଉଛି । କିନ୍ତୁ ଶିଳ୍ପ ଓ ଖଣି ସମୃଦ୍ଧ ଯାଜପୁର ଜିଲାରେ ଗୋଟିଏ ବି ଇଏସ୍ଆଇସି ହସ୍ପିଟାଲ ସ୍ଥାପନ ହୋଇ ପାରି ନ ଥିବାରୁ ଆମ ସାମାଜିକ ସୁରକ୍ଷା ବିପନ୍ନ ହେଉଛି ବୋଲି ଶ୍ରମିକମାନେ କହିଛନ୍ତି । ଯାଜପୁର ଜିଲାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ବହୁ ଏକର ଜମି ଯୋଗାଇ ଦିଆଯାଇ କାମ ଆରମ୍ଭ ହୋଇ ସାରିଛି। କିନ୍ତୁ ଗରିବ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ଆର୍‌ଏଚ୍‌ସି ଓ ଇଏସ୍ଆଇସି ହସ୍ପିଟାଲ ନିର୍ମାଣ କରିବାକୁ ଜମିର ଅଭାବ କାହିଁକି ରହୁଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଶ୍ରମ ବିଭାଗର ଜଣେ ଅଧିକାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଏଥିପାଇଁ ଜମି ଚିହ୍ନଟ କରିବାକୁ ଏକାଧିକ ଥର ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଆସିଛି। ହେଲେ କେହି ଏଥିପ୍ରତି ଗୁରୁତ୍ୱ ପ୍ରଦାନ କରୁ ନାହାନ୍ତି।

### ରାମବାଗରେ ଦୁର୍ଗାପୂଜା



**ଯାଜପୁର ଟାଉନ,୧୩।୧୦(ଡି.ଏନ.ଏ.)**

ଦଶରଥପୁର ତଳିହା ପଞ୍ଚାୟତ ରାମବାଗ ଛକଠାରେ ରୀତିନୀତି ଅନୁଯାୟୀ ମା' ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଛି। ରାମବାଗ ପୂଜା କମିଟି ପକ୍ଷରୁ ୨୨ ବର୍ଷ ହେବ ଏଠାରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଆସୁଛି। ରାଜେନ୍ଦ୍ର ପ୍ରଧାନ, ଅଶୋକ କୁମାର ଜେନା, ସଂଜୟ ନାୟକ, ଅମର କୁମାର ସାହାଣୀ, ଅକ୍ଷୟ କୁମାର ଦାସ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି।

### ଯୁବତୀଙ୍କୁ ଅଶ୍ଳୀଳ ମେସେଜ୍ ପଠାଇ ଯୁବକ ଗିରଫ

**ରସୁଲପୁର,୧୩।୧୦(ଡି.ଏନ.ଏ.)**

ଧର୍ମଶାଳା ଥାନା ଅଧୀନ ଚୋରମୁହାଁ ଗ୍ରାମର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ଯୁବତୀଙ୍କୁ ଅଶ୍ଳୀଳ ବାର୍ତ୍ତା ପଠାଇବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ପଶ୍ଚିମବଙ୍ଗ ରାଜ୍ୟ ଉପର ମେଦିନାପୁର ଜିଲା ପଲସୁକୁରା ଥାନା ଗଣ୍ଡରା ଗ୍ରାମର ମାର୍ବଲ ମିସ୍ତ୍ରି କମଳ ଓରଫ ଗିରିଧାରୀ ସାହୁ ବୋଲି ଜଣାପଡ଼ିଛି। କମଳ ଚୋରମୁହାଁ ଅଞ୍ଚଳରେ ଦୀର୍ଘବର୍ଷ ହେଲା ରହି ମାର୍ବଲ ମିସ୍ତ୍ରି ଭାବରେ କାମ କରୁଥିଲେ। ୨ ବର୍ଷ ହେଲା ଯୁବତୀଙ୍କ ସହ ତାଙ୍କର ମୋବାଇଲରେ ସମ୍ପର୍କ ସ୍ଥାପନ ହୋଇଥିଲା। ଏହାର ସୁଯୋଗରେ ସେ ଯୁବତୀଙ୍କୁ ଅଶ୍ଳୀଳ ବାର୍ତ୍ତା ପଠାଉଥିଲେ। ଏ ସମ୍ପର୍କରେ ଯୁବତୀଙ୍କ ପରିବାର ଜାଣି ସେପ୍ଟେମ୍ବର ୨୩ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଅଭିଯୋଗର ୨୦ଦିନ ପରେ ପୋଲିସ ଯୁବକଙ୍କୁ ଚୋରମୁହାଁ ଅଞ୍ଚଳରୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା ନଂ.୪୮୦/୨୧ ରୁଜୁ ହୋଇଛି।

### ହେଲ୍ଥ କ୍ଲବ ପକ୍ଷରୁ ବେଳାଭୂମି ସଫେଇ

**ରାଜନଗର,୧୩।୧୦(ଡି.ଏନ.ଏ.)**

ରାଜନଗରବ୍ଲକ ଗୁଲୁଦିଆ ଗାଁର ହେଲ୍ଥ କ୍ଲବ ପକ୍ଷରୁ ପେଣ୍ଠ ବେଳାଭୂମି ସଫେଇ କରାଯାଇଛି। ଜଉଦିଆ ନିକଟରୁ ଚଟୋଉକୋଳା ଯାଏଁ ବେଳାଭୂମିକୁ ସଫେଇ କରାଯିବା ସହ ପଡିଥିବା ପ୍ଲାଷ୍ଟିକ ଓ ଅଳିଆ ଆବର୍ଜନାକୁ ଏକତ୍ର କରାଯାଇ ନଷ୍ଟ କରାଯାଇଛି । ଏହି କାର୍ଯ୍ୟକ୍ରମରେ ହେଲ୍ଥ କ୍ଲବର ସଦସ୍ୟ ସତ୍ୟବ୍ରତ ମହାନ୍ତି, ନଳିନୀକାନ୍ତ ଜେନା, ଦିବ୍ୟରଞ୍ଜନ ସାହୁ, ଶିଶିରକାନ୍ତ ଜେନା, ସ୍ମୃତି ଦୀପକ ସେଠୀ, ରଶ୍ମୀରଞ୍ଜନ ସେଠୀ, ସତ୍ୟରଞ୍ଜନ ନାୟକ, ରଶ୍ମୀରଞ୍ଜନ ଜେନା, ଦିଲ୍ଲୀପ କୁମାର ପାତ୍ର, ଅର୍ଜୁନ ସେଠୀ, ହୃଷିକେଶ ସେଠୀ ପ୍ରମୁଖ ବେଳାଭୂମି ସଫେଇ କରିଥିଲେ।

## ମା'ଙ୍କ ମହାଷ୍ଟମୀ ପୂଜା








ଜଗତ୍‌ସିଂହପୁର ଜିଲା ହାଟ ବଜାରଠାରେ ପୂଜା ପାଉଥିବା ମା' ଦୁର୍ଗା । ଗାଲୁପଡ଼ା ରାମେଶ୍ୱର ପୂଜା କମିଟି ପକ୍ଷରୁ ହରପାର୍ବତୀଙ୍କ ମୂର୍ତ୍ତି । ଟାଉନ ହଲ୍ ଶ୍ରୀରାମ କ୍ଲବ ପକ୍ଷରୁ ଚାଲିଥିବା ରାମ ପରିବାରର ପୂଜା । ବସ୍ତଣ୍ଡାଠାରେ ପୂଜା ପାଉଥିବା ମା' ପୂର୍ଣ୍ଣମାସୀ ଦୁର୍ଗା । ନିଶ୍ଚିନ୍ତକୋଇଲି ବ୍ଲକ ମାହାଳହାଟଠାରେ ପୂଜିତ ମା' ଦୁର୍ଗା ।








କେନ୍ଦ୍ରାପଡ଼ା ଜିଲା ଆଳିଠାରେ ପୂଜା ପାଉଥିବା ମା' ଦୁର୍ଗା । ପଟ୍ଟାମୁଣ୍ଡାଇରେ ପୂଜିତ ଦୁର୍ଗାଙ୍କ ମୂର୍ତ୍ତି । ରାଜନଗର ଗାଲିଦାଣ୍ଡରେ ମା' ବନ ଦୁର୍ଗା । ରାଜନଗର ସାନବଡ଼ ଗୋପାଳପୁରରେ ମା' ଦୁର୍ଗା । ଯାଜପୁର ଜିଲା ବିଞ୍ଝାରପୁର ବ୍ଲକର ଚନ୍ଦନପୁରରେ ପୂଜା ପାଉଥିବା ଦୁର୍ଗା । ଧର୍ମଶାଳା ବ୍ଲକ ଗଡ଼ମଧୁପୁର ଗାଁର ମା' ଦୁର୍ଗା ।

## ଜେଇଏମ୍ ଶୀର୍ଷ କମାଣ୍ଡର ନିହତ

ଜମ୍ମୁ-କଶ୍ମୀରର ପୁଲୱାମା ଜିଲାରେ ବୁଧବାର ସୁରକ୍ଷା ବଳ ଏନ୍‌କାଉଣ୍ଟରରେ ଜୈଶ-ଇ-ମହମ୍ମଦ (ଜେଇଏମ୍)ର ଶୀର୍ଷ କମାଣ୍ଡର ଶାମ ସୋଫି ନିହତ ହୋଇଛନ୍ତି। ଜିଲାର ଅୱନ୍ତିପୋରା ଅନ୍ତର୍ଗତ ତିଲୱାନି ମୋହଲ୍ଲା ୱାଗାଡ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ନିର୍ଦ୍ଦିଷ୍ଟ ସୂଚନା ପାଇଁ ସୁରକ୍ଷା ବଳ ତଲାସି ଅଭିଯାନ ଆରମ୍ଭ କରିଥିଲା। ଆତଙ୍କବାଦୀମାନେ ଯବାନଙ୍କ ଉପରକୁ ଗୁଳି ଚଳାଇବାରୁ ତାହା ଏନ୍‌କାଉଣ୍ଟରର ରୂପ ନେଇଥିଲା।

## ସଂକ୍ଷେପରେ

### ସାପ ଦ୍ୱାରା ସ୍ତ୍ରୀଙ୍କୁ ହତ୍ୟା: ସ୍ୱାମୀଙ୍କୁ ଆଜୀବନ ଜେଲ

**ଥିରୁଭାନନ୍ତପୁରମ୍, ୧୩।୧୦:** ନାଗ ସାପ ଦ୍ୱାରା ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିବା ଭଳି ବିରଳ ତଥା ଦେଶର ପ୍ରଥମ ମାମଲାରେ କେରଳର କୋଲ୍ଲମ କୋର୍ଟ ବୁଧବାର ଦୋଷୀଙ୍କୁ ୨ ଥର ଆଜୀବନ ଜେଲଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୫ ଲକ୍ଷ ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଗତ ବର୍ଷ ମେ'ରେ ପି. ସୁରଜ (୩୨) ତାଙ୍କ ସ୍ତ୍ରୀ ଉତ୍ତରା(୨୫)ଙ୍କୁ ପ୍ରଥମେ ନିଦ ବଟିକା ଦେଇ ଶୁଆଇଦେବା ପରେ ଏକ ନାଗ ସାପ ତାଙ୍କ ନିକଟକୁ ଛାଡ଼ିଦେଇଥିଲେ। ସାପ କାମୁଡ଼ାରେ ଉତ୍ତରାଙ୍କ ମୃତ୍ୟୁ ଘଟିଥିଲା। ପାରିପାର୍ଶ୍ୱିକ ସ୍ଥିତି, ଫରେନ୍ସିକ ରିପୋର୍ଟ ତଥା ପ୍ରମାଣ ଆଧାରରେ ସ୍ଥାନୀୟ କୋର୍ଟ ସୁରଜଙ୍କୁ ସୋମବାର ଦୋଷୀ ସାବ୍ୟସ୍ତ କରିଥିଲେ।

### ପେଣ୍ଡାଲ ନିକଟରେ ହାତୀ ଦଳାଚକଟାରେ ୨୪ ଆହତ

**ହଜାରିବାଗ, ୧୩।୧୦:** ଝାଡ଼ଖଣ୍ଡର ହଜାରିବାଗ ଜିଲା ଅନ୍ତର୍ଗତ ଦାରୁ ଛକଠାରେ ଦୁର୍ଗାପୂଜା ପେଣ୍ଡାଲ ନିକଟକୁ ଏକ ଦନ୍ତାହାତୀ ଚାଲିଆସିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଭୟରେ ଲୋକେ ଧାଁଦଉଡ଼ କରିବାରୁ ଦଳାଚକଟାରେ ୨୪ ଜଣ ଆହତ ହୋଇଥିବା ଜଙ୍ଗଲ ବିଭାଗର ଜଣେ ଅଧିକାରୀ କହିଛନ୍ତି। ମଙ୍ଗଳବାର ରାତି ପ୍ରାୟ ୮ଟା ୩୦ ମିନିଟ ସମୟରେ ଦୁର୍ଗାଙ୍କ ପାଖରେ ସନ୍ଧ୍ୟା ଆରତି ଚାଲିଥିବାବେଳେ ଏଭଳି ଅଘଟଣ ଘଟିଛି। ଏକ ୨୨ ଟିକିଆ ଦଳରୁ ବାହାରି ଆସିଥିବା ଉକ୍ତ ଦନ୍ତାହାତୀ ଆକ୍ରମଣରେ ଗତ ୩୦ ଘଣ୍ଟା ମଧ୍ୟରେ ହଜାରିବାଗ ଜିଲାର ୪ ଜଣଙ୍କ ମୃତ୍ୟୁ ଘଟିଲାଣି। ପେଣ୍ଡାଲ ନିକଟରେ ହାତୀକୁ ଦେଖି ସେଠାରେ ରୁଣ୍ଡ ହୋଇଥିବା ପ୍ରାୟ ୨୦୦୦ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଦନ୍ତା ସେଠାରେ ଜଣେ ଲୋକ ଓ ତାଙ୍କ ପୁଅକୁ ଝିଙ୍କିନେଇ ଫିଙ୍ଗିଦେଇଥିଲା। ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଫେରିଗଲା ବେଳେ ଦନ୍ତା ୬ଟି ଘର ଭାଙ୍ଗିବା ସହ ଗୋଟିଏ ପାଚେରିକୁ କ୍ଷତିଗ୍ରସ୍ତ କରିଛି।

### ଆର୍ଯ୍ୟନଙ୍କ ଜାମିନ ଶୁଣାଣି ଦିନେ ଘୁଞ୍ଚିଲା



**ମୁମ୍ବାଇ, ୧୩।୧୦:** ସମୁଦ୍ର ମଝିରେ ଜାହାଜରେ ରେଭ୍ ପାର୍ଟି ଚାଲିଥିବାବେଳେ ଡ୍ରଗ୍ସ କାରବାର ଅଭିଯୋଗରେ ଗିରଫ ଶାହରୁଖ ଖାନ୍‌ଙ୍କ ପୁଅ ଆର୍ଯ୍ୟନଙ୍କୁ ବୁଧବାର ବି ଜାମିନ ମିଳିପାରି ନାହିଁ। ଅଦାଲତ ମାମଲାର ଶୁଣାଣିକୁ ଗୁରୁବାରକୁ ସ୍ଥଗିତ ରଖିଛନ୍ତି। ଏନ୍‌ସିବି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଏଏସ୍‌ଜି ଅନିଲ କୁମାର ସିଂ ବୁଧବାର କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ। ଅପରାହ୍ନ ୫ଟା ୩୦ ପର୍ଯ୍ୟନ୍ତ ତାଙ୍କ ଯୁକ୍ତି ଉପସ୍ଥାପନ ଶେଷ ନ ହେବାରୁ ଶୁଣାଣିକୁ ସ୍ଥଗିତ ରଖାଯାଇଛି। ଆର୍ଯ୍ୟନଙ୍କ ଜାମିନ ଆବେଦନକୁ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ପକ୍ଷରୁ ବିରୋଧ କରାଯାଇଥିଲା। କେବଳ ଚଢ଼ାଉ ବେଳେ ଆର୍ଯ୍ୟନଙ୍କଠାରୁ ଡ୍ରଗ୍ସ ମିଳିଛି ତାହା ନୁହେଁ, ଏକ ବଡ଼ ଧରଣର କାରବାର ଚେନ୍ ସହ ସେ ସମ୍ପୃକ୍ତ ଥିବା ଜେରା ବେଳେ ଜଣାପଡ଼ିଛି। ତେଣୁ ତାଙ୍କୁ ଜାମିନରେ ଛଡ଼ାଗଲେ ତଦନ୍ତ ପ୍ରଭାବିତ ହେବ ବୋଲି ଏନ୍‌ସିବି ପକ୍ଷରୁ ଅନିଲ କୁମାର ଯୁକ୍ତି ଦର୍ଶାଇଥିଲେ।

# ଅରୁଣାଚଳକୁ ନେଇ ଚାଇନାର ଦାଦାଗିରି

**ନୂଆଦିଲ୍ଲୀ, ୧୩।୧୦**



ଭେଙ୍କୟା ନାଇଡୁ



ଝାଓ ଲିଜାନ

- ଉପରାଷ୍ଟ୍ରପତିଙ୍କ ଗସ୍ତକୁ ବେଜିଂର ବିରୋଧ
- ଚାଇନା ଭୁଲ୍‌ଧାରଣା ନ ରଖୁ: ଭାରତ

ବିସ୍ତାରବାଦୀ ଚିନ୍ତାଧାରା ରଖି ଦାଦାଗିରି ଦେଖାଇବାରେ ଲାଗିଛି ଚାଇନା। ଭାରତ ସୀମାରେ ବେଆଇନ ପ୍ରବେଶକୁ ନେଇ ଉଭୟ ଦେଶର ସୈନ୍ୟ ବାରମ୍ବାର ମୁହାଁମୁହିଁ ହେଉଛନ୍ତି। ଲଦାଖ ସୀମାରେ ବିବାଦ ସମାଧାନ ପାଇଁ କମାଣ୍ଡରସ୍ତରୀୟ ବୈଠକ ବସୁଛି। ହେଲେ ସ୍ଥିରତା ବଜାୟ ମନୋବୃତ୍ତି ଚାଇନାର ନ ଥିବାରୁ ଆଲୋଚନା ବିଫଳ ହେଉଛି। ଏ ସବୁ ଭିତରେ ଅରୁଣାଚଳ ପ୍ରଦେଶକୁ ନେଇ ବେଜିଂ ପୁଣି ବିବାଦ ଆରମ୍ଭ କରିଛି। ନିକଟରେ ଭାରତ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁଙ୍କ ଅରୁଣାଚଳ ପ୍ରଦେଶ ଗସ୍ତକୁ ବୁଧବାର ଚାଇନା ବିରୋଧ କରିଛି। ତଥାକଥିତ ଅରୁଣାଚଳ ପ୍ରଦେଶକୁ ଚାଇନା ମାନ୍ୟତା ଦିଏ ନାହିଁ ବୋଲି ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜାନ କହିଛନ୍ତି। ଏହାର କଡ଼ା ଜବାବ ଦେଇଛି ଭାରତ। ଅରୁଣାଚଳ ପ୍ରଦେଶ ଭାରତର ଅଭିନ୍ନ ଏବଂ ଅବିଭାଜ୍ୟ ଅଙ୍ଗ। ଦେଶର ଅନ୍ୟ ଅଞ୍ଚଳକୁ ଗସ୍ତ କରିବା ପରି ଅରୁଣାଚଳକୁ ମଧ୍ୟ ନେତାମାନେ ଯାଉଛନ୍ତି। ଭାରତୀୟ ପ୍ରତିନିଧି ଭାରତର ଅଞ୍ଚଳକୁ ଯିବାକୁ ବିରୋଧ କରିବା ଅର୍ଥହୀନ। ବେଜିଂ ଏ ନେଇ କୌଣସି ଭୁଲଧାରଣା ନ ପାଳୁ ବୋଲି ଭାରତ ବହିର୍ବ୍ୟାପାର ମନ୍ତ୍ରଣାଳୟ ଜବାବ ରଖିଛି।

ଗତ ୯ ତାରିଖରେ ଉପରାଷ୍ଟ୍ରପତି ନାଇଡୁ ଅରୁଣାଚଳ ପ୍ରଦେଶ ଗସ୍ତ କରି ରାଜ୍ୟ ବିଧାନସଭାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦଶନ୍ଧି ଧରି ଅବହେଳିତ ରହିଥିବା ଉତ୍ତର-ପୂର୍ବାଞ୍ଚଳରେ ବିକାଶର ଗତି ସ୍ପଷ୍ଟ ଭାବେ ଦୃଶ୍ୟମାନ ହେଉଛି ବୋଲି ସେ କହିଥିଲେ। ନାଇଡୁଙ୍କ ଏହି ଗସ୍ତକୁ ଚାଇନା ବିରୋଧ କରିଛି। ସୀମା ସମସ୍ୟାକୁ ଜଟିଳ କଲାଭଳି କାମ ଭାରତ ବନ୍ଦ କରୁ ବୋଲି ଚାଇନା କହିଛି। ଭାରତ ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ ଚାଇନାର ଏଭଳି ମନ୍ତବ୍ୟକୁ ଖଣ୍ଡନ କରିଛନ୍ତି। ଚାଇନା ଦ୍ୱିପାକ୍ଷିକ ଚୁକ୍ତିର ଉଲ୍ଲଂଘନ କରିବା ଯୋଗୁ ଭାରତ-ଚାଇନା ସୀମାର ପଶ୍ଚିମ ସେକ୍ଟରରେ ବିବାଦ ଉପୁଜୁଛି। ସେହିପରି ପୂର୍ବ ଲଦାଖରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)କୁ ନେଇ ଚାଇନା ଏକପାଖିଆ ଭାବେ ନିଜ ହିସାବରେ ସ୍ଥିତି ବଦଳାଇବାକୁ ଉଦ୍ୟମ କରୁଛି। ତେଣୁ ପୂର୍ବ ଲଦାଖ ବିବାଦ ସମେତ ଅନ୍ୟ ସମସ୍ୟାଗୁଡ଼ିକର ସମାଧାନ ଏବଂ ଦ୍ୱିପାକ୍ଷିକ ଚୁକ୍ତି ଓ ପ୍ରୋଟୋକଲକୁ ସମ୍ମାନ ଜଣାଇ ଚାଇନା ଉଭୟ ଦେଶ ମଧ୍ୟରେ ଥିବା ସମ୍ପର୍କରେ ସୁଧାର ଆଣିବାକୁ ଚେଷ୍ଟା କରିବ ବୋଲି ଆଶା ରହିଥିବା ବାଗ୍‌ଚୀ କହିଛନ୍ତି।

ଏଲ୍‌ଏସିରେ ଭାରତ-ଚାଇନା ମଧ୍ୟରେ ୩,୪୮୮ କିଲୋମିଟରକୁ ନେଇ ସୀମା ବିବାଦ ଲାଗିରହିଛି। ଅରୁଣାଚଳ ପ୍ରଦେଶକୁ ଭାରତର ନୁହେଁ ବରଂ ଦକ୍ଷିଣ ତିବ୍ବତର ଅଂଶ ବୋଲି ଦାବି କରିଆସୁଛି। ଅକ୍ସାଇ ଚୀନରେ ଚାଇନା ବେଆଇନ ଭାବେ ୩୮ ହଜାର ବର୍ଗକିଲୋମିଟର ଜାଗା ମାଡ଼ି ବସିଛି।

### ସେନାର ମହିଳା ଅଫିସରଙ୍କ ମୃତଦେହ ଜବତ

**ପୁଣେ, ୧୩।୧୦:** ଭାରତୀୟ ସୈନ୍ୟବାହିନୀର ଜଣେ ୪୩ ବର୍ଷୀୟ ମହିଳା ଅଫିସରଙ୍କ ମୃତଦେହ ବୁଧବାର ମହାରାଷ୍ଟ୍ରର ପୁଣେସ୍ଥିତ ମିଲିଟାରି ଇଣ୍ଟେଲିଜେନ୍ସ ଟ୍ରେନିଂ ସ୍କୁଲ୍ ଓ ଡିପୋ ପରିସରରୁ ମିଳିଛି। ସେ ଆତ୍ମହତ୍ୟା କରିଥିବା ପୋଲିସ ଓ ସେନା ସନ୍ଦେହ କରୁଛି। ପାରିବାରିକ ସମସ୍ୟା ଯୋଗୁ ସେ ଛାଡ଼ପତ୍ର ପାଇଁ ଆବେଦନ କରିଥିଲେ।




# ଆଶିଷ ମିଶ୍ରାଙ୍କୁ ମିଳିଲାନି ଜାମିନ

**ଲକ୍ଷ୍ମୀପୁରୀ ଖେରି, ୧୩।୧୦(ପି.ଟି.)**



ଉତ୍ତରପ୍ରଦେଶର ଲଖିମପୁର ଖେରି ହିଂସା ମାମଲାରେ ମୁଖ୍ୟ ଅଭିଯୁକ୍ତ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷ ମିଶ୍ରାଙ୍କୁ କୋର୍ଟ ବୁଧବାର ଜାମିନ ପ୍ରଦାନ କରିବାକୁ ମନା କରିଦେଇଛନ୍ତି। ଆଶିଷଙ୍କ ସମେତ ତାଙ୍କ ସହଯୋଗୀ ଆଶିଷ ପାଣ୍ଡେଙ୍କ ଜାମିନ ଆବେଦନକୁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଚିନ୍ତାରାମ ଖାରଜ କରିଦେଇଛନ୍ତି। ଗତ ୩ ତାରିଖରେ ଲଖିମପୁର ଖେରିରେ ଚାଷୀମାନଙ୍କୁ ବିକ୍ଷୋଭ ଶୋଭାଯାତ୍ରାରେ ଗାଡ଼ି ମଡ଼ାଇ ୪ ଜଣ ଚାଷୀଙ୍କୁ ହତ୍ୟା କରିବା ଓ ତତ୍ପରବର୍ତ୍ତୀ ହିଂସାରେ ଆଉ ୪ ଜଣଙ୍କ ଜୀବନ ଯିବା ଘଟଣାରେ ଆଶିଷ ମିଶ୍ରାଙ୍କ ବିରୋଧରେ ହତ୍ୟା, ଅପରାଧ ଷଡ଼ଯନ୍ତ୍ର ଏବଂ ଦଙ୍ଗା ମାମଲା ରୁଜୁ ହୋଇଛି। ୯ ତାରିଖରେ ୟୁପି ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଆଶିଷଙ୍କୁ ୧୨ ଘଣ୍ଟା ଜେରା କରିବା ପରେ ଗିରଫ କରିଥିଲା। ଗତ ମଙ୍ଗଳବାର ତାଙ୍କୁ ୩ ଦିନିଆ ପୋଲିସ ରିମାଣ୍ଡରେ ପଠାଯାଇଥିଲା। ଅନ୍ୟତମ ଅଭିଯୁକ୍ତ ଶେଖର ଭାରତୀଙ୍କୁ ମଧ୍ୟ ପୋଲିସ ତିନିଦିନିଆ ରିମାଣ୍ଡରେ ନେଇଛି।

## ୟେଦୁରପ୍ପା ସହଯୋଗୀଙ୍କ ଘରୁ ୭୫୦ କୋଟି ଜବତ

**ବେଙ୍ଗାଲୁରୁ, ୧୩।୧୦(ଆଇଏଏନ୍‌ଏସ୍):** କର୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କ ଘନିଷ୍ଠ ସହଯୋଗୀ ବି.ଆର୍. ଉମେଶ ଓ ଅନ୍ୟ କେତେଜଣଙ୍କ ଘର ଉପରେ ଆୟକର ବିଭାଗ ଚଢ଼ାଉ କରି ୭୫୦ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଜବତ କରିଛି। ଫଳରେ ୟେଦୁରପ୍ପାଙ୍କ ଅଡୁଆ ବଢ଼ିଯାଇଛି। ଗତ ୭ ତାରିଖରୁ ୪ ରାଜ୍ୟର ୪୭ଟି ସ୍ଥାନରେ ଏହି ଚଢ଼ାଉ କରାଯାଇଥିଲା। ମୋଟ ୭୫୦ କୋଟି ଟଙ୍କା ମଧ୍ୟରୁ ୪୮୭ କୋଟି ସେମାନଙ୍କ ଅଘୋଷିତ ଆୟ ବୋଲି ସମ୍ପୃକ୍ତ ଗ୍ରୁପ୍ ସଂସ୍ଥା ସ୍ୱୀକାର କରିଛନ୍ତି। ତେବେ ୟେଦୁରପ୍ପାଙ୍କୁ ଚେକ୍ ଦେବା ଓ ତାଙ୍କୁ ନିୟନ୍ତ୍ରଣରେ ରଖିବା ଉଦ୍ଦେଶ୍ୟରେ ତାଙ୍କ ସହଯୋଗୀଙ୍କ ଘର ଉପରେ ଚଢ଼ାଉ କରାଯାଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଅଭିଯୋଗ କରିଛନ୍ତି।

# ଗର୍ଭପାତ ସମୟ ସୀମା ବଢ଼ିଲା

**ନୂଆଦିଲ୍ଲୀ, ୧୩।୧୦**

ଗର୍ଭପାତ ସମ୍ପର୍କରେ କେନ୍ଦ୍ର ସରକାର ନିୟମରେ ସଂଶୋଧନ ଆଣିଛନ୍ତି। ଏଥିରେ କିଛି ନିର୍ଦ୍ଦିଷ୍ଟ ଶ୍ରେଣୀର ମହିଳାଙ୍କ ନିମନ୍ତେ ଗର୍ଭପାତ ସମୟ ୨୦ରୁ ୨୪ ସପ୍ତାହକୁ ବୃଦ୍ଧି କରାଯାଇଥିବା ନେଇ ବୁଧବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ମେଡିକାଲ ଟର୍ମିନେଶନ ଅଫ୍ ପ୍ରେଗ୍‌ନାନ୍ସି (ସଂଶୋଧନ) ନିୟମ-୨୦୨୧ ଅନୁସାରେ ଯୌନ ନିର୍ଯାତନା, ବଳାତ୍କାର ପୀଡ଼ିତା, ନାବାଳିକା, ଗର୍ଭବତୀ ଥିବାବେଳେ ବୈବାହିକ ସ୍ଥିତିରେ ପରିବର୍ତ୍ତନ (ବିଧବା କିମ୍ବା ଛାଡ଼ପତ୍ର) ହୋଇଥିଲେ କିମ୍ବା ଭିନ୍ନକ୍ଷମ ମହିଳା ଉକ୍ତ ବର୍ଗରେ ରହିବେ। ମାନସିକ ରୋଗରେ ମହିଳା ପୀଡ଼ିତ ଥିଲେ, ଗର୍ଭସ୍ଥ ଶିଶୁ ଗୁରୁତର ଭାବେ ଭିନ୍ନକ୍ଷମ ହୋଇ ଜନ୍ମ ନେବାର ଆଶଙ୍କା ରହିଥିଲେ କିମ୍ବା ଜନ୍ମ ପରେ ଶିଶୁର ଜୀବନ ପ୍ରତି ବିପଦ ଥିଲେ ମଧ୍ୟ ନୂଆ ନିୟମ ଏହି କ୍ଷେତ୍ରରେ ଲାଗୁ ହେବ। ଏହାବାଦ୍ ମାନବୀୟ ସଙ୍କଟ ସ୍ଥିତି କାଳରେ କିମ୍ବା ବିପର୍ଯ୍ୟୟ ତଥା ସରକାରଙ୍କ ଦ୍ୱାରା ଜରୁରିକାଳୀନ ସ୍ଥିତି ଘୋଷଣା ହୋଇଥିବା ସମୟରେ ମଧ୍ୟ ମହିଳାଙ୍କ ଗର୍ଭପାତ ପାଇଁ ଅନୁମତି ମିଳିଛି। ପୂର୍ବରୁ ୧୨ ସପ୍ତାହ ମଧ୍ୟରେ ଗର୍ଭପାତ କରାଇଲେ ଜଣେ ଡାକ୍ତର ଏବଂ ୧୨ରୁ ୨୦ ସପ୍ତାହ ମଧ୍ୟରେ ହେଲେ ୨ ଡାକ୍ତରଙ୍କ ମତ ଆବଶ୍ୟକ ପଡୁଥିଲା। ନୂଆ ନିୟମ ଅନୁସାରେ, ଗର୍ଭସ୍ଥ ଶିଶୁ ମାନସିକ କିମ୍ବା ଶାରୀରିକ ଭାବେ ଗୁରୁତର ଭିନ୍ନକ୍ଷମ ହେବାର ଆଶଙ୍କା ଥିଲେ କିମ୍ବା ଏହାର ଜୀବନ ପ୍ରତି ବିପଦ ଥିଲେ ୨୪ ସପ୍ତାହ ପରେ ଗର୍ଭପାତ କରାଇବା ନିମନ୍ତେ ରାଜ୍ୟସ୍ତରରେ ଏକ ମେଡିକାଲ ବୋର୍ଡ ଗଠନ କରାଯିବ। ଏହି ବୋର୍ଡ ସମ୍ପୃକ୍ତ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ରିପୋର୍ଟ ଯାଞ୍ଚ କରିବା ପରେ ଆବେଦନର ୩ ଦିନ ମଧ୍ୟରେ ଗର୍ଭପାତ ପାଇଁ ଅନୁମତି ଦେବ।

# କନ୍ୟା ବିକି ଚଳୁଛନ୍ତି ଆଫଗାନ୍

**କାବୁଲ, ୧୩।୧୦**



**ବାଲ୍ୟବିବାହରେ ଛନ୍ଦି ହେଉଛନ୍ତି ବାଳିକା**

ଦାରିଦ୍ର୍ୟ, ବେରୋଜଗାରୀ, ଗମ୍ଭୀର ଅର୍ଥନୀତି ସଙ୍କଟ ଯୋଗୁ ଆଫଗାନିସ୍ତାନର ଘୁର୍ ପ୍ରାନ୍ତରେ ସ୍ଥିତି ଉଦ୍‌ବେଗଜନକ ରହିଛି। ଅର୍ଥ, ଘରୋଇ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଆଦି ବଦଳରେ ନିଜ ନାବାଳିକା ଝିଅ ଏପରିକି ଶିଶୁକନ୍ୟାଙ୍କୁ ମଧ୍ୟ ବିକି ଦେଉଛନ୍ତି ସେଠାକାର ବାସିନ୍ଦା। ଦାରିଦ୍ର୍ୟ ଭିତରେ ପେଷି ହୋଇ ବାଲ୍ୟବିବାହରେ ଛନ୍ଦି ହେଉଛନ୍ତି ଶହ ଶହ ସଂଖ୍ୟାରେ ନାବାଳିକା। ନିକଟରେ ଏକ ପରିବାର କିଛି ଅର୍ଥ, ସାମଗ୍ରୀ, ଅସ୍ତ୍ରଶସ୍ତ୍ର ପାଇଁ ନିଜ ୧ ବର୍ଷର ଶିଶୁକନ୍ୟାକୁ ବିକ୍ରି କରିଦେବା ଭଳି ସଂଗିନ୍ ଖବର ସାମ୍ନାକୁ ଆସିବା ପରେ ସେଠାରେ ମାନବୀୟ ସଙ୍କଟ କେତେ ଗମ୍ଭୀର ଏବଂ ଶିଶୁକନ୍ୟାଙ୍କ ଭବିଷ୍ୟତ କ'ଣ ତାହା ସହଜେ ଅନୁମେୟ।

ରିପୋର୍ଟ ଅନୁସାରେ, ଘୁର୍ ପ୍ରାନ୍ତରେ ଅଧିକାଂଶ ଲୋକ ସେମାନଙ୍କ କନ୍ୟାଙ୍କୁ ମାତ୍ର କିଛି ସାମଗ୍ରୀ ତଥା ଅର୍ଥ ବଦଳରେ ବିକ୍ରି କରିଦେଉଛନ୍ତି। କନ୍ୟା କିଣୁଥିବା ବ୍ୟକ୍ତିଙ୍କଠାରୁ ସେମାନେ ୧ ଲକ୍ଷରୁ ୨.୫ ଲକ୍ଷ ଆଫଗାନ୍ ମୁଦ୍ରା ଦାବି କରୁଛନ୍ତି। ଯଦି ଏହି ମାତ୍ରାରେ ଅର୍ଥ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଖରେ ନ ଥାଏ, ତେବେ ସେ କନ୍ୟାଙ୍କ ପରିବାରକୁ କିଛି ଅସ୍ତ୍ରଶସ୍ତ୍ର କିମ୍ବା ଜୀବନଧାରଣ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଦେଉଛନ୍ତି। ରାଜଧାନୀ କାବୁଲରେ ମଧ୍ୟ ଏପରି ଘଟଣା ଘଟୁଥିବାବେଳେ ଗ୍ରାମାଞ୍ଚଳରେ ତାହା ଅଧିକ ମାତ୍ରାରେ ଦେଖିବାକୁ ମିଳିଛି। ପୂର୍ବରୁ ଆଫଗାନିସ୍ତାନର କେତେକ ଅଞ୍ଚଳରେ ଅର୍ଥ ବଦଳରେ କନ୍ୟା ବିକ୍ରି ଖବର ସାମ୍ନାକୁ ଆସିଥିଲେ ହେଁ ତାଲିବାନ୍ ହାତକୁ ଆଫଗାନିସ୍ତାନ ଯିବାପରେ ଏହି ସ୍ଥିତି ଉତ୍କଟ ହୋଇଛି। ନିକଟରେ 'ସେଭ୍ ଦି ଚିଲ୍‌ଡ୍ରେନ୍' ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣ ଅନୁସାରେ, ବାଲ୍ୟବିବାହ ଯୋଗୁ ସମଗ୍ର ବିଶ୍ୱରେ ଦିନକୁ ୬୦ ଝିଅଙ୍କ ଜୀବନ ଯାଉଛି। କମ୍ ବୟସରେ ଗର୍ଭବତୀ ହେବା ଯୋଗୁ ସେମାନେ ଗମ୍ଭୀର ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏହି କାରଣରୁ ବର୍ଷକୁ ପ୍ରାୟ ୨୨ ହଜାର ବାଳିକା ମୃତ୍ୟୁମୁଖରେ ପଡୁଛନ୍ତି। ସେହିପରି ଅନେକେ ଯୌନ ନିର୍ଯାତନା, ଘରୋଇ ଏବଂ ଲିଙ୍ଗଗତଭିତ୍ତିକ ହିଂସାର ସମ୍ମୁଖୀନ ହେଉଛନ୍ତି।






















See Career Appointment on every Wednesday & Saturday

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୪/୨୦୨୧ Bhubaneswar, Thursday, October 14/ 2021

# ଟିମ୍ ଇଣ୍ଡିଆ ନୂଆ ଜର୍ସି ଉନ୍ମୋଚିତ

**ନୂଆଦିଲ୍ଲୀ,୧୩।୧୦**



ଟି୨୦ ବିଶ୍ୱକପ୍ ପାଇଁ ପ୍ରସ୍ତୁତ ଜର୍ସିରେ ଭାରତୀୟ ଦଳର ଖେଳାଳିମାନେ।

ଆଉ ୩ ଦିନ ପରେ ଆରମ୍ଭ ହେବାକୁ ଯାଉଥିବା ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ କ୍ରିକେଟ ଦଳର ନୂଆ ଜର୍ସି ବୁଧବାର ଉନ୍ମୋଚିତ ହୋଇଛି। ଦୁବାଇରେ ଅକ୍ଟୋବର ୨୪ରେ ଭାରତ ତା'ର ପ୍ରଥମ ମ୍ୟାଚ୍ ପାକିସ୍ତାନ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହା ପୂର୍ବରୁ ଭାରତୀୟ ଖେଳାଳିମାନେ ଯେଉଁ ଜର୍ସି ପିନ୍ଧୁଥିଲେ ତାହା ୧୯୯୨ ବିଶ୍ୱକପ୍ ଜର୍ସି ସହ ମେଳ ଖାଉଥିଲା। ଏହି ନୂଆ ଜର୍ସି ନେଭି ବ୍ଲୁ ରଙ୍ଗର। ଏହା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିଲିୟନ ଚିୟର୍ସ ଜର୍ସି ନାମରେ ନାମିତ କରିଛି। ଟି୨୦ ବିଶ୍ୱକପ୍

**ଟି୨୦ ବିଶ୍ୱକପ୍**

ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ) ଓ ଓମାନରେ ଆୟୋଜନ ହେବ। ଏହି ମେଗା ଇଭେଣ୍ଟ ଅକ୍ଟୋବର ୧୭ରୁ ଆରମ୍ଭ ହୋଇ ନଭେମ୍ବର ୧୪ରେ ଶେଷ ହେବ।

ପ୍ରଶଂସକମାନଙ୍କଠାରୁ ପ୍ରେରଣା ପାଇ ଏହି ଜର୍ସି ନିର୍ମିତ ହୋଇଛି। ଭାରତୀୟ ପୁରୁଷ, ମହିଳା ଓ ୧୯ ବର୍ଷରୁ କମ ଦଳର ଅଫିସିଆଲ କିଟ୍ ପ୍ରାୟୋଜକ ଏମ୍‌ପିଏଲ ସ୍ପୋର୍ଟ୍ସ ଦ୍ୱାରା ଏହି ଜର୍ସି ଉନ୍ମୋଚିତ ହୋଇଛି। ଭାରତୀୟ କ୍ରିକେଟ ଇତିହାସରେ ପ୍ରଥମଥର ପାଇଁ ଜର୍ସିରେ ପ୍ରଶଂସକଙ୍କ ସ୍ମୃତି ଚିହ୍ନିତ ହୋଇଛି। ପୂର୍ବରୁ ଖେଳାଯାଇଥିବା ଅଭୁଲା ମ୍ୟାଚ୍‌ଗୁଡିକରେ ପ୍ରଶଂସକଙ୍କ ହୋ ହଲ୍ଲା ଓ ଜୟକାରର ଚିହ୍ନ ଏହି ଜର୍ସିରେ ଦେଖିବାକୁ ମିଳିବ। ଏହା ଏକ ନିଆରା ଧ୍ୱନି ତରଙ୍ଗ ପ୍ୟାଟର୍ନରେ ରୂପାନ୍ତରିତ ହେବ। ଏହି ଜର୍ସିରେ ପ୍ରୁସିଆନ ବ୍ଲୁ ଓ ରୟାଲ ବ୍ଲୁ ରଙ୍ଗର ଛାପ ଦେଖିବାକୁ ମିଳିବ।

କେବଳ ଦେଶରେ ନୁହଁ, ସାରା ବିଶ୍ୱରେ ଭାରତୀୟ କ୍ରିକେଟ ଦଳକୁ ସମର୍ଥନ ମିଳୁଛି ଓ ଜର୍ସି ମାଧ୍ୟମରେ ଆମେ ଏହି ଉତ୍ସାହ ଓ ଉର୍ଜାକୁ ନେଇ ଉତ୍ସବ ମନାଇବାକୁ ଚାହୁଁଛୁ ବୋଲି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି କହିଛନ୍ତି। ଏହା ନିଶ୍ଚିତ ଭାବେ ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ କରିବ ଓ ପୁଣି ଥରେ ଟି୨୦ ବିଶ୍ୱକପ୍ ହାସଲ କରିବାକୁ ପ୍ରେରଣା ଯୋଗାଇବ। ଏମ୍‌ପିଏଲ୍ ସ୍ପୋର୍ଟ୍ସ ମଧ୍ୟ ପ୍ରାୟୋଜକ ଭାବେ ନିଜ ଦାୟିତ୍ୱ ତୁଲାଇବାରେ ସକ୍ଷମ ହୋଇଛି ବୋଲି ସେ କହିଛନ୍ତି। ବିସିସିଆଇ ସମ୍ପାଦକ ଜୟ ଶାହା ମଧ୍ୟ ସମାନ ଦୃଷ୍ଟିଭଙ୍ଗୀ ପୋଷଣ କରିଛନ୍ତି। ଏହି ଜର୍ସି ପଛରେ ପ୍ରତ୍ୟେକ ଭାରତୀୟ ପ୍ରଶଂସକଙ୍କ କାହାଣୀ ଲୁଚି ରହିଛି। ତେଣୁ ଏହାକୁ ପିନ୍ଧିବା ନିଶ୍ଚିତ ଭାବେ ଗର୍ବର ବିଷୟ ବୋଲି ଶାହା କହିଛନ୍ତି। ବିଭିନ୍ନ ଷ୍ଟୋରରେ ଏହି ଜର୍ସି ୧, ୭୯୯ ଟଙ୍କାରେ ଉପଲବ୍ଧ ହୋଇପାରିବ। ଏଥିସହ ଜର୍ସିର ୧୦ଟି ଭିନ୍ନ ପ୍ରକାର ରୂପ ଉପଲବ୍ଧ ହେବ। ଅଧିନାୟକ ବିରାଟ କୋହଲିଙ୍କ ସ୍ୱାକ୍ଷର ସମ୍ବଳିତ ନଂ ୧୮ ଜର୍ସି ମଧ୍ୟ ଲଞ୍ଚ କରାଯାଇଛି।

ଟି୨୦ ବିଶ୍ୱକପ୍‌ରେ କ୍ୱାଲିଫାଇଂ ରାଉଣ୍ଡକୁ ମିଶାଇ ମୋଟ ୪୫ଟି ମ୍ୟାଚ୍ ଖେଳାଯିବ। କ୍ୱାଲିଫାଇଂ ରାଉଣ୍ଡରେ ୧୨ ଓ ସୁପର-୧୨ ରାଉଣ୍ଡରେ ୩୦ଟି ମ୍ୟାଚ୍ ଖେଳାଯିବ। ଏହାକୁ ବାଦ୍ ଦେଲେ ସେମିଫାଇନାଲ ଓ ଫାଇନାଲ ମ୍ୟାଚ ମଧ୍ୟ ଖେଳାଯିବ।

# ସୟଦ ମୁସ୍ତାକ ଅଲୀ ଟ୍ରଫି: ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୧୩।୧୦(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସୟଦ ମୁସ୍ତାକ ଅଲୀ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ନଭେମ୍ବର ୪ରୁ ୯ ପର୍ଯ୍ୟନ୍ତ ଲକ୍ଷ୍ନୌରେ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବୁଧବାର ୨୧ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁବ୍ରତ ବେହେରା ଖେଳାଳି ତାଲିକା ପ୍ରକାଶ କରିଛନ୍ତି। ଉଇକେଟ କିପର ରାଜେଶ ଧୂପରଙ୍କୁ ଦଳର ଅଧିନାୟକ କରାଯାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଓଡ଼ିଶା ଦଳ ଚଳିତ ମାସ ୨୭ ତାରିଖରେ ଲକ୍ଷ୍ନୌ ଯାତ୍ରା କରିବ। ଏହି ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ଏଲିଟ 'ଏ' ଗ୍ରୁପରେ ଗୋଆ, ତାମିଲନାଡୁ, ମହାରାଷ୍ଟ୍ର, ପଞ୍ଜାବ ଓ ପଣ୍ଡିଚେରୀ ବିପକ୍ଷରେ ମ୍ୟାଚ ଖେଳିବ। ସୟଦ ମୁସ୍ତାକ ଅଲୀ ଟ୍ରଫି ପୂର୍ବରୁ ଓଡ଼ିଶା ଦଳ ଚଳିତ ମାସ ୧୯ ତାରିଖରେ ରାୟପୁର ଗସ୍ତ କରି ଛତିଶଗଡ଼ ବିପକ୍ଷରେ ୪ଟି ଅଭ୍ୟାସ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ରହିଛି। ମ୍ୟାଚଗୁଡ଼ିକ ଅକ୍ଟୋବର ୨୨, ୨୩, ୨୫ ଓ ୨୬ ତାରିଖରେ ଅନୁଷ୍ଠିତ ହେବ। ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ମନୋନୀତ ଦଳର ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ରାଜେଶ ଧୂପର (ଅଧିନାୟକ/ଉଇକେଟ କିପର), ଗୌରବ ଚୌଧୁରୀ, ଅନୁରାଗ ଷଡ଼ଙ୍ଗୀ, ଅଂଶୁମାନ ରଥ (ଉଇକେଟ କିପର), ସନ୍ଦୀପ ପଟ୍ଟନାୟକ, ଶୁଭ୍ରାଂଶୁ ସେନାପତି, ଅଭିଷେକ ଯାଦବ, ପ୍ରତୀକ ଦାସ, ଗୋବିନ୍ଦ ପୋଦ୍ଦାର, ରାଜେଶ ମହାନ୍ତି, ତାରିଣୀ ସ', ବି. ଶିବା, ଆଶିଷ ରାଏ, ଦେବବ୍ରତ ପ୍ରଧାନ, ସର୍ବେଶ୍ୱର ମହାନ୍ତି, ପ୍ରୟାସ ସିଂ ଠାକୁର, ପପୁ ରାୟ, ହର୍ଷିତ ରାଠୋର, ବିକାଶ ରାଉତ, ଜୟନ୍ତ ବେହେରା, ଅଭିଷେକ ରାଉତ।



ଓଡ଼ିଶା ଦଳ ଘୋଷଣା ଅବସରରେ ପ୍ରଭଞ୍ଜନ ମଲିକ ଓ ସୁବ୍ରତ ବେହେରା।

**ମୁସ୍ତାକ ଅଲୀ ଟ୍ରଫି କାର୍ଯ୍ୟସୂଚୀ**

ନଭେମ୍ବର ୪: ଓଡ଼ିଶା ବନାମ ଗୋଆ
ନଭେମ୍ବର ୫: ଓଡ଼ିଶା ବନାମ ତାମିଲନାଡୁ
ନଭେମ୍ବର ୬: ଓଡ଼ିଶା ବନାମ ମହାରାଷ୍ଟ୍ର
ନଭେମ୍ବର ୮: ଓଡ଼ିଶା ବନାମ ପଞ୍ଜାବ
ନଭେମ୍ବର ୯: ଓଡ଼ିଶା ବନାମ ପଣ୍ଡିଚେରୀ

# ଓଡ଼ିଶା ଏଚ୍‌ପିସିକୁ ରୌପ୍ୟ ପଦକ

**ଭୁବନେଶ୍ୱର, ୧୩।୧୦ (କ୍ରୀଡ଼ା ପ୍ରତିନିଧି)**

**ଜାତୀୟ ସବ୍‌ଜୁନିୟର ଏକାଡେମୀ ହକି ଚାମ୍ପିୟନଶିପ୍**

ହକି ଇଣ୍ଡିଆ ଆନୁକୂଲ୍ୟରେ ଭୋପାଳରେ ଅନୁଷ୍ଠିତ ପ୍ରଥମ ଜାତୀୟ ସବ୍‌ଜୁନିୟର ପୁରୁଷ ଏକାଡେମୀ ହକି ଚାମ୍ପିୟନଶିପ୍‌ରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର (ଓଡ଼ିଶା ଏଚ୍‌ପିସି) ରୌପ୍ୟ ପଦକ ହାସଲ କରିଛି। ବୁଧବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଓଡ଼ିଶା ଏଚ୍‌ପିସି ଶୁଟ୍‌ଆଉଟ ୧-୩ ଗୋଲରେ ମଧ୍ୟପ୍ରଦେଶ ହକି ଏକାଡେମୀଠାରୁ ହାରି ଯାଇଛି। ନିର୍ଦ୍ଧାରିତ ସମୟର ଖେଳ ୩-୩ ଗୋଲରେ ବରାବର ରହିଥିଲା। ଓଡ଼ିଶା ଏଚ୍‌ପିସି ପକ୍ଷରୁ ଜସମନ ମୁଣ୍ଡା ୨୧, ରିକି ଟୋନଜାମ ୩୪ ଓ ଇରେଙ୍ଗବାମ୍ ରୋହିତ ସିଂ ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମଧ୍ୟପ୍ରଦେଶ ଏକାଡେମୀର ସଦ୍ଦାମ ଅହମଦ ୧୦, ଶୁଭାନ ଅବିଦ ୩୨ ଓ ଅଲି ଅହମଦ ୩୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମାତ୍ର ଶୁଟ୍ ଆଉଟରେ ମଧ୍ୟପ୍ରଦେଶ ବାଜି ମାରି ନେଇଥିଲା। ପ୍ଲେ-ଅଫ୍‌ରେ ରାଉଣ୍ଡଗ୍ଲାସ ପଞ୍ଜାବ ହକି କ୍ଲବ ଏକାଡେମୀ ୫-୧ ଗୋଲରେ ଏସ୍‌ଜିପିସି ହକି ଏକାଡେମୀକୁ ହରାଇ ତୃତୀୟ ସ୍ଥାନ ଅଧିକାର କରିଛି।

# ବିହାରିଲାଲ ସ୍ପୋର୍ଟ୍ସ କ୍ଲବ ଉଦ୍‌ଘାଟିତ

**ପୁରୁଣା ଭୁବନେଶ୍ୱର, ୧୩।୧୦ (ଡି.ଏନ.ଏ.):** ପୋଖରୀପୁଟସ୍ଥିତ ବିହାରୀଲାଲ ସ୍ପୋର୍ଟ୍ସ କ୍ଲବ ବୁଧବାର ଉଦ୍‌ଘାଟିତ ହୋଇଛି। ଦୀର୍ଘ ୪୩ ବର୍ଷ ଧରି ଖେଳ ପଡ଼ିଆର ରକ୍ଷଣା ବେକ୍ଷଣ କରିବା ଏବଂ ବିଭିନ୍ନ ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା କରିବା ସହ ଅନେକ ଜାତୀୟ ସ୍ତରୀୟ କ୍ରୀଡ଼ାବିତ୍ ସୃଷ୍ଟି କରିବାରେ ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଉଦ୍‌ଘାଟନ ଅବସରରେ ଅତିଥିମାନେ ମତ ରଖିଥିଲେ। ପୋଖରୀପୁଟ ଖେଳ ପଡ଼ିଆକୁ ରାଜ୍ୟ ସରକାର ମିନି ଷ୍ଟାଡିୟମରେ ପରିଣତ କରିବାକୁ ଘୋଷଣା କରିଛନ୍ତି। ଏହାକୁ ଅତିଥିମାନେ ସ୍ୱାଗତ କରିଛନ୍ତି। କ୍ରିକେଟର ରଶ୍ମିରଞ୍ଜନ ପରିଡ଼ା, ମନୋଜ ବିଶ୍ୱାଳ, ଦୀପକ ମଙ୍ଗରାଜ, ପୂର୍ବତନ ମହିଳା କ୍ରିକେଟ ଅଧିନାୟିକା ଡି. ଭାନୁମତି, କ୍ରିକେଟ କୋଚ୍ ଶଶାଙ୍କ ଶେଖର ଦାସ, ଏସକେଏସୟୁ କ୍ରିକେଟ ଏକାଡେମୀ କୋଚ୍ ଅକ୍ଷୟ ପରିଡ଼ା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ।




Finance Partners: TVS CREDIT | L&T Financial Services | HDFC BANK We understand your world | IDFC FIRST Bank ALWAYS YOU FIRST | ICICI Bank Credit & Debit Cards | 5% or upto ₹5000/- cashback valid on ICICI Bank Credit & Debit Card EMI* | RBL BANK apno ka bank

*T&C Apply. To know more visit www.tvsmotor.com ⁺Ex-showroom price Odisha of TVS Radeon ES Mag BS VI Base Variant. Prices subject to change without prior notice. ^5 year warranty without any additional charges. #For further details, please visit www.tvsmotor.com/tvs-radeon. Accessories shown on the bike may not be part of the standard fitment. **Finance at the sole discretion of the financier. Schemes cannot be clubbed.

TVS 5 YEAR WARRANTY ^ ବଢ଼ିଆ ମାଇଲେଜ୍

FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.co.in, Authorised Main Dealers: BHUBANESWAR: 3S TVS, Ph: 8860629978, Rita TVS, Ph: 9827133318, Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371. PURI: Modern TVS, Ph: 7978707757, 7440002101; CUTTACK: Sai Durga TVS, Ph: 9937117562, Arnapurna TVS, Ph.: 9778422980,. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHOLE: Sasmita TVS, Ph: 8860793803; JAGATSINGHPUR: Gita TVS, Ph: 06724-222717, 7788901717. Authorised Dealers: Gothopatna:Ph:8249710415,Nachuni:Ph:9337788799,Tomando:Ph:7008905034,Balipatna:Ph:9776036999, Jatani:Ph:7978421266, Balugaon: Ph: 9937886712, Nirakarpur:Ph:9658971360, CRP Square, Bhubaneswar:Ph:9337022334, Baghamari:Ph:9437015363, Erasama:Ph:7978497028, Naugoan:Ph:8339939725, Krushnanandapur:Ph:9237066573, Balitutha:Ph:7894845878, Dasapalla:Ph:9437354285, Rohibank:Ph: 9777737177, Kalapathar:Ph:9937844941, Ranpur:Ph:9778520193, Khandapada:Ph:7008659421, Purunakatak:Ph:9439071610, Chandpur:Ph: 9337112565, Raj Sunakhela:Ph:9437637421, Narasinghpur:Ph:9658410027, Odogaon:Ph: 98619 11414, Pipili:Ph:9861150706, Sakhigopal:Ph:9861150706, Nimapara:Ph:7381765800, Delang:Ph:9090214582, Brahmagiri:Ph:8480928882, 6370937155, Chari Chowk:Ph:8327783765, Paradeep:Ph:9937472707, Athagarh:Ph:9853429148, Abhimanpur Post:Ph:9937019555, Banki:Ph:9437666687, Badamba:Ph:9337135769, Niali:Ph:9437307967, Kandarpur:Ph:9090098000, Jagatpur:Ph:9337268787, Phulnakhara:Ph:9437037344, Salepur :Ph:8018556514 Nischintakoili:Ph:9337438686, Tangi:Ph:9437270482, Pattamundai:Ph:9938602209, Marshaghai:Ph:9938837705, Rajnagar:Ph:9439650236,Rajkanika:Ph:7978903410,Chandbali:Ph:9238514769, Basudevpur:Ph:8249905878, Balichandrapur:Ph:7978388298, Brahmabarada:Ph:7894020786, Raipur:Ph:9937963372, Mangalpur:Ph:9853486660, Bari:Ph:9437510237, Binjharpur:Ph:9090503379. Kuakhia: Ph: 9348035630, Singhpur: Ph: 9040646458

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୪ ଅକ୍ଟୋବର, ୨୦୨୧



## ସଂକ୍ଷେପରେ

### ନାବାଳିକାଙ୍କୁ ଅସଦାଚରଣ, ଜେଲ୍ ଗଲେ ଯୁବକ

**ନୟାଗଡ଼ ଅଫିସ,୧୩।୧୦:** ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ଦେଉଳପଲ୍ଲୀର କୃଷ୍ଣଚନ୍ଦ୍ର ପ୍ରଧାନ ଓରଫ୍ ଆଲୋକ(୨୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ତାଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏକ କମ୍ପ୍ୟୁଟର ସେଣ୍ଟରରେ କାମ କରୁଥିବା ଜଣେ ନାବାଳିକାଙ୍କୁ ଆଲୋକ ଗତ ୧୧ ତାରିଖରେ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏପରି କି ସେ ତାଙ୍କୁ ଜାତିଆଣ ଆକ୍ଷେପ କରିଥିଲେ । ଏନେଇ ଅଭିଯୋଗ ପରେ ପୋଲିସ ୩(୧) ଏସ୍‌ସିଏସ୍‌ଟି ଆକ୍ଟ, ୩୫୪, ୩୪୧, ୫୦. ୧୨ ପୋକସ ଆକ୍ଟରେ ଏକ ମାମଲା(ନଂ.୨୦୬/୨୧) ରୁଜୁ କରି ତଦନ୍ତ ଜାରି ରଖିଛି ।

### ନବରାତ୍ର ପୂଜା ଉଦ୍‌ଯାପିତ

**ଖଣ୍ଡପଡ଼ା,୧୩।୧୦(ସ୍ୱ.ପ୍ର.):** ଗତ ୬ ତାରିଖରୁ କଣ୍ଟିଲୋ ଶ୍ରୀନୀଳମାଧବଙ୍କ ମନ୍ଦିରରେ ପୂଜକ ସମାଜ ପକ୍ଷରୁ ଆରମ୍ଭ ହୋଇଥିବା ନବରାତ୍ର ପୂଜା ବୁଧବାର ଉଦ୍‌ଯାପିତ ହୋଇଛି । ଏହି ଅବସରରେ ମା' ବିମଳାଙ୍କ ମନ୍ଦିରରେ ଅନୁଷ୍ଠିତ ନବଦିନାତ୍ମକ ଚଣ୍ଡୀପାଠ ମଧ ସମ୍ପନ୍ନ ହୋଇଛି। ଶ୍ରୀନୀଳମାଧବ ପୂଜକ ସମାଜ ପକ୍ଷରୁ ପ୍ରତ୍ୟହ ଶ୍ରଦ୍ଧାଳୁମାନଙ୍କ ପାଇଁ ମାଗଣା ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ପିଲାମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ଅପରାହ୍ନ ପ୍ରାୟ ୫ଟାରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା । ଏହି ଅବସରରେ ମା' ବିମଳା ସରସ୍ୱତୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ ।



# ୧୪ବର୍ଷ ପରେ ବି ଚାକିରିର ସ୍ଥାୟିତ୍ୱ ନାହିଁ

ନୟାଗଡ଼ ଅଫିସ,୧୩।୧୦

- ପାରା ମେଡିକାଲ କର୍ମଚାରୀଙ୍କୁ ନିୟମିତ କରାଯାଇଛି
- ଆୟୁଷ ଡାକ୍ତରଙ୍କୁ ଭୁଲିଗଲେ ସରକାର

ନିଯୁକ୍ତିର ୧୪ ବର୍ଷ ପରେ ବି ଠିକା ଭାବେ କାମ କରୁଥିବା ଆୟୁଷ ଡାକ୍ତର ନିୟମିତ ନ ହେବାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପାରା ମେଡିକାଲ କର୍ମଚାରୀଙ୍କୁ ନିୟମିତ କରି ସରକାର ଆୟୁଷ ଡାକ୍ତରଙ୍କୁ ଭୁଲିଯିବା ପରେ ପ୍ରତିବାଦ ସ୍ୱରୂପ ଅକ୍ଟୋବର ୨ରୁ ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଛି ଆୟୁଷ ଡାକ୍ତରଙ୍କ ରାଜ୍ୟ ସଂଘ। ନିୟମିତ ନ ହେଲା ପର୍ଯ୍ୟନ୍ତ ଆୟୁଷ ଡାକ୍ତରମାନେ ସରକାରଙ୍କ ଅତିରିକ୍ତ କାମ କରିବେ ନାହିଁ ବୋଲି ଚେତାବନୀ ଦେଇ କେବଳ ହୋମିଓପ୍ୟାଥି ଓ ଆୟୁର୍ବେଦିକ ସେବା ପ୍ରଦାନ କରୁଛନ୍ତି । ଆଉଟ୍ ଡୋର ପେସେଣ୍ଟ (ଓପିଡି) ଓ ଇନ୍‌ଡୋର ପେସେଣ୍ଟ (ଆଇପିଡି)ଙ୍କ ପାଇଁ ସେମାନେ ଆଉ କାମ କରୁନାହାନ୍ତି। ବୁଧବାର ନୟାଗଡ଼ ରୋଟାରୀ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦିଆଯାଇଛି। ଏଥିରେ ଜିଲା ସଭାପତି ରାମ ପ୍ରସାଦ ସାହୁ, ସମ୍ପାଦିକା ମିନାକ୍ଷୀ ପଟ୍ଟନାୟକ, ସହ ସମ୍ପାଦକ ଗୀତାଞ୍ଜଳି ପଟ୍ଟନାୟକ, ଉପସଭାପତି କାଳି ପ୍ରସାଦ ଷଡଙ୍ଗୀ, କୋଷାଧ୍ୟକ୍ଷ ଯଶୋବନ୍ତ ସୁବୁଦ୍ଧି ପ୍ରମୁଖ ଯୋଗ ଦେଇ ଆୟୁଷ ଡାକ୍ତରଙ୍କ ସମସ୍ୟା କହିଥିଲେ ।



ଖବରଦାତା ସମ୍ମିଳନୀରେ ସଂଘର କର୍ମକର୍ତ୍ତା ।

ଖବରଦାତା ସମ୍ମିଳନୀରେ ଜିଲା ସଭାପତିଙ୍କ ସୂଚନା ଅନୁସାରେ ନୟାଗଡ଼ ଜିଲାରେ ମୋଟ ୩୯ ଜଣ ଆୟୁଷ ଡାକ୍ତର କାମ କରୁଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ କମିଟିର ୨୮ତମ ବୈଠକରେ ଓଡ଼ିଶା ରିଜରଭେଶନ ଅଫ୍ ଭ୍ୟାକାନ୍ସି ନିୟମ ଲାଗୁ କରାଯାଇ କୁହାଯାଇଥିଲା ରାଜ୍ୟରେ ଯେତେ ଆୟୁଷ ଡାକ୍ତର ଓ ପାରା ମେଡ଼ିକାଲ କର୍ମଚାରୀ ଅଛନ୍ତି ଭବିଷ୍ୟତରେ ସେମାନଙ୍କୁ ସ୍ଥାୟୀ କରାଯିବ। କିଛି ମାସ ପରେ ପାରା ମେଡ଼ିକାଲ କର୍ମଚାରୀ ସ୍ଥାୟୀ ହେଲେ। ଅଥଚ ଆୟୁଷ ଡାକ୍ତରଙ୍କୁ ନିୟମିତ କରିବାକୁ ସରକାର ଭୁଲିଗଲେ । ଏଭଳି ସ୍ଥଳେ ଆୟୁଷ ଡାକ୍ତରମାନେ ସରକାରଙ୍କ ଅଧିକାଂଶ କାମ କରୁଥିଲେ ମଧ ସେମାନଙ୍କୁ ଅଣଦେଖା କରାଯାଇଛି । ରୋଗୀ କଲ୍ୟାଣ ସମିତିର ଅର୍ଥକୁ ଜିଲାର ଅଧିକାଂଶ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖର୍ଚ୍ଚ କରିବାରେ ଆୟୁଷ ଡାକ୍ତର ମୁଖ୍ୟ ଭୂମିକା ନେଇଥାନ୍ତି । ପୁରା ଅନୁଦାନ ଖର୍ଚ୍ଚ ପରେ ନୂଆ ଅନୁଦାନ ସୁବିଧାରେ ମିଳିଥାଏ । ପୁଣି ଆୟୁଷ୍ମାନ ଭାରତ ଯୋଜନାରେ ଆୟୁଷ ଡାକ୍ତରମାନେ ଅଣ ସଂକ୍ରମଣ ରୋଗ ବ୍ଲଡ ପ୍ରେସର, ଡାଇବେଟିସ୍, କ୍ୟାନସର ଆଦିକୁ ସ୍କ୍ରିନିଂ କରି ସରକାରଙ୍କୁ ଅନ୍‌ଲାଇନରେ ଡାଟା ଅପ୍‌ଲୋଡ କରିଥାନ୍ତି । ଟେଲି ମେଡସିନର ଇ-ସଞ୍ଜିବନୀରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରହି ମଧ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଏମସ୍‌ର ଡାକ୍ତରଙ୍କ ସହ ରୋଗୀଙ୍କୁ ସଂଯୋଗ କରାଇ ସ୍ୱାସ୍ଥ୍ୟ ସେବା ଯୋଗାଇଥାନ୍ତି । ଶ୍ରଦ୍ଧା କ୍ଲିନିକ୍‌ରେ କିଶୋର କିଶୋରୀମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅନୁରୂପ ଭୂମିକା ଆୟୁଷ ଡାକ୍ତରମାନେ ନେଇଥାନ୍ତି । ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଟିବି, ଲେପର୍ସି, ଫାଇଲେରିଆ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବାରେ ଏହି ଡାକ୍ତରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। କୋଭିଡ୍‌ର ପ୍ରଥମ ଓ ୨ୟ ଲହର ସମୟରେ ନିଜ ଜୀବନକୁ ବାଜି ଲଗାଇ ଆୟୁଷ ଡାକ୍ତରମାନେ ସେବା ଜାରି ରଖିଥିଲେ । କୋଭିଡ୍ ଟିକା ଦେବା କାର୍ଯ୍ୟରେ ମଧ ସେମାନେ ନିୟୋଜିତ ଥିଲେ। ଏହାପରେ ବି ସେମାନଙ୍କୁ ସରକାର ଭୁଲିଯିବା ଠିକ୍ ନୁହେଁ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

### ସାପ କାମୁଡ଼ାରେ ଯୁବକ ମୃତ

ବ୍ରହ୍ମପୁର ଅଫିସ/ବେଗୁନିଆପଡ଼ା (ଡି.ଏନ୍.ଏ.)/୧୩।୧୦

ସାପ କାମୁଡ଼ାରେ ଜଣେ ଯୁବକଙ୍କର ଏମ୍‌କେସିଜି ମେଡିକାଲରେ ବୁଧବାର ମୃତ୍ୟୁ ଘଟିଛି। ମୃତକ ଖଲ୍ଲିକୋଟ ଥାନା ଅନ୍ତର୍ଗତ ବି.ନୂଆପଲି ଗ୍ରାମର କାଳୁ ଦାସ। ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୫୧୨/୨୧ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। କାଳୁ ମଙ୍ଗଳବାର ରାତିରେ ଖାଇ ସାରିବା ପରେ ଶୋଇଥିଲେ। ବିଳମ୍ବିତ ରାତିରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା।

### ଦେଶୀ ମଦ ଜବତ, ଜଣେ ଗିରଫ

ନୟାଗଡ଼ ଅଫିସ,୧୩।୧୦

ଦେଶୀ ମଦ ବିକ୍ରି ଅଭିଯୋଗରେ ନୟାଗନ ସଦର ଥାନା ପୋଲିସ ବାଲୁଗାଁର ବାବୁଲା ଖାଁ(୨୩)ଙ୍କୁ ଗିରଫ କରିଛି । ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ । ବାଲୁଗାଁ ହାଟପଡିଆରୁ ବାବୁଲାଙ୍କୁ ଗିରଫ କରାଯାଇ ୧୦୦ ଟି ଦେଶୀ ପାଉଚ୍ କୁ ଜବତ କରାଯାଇଛି ।

## ଆଧୁନିକ କ୍ରୀଡ଼ା ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ

ନୟାଗଡ଼ ଅଫିସ,୧୩।୧୦

ନୟାଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟରେ ଉଦୀୟମାନ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ସହ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିବାକୁ ଅନୁପ୍ରେରିତ ଲାଗି ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ୍ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୟାଗଡ଼ ଜିଲାର ଖ୍ୟାତିସମ୍ପନ୍ନ ଯୁବ କ୍ରୀଡାବିତ୍ ଝିଲି ଦଳବେହେରା, ଦୀପାଳି ମହାପାତ୍ର ଓ କ୍ରିକେଟର୍ ରାଜେଶ ମହାନ୍ତି ପ୍ରମୁଖ ଯୋଗଦେଇ କ୍ରୀଡ଼ାପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢାଇବା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଧୁନିକ କ୍ରୀଡ଼ା ଭିତ୍ତିଭୂମିର ପ୍ରସାର ନିମନ୍ତେ ସୁଚିନ୍ତିତ ପ୍ରସ୍ତାବ ଦେଇଥିଲେ ।

## ବନ୍ଧ କୋଠରିରୁ ଯୁବକଙ୍କ ମୃତଦେହ ଜବତ

ଖଣ୍ଡପଡ଼ା,୧୩।୧୦(ସ୍ୱ.ପ୍ର.)

- ଶରୀରର ବିଭିନ୍ନ ସ୍ଥାନ ବ୍ଲେଡ୍‌ରେ କଟାଯାଇଥିଲା
- ମୃତଦେହ ପାଖରୁ ବ୍ଲେଡ୍ ଜବତ
- ମହିଳାଙ୍କ ସମେତ ୩ଜଣଙ୍କ ନାମରେ ମାମଲା

କଣ୍ଟିଲୋ ମେଡ଼ିକାଲ ଛକ ନିକଟ ଏକ ଭଡ଼ା ଘରେ ରହୁଥିବା ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି । ମୃତକ ହେଲେ ସନ୍ତୋଷ ବାରିକ(୩୫)। କଟକ ଜିଲା ଜଗତପୁର ଥାନା ଅଧୀନ ଚମ୍ପତି ଗ୍ରାମର ସନ୍ତୋଷ ସ୍ତ୍ରୀ ଓ ୧୦ ବର୍ଷର ପୁଅ ସହ କଣ୍ଟିଲୋ ମେଡ଼ିକାଲ ଛକ ନିକଟ ରାମଚନ୍ଦ୍ର ପଣ୍ଡାଙ୍କ ୩ ମହଲା କୋଠା ଉପରେ ଭଡ଼ାରେ ରହୁଥିଲେ। ସେ ସ୍ଥାନୀୟ ଖୁଦବେହେରା ପାଟଣା ଗ୍ରାମର ଏକ ଘରୋଇ କାରଖାନାରେ ମିସ୍ତ୍ରୀ ଭାବେ କାମ କରୁଥିଲେ । ମଙ୍ଗଳବାର ସକାଳେ ସନ୍ତୋଷଙ୍କ ସ୍ତ୍ରୀ ସନ୍ତୋଷୀ ଓ ତାଙ୍କ ପୁଅ ଭୁବନେଶ୍ୱର ଯାଇଥିଲେ । ଘରେ ସନ୍ତୋଷ ଏକା ଥିଲେ । ସନ୍ତୋଷଙ୍କୁ ତାଙ୍କର ଜଣେ ସାଙ୍ଗ ଫୋନ୍ କରିଥିଲେ ମଧ୍ୟ କୌଣସି ଉତ୍ତର ପାଇ ନ ଥିଲେ। ଅପରାହ୍ନରେ ସେହି ସାଙ୍ଗ ଜଣକ ସନ୍ତୋଷଙ୍କୁ ଦେଖା କରିବାକୁ ଘରକୁ ଆସିଥିଲେ । ହେଲେ ଭିତର ପଟୁ କବାଟ ବନ୍ଦ ଥିଲା । ଯେତେ ଡାକିଲେ ମଧ୍ୟ ଭିତରୁ କୌଣସି ଉତ୍ତର ମିଳି ନ ଥିଲା । ସେ ଏ ସଂକ୍ରାନ୍ତରେ ଘର ମାଲିକଙ୍କୁ ଜଣାଇବା ପରେ ପୋଲିସକୁ ଖବର ଦିଆଯାଇଥିଲା। ଖଣ୍ଡପଡା ଅତିରିକ୍ତ ତହସିଲଦାର ଲକ୍ଷ୍ମୀକାନ୍ତ ମଲ୍ଲିକ ଓ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ ଏବଂ ସନ୍ତୋଷଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ କବାଟ ଧକ୍କା ଦିଆଯାଇ ଖୋଲାଯାଇଥିଲା। କବାଟ ଖୋଲିବା ପରେ ସନ୍ତୋଷଙ୍କ ମୃତଦେହ ଚଟାଣରେ ଏକ ମଶିଣା ଉପରେ ପଡିଥିଲା। ମୃତଦେହ ପାଖରେ ଏକ ବ୍ଲେଡ୍ ପଡିଥିଲା। ତାଙ୍କ ଶରୀରର ବିଭିନ୍ନ ସ୍ଥାନ ବ୍ଲେଡ୍‌ରେ କଟାଯାଇଥିବା ଦେଖିବାକୁ ମିଳିଥିଲା ।

ବୁଧବାର ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରି ଫେରିଛି । ମୃତଦେହକୁ ଖଣ୍ଡପଡ଼ାରେ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସ୍ତ୍ରୀ ସନ୍ତୋଷୀଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୨୦୯/୨୧) ରୁଜୁ କରିଛି । ପୋଲିସ ଜଣେ ମହିଳାଙ୍କ ସମେତ ୩ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।



**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

*ଫାଇନାନ୍ସ ସ୍କିମ୍ ଅଫର୍ ଗୁଡ଼ିକ ନିର୍ଦ୍ଦିଷ୍ଟ କଷ୍ଟମରଙ୍କ ପାଇଁ ଚୟନିତ ମଡେଲ୍ ଉପରେ ନିର୍ଦ୍ଦିଷ୍ଟ ଫାଇନାନ୍ସ ପାର୍ଟନରଙ୍କ ନିଜ ଇଚ୍ଛାରେ ଉପଲବ୍ଧ ଏବଂ ଏହା ସେହି ଫାଇନାନ୍ସ କମ୍ପାନୀର ନୀତି ଅନୁଯାୟୀ ଆଧାରିତ । କୌଣସି ଦୁଇଟି ଅଫର୍ ଏକାଠି କରାଯାଇପାରିବ ନାହିଁ । କ୍ୟାସ୍‌ବ୍ୟାକ୍ ଅଫର୍ ସର୍ବନିମ୍ନ ₹50000ର କାରବାର ଉପରେ କାର୍ଡ ପିଛା ₹5000 ପର୍ଯ୍ୟନ୍ତ 5% କ୍ୟାସ୍‌ବ୍ୟାକ୍ ଦର୍ଶାଯାଇଛି, କେବଳ ଏହା SBI କ୍ରେଡିଟ୍ କାର୍ଡ ମାଧ୍ୟମରେ EMI କାରବାର ଉପରେ, ଅଫର ପିରିୟଡ୍ ସମୟରେ ଲାଗୁ । ସ୍କିମ୍ ବୈଧତା 1 ସେପ୍ଟେମ୍ବର ରୁ 30 ନଭେମ୍ବର 2021. କେବଳ ଚୟନିତ ଡିଲରସିପ୍‌ରେ ସ୍କିମ୍ ଏବଂ ଅଫର୍ ଉପଲବ୍ଧ ଏବଂ ଏହା କୌଣସି ପୂର୍ବ ସୂଚନା ବିନା ଉଠାଇ ଦିଆଯାଇପାରିବ । ହୋଣ୍ଡା ଜୋଏ କ୍ଲବ୍ ଲୟାଲିଟି ମେମ୍ବରସିପ୍ ର କ୍ରୟ ଉପରେ ## ₹5 ଲକ୍ଷର ପର୍ସନାଲ୍ ଆକ୍ସିଡେଣ୍ଟ କଭର ଲାଗୁ । ସମସ୍ତ ଦାବି ଇନ୍‌ସ୍ୟୁରାନ୍ସ କମ୍ପାନୀର ନିୟମ ଏବଂ ନିର୍ଦ୍ଦେଶାବଳୀ ଅନୁସାରେ ସ୍ଥିର କରାଯିବ । ଅଧିକ ବିବରଣୀ ପାଇଁ, ଦୟାକରି HJC ହେଲ୍‌ପଡେସ୍କ କୁ 18005322555 ରେ କଲ୍ କରନ୍ତୁ । *ନିୟମ ଏବଂ ସର୍ତ୍ତାବଳୀ ଲାଗୁ ।

ଏହି ବିଜ୍ଞାପନରେ ଦେଖାଇ ଦିଆଯାଇଥିବା ଉତ୍ପାଦ (ପ୍ରଡକ୍ଟ) ମାର୍କେଟ୍ ରେ ମିଳୁଥିବା ଉତ୍ପାଦ (ପ୍ରଡକ୍ଟ) ଠାରୁ ଅଲଗା ହୋଇପାରେ । ଉତ୍ପାଦ (ପ୍ରଡକ୍ଟ) ଉପରେ ଦେଖାଇ ଦିଆଯାଇଥିବା ସହାୟକ ଉପକରଣ (ଆସେସୋରି) ଷ୍ଟାଣ୍ଡର୍ଡ ଉତ୍ପାଦ (ପ୍ରଡକ୍ଟ) ର ଅଂଶବିଶେଷ ନୁହେଁ ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ

**ଗୋପାଳପୁର,୧୩।୧୦(ଡି.ଏନ.ଏ.):** ଗୋପାଳପୁର ଥାନା ଅନ୍ତର୍ଗତ ପଥରା ଓଭରବ୍ରିଜ ନିକଟରେ ଠିଆ ହୋଇଥିବା ଟ୍ରକ୍କୁ ପଛପଟୁ ଆଉ ଏକ ଟ୍ରକ୍ ଧକ୍କା ଦେବାରୁ ମଙ୍ଗଳବାର ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ହିଞ୍ଜିଳି ଥାନା ଅନ୍ତର୍ଗତ ଖଣ୍ଡରା ନୂଆସାହିର ପ୍ରଭାକର ସ୍ୱାଇଁ(୫୩)। ଆହତ ଆନ୍ଧ୍ରପ୍ରଦେଶ ଅଞ୍ଚଳର ବୋଲି ଜଣାପଡ଼ିଛି। ପ୍ରଭାକର ବାଲି ବୋଝେଇ ଟ୍ରକ୍ ନେଇ ଆନ୍ଧ୍ରପ୍ରଦେଶ ଯାଉଥିବା ବେଳେ ଗୋପାଳପୁର ଥାନା ପଥରା ଓଭରବ୍ରିଜ ନିକଟ ଭକ୍ତ ସାଲବେଗ ନଗର ସାହି ସମ୍ମୁଖରେ ପ୍ରଭାକରଙ୍କ ଟ୍ରକ୍ଟି ଖରାପ ହୋଇଥିଲା। ପ୍ରଭାକର ଓହ୍ଲାଇ ଗାଡ଼ିକୁ ଦେଖୁଥିଲେ। ଏହି ସମୟରେ ଏକ ଦ୍ରୁତଗାମୀ ଟ୍ରକ୍ ଆସି ତାଙ୍କୁ ପଛପଟୁ ଧକ୍କା ଦେଇ ପ୍ରଭାକରଙ୍କ ଉପରେ ଚଢ଼ିଯାଇ ରାସ୍ତା ପାର୍ଶ୍ୱ ବିଲ ତଳକୁ ଖସିଯାଇଥିଲା। ଘଟଣାସ୍ଥଳରେ ପ୍ରଭାକରଙ୍କ ମୃତ୍ୟୁ ଘଟିଥିବା ବେଳେ ଟ୍ରକ୍ ଚାଳକ ଗୁରୁତର ଆହତ ହୋଇଥିଲେ। ଗୋପାଳପୁର ପୋଲିସ ଗୁରୁତର ଆହତଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଏ ନେଇ ନଂ. ୧୪୪/୨୧ରେ ପୋଲିସ ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଦୁଇଟି ଟ୍ରକ୍କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ବୁଧବାର ପ୍ରଭାକରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବିଜେଡିରେ ମିଶିଲେ ୫୦ରୁ ଊର୍ଦ୍ଧ୍ୱ ପରିବାର

**ପୋଲସରା,୧୩।୧୦(ଡି.ଏନ୍.ଏ.):** ପୋଲସରା ବ୍ଲକ ବଦପଙ୍କଲବାଡି ପଞ୍ଚାୟତ ଚଣ୍ଡୀ ରାମଚନ୍ଦ୍ରପୁର ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ପରିବାର ବୁଧବାର ଭାଜପା ଛାଡ଼ି ପୂର୍ବତନ ବ୍ଲକ ଉପାଧକ୍ଷ ରତ୍ନାକର ସ୍ୱାଇଁଙ୍କ ନେତୃତ୍ୱରେ ବିଜେଡିରେ ସାମିଲ ହୋଇଛନ୍ତି। ସଞ୍ଜୟ ପ୍ରଧାନ, ନିଳାମ୍ବର ମିଶ୍ର, ରୁନୁ ପ୍ରଧାନ, ସୂର୍ଯ୍ୟ ନାରାୟଣ ମିଶ୍ର, ଲିଲି ମିଶ୍ର ପ୍ରମୁଖଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଭାଜପା ନେତା, କର୍ମୀ ଓ ସମର୍ଥକ ଭାଜପା ଛାଡ଼ି ବିଜେଡ଼ିରେ ମିଶିଛନ୍ତି। ସମସ୍ତଙ୍କୁ ବିଧାୟକ ଶ୍ରୀକାନ୍ତ ସାହୁ ପୁଷ୍ପମାଲ୍ୟ ଓ ଉପଢୌକନ ପ୍ରଦାନ କରି ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋଲସରା ବ୍ଲକ ବିଜେଡ଼ି ସଭାପତି ସୁରେନ୍ଦ୍ର ପ୍ରଧାନ, ସମ୍ପାଦକ ଅଶୋକ କୁମାର ବିଷୋୟୀ, ସ୍ଥାନୀୟ ସରପଞ୍ଚ ରଞ୍ଜୟ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏବଂ ବିଜେଡି କର୍ମୀ ଉପସ୍ଥିତ ଥିଲେ।

### ଜାତୀୟ ଡାକ ସପ୍ତାହ ଅବସରରେ ସଚେତନତା

**ପାରଳାଖେମୁଣ୍ଡି,୧୩।୧୦ (ଡି.ଏନ୍.ଏ.):** ଭାରତ ସରକାରଙ୍କ ଡାକ ବିଭାଗ ପକ୍ଷରୁ ଗତ ୯ ତାରିଖରୁ ଜାତୀୟ ଡାକ ସପ୍ତାହ ଦିବସ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆସନ୍ତା ୧୬ ତାରିଖ ଏହା ଶେଷ ହେବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବାସୀଙ୍କୁ ଡାକ ବିଭାଗ ପକ୍ଷରୁ ଯୋଗାଇ ଆସୁଥିବା ବିଭିନ୍ନ ସେବା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି। କରୋନା ପରିସ୍ଥିତିରେ ଲୋକଙ୍କ ପାଇଁ ଡାକ ବିଭାଗ ବିଭିନ୍ନ ସେବାମୂଳକ କାର୍ଯ୍ୟ କରିଆସିଛି। ଅନ୍ୟପକ୍ଷରେ ଗଜପତି ଜିଲାରେ ଡାକବିଭାଗ ପକ୍ଷରୁ ମୁଖ୍ୟ ଡାକଘର, ଉପଖଣ୍ଡୀୟ ଡାକଘର ଓ ପ୍ରତି ଗ୍ରାମସ୍ତରରେ ଶାଖା ଡାକ କାର୍ଯ୍ୟାଳୟ ସବୁ ରହିଛି । ବର୍ତ୍ତମାନ ସିଏଚସି ଯୋଗୁ ପାସପୋର୍ଟ ମଧ ବୁକିଂ ହୋଇପାରୁଛି ବୋଲି ଡାକ ବିଭାଗର ଡାକ ନିରୀକ୍ଷକ ରଘୁନାଥ ନାୟକ ଓ ମୁଖ୍ୟ ଡାକଘର ଇନଚାର୍ଜ କେ. ନାରାୟଣ କହିଛନ୍ତି ।

### ବସ୍ ମାଲିକ ସଂଘ କାର୍ଯ୍ୟାଳୟ ଗୃହ ଉଦ୍ଘାଟିତ

**ବୁଗୁଡା,୧୩।୧୦(ଡି.ଏନ.ଏ.):** ବୁଗୁଡା ନୂଆଁ ବସ୍ଷ୍ଟାଣ୍ଡ ପରିସରରେ ବୁଧବାର ଘରୋଇ ବସ୍ ମାଲିକ ସଂଘର କାର୍ଯ୍ୟାଳୟ ଗୃହର ଉଦ୍ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ତଥା ଉଦଘାଟକ ଭାବେ ଯୋଗଦାନ କରିଥିବା ବେଳେ ଅତିଥି ଭାବେ ଆସିକା ଘରୋଇ ବସ୍ ମାଲିକ ସଂଘର ସଭାପତି ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ପ୍ରାକ୍ତନ ଏନ୍ଏସି ଉପାଧକ୍ଷ ଚିତ୍ରସେନ ପ୍ରଧାନ ଓ କାଉନସିଲର ସୁଧାଂଶୁ ଶେଖର ପାଢ଼ୀ, ବିଧାୟକ ପ୍ରତିନିଧି କେ.ତ୍ରିଲୋଚନ ଦୋରା ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଶ୍ରୀ ବଳଦେବ ସ୍ୱାମୀ ଘରୋଇ ବସ୍ ମାଲିକ ସଂଘର ସଭାପତି ଭି.ରାଜେନ୍ଦ୍ର ରାଓ ଦୋରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ସମ୍ପାଦକ ଚିତ୍ରସେନ ନାୟକ, କୋଷାଧକ୍ଷ ଦିପକ ଦାଶ, ସୁଦର୍ଶନ ନାୟକ, ବିଳାଶ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ।

# ଚୁଲି ଚାନ୍ଦା, ଠେଙ୍ଗା ପାଳିରେ ଜଙ୍ଗଲ ସୁରକ୍ଷା

**ଲୋକନାଥ ମିଶ୍ର**
**ନୟାଗଡ଼ ଅଫିସ,୧୩।୧୦**

- **ଶିକାର କମିବା ପରେ ବନ୍ୟଜନ୍ତୁଙ୍କ ସଂଖ୍ୟା ବଢ଼ିଲା**
- **ଜଙ୍ଗଲ ଦେଲା ରୋଜଗାର**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକରା ପଞ୍ଚାୟତ ବାଙ୍କ ତଇଲା ଗାଁର ଆଦିବାସୀ ଲୋକଙ୍କ ଜଙ୍ଗଲ ସୁରକ୍ଷା ନିଶା ବନ୍ୟଜନ୍ତୁ ସଂଖ୍ୟା ବଢ଼ାଇବାରେ ସହଯୋଗ କରିଛି। ଏଥିପାଇଁ ଅବାଧ ଶିକାର ରୋକାଯାଇ ପାରିଛି। ଚୁଲି ଚାନ୍ଦା ଓ ଠେଙ୍ଗା ପାଳିରେ ଜଙ୍ଗଲ ସୁରକ୍ଷା ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଯୋଗାଇଛି।

ବାଇଶପଲ୍ଲୀ ଅଭୟାରଣ୍ୟର ଦାନ୍ଦିଗଛ ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲ ଛଅାଁଣ ପଦା ହେବାରେ ଲାଗିଥିଲା। କେତେଜଣ ବ୍ୟକ୍ତି ଜଙ୍ଗଲରୁ ମୂଲ୍ୟବାନ ଶାଳ, ପିଆଶାଳ, ଅସନ, ବାନ୍ଧଣ ପରି ଗଛକୁ କାଟି ନେଇ ଚୋରା ଚାଲାଣ କରୁଥିଲେ। ବାଉଁଶ ଦିନ ରାତି ଚୋରି ହେଉଥିଲା। ଏପରି ଜଙ୍ଗଲ କ୍ଷୟକୁ ବାଙ୍କ ତଇଲା ଗାଁ ଲୋକେ ବିରୋଧ କରୁଥିଲେ ମଧ ସୁଫଳ ମିଳି ନ ଥିଲା। କାରଣ ଆଦିବାସୀମାନେ ଏକାଠି ହୋଇ ପ୍ରତିବାଦ କରୁ ନ ଥିଲେ। ଗୋଷ୍ଠୀ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ଏକ ଅନୁଷ୍ଠାନଠାରୁ ସୂଚନା ମିଳିବା ପରେ ଗତ ୩ ବର୍ଷ ତଳେ ଗ୍ରାମବାସୀ ଏକ ବୈଠକ ଡାକିଥିଲେ। ଉକ୍ତ ବୈଠକର ନିଷ୍ପତ୍ତି ଅନୁଯାୟୀ ଗାଁ ଲୋକେ ଜଙ୍ଗଲ ଜଗିବାକୁ ସ୍ଥିର କଲେ। ପ୍ରାୟ ୪ମାସ ପର୍ଯ୍ୟନ୍ତ ୨୦ରୁ ଉର୍ଦ୍ଧ୍ୱ ଲୋକ ଜଙ୍ଗଲକୁ ଜଗିଲେ। ପରେ ପ୍ରତିଦିନ ୨ଜଣ ଲୋକ ଜଙ୍ଗଲ ଜଗିଲେ। ହେଲେ ଗ୍ରାମବାସୀଙ୍କ ଏପରି ପଦକ୍ଷେପକୁ କାଠ ମାଫିଆ ଓ ଶିକାରୀମାନେ ସହଜରେ ଗ୍ରହଣ କରି ପାରି ନ ଥିଲେ। ଏହାକୁ ନେଇ ସେମାନେ ଗାଁରେ ଗଣ୍ଡଗୋଳ କରିବା ସହ କେତେଜଣଙ୍କୁ ମାର୍ପିଟ୍ କରିବାକୁ ପଛାଇ ନ ଥିଲେ। ଆଦିବାସୀ ଲୋକେ ସେମାନଙ୍କୁ ବୁଝାଶୁଝା କରି ଜଙ୍ଗଲକୁ ସୁରକ୍ଷା ଦେଲେ। ଇତିମଧ୍ୟରେ ୩ବର୍ଷ ବିତିଛି। ଦିନେ ଯେଉଁ ଜଙ୍ଗଲ ବୃକ୍ଷ ଓ ଜୀବଜନ୍ତୁଶୂନ୍ୟ ହୋଇ ଆସୁଥିଲା,


ସବୁଜିମାରେ ପୂରି ଉଠିଥିବା ଜଙ୍ଗଲ।

ସେଠାରେ ଏବେ ସବୁଜିମା ଭରିଛି। ଜଙ୍ଗଲରେ ବାର୍ହା, କୁଟୁରା, ଝିଙ୍କ, ଭାଲୁ ଦେଖାଗଲେଣି। କଲରାପତରିଆ ବାଘକୁ ମଧ ସେହି ଜଙ୍ଗଲରେ ଦେଖିବାକୁ ମିଳୁଥିବା ଗ୍ରାମବାସୀ କହିଛନ୍ତି। ଧାନ ଫସଲ ନଷ୍ଟ କଲେ ମଧ୍ୟ ଆଉ ବାର୍ହା ଶିକାର କରାଯାଉନାହିଁ। କ୍ଷତି ପାଇଁ ଚାଷୀ ବନ ବିଭାଗକୁ ଫେରାଦ୍ ହେଉଛି। ପୁଣି କଟା ହୋଇଥିବା ଶାଳ, ପିଆଶାଳ, ଅସନ, ବାନ୍ଧଣଗଛରୁ ପୁଣି କେନା ବାହାରି ନୂଆ ଗଛ ଉଠିଲାଣି।

ଏନେଇ ଜଙ୍ଗଲ କମିଟି ସମ୍ପାଦିକା ସୁକାନ୍ତି ନାୟକ କୁହନ୍ତି, ଦାନ୍ଦିଗଛ ଜଙ୍ଗଲ ଓ ଗ୍ରାମ୍ୟ ଜଙ୍ଗଲ ଛଅଁଣର ସୁରକ୍ଷା ପାଇଁ ଗାଁ ଲୋକେ ଗ୍ରାମ୍ୟ ଗୋଷ୍ଠୀ ସମ୍ବଳ ଅଧିକାର କମିଟି ଗଠନ କରିଛନ୍ତି। ଗାଁର ୪୨ପରିବାରର ୨୧୨ ବାସିନ୍ଦାଙ୍କ ଏଥିପ୍ରତି ସହମତି ରହିଛି। ଆଦିବାସୀମାନେ ମାସକୁ ୨୦ ଟଙ୍କା ଲେଖାଏଁ ଚୁଲି ଚାନ୍ଦା ଦେଇ ଠେଙ୍ଗା ପାଳି ମାଧ୍ୟମରେ ଜଙ୍ଗଲ ଜଗୁଛନ୍ତି। ସଭାପତି ଲକ୍ଷ୍ମୀଧର ମୁଦୁଲି କୁହନ୍ତି, ପାଖରେ ଅଭୟାରଣ୍ୟ ଥିବାରୁ ବନ୍ୟ ଜୀବଜନ୍ତୁ ଅଳ୍ପଦିନ ମଧ୍ୟରେ ଜଙ୍ଗଲରେ ଦେଖାଦେଲେ। ଶିକାରୀମାନେ ଆଉ ଆଗ ପରି ଶିକାର କରୁନାହାନ୍ତି। ଯଦି କେତେବେଳେ ଶିକାର ହେଉଛି, ତାହାକୁ ଆଦିବାସୀମାନେ ପ୍ରତିବାଦ କରୁଛନ୍ତି। ଆବଶ୍ୟକ ପଡ଼ିଲେ ଶିକାରୀମାନଙ୍କୁ ଦଣ୍ଡିତ କରାଯାଉଥିବାରୁ ଶିକାର କମିବାରେ ଲାଗିଛି। ଅପରପକ୍ଷେ ଆଦିବାସୀଙ୍କ ରୋଜଗାର ବଢ଼ିବା ଆରମ୍ଭ ହୋଇଛି। ଜଙ୍ଗଲରୁ ହରିଡା, ବାହାଡା, ତେନ୍ତୁଳି, କଇଁଥ ସଂଗ୍ରହ କରାଯାଇ ବାହାରେ ବିକ୍ରି କରାଯାଉଛି। ପୁଣି ଜଙ୍ଗଲରୁ ଶାଳ ଓ ଶିଆଳି ପତ୍ର ସଂଗ୍ରହ କରି ଖଲି ପ୍ରସ୍ତୁତ କରି ଆଦିବାସୀ ମହିଳାମାନେ ରୋଜଗାର କରୁଛନ୍ତି ବୋଲି ସେ କହିଛନ୍ତି।

### ଗାଁ ସଭାପତିଙ୍କୁ ଛୁରାମାଡ଼

**ବୁଗୁଡ଼ା,୧୩।୧୦(ଡି.ଏନ.ଏ)**

ବୁଗୁଡ଼ା ଥାନା ଅନ୍ତର୍ଗତ ବୀର ଧନଞ୍ଜୟପୁର ଶାସନ ଗ୍ରାମ ସଭାପତି ତଥା ବାଲୁଙ୍କେଶ୍ୱର ମନ୍ଦିର ପରିଚାଳକ ସୁଶାନ୍ତ କୁମାର ଦାସଙ୍କୁ ମଙ୍ଗଳବାର ରାତିରେ ଛୁରା ମାଡ଼ ହୋଇଛି। ଏହି ଘଟଣାରେ ବୁଧବାର ପୋଲିସ ନଂ. ୫୨୬/୨୧ରେ ମାମଲା ରୁଜୁ କରି ସେହି ଗ୍ରାମର ଅଭିଯୁକ୍ତ ନୀଳାଞ୍ଚଳ ଦାସଙ୍କୁ କୋର୍ଟ ଚାଲାଣ କରିଛି। ନବରାତ୍ର ଉପଲକ୍ଷେ ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଉଥିବା ବେଳେ ନୀଳାଞ୍ଚଳ ନିଶାସକ୍ତ ହୋଇ ମନ୍ଦିର ଛକ ନିକଟରେ ପାଟିତୁଣ୍ଡ କରୁଥିଲେ। ସୁଶାନ୍ତ ଏହାର ପ୍ରତିବାଦ କରିବାରୁ ନୀଳାଞ୍ଚଳ ଏକ ଛୁରିରେ ସୁଶାନ୍ତଙ୍କ ପେଟ ଓ ବାମ କାନ୍ଧକୁ ଭୁସି ଦେଇଥିଲେ । ଗୁରୁତର ଅବସ୍ଥାରେ ସୁଶାନ୍ତଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

### ଯୁବତୀଙ୍କ ଆତ୍ମହତ୍ୟା

**ପାରଳାଖେମୁଣ୍ଡି,୧୩।୧୦(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ଥାନା ରାଜୁଗୁରୁ ସାହିର ଜଣେ ଯୁବତୀ ବୁଧବାର ଆତ୍ମହତ୍ୟା କରିଛନ୍ତି । ଯୁବତୀଙ୍କ ସହ ତାଙ୍କ ସାବତ ଭାଇଙ୍କ ବାରମ୍ବାର ଝଗଡା ହେଉଥିଲା। ଏଥିରେ ମାନସିକ ଭାରସାମ୍ୟ ହରାଇ ଯୁବତୀ ଜଣକ ଆତ୍ମହତ୍ୟା କରିଛନ୍ତି। ପାରଳାଖେମୁଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତଦେହ ନିକଟରେ ଏକ ସୁଇସାଇଡ ନୋଟ ମିଳିଥିବା ସୂଚନା ମିଳିଛି। ଏ ନେଇ ପୋଲିସ ନଂ.୨୦୯/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### କ୍ରେନ୍ ତଳେ ଚାପି ହୋଇ ବୃଦ୍ଧ ମୃତ

**ପାରଳାଖେମୁଣ୍ଡି,୧୩।୧୦(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ସହରର ପାଟପାଟଣା ନାକା ପଏଣ୍ଟ ନିକଟରେ ବୁଧବାର କ୍ରେନ ଚକ ତଳେ ଚାପି ହୋଇ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଶ୍ରୀକାକୁଲମ ଜିଲା ପାଟପାଟଣାର ଦଳିତ ସାହିର ପି. ଶ୍ୟାମ ଶେଖର (୫୦)। ବୃଦ୍ଧ ଜଣକ ପାଟପାଟଣା ନାକା ପଏଣ୍ଟ ନିକଟରେ ଚାଲି ଚାଲି ଯାଉଥିବା ବେଳେ ଅପର ପକ୍ଷରୁ ଆସୁଥିବା ଏକ କ୍ରେନ୍ (ଏପି୩୦ଏଏସ୍୪୭୮୨) ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପାରଳାଖେମୁଣ୍ଡି ପୋଲିସ ପହଞ୍ଚି କ୍ରେନ୍କୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

# ଶାରଦୀୟ ପୂଜା ସ୍ୱତନ୍ତ୍ର ଜାତୀୟ ସେବା ଶିବିର ଉଦ୍ଘାଟିତ



ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ।

**ଖଣ୍ଡପଡ଼ା,୧୩।୧୦ (ସ୍ୱ.ପ୍ର.)**

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ କଣ୍ଟିଲୋସ୍ଥିତ ନୀଳମାଧବ ମହାବିଦ୍ୟାଳୟର ଶାରଦୀୟ ପୂଜା ସ୍ୱତନ୍ତ୍ର ଜାତୀୟ ସେବା ଶିବିର ବୁଧବାର ମହାବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି । ଉପାଧକ୍ଷ ଈଶ୍ୱର ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦ୍ଘାଟନୀ ଉତ୍ସବରେ ଶିକ୍ଷାବିତ୍ ପ୍ରଭାକର ଶିରୋମଣି, ଅଧ୍ୟାପକ ମହେଶ୍ୱର ମହାପାତ୍ର ଅନ୍ୟତମ ଅତିଥିଭାବେ ଯୋଗଦେଇ ସପ୍ତାହ ବ୍ୟାପୀ ଚାଲିବାକୁ ଥିବା ଜାତୀୟ ସେବା ଶିବିରକୁ ଉଦ୍ଘାଟନ କରିଥିଲେ । ଶିବିରାର୍ଥୀମାନେ ଶୃଙ୍ଖଳାର ସହିତ ସେବା ମନୋବୃତ୍ତି ନେଇ କାମ କଲେ ସମାଜର ମଙ୍ଗଳ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ହୃଷୀକେଶ ମିଶ୍ର ଛାତ୍ରୀଛାତ୍ରଙ୍କୁ ଶିବିରର ମୂଳ ଲକ୍ଷ୍ୟ 'ନଟ୍ ମି ବଟ୍ ୟୁ' ସମ୍ପର୍କରେ ବୁଝାଇଥିଲେ । କାର୍ଯ୍ୟକ୍ରମ ଅଧିକାରିଣୀ ଅଧ୍ୟାପିକା ରଶ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାପ କାମୁଡ଼ାରେ ବୃଦ୍ଧ ମୃତ

**ନିଶାସକ୍ତ ଅବସ୍ଥାରେ ସାପକୁ କାମୁଡ଼ି ଦେଲେ**

**ଦାରିଙ୍ଗବାଡ଼ି,୧୩।୧୦(ଡି.ଏନ୍.ଏ.)**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ସିମନବାଡ଼ିପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ସାପ କାମୁଡ଼ିଲା ବୋଲି ରାଗରେ ଜଣେ ବୃଦ୍ଧ ନିଶାସକ୍ତ ଅବସ୍ଥାରେ ସାପକୁ କାମୁଡ଼ି ଦେଇଛନ୍ତି। ମଙ୍ଗଳବାର ରାତିରେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିମନବାଡ଼ି ପଞ୍ଚାୟତ କୁଡାବାଡ଼ିର କୁମୁଟି ନାୟକ(୭୦) । ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ନେଇ ପରିବାର ଲୋକେ ଦାରିଙ୍ଗବାଡ଼ି ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ (ନଂ.୧୧/୨୧) ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି କୌଶିକ ମାଝୀ କହିଛନ୍ତି। ଗତ ଦୁଇ ଦିନ ପୂର୍ବେ କୁମୁଟିଙ୍କୁ ଜଙ୍ଗଲିଆ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। କୁମୁଟି ନିଶାସକ୍ତ ଅବସ୍ଥାରେ ଥିବାରୁ ଉକ୍ତ ସାପକୁ ଓଲଟି କାମୁଡ଼ିବା ସହ ନିଜ ବେକରେ ପକାଇ ସିମନବାଡ଼ି ବଜାର ସମେତ ବିଭିନ୍ନ ସାହିରେ ବୁଲିଥିଲେ। ମଙ୍ଗଳବାର ସାପ ବିଷ ପ୍ରଭାବରେ କୁମୁଟି ନାୟକ ପାଗଳ ଭଳି ବୁଲୁଥିବା ବେଳେ ସନ୍ଧ୍ୟାରେ ସିମନବାଡ଼ି ସାରୁମାହା ସାହି ନିକଟ ବିଲରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଦାରିଙ୍ଗବାଡ଼ି ଅଗ୍ନିଶମ ବିଭାଗ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପାନୀୟ ଜଳ ପ୍ରକଳ୍ପ ଲାଗି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**କ.ନୂଆଗାଁ,୧୩।୧୦(ଡି.ଏନ୍.ଏ.)**

କ.ନୂଆଗାଁ ବ୍ଲକରେ ଏକ ବୃହତ ବିଶୁଦ୍ଧ ପାନୀୟ ଜଳ ନିମନ୍ତେ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପ ହେଲେ ବ୍ଲକର ୬ ପଞ୍ଚାୟତ ମହସିଙ୍ଗି, ସିର୍ତ୍ତିଗୁଡ଼ା, କୁଡିତୁଲି, କଞ୍ଚାମେଣ୍ଡି, ସାଇନପଡା, ସାରଙ୍ଗଡର ୮୭ଟି ଗ୍ରାମର ପ୍ରାୟ ୫୦ ହଜାର ଲୋକ ଉପକୃତ ହେବେ। ପ୍ରକଳ୍ପକୁ ୨୦୨୩ ସୁଦ୍ଧା ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ତହସିଲ ଡାକବଙ୍ଗଳାରେ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରାଯାଇଛି। ଖବରଦାତା ସମ୍ମିଳନୀରେ ଜିଲା ବିଜେଡି


ବୈଠକରେ ଉପସ୍ଥିତ ବିଜେଡି ନେତୃବୃନ୍ଦ।

ସଭାପତି ସରୋଜ କର୍ଣ୍ଣ, ବାଲିଗୁଡା ବିଧାୟକ ଚକ୍ରମଣି କହଁର, ବିଜେଡି ରାଜ୍ୟ ପରିଷଦର ସଭ୍ୟ କୃଷ୍ଣମୋହନ ପାଣିଗ୍ରାହୀ, ଜିଲା ମହିଳା ବିଜେଡି ସଭାପତି ପୁନମ କହଁର, ଜିଲା ବିଜୁ ଛାତ୍ର ସଭାପତି ସୁନିଲ ସେଠୀ, ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା, ବ୍ଲକ ସଭାପତି ବାସୁଦେବ ପଣ୍ଡା, ବ୍ଲକ ମହିଳା ସଭାନେତ୍ରୀ ଅନିତା ମାଲିକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଓ ପଞ୍ଚାୟତିରାଜ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ପ୍ରତାପ ଜେନାଙ୍କୁ କୃତଜ୍ଞତା ଜଣାଇଥିଲେ ।

# ମୁଖ୍ୟ ଅଭିଯୁକ୍ତଙ୍କୁ ୨ ଦିନିଆ ରିମାଣ୍ଡରେ ନେଲା ପୋଲିସ

**ଆଇପିଏଲ୍ ବେଟିଂ ରାକେଟ୍ ଠାବ ଘଟଣା**

**ବ୍ରହ୍ମପୁର ଅଫିସ,୧୩।୧୦:**

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ପାଢ଼ୀ କଲୋନୀରୁ ଆଇପିଏଲ୍ ବେଟିଂ ର୍ୟାକେଟ ଠାବ ଘଟଣାରେ ପୋଲିସ ୮ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ର୍ୟାକେଟର ମୁଖ୍ୟ ଅଭିଯୁକ୍ତ ତଥା କିଙ୍ଗପିନ୍ କୁହାଯାଉଥିବା ପାଢ଼ୀ କଲୋନୀର ଜଗନ୍ନାଥ ଚୌଧୁରୀଙ୍କୁ ପୋଲିସ ବୁଧବାରଠାରୁ ଦୁଇଦିନିଆ ରିମାଣ୍ଡରେ ନେଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟା ସୁଦ୍ଧା ରିମାଣ୍ଡରେ ନେଇଥିବା ଅଭିଯୁକ୍ତ ଜଗନ୍ନାଥଙ୍କୁ କୋର୍ଟରେ ହାଜର କରିବା ପାଇଁ ନିର୍ଦ୍ଦେଶ ହୋଇଥିବା କୋର୍ଟ ସୂତ୍ରରୁ ପ୍ରକାଶ। ପୋଲିସ ଏବେ ଏହି ଆଇପିଏଲ ବ୍ୟାଟିଂ ର୍ୟାକେଟରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ଏହାର ଚେର କେଉଁଆଡ଼େ ଲମ୍ବିଛି ସେ ନେଇ ଅଧିକ ଖୋଳତାଡ଼ କରିବ ବୋଲି ସୂଚନା ମିଳିଛି। ଆଗକୁ ଫାଇନାଲ୍ ମ୍ୟାଚ୍ ଥିବାରୁ କୋଟି କୋଟି ଟଙ୍କାର ବେଟିଂ ହେବ। ଏଣୁ ସେ ଦିଗରେ ଅଧିକ ତଥ୍ୟ ହାସଲ କରିବା ପାଇଁ ପୋଲିସ ଜଗନ୍ନାଥଙ୍କୁ ରିମାଣ୍ଡରେ ନେଇଥିବା ସୂଚନା ମିଳିଛି। ଗତ ୧୦ତାରିଖ ରାତିରେ କୌଣସି ସୂତ୍ରରୁ ଖବର ପାଇ ଲାଞ୍ଜିପଲ୍ଲୀ ପାଢ଼ୀ କଲୋନୀରେ ଚଢ଼ାଉ କରିଥିଲା। ଏକ ଘରୁ ୮ଜଣଙ୍କୁ ପୋଲିସ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୮ଲକ୍ଷ ୬୩ହଜାର ୨ଶହ ଟଙ୍କା ଓ ୧୧ ମୋବାଇଲ ଫୋନ ଜବତ କରିଛି।

### ବେଗୁନିଆପଡ଼ା ବ୍ଲକରେ କେନ୍ଦ୍ରୀୟ ଟିମ୍ର ସମୀକ୍ଷା

**ବେଗୁନିଆପଡ଼ା,୧୩।୧୦(ଡି.ଏନ.ଏ.)**

ବେଗୁନିଆପଡା ବ୍ଲକରେ ବୁଧବାର କେନ୍ଦ୍ରୀୟ ଟିମ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। କେନ୍ଦ୍ରୀୟ ଟିମ୍ ବ୍ଲକର ସାଙ୍କୁଡ଼ା ପଞ୍ଚାୟତରେ ରେକର୍ଡପତ୍ର ଯାଞ୍ଚ କରିବା ସହିତ ଏସ.ଛଟିନା ପଞ୍ଚାୟତର ଉଜ୍ୱଳପଲି ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ ବ୍ୟକ୍ତିଗତ କୁକୁଡ଼ା ଫାର୍ମକୁ ବୁଲି ଦେଖିଥିଲେ। ବେଗୁନିଆପଡ଼ା ଗସ୍ତ କରି ଏମଜିଏନ୍ଆର୍ଇଜିଏସରେ ନିଯୁକ୍ତି ଗାର୍ଡେନ, ଡ଼ାଇମଣ୍ଡ ପିଜି ପ୍ରଡକ୍ଟ, ବିୟୁଟି ଫିକେସନ ଟ୍ୟାଙ୍କ ଆଦି ବୁଲି ଦେଖିବା ସହ ଉକ୍ତ ପଞ୍ଚାୟତର ରେକର୍ଡ଼ ପତ୍ର ଯାଞ୍ଚ କରିଥିଲେ। କେନ୍ଦ୍ରୀୟ ଟିମ୍ ପରିଦର୍ଶନ ବେଳେ ବିଡ଼ିଓ ବେଦବର ପ୍ରଧାନ, ସହକାରୀ ଯନ୍ତ୍ରୀ ସାଲା ସଙ୍ଗୀତା ଚୁଡ୍ଡ, ବିପିଏମ୍ ଜ୍ଞାନ ରଞ୍ଜନ ରାଉତ, କନିଷ୍ଠ ଯନ୍ତ୍ରୀ, ସ୍ଥାନୀୟ ସରପଞ୍ଚ ଉପସ୍ଥିତ ଥିଲେ।

# ମାଡ଼ିଗଲା ଟ୍ରକ୍, ୩ ଘର ସମ୍ମୁଖ ଭାଙ୍ଗିଲା


ଘରକୁ ମାଡ଼ି ଯାଇଥିବା ଟ୍ରକ୍।

**ଧରାକୋଟ,୧୩।୧୦(ଡି.ଏନ୍.ଏ.)**

ଜାତୀୟ ରାଜପଥ ନଂ.୫୯ରେ ମଙ୍ଗଳବାର ରାତି ପ୍ରାୟ ୮ଟାରେ ସୋରଡ଼ାରୁ ବ୍ରହ୍ମପୁର ଯାଉଥିବା ଟ୍ରକ ଧରାକୋଟ ନିକଟସ୍ଥ ଗଡ଼ଦାମେଦରପଲ୍ଲୀ ଗ୍ରାମ ରାସ୍ତାରେ ଭାରସାମ୍ୟ ହରାଇ ଘରକୁ ମାଡ଼ି ଯାଇଥିଲା। ଏଥିରେ କାଳୁ ନାୟକ, ଟୁଲୁ ପାଢ଼ୀ ଓ ଟୁନା ଗୌଡ଼ଙ୍କ ଘରର ସମ୍ମୁଖ ଭାଗ ନଷ୍ଟ ହୋଇଛି। ଜଣଙ୍କର ଏକ ବାଇକ୍ ମଧ ଭାଙ୍ଗିରୁଜି ଯାଇଛି। ଧରାକୋଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଡ୍ରାଇଭରଙ୍କୁ ଅଟକ ରଖିବା ସହ ଏ ନେଇ ଥାନାରେ ଏକ ମାମଲା ରୁଜୁ କରିଛି।

# ବକେୟାକୁ ଚାହିଁ ୮ ଜଣଙ୍କ ଜୀବନ ଗଲାଣି

**ଦୁର୍ଦ୍ଦିନରେ ଅବସରପ୍ରାପ୍ତ ପୌର କର୍ମଚାରୀ**

**ଭଞ୍ଜନଗର,୧୩।୧୦(ଡି.ଏନ.ଏ)**

ଏନ୍ଏସିର ବିକାଶ ଓ କର୍ମଚାରୀମାନଙ୍କୁ ନିୟମିତ ଦରମା ପାଇଁ କୋଟି କୋଟି ଟଙ୍କା ବ୍ୟୟ ହେଉଛି। ହେଲେ ଭଞ୍ଜନଗର ଏନ୍ଏସିରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ଶତ ପ୍ରତିଶତ ବକେୟା ଅର୍ଥ କିଭଳି ପ୍ରଦାନ କରାଯିବ ସେ ନେଇ ସରକାର ବିଚାରକୁ ନେଉନାହାନ୍ତି। ଇତିମଧ୍ୟରେ ୮ ଅବସରପ୍ରାପ୍ତ କର୍ମଚାରୀ ବକେୟା ଅର୍ଥକୁ ଚାହିଁ ଆଖି ବୁଜି ସାରିଥିବା ବେଳେ ୭ ଜଣ ରୋଗ ଶଯ୍ୟାରେ ପଡ଼ିଛନ୍ତି ।

୪ ବର୍ଷ ପୂର୍ବେ ଏନ୍ଏସିରୁ ଅବସର ନେଇଥିବା ଉମା ନାୟକ ଭଞ୍ଜନଗର ମେଡ଼ିକାଲରେ କିଛିଦିନ ହେଲା ଚିକିତ୍ସିତ ହେଉଛନ୍ତି । ଅଧିକ ଚିକିତ୍ସା ପାଇଁ ପରିବାର ଲୋକଙ୍କ ପାଖରେ ଅର୍ଥ ଅଭାବ ରହିଛି। ତେଣୁ ବକେୟା ଅର୍ଥ ପାଇଁ ଅବସରପ୍ରାପ୍ତ ପୌର କର୍ମଚାରୀ ସଂଘ ପକ୍ଷରୁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ଏନ୍ଏସି ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିରେ ଯନ୍ତ୍ରୀ ସୁଶାନ୍ତ ସାହୁଙ୍କୁ ପ୍ରଦାନ କରାଯାଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଲେ ଅବସରପ୍ରାପ୍ତ ପୌର କର୍ମଚାରୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘର ସଭାପତି ଡ଼ି.ଚେଲପତି ରାଓ କହିଛନ୍ତି । ସଂଘର ଦାବିଗୁଡ଼ିକ ହେଲା ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ କର୍ମଚାରୀମାନଙ୍କୁ ତୁରନ୍ତ ବକେୟା ଅର୍ଥ ପ୍ରଦାନ, ଅବସରପ୍ରାପ୍ତ କେତେଜଣ କର୍ମଚାରୀଙ୍କ ଜିଆଇଏସ୍ ଟଙ୍କା ପ୍ରଦା, ପେନସନ୍, ଫ୍ୟାମିଲି ପେନସନ୍, ପଞ୍ଚମ, ଷଷ୍ଠ ଓ ସପ୍ତମ କମିଶନ ଦରମାର ବକେୟା ଅର୍ଥ ତୁରନ୍ତ ପ୍ରଦାନ ଆଦି ରହିଛି। ଏ ନେଇ ଏନ୍ଏସିର ଜଣେ ଅଧିକାରୀଙ୍କୁ ପଚାରିବାରେ ସେ କହିଛନ୍ତି, ସରକାର ବକେୟା ଅର୍ଥ ବାବଦକୁ ଯେତିକି ଟଙ୍କା ଦେଉଛନ୍ତି, ତାହାକୁ ସମସ୍ତଙ୍କୁ ଭାଗ ବାଣ୍ଟି ଦିଆଯାଉଛି । ଉନ୍ନୟନ ଅର୍ଥ ବକେୟା ବାବଦକୁ ଦିଆଯାଇ ପାରିବନାହିଁ । ତଥାପି ଆଗାମୀ ଦିନରେ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି ।


ଭଞ୍ଜନଗର ମେଡ଼ିକାଲରେ ଅବସରପ୍ରାପ୍ତ ପୌର କର୍ମଚାରୀ ଉମା ନାୟକ।

### ଭାଜପାର ମିଶ୍ରଣ ପର୍ବ

**କାଶୀନଗର,୧୩।୧୦(ଡି.ଏନ.ଏ.)**

କାଶୀନଗର ବ୍ଲକ କେ.ସୀତାପୁର ପଞ୍ଚାୟତ ସୁନାବାଡ଼ ଗ୍ରାମର ୨୦୦ ଜଣ କର୍ମୀ ଭାଜପାରେ ଯୋଗଦେଇଛନ୍ତି। ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, କାଶୀନଗର ବ୍ଲକ ଅଧକ୍ଷ ଚିତ୍ରି ସୀମାଦ୍ରୀ, ସମିତିସଭ୍ୟ ଡି.ରାଜେଶ କୁମାର, ଦାରାପୁ ରବି ନାଇଡୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗ୍ରାମ ପୂର୍ବରୁ ବିଧାୟକ ପ୍ରାର୍ଥୀ ହୋଇଥିବା ତିରୁପତି ପାଣିଗ୍ରାହୀଙ୍କ ସମର୍ଥକ ଥିଲେ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ଗ୍ରାମ ଭାଜପାରେ ଯୋଗଦେଇଥିବାରୁ ଭାଜପାର ଏକ ସୁବର୍ଣ୍ଣ ସୁଯୋଗ ବୋଲି ଚର୍ଚ୍ଚା ଜୋର ଧରିଛି।